R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୩୨୨
ତିଥି : ସପ୍ତମୀ
୩୦ ଅଗଷ୍ଟ ୨୦୨୫, ଶନିବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 322
30 Aug 2025, Saturday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

### ଅନୁସୂଚିତ ଜାତି-ଜନଜାତି କଲ୍ୟାଣ କମିଟି ଅଧ୍ୟକ୍ଷ ଜାତୀୟ ସମ୍ମିଳନୀ ଉଦ୍‌ଘାଟିତ

## ଦଳମତରୁ ଊର୍ଦ୍ଧ୍ୱରେ ରହି ନିଷ୍ପତ୍ତି ନିଅନ୍ତୁ : ଓମ୍ ବିର୍ଲା

ଭୁବନେଶ୍ୱର, ୨୯ ।୮ (ସବ୍ୟୁ) : ଶୁକ୍ରବାର ଭୁବନେଶ୍ୱରରେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି କଲ୍ୟାଣ ସମ୍ବନ୍ଧିତ ସଂସଦୀୟ ଏବଂ ବିଭିନ୍ନ ରାଜ୍ୟ/ କେନ୍ଦ୍ର ଶାସିତ ଅଞ୍ଚଳର କମିଟିର ଅଧ୍ୟକ୍ଷ ଓ ସଦସ୍ୟ ଗଣଙ୍କ ଜାତୀୟ ସମ୍ମିଳନୀ ଉଦ୍‌ଘାଟିତ ହୋଇଯାଇଛି । ଲୋକସେବା ଭବନର କନ୍‌ଭେନ୍‌ସନ୍ ହଲ୍‌ରେ ଆୟୋଜିତ ଏହି ଦୁଇ ଦିନିଆ ଜାତୀୟ ସମ୍ମିଳନୀକୁ ମୁଖ୍ୟ ଅତିଥି ଭାବେ ଲୋକସଭା ବାଚସ୍ପତି ଓମ୍ ବିର୍ଲା ଉଦ୍‌ଘାଟନ କରିଛନ୍ତି ।



**ଏହି ସମ୍ମିଳନୀ ଏସ୍‌ସି/ଏସ୍‌ଟି ବର୍ଗଙ୍କ ଲାଗି ସମୃଦ୍ଧ ଭବିଷ୍ୟତର ରାସ୍ତା ନିର୍ମାଣ କରିବ : ମୁଖ୍ୟମନ୍ତ୍ରୀ**

**ସମତା ଭିତ୍ତିକ ସମାଜ, ବିକଶିତ ଭାରତ ଗଠନ ହେବ**

ଏହି ଅବସରରେ ଶ୍ରୀ ବିର୍ଲା କହିଛନ୍ତି ଯେ, ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି କଲ୍ୟାଣ କମିଟିର ସଦସ୍ୟ ଗଣ ସବୁ ସମୟରେ ଦଳମତରୁ ଊର୍ଦ୍ଧ୍ୱରେ ରହି ବର୍ଗର ଉନ୍ନତି ପାଇଁ ନିଷ୍ପତ୍ତି ନିଅନ୍ତି । ଆଜି ଦେଶରେ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଯାହା ବି ଉନ୍ନତି ହୋଇଛି, ତାହା ଏହି ସବୁ କମିଟିର ପ୍ରସ୍ତାବ, ଅନୁଶୀଳନ ଓ ତଦାରଖ ଯୋଗୁ ସମ୍ଭବ ହୋଇପାରିଛି । ଦଳମତ ନିର୍ବିଶେଷରେ ସଂସଦୀୟ ଓ ବିଭିନ୍ନ ରାଜ୍ୟର କମିଟି ମାନେ ଏହି ବର୍ଗର ସାମଗ୍ରିକ ଉନ୍ନତି ଉପରେ ଧ୍ୟାନଦେଇ ଆସିଛନ୍ତି ବୋଲି ଶ୍ରୀ ବିର୍ଲା କହିଥିଲେ ।

ସେ ଆହୁରି ମଧ୍ୟ କହିଲେ ଯେ, ଭୁବନେଶ୍ୱରର ( ୯ ପୃଷ୍ଠାରେ)

### ଜାପାନ ପ୍ରଧାନମନ୍ତ୍ରୀଙ୍କ ସହ ପ୍ରଧାନମନ୍ତ୍ରୀ ମୋଦୀଙ୍କ ମିଳିତ ପ୍ରେସ ବିବୃତ୍ତି

## ଆଲୋଚନା ଫଳପ୍ରଦ, ଉଦ୍ଦେଶ୍ୟମୂଳକ ଥିଲା

ନୂଆଦିଲ୍ଲୀ, ୨୯ ।୮ : ଜାପାନ ପ୍ରଧାନମନ୍ତ୍ରୀ ସିଗେରୁ ଇସିବାଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ଦ୍ୱିପାକ୍ଷିକ ଆଲୋଚନା ହୋଇଛି । ଆଲୋଚନା ପରେ ଉଭୟ ପ୍ରଧାନମନ୍ତ୍ରୀ ଏକ ମିଳିତ ପ୍ରେସ୍ ବିବୃତ୍ତି ଜାରି କରିଛନ୍ତି । ଏଥିରେ ଉଲ୍ଲେଖ କରାଯାଇଛି ଯେ ଆମର ଆଲୋଚନା ଫଳପ୍ରଦ ଏବଂ ଉଦ୍ଦେଶ୍ୟମୂଳକ ଥିଲା । ଆମେ ଦୁହେଁ ଏକମତ ଯେ, ବିଶ୍ୱର ଦୁଇଟି ବୃହତ ଅର୍ଥ ବ୍ୟବସ୍ଥା ଏବଂ ସ୍ପନ୍ଦନଶୀଳ ଗଣତନ୍ତ୍ର ଭାବେ, ଆମର ସହଭାଗୀତା କେବଳ ଆମ ଦୁଇ ଦେଶ ପାଇଁ ନୁହେଁ ବରଂ ବିଶ୍ୱ ଶାନ୍ତି ଏବଂ ସ୍ଥିରତା ପାଇଁ ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ ।

ଏକ ଉନ୍ନତ ବିଶ୍ୱ ଗଠନରେ ଶକ୍ତିଶାଳୀ ଗଣତନ୍ତ୍ର ହେଉଛି ପ୍ରାକୃତିକ ଅଂଶୀଦାର । ଆଜି ଆମେ ଆମର ସ୍ୱତନ୍ତ୍ର ରଣନୈତିକ ଏବଂ ବିଶ୍ୱସ୍ତରୀୟ ସହଭାଗୀତାରେ, ଏକ ନୂତନ ସୁବର୍ଣ୍ଣ ଅଧ୍ୟାୟ ପାଇଁ ଦୃଢ଼ ଭିତ୍ତିଭୂମି ସ୍ଥାପନ କରିଛୁ । ଆମେ ଆଗାମୀ ଦଶନ୍ଧି ପାଇଁ ଏକ ରୋଡମ୍ୟାପ୍ ମଧ୍ୟ ପ୍ରସ୍ତୁତ



କରିଛୁ । ଆମ ଦୃଷ୍ଟିକୋଣର କେନ୍ଦ୍ରରେ ରହିଛି ନିବେଶ, ନବସୃଜନ, ଆର୍ଥିକ ସୁରକ୍ଷା, ପରିବେଶ, ପ୍ରଯୁକ୍ତିବିଦ୍ୟା, ସ୍ୱାସ୍ଥ୍ୟ, ଗତିଶୀଳତା, ମାନବ ସମ୍ବଳ ଆଦାନପ୍ରଦାନ ଏବଂ ରାଷ୍ଟ୍ର - ପ୍ରାନ୍ତ ସହଭାଗୀତା । ଆମେ ଆଗାମୀ ଦଶ ବର୍ଷ ମଧ୍ୟରେ ଭାରତରେ ଜାପାନ ପକ୍ଷରୁ ୧୦ ଟ୍ରିଲିୟନ ୟେନ ନିବେଶର ଲକ୍ଷ୍ୟ ରଖିଛୁ । ଭାରତ ଏବଂ ଜାପାନର କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ଏବଂ ଷ୍ଟାର୍ଟ-ଅପ୍ ସଂଯୋଗ କରିବା ଉପରେ ବିଶେଷ ଗୁରୁତ୍ୱ ଦିଆଯିବ ।

ଭାରତ-ଜାପାନ ବ୍ୟବସାୟ ମଞ୍ଚରେ, ମୁଁ ଜାପାନୀ କମ୍ପାନୀଗୁଡ଼ିକୁ କହିଥିଲି, ମେକ୍ ଇନ୍ ଇଣ୍ଡିଆ, ମେକ୍ ଫର୍ ଦି ୱାର୍ଲ୍ଡ । ଆମର ମିଳିତ କ୍ରେଡିଟ୍ ମେକାନିଜିମ୍ ଶକ୍ତି କ୍ଷେତ୍ର ପାଇଁ ଏକ ବଡ଼ ବିଜୟ । ଏହା ଦର୍ଶାଉଛି ଯେ ଆମର ସବୁଜ ସହଭାଗୀତା ଆମର ଆର୍ଥିକ ସହଭାଗୀତା ( ୯ ପୃଷ୍ଠାରେ)

## ସୋମବାର ଏସ୍‌ଆଇଆର୍ ନେଇ ସୁପ୍ରିମ୍‌କୋର୍ଟରେ ଶୁଣାଣି

ନୂଆଦିଲ୍ଲୀ, ୨୯ ।୮ : ବିହାରରେ ଚାଲିଥିବା ସ୍ପେଶାଲ ଇଣ୍ଟେନ୍‌ସିପ୍ ରିଭିଜନ (ଏସ୍‌ଆଇଆର) ରେ ଆପତ୍ତି ଅଭିଯୋଗ ଦାଖଲର ତାରିଖ ଘୁଞ୍ଚାଇବା ପାଇଁ ଆଗତ ଯାଚିକା ଉପରେ ଶୁଣାଣି କରିବାକୁ ସୁପ୍ରିମ୍‌କୋର୍ଟ ରାଜି ହୋଇଛନ୍ତି । ଜଷ୍ଟିସ୍ ସୂର୍ଯ୍ୟକାନ୍ତ, ଜଷ୍ଟିସ୍ ଜୟମାଲା ବାଗ୍‌ଚୀ ଓ ଜଷ୍ଟିସ୍ ବିପୁଲ ଏମ୍ ପାଞ୍ଚୋଲିଙ୍କୁ ନେଇ ଗଠିତ ଖଣ୍ଡପୀଠ ସୋମବାର ଏହାର ଶୁଣାଣି କରିବାକୁ ସମୟ ଧାର୍ଯ୍ୟ କରିଛନ୍ତି । ଏଡିଆର ପକ୍ଷରୁ ପକ୍ଷ ରଖୁଥିବା ଆଇନ୍‌ଜୀବୀ ପ୍ରଶାନ୍ତ ଭୂଷଣଙ୍କ ଜରୁରୀ ଆଲେଖ୍ୟକୁ କୋର୍ଟ ଗ୍ରହଣ କରିଛନ୍ତି ।

ପ୍ରଶାନ୍ତ ଭୂଷଣ କହିଛନ୍ତି ଯେ ବିହାରର ପ୍ରମୁଖ ରାଜନୈତିକ ଦଳ ଆର୍‌ଜେଡି ଓ ଅନ୍ୟ ଦଳଗୁଡ଼ିକ ସେପ୍ଟେମ୍ବର ପହିଲା ଥିବା ଶେଷ ତାରିଖକୁ ଘୁଞ୍ଚାଇବା ପାଇଁ ଯାଚିକା ଦାଖଲ କରିଛନ୍ତି । ସେମାନେ ଚିଠା ଭୋଟର ତାଲିକାକୁ ନେଇ ଆପତ୍ତି ଅଭିଯୋଗ ଦାଖଲ ଉପରେ ଗୁରୁତ୍ୱ ଦେଇଛନ୍ତି । ପ୍ରାୟ ୮୦ ହଜାର ଆପତ୍ତି ୩ ସପ୍ତାହ ଭିତରେ ଦାଖଲ ହୋଇଛି । କୋର୍ଟଙ୍କ ଶେଷ ରାୟ ପୂର୍ବରୁ ଆଉ ୯୫ ହଜାର ଆପତ୍ତି ମଧ୍ୟ ଏହି ସପ୍ତାହରେ ଦାଖଲ କରାଯାଇଛି । ଶ୍ରୀ ଭୂଷଣ କହିଥିଲେ ଯେ ନିର୍ବାଚନ ( ୯ ପୃଷ୍ଠାରେ)

## ପହିଲାରୁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ

### ବେଆଇନ ମାଦକ ଦ୍ରବ୍ୟ ବିକ୍ରି ଉପରେ ଲାଗିବ ଅଙ୍କୁଶ

ଭୁବନେଶ୍ୱର, ୨୯ ।୮ (ସବ୍ୟୁ): ରାଜ୍ୟରେ ବେଆଇନ୍ ମାଦକ ଦ୍ରବ୍ୟ ବିକ୍ରି ଓ ଚୋରା ଚାଲାଣ ଉପରେ ଲାଗିବ ଅଙ୍କୁଶ । ବିଭିନ୍ନ ନିଶା ଦ୍ରବ୍ୟ ଚୋରାଚାଲାଣ ଗ୍ରୁପ୍‌ଗୁଡ଼ିକୁ ଧରିବା ଏବଂ ଏସବୁର ପ୍ରଚ୍ଛଦ ପଟରେ ଥିବା ଚାଲାଣକାରୀଙ୍କୁ ମଧ୍ୟ ବନ୍ଧାଯିବ । ସ୍ପେଶାଲ ଟାସ୍କ ଫୋର୍ସ, ଅବକାରୀ, ଏନସିବି, ବିଏମ୍‌ସି ମିଳିତ ଭାବେ ଭୁବନେଶ୍ୱରକୁ ଏକ ନିଶାମୁକ୍ତ ସହର କରିବାକୁ କାର୍ଯ୍ୟ କରିବେ । ସେପେଟମ୍ବର ୧ ତାରିଖରୁ ସବୁ ବିଭାଗର ମିଳିତ ସମନ୍ୱୟରେ ରାଜ୍ୟର




ସବୁ ଜିଲ୍ଲାମାନଙ୍କରେ ସ୍ୱତନ୍ତ୍ର ଧରପଗଡ଼ ଅଭିଯାନ ଆରମ୍ଭ ହେବ । ନିଶା ନିବାରଣ ପାଇଁ ପ୍ରତ୍ୟେକ ଜିଲ୍ଲାରେ ଗୋଟିଏ ଲେଖାଏଁ ମଡେଲ ନିଶା ନିବାରଣ କେନ୍ଦ୍ର ସ୍ଥାପନ ହେବ ।

ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ନିଶାଦ୍ରବ୍ୟ ଅଙ୍କୁଶ ଲଗାଇବା ପାଇଁ ସ୍ୱତନ୍ତ୍ର ଅଭିଯାନ ସମ୍ପର୍କରେ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକରେ ଏହି ନର୍ଦ୍ଦେଶ ଦେଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ସମେତ ପୋଲିସ୍ ପ୍ରଶାସନ, ଅବକାରୀ ବିଭାଗ, ଭୁବନେଶ୍ୱର ମହାନଗର ନିଗମ ଏବଂ ନାର୍କୋଟିକ୍ କଣ୍ଟ୍ରୋଲ ବ୍ୟୁରୋ(ଏନ୍‌ସିବି)ର ଅଧିକାରୀମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି, ସ୍ପେଶାଲ ଟାସ୍କ ଫୋର୍ସ(ଏସଟିଏଫ୍) ଦ୍ୱାରା ଅପରେସନର ପ୍ରହାର ଆରମ୍ଭ କରାଯିବ । ପେଶାଦାର ଅପରାଧୀମାନଙ୍କୁ ବାନ୍ଧିବା ପାଇଁ ମାଦକ ଦ୍ରବ୍ୟ ଏବଂ ମାନସିକ ସ୍ନାୟବିକ କ୍ଷତିକାରକ ତଥା ବ୍ୟବହାରିକ କୁପ୍ରଭାବ ପକାଉଥିବା ପଦାର୍ଥର ଅବୈଧ ଚାଲାଣ ପ୍ରତିରୋଧ ଅଧିନିୟମ ( ପିଆଇଟି-ଏନଡିପିଏସ୍) ଧାରା ଏବଂ ସିଆରପିସି ୧୧୦ ( ବିଏନଏସଏସ-୧୨୯) ଧାରା ଲଗାଯିବ । ଭୁବନେଶ୍ୱରରେ ଥିବା ବିଭିନ୍ନ ଶିକ୍ଷାନୁଷ୍ଠାନ ( ୯ ପୃଷ୍ଠାରେ)

## ପ୍ରଥମ ତ୍ରୈମାସିକ ଜିଡିପି ୭.୮% ବୃଦ୍ଧି

ନୂଆଦିଲ୍ଲୀ, ୨୯ ।୮ : ଚଳିତ ଆର୍ଥିକ ବର୍ଷର ପ୍ରଥମ କ୍ୱାର୍ଟରରେ ଦେଶର ଜିଡିପି ୭.୮% ହାରରେ ଆଗକୁ ବଢ଼ିଥିବା ଆକଳନ କରାଯାଇଛି । ପୂର୍ବରୁ ଏହା ୬.୫% ରହିବ ବୋଲି ଆକଳନ ହୋଇଥିଲା । ତେବେ ଗତବର୍ଷର ପ୍ରଥମ କ୍ୱାର୍ଟର ଅଭିବୃଦ୍ଧି ତୁଳନାରେ ଏହା ୧.୩ % ଅଧିକ ।

ଏପ୍ରିଲ-ଜୁନରେ ଗତ ଆର୍ଥିକ ବର୍ଷରେ ଜିଡିପି ଅଭିବୃଦ୍ଧି ୬.୫%




ହାରରେ ହୋଇଥିଲା ତେବେ ଏହି ଅଭିବୃଦ୍ଧି ସେବା ଓ କୃଷିକ୍ଷେତ୍ରର ମିଳିଥିବା ସଫଳତା ପାଇଁ ସମ୍ଭବ ହୋଇଛି । ସେବାକ୍ଷେତ୍ରରେ ଅଭିବୃଦ୍ଧି ହାର ୯.୩% ରହିଥିବା ବେଳେ କୃଷିକ୍ଷେତ୍ରରେ ୩.୭% ରହିଛି । ପୂର୍ବ ବର୍ଷ ତୁଳନାରେ ଏହା ବୃଦ୍ଧି ହୋଇଛି । ଜାତୀୟ ପରିସଂଖ୍ୟାନ ତଥ୍ୟ ଅନୁଯାୟୀ ନିର୍ମାଣ କ୍ଷେତ୍ରରେ ଅଭିବୃଦ୍ଧି ଧୀମା ହୋଇଛି । ଗତବର୍ଷ ୧୦.୧% ଅଭିବୃଦ୍ଧି ଥିବା ବେଳେ ଚଳିତ ବର୍ଷ ପ୍ରଥମ କ୍ୱାର୍ଟରରେ ୭.୬% ରହିଛି । ପୂର୍ବରୁ ରିଜର୍ଭ ବ୍ୟାଙ୍କ ଦେଶର ଜିଡିପି ଅଭିବୃଦ୍ଧି ୨୦୨୫-୨୬ରେ ( ୯ ପୃଷ୍ଠାରେ)

## ପହିଲାରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ବନ୍ଦ

ଭୁବନେଶ୍ୱର, ୨୯ ।୮ (ସବ୍ୟୁ) : ଆଗାମୀ ସେପ୍ଟେମ୍ବର ୧ ତାରିଖ ସୋମବାର ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ । ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଆସନ୍ତା ସୋମବାର ସେପ୍ଟେମ୍ବର ୧ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବା ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

## ମା’-ସ୍ତ୍ରୀଙ୍କ ଝଗଡା ଯୋଗୁ ବିଷାଦରେ ଥିଲେ ଆଇନ୍‌ଜୀବୀ

ଭୁବନେଶ୍ୱର, ୨୯ ।୮ (ସବ୍ୟୁ) : ମଞ୍ଚେଶ୍ୱର ଥାନା ଅଞ୍ଚଳରେ ରହୁଥିବା ଆଇନଜୀବୀଙ୍କ ମୃତ୍ୟୁ ମାମଲାରେ ପଡୋଶୀ ମହିଳା ବିସ୍ଫୋରକ ବୟାନ ରଖିଛନ୍ତି । ଆଇନଜୀବୀ ଦୀପକ କୁମାର ସାହୁ (୪୬) ମା’, ସ୍ତ୍ରୀ, ଦୁଇ ଝିଅଙ୍କୁ ସାଙ୍ଗରେ ଧରି ୧୮ ନମ୍ବର ୱାର୍ଡ ପାଣ୍ଡରାରେ ରହୁଥିଲେ । ସେ ମାନସିକ ବିଶାଦଗ୍ରସ୍ତ ରୋଗୀ ହୋଇଥିଲେ ମଧ୍ୟ ଆଇନଜୀବୀ କାର୍ଯ୍ୟ କରୁଥିଲେ । ମା’ ଓ ସ୍ତ୍ରୀଙ୍କ ମଧ୍ୟରେ କଳିଝଗଡା ଲାଗୁ ଥିବାରୁ ସେ ମା’ର ହେବେ ନା ସ୍ତ୍ରୀର ହେବେ ଭାବି ଅଧିକ ବିଶାଦଗ୍ରସ୍ତ ରହୁଥିଲେ ବୋଲି ପଡୋଶୀ ମହିଳା ଗଣମାଧ୍ୟମକୁ କହିଛନ୍ତି ।

ପାରିବାରିକ କଳହରୁ ଜୀବନ ଦୋଛକିରେ ପଡି ଆଇନଜୀବୀ ଆତ୍ମାହୂତି ଦେଇଥିବା କୁହାଯାଉଛି । ହେଲେ ପୋଲିସ ଆଇନଜୀବୀଙ୍କ ମୃତ୍ୟୁକୁ ଗୁରୁତ୍ୱର ସହ ନେଇ ସାଇଣ୍ଟିଫିକ୍ ଟିମ୍ ସହ ଶୁକ୍ରବାର ଶବ ପଞ୍ଚନାମା କରି ବ୍ୟବଚ୍ଛେଦ କରାଇଛି । ବ୍ୟବଚ୍ଛେଦ ପରେ ଶବ ପରିବାରକୁ ହସ୍ତାନ୍ତର କରାଯାଇଛି । ମୃତ୍ୟୁ ରହସ୍ୟ ଜାଣିବା ପାଇଁ ପୋଲିସ ପାଖରେ ଥିବା ସିସି କ୍ୟାମେରା ପ୍ରଭୃତି ଯାଞ୍ଚ କରିବା ସହ ପଡୋଶୀମାନଙ୍କ ବୟାନ ରେକର୍ଡ କରିଛି । ଗୁରୁବାର ରାତି ୧୦ଟା ବେଳେ ତାଙ୍କ ସ୍ତ୍ରୀ ତାଙ୍କୁ ଖାଇବାକୁ ଡାକିଥିଲେ । ଗରମ ଲାଗୁଛି ମୁଁ ଛାତ ଉପରୁ ବୁଲି ଆସିଲେ ପରେ ଖାଇବି ବୋଲି କହି ଚାଲିଯାଇଥିଲେ । ସାଢେ ୧୦ଟା ପର୍ଯ୍ୟନ୍ତ ସେ ଛାତ ( ୯ ପୃଷ୍ଠାରେ)

## ବିହାରରେ ବିଜେପି-କଂଗ୍ରେସ କର୍ମୀ ଖଣ୍ଡଯୁଦ୍ଧ

ପାଟନା, ୨୯ ।୮ : ନିର୍ବାଚନ ହେବାକୁଥିବା ବିହାରରେ ବିଜେପି ଓ କଂଗ୍ରେସ କର୍ମୀଙ୍କ ମଧ୍ୟରେ ଆଜି ଖଣ୍ଡଯୁଦ୍ଧ ହୋଇଛି । ଦଳୀୟ ପତକା ଧରି ଉଭୟ ଦଳର କର୍ମୀ ପରସ୍ପରକୁ ଆକ୍ରମଣ କରିଛନ୍ତି । ଟେକା ପଥର ମାଡ ସହ ହାତରେ ଦଳୀୟ ପତାକା ଧରି ପିଟାପିଟି ହୋଇଥିବା ଅଭିଯୋଗ ଆସିଛି । ଇତିମଧ୍ୟରେ ପ୍ରଧାନମନ୍ତ୍ରୀ ଓ ତାଙ୍କ ମା ଙ୍କ ପାଇଁ ଅପଶବ୍ଦ ବ୍ୟବହାର କରିଥିବା ଯୁବକକୁ ପୋଲିସ୍ ଗିରଫ କରିଛି । ଅଭିଯୁକ୍ତର ଗିରଫ ହୋଇଥିବା ଯୁବକର ନାଁ ମହମ୍ମଦ ରିଜବୀ ଓରଫ ରାଜା । ଭୋଟ୍ ଅଧିକାର ଯାତ୍ରା ପାଇଁ ହୋଇଥିବା ସମାବେଶରେ ରାହୁଲ ଗାନ୍ଧୀ ଓ ତେଜସ୍ୱୀ ଯାଦବ ମଞ୍ଚରୁ ଗଲା ପରେ ସମ୍ପୃକ୍ତ ଯୁବକ ଜଣକ ଏଭଳି



ଅପଶବ୍ଦ ବ୍ୟବହାର କରିଥିଲେ ।

ପ୍ରଧାନମନ୍ତ୍ରୀଙ୍କ ବିରୋଧରେ ଅପଶବ୍ଦ ବ୍ୟବହାର କରାଯିବାରୁ ଆଜି ପାଟନାରେ ଥିବା କଂଗ୍ରେସ କାର୍ଯ୍ୟାଳୟ ସମ୍ମୁଖରେ ବିଜେପି କର୍ମୀମାନେ ତୀବ୍ର ପ୍ରତିବାଦ କରିଥିଲେ । ବରିଷ୍ଠ ନେତା ନୀତିନ ନବୀନ, ସଞ୍ଜୀବ ଚୌରାସିଆ ପ୍ରମୁଖ ଏହାର ନେତୃତ୍ୱ ନେଉଥିଲେ । ସଦାକ୍ୱାତ ଆଶ୍ରମରୁ ଏମାନେ ଏକ ର‌୍ୟାଲିରେ ସେଠାକୁ ( ୯ ପୃଷ୍ଠାରେ)

- କଂଗ୍ରେସ କାର୍ଯ୍ୟାଳୟକୁ ଧସେଇ ପଶିଲେ ବିଜେପି କର୍ମୀ
- ପିଟାପିଟି, ଟେକା ଫୋପଡା ଅଭିଯୋଗ
- ପ୍ରଧାନମନ୍ତ୍ରୀଙ୍କ ବିରୋଧରେ ଅପଶବ୍ଦ କହିଥିବା ଯୁବକ ଗିରଫ
- ‘ମାର, ଭାଙ୍ଗ ତଥାପି ଆମେ ସମ୍ବିଧାନ ରକ୍ଷା କରିବୁ : ରାହୁଲ

## ଜିଲ୍ଲାପାଳ, ଏସ୍‌ପିଙ୍କୁ ନ୍ୟାୟ ମାଗିଲେ ପିତା

### ସୌମ୍ୟାଶ୍ରୀ ଆତ୍ମାହୁତି ମାମଲା

ବାଲେଶ୍ୱର, ୨୯ ।୮ (ସବ୍ୟୁ) : ଜୁଲାଇ ମାସ ୧୨ ତାରିଖ ଦିନ ଫକୀରମୋହନ ମହାବିଦ୍ୟାଳୟର ଇଣ୍ଟିଗ୍ରେଟେଡ ବିଇଡ଼ି ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମଦାହ ଉଦ୍ୟମ କରି ୧୪ତାରିଖ ଦିନ ଭୁବନେଶ୍ୱର ଏମ୍ସରେ ପରଲୋକ ଗମନ କରିଥିଲେ । ଯେଉଁଦିନ ସୌମ୍ୟାଶ୍ରୀ ଆତ୍ମଦାହ ଉଦ୍ୟମ କଲେ ସେହିଦିନ ସହଦେବଖୁଣ୍ଟା ଥାନା ପୋଲିସ ଏଚ୍‌ଓଡ଼ି ସମୀର କୁମାର ସାହୁଙ୍କୁ ଓ ପରବର୍ତ୍ତୀ ସମୟରେ ଅଧ୍ୟକ୍ଷ ଦିଲ୍ଲୀପ କୁମାର ଘୋଷଙ୍କୁ ଗିରଫ କରିଥିଲେ । ପରବର୍ତ୍ତୀ ସମୟରେ କ୍ରାଇମବ୍ରାଞ୍ଚ ପକ୍ଷରୁ ଘଟଣାର ତଦନ୍ତ ଦାୟିତ୍ୱ ନିଆଯାଇଥିଲା । ଏହାପରେ ଛାତ୍ରନେତା ଜ୍ୟୋତିରଂଜନ ବିଶ୍ୱାଳ ଓ ଶୁଭ୍ରସମ୍ବିତ ନାୟକଙ୍କୁ ଗିରଫ କରାଯାଇଥିଲା । ଦୀର୍ଘଦିନର ବ୍ୟବଧାନପରେ ଆଜି ମୃତାଛାତ୍ରୀ



କନ୍ୟା ସୌମ୍ୟାଶ୍ରୀଙ୍କ ମୃତ୍ୟୁ ଘଟଣାରେ ଯେଉଁମାନେ ସମ୍ପୃକ୍ତ ସମସ୍ତଙ୍କୁ ଗିରଫ କରାଯାଉ । ଏହି ଘଟଣା ପଛରେ ଥିବା ମୂଳ ଦୋଷୀଙ୍କ ସମେତ ଆଇସିସି ମେମ୍ବରମାନଙ୍କୁ ମଧ୍ୟ ଗିରଫ କରାଯିବା ନିମନ୍ତେ ଦାବି କରିଛନ୍ତି । ଏଠାରେ ଉଲ୍ଲେଖଯୋଗ୍ୟ ମୃତା ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଘଟଣା ଘଟିବା ସମୟରେ

ସୌମ୍ୟାଶ୍ରୀ ବିଶିଙ୍କ ପିତା ବଳରାମ ବିଶି ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶ ଓ ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିବାକରଙ୍କୁ ସାକ୍ଷାତ କରି ନ୍ୟାୟ ମାଗିଛନ୍ତି । ଶ୍ରୀ ବିଶି ଗଣମାଧ୍ୟମ ନିକଟରେ ପ୍ରକାଶ କରିଛନ୍ତି ଯେ ତାଙ୍କ ଆରକ୍ଷୀ ଅଧିକ୍ଷକ ଭାବେ ରାଜ ପ୍ରସାଦ ଓ ଡ଼ିଆଇଜି ସତ୍ୟଜିତ ନାୟକ ଥିଲେ । ଇତ୍ୟବସରରେ ତାଙ୍କର ଅନ୍ୟତ୍ର ବଦଳି ହୋଇଥିବାରୁ ଘଟଣା ବାବଦରେ ନୂଆ ଏସ୍‌ପି ଓ ଡିଆଇଜିଙ୍କୁ ଅବଗତ କରାଇବା ନିମନ୍ତେ ( ୯ ପୃଷ୍ଠାରେ)



## ଆଜି ଜନ୍ମଦିନ
# ବିନାୟକ ଆଚାର୍ଯ୍ୟ

୧୯୧୮ ମସିହା ଅଗଷ୍ଟ ମାସ ୩୦ ତାରିଖରେ ରଘୁନାଥ ଆଚାର୍ଯ୍ୟଙ୍କ କୋଳମଣ୍ଡନ କରିଥିଲେ ବିନାୟକ ଆଚାର୍ଯ୍ୟ । ଓଡ଼ିଶାର ମୁଖ୍ୟମନ୍ତ୍ରୀଭାବେ ତାଙ୍କର ରହିଛି ବିଶେଷ ପରିଚୟ । ରାଜନୀତିରେ ଯୋଗଦେବା ଆଗରୁ ସେ ଶିକ୍ଷକତା କରୁଥିଲେ । ସେଥିପାଇଁ ଗଣମାଧ୍ୟମରେ ସେ 'ବିନୁ ମାଷ୍ଟର' ଭାବେ ଚର୍ଚ୍ଚାରେ ଥିଲେ । ପତ୍ରିକା ଅଧ୍ୟୟନ ତାଙ୍କର ଅନ୍ୟତମ ରୁଚି ରହିଥିଲା । ଏଥିସହିତ ରାଜନୀତି ଚର୍ଚ୍ଚା ମଧ୍ୟ ତାଙ୍କର ପସନ୍ଦ ଥିଲା । ଫଳରେ ଭବିଷ୍ୟତରେ ସେ ରାଜନୀତିରେ ଯୋଗ ଦେବାପାଇଁ ପ୍ରେରଣା ପାଇଥିଲେ । ୧୯୪୨ ମସିହାରେ ହୋଇଥିବା ଭାରତଛାଡ଼ ଆନ୍ଦୋଳୋନରେ ସେ ଯୋଗଦେଇ ବନ୍ଦୀମାନଙ୍କ ପରିବାର ଲୋକଙ୍କୁ ଦେଖାଶୁଣା କରିଥିଲେ । ତାଙ୍କର ରାଜନୈତିକ ଜୀବନ ୧୯୬୭ ମସିହାରେ ଆରମ୍ଭ ହୋଇଥିଲା ଓ ସେ ବିଧାୟକ ପାଇଁ ନିର୍ବାଚନରେ ଭାଗନେଇଥିଲେ । ସେ ୧୯୬୭ ଓ ୧୯୭୧ରେ ଦୁଇଥର ବିଧାୟକ ଭାବେ ବ୍ରହ୍ମପୁର ନିର୍ବାଚନ ମଣ୍ଡଳୀରୁ ନିର୍ବାଚିତ ହୋଇଥିଲେ । ୧୯୬୭ରୁ ୧୯୭୨ ପର୍ଯ୍ୟନ୍ତ ସେ ବିରୋଧୀ ଦଳର ନେତା ମଧ୍ୟ ଥିଲେ । ସେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବେ ୨୯ ଡିସେମ୍ବର ୧୯୭୬ ଠାରୁ ୩୦ ଅପ୍ରେଲ ୧୯୭୭ ପର୍ଯ୍ୟନ୍ତ ଦାୟିତ୍ୱ ନିର୍ବାହ କରିଥିଲେ । ୧୧ ଡିସେମ୍ବର ୧୯୮୩ରେ ସେ ପ୍ରାଣତ୍ୟାଗ କରିଥିଲେ । ତାଙ୍କ ମୃତ୍ୟୁପରେ ତାଙ୍କ ସ୍ମୃତିରେ ବ୍ରହ୍ମପୁରଠାରେ ରାଜ୍ୟ ସରକାର ତାଙ୍କ ନାମରେ ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟ ଓ ଏକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ ।

## ସୋସିଆଲ କୋଟ୍ସ



"ସୁଶାନ୍ତ 'ହସି ତୋ ଫସି' ଫିଲ୍ମକୁ ନା କହିଥିଲେ କେବଳ ୱାଇଆରଏଫ୍ ପାଇଁ । ସେ ୱାଇଆର୍‌ଏଫ ସାଇନ୍ କରିବା ପରେ ଏହି ଫିଲ୍ମକୁ ନା କହିଥିଲେ । ତାଙ୍କ ସହିତ ଅନେକ କାମ କରିବାର ଇଚ୍ଛା ଥିଲା ।

**ଅନୁରାଗ କଶ୍ୟପ, ଫିଲ୍ମମେକର**



"ମୁଁ ସଲମାନଙ୍କ ସହିତ ଏକ ଆକସନ୍ ଫିଲ୍ମ କରିବାକୁ ଚାହୁଁଥିଲି । ଏଥିପାଇଁ ଅନେକ ପରିଶ୍ରମ ମଧ୍ୟ କରିଛି । ହେଲେ ଏହି ଆଇଡିଆକୁ ଛାଡିଦେଲି ଯେତେବେଳେ ମୁଁ ତାଙ୍କ ପାଇଁ ଏକ ଚରିତ୍ର ପ୍ରସ୍ତୁତ କରିପାରିଲି ନାହିଁ ।

**ସୁରଜ ବଡଜାତ୍ୟା, ନିର୍ଦ୍ଦେଶକ**



"ତୁମ ଘରର ଲୋକେସନ ସେୟାର କରିବା ପ୍ରାଇଭେସି ଉଲ୍ଲଙ୍ଘନ ନୁହେଁ । ଆଶା କରୁଛି ତୁମ ପାଖରେ କିଛି କମନସେନ୍ସ ଥିବ । ତୁମେ ଏହି ଘଟଣାକୁ ବୁଝି ପାରିବ ।

**ପାୟଲ ରୋହତଗୀ, ଅଭିନେତ୍ରୀ**

# ମହାକାଶର ପ୍ରଥମ ଖାଦ୍ୟ

ସବୁବେଳେ ମହାକାଶ ବିଷୟରେ ଜାଣିବା ପାଇଁ ସମସ୍ତେ ଖୁବ ଉତ୍ସୁକ ରହିଥାଆନ୍ତି । ଏଠାରେ ରହିବା ସମୟରେ ମହାକାଶଚାରୀମାନେ କଣ ଖାଆନ୍ତି, କିଭଳି ନିଜର ଦୈନନ୍ଦିନ କାର୍ଯ୍ୟ କରିଥାଆନ୍ତି ଏହାକୁ ନେଇ ଅନେକ ଆଲୋଚନା ହେଉଥିବାର ଦେଖିବାକୁ ମିଳିଥାଏ । ତେବେ ପ୍ରଥମଥର ଯେତେବେଳେ ମହାକାଶରେ ମହାକାଶଚାରୀ ପାଦ ରଖିଥିଲେ ସେତେବେଳେ ସେ କଣ ଖାଇଥିଲେ । ଏ ସମ୍ପର୍କରେ ଜାଣିବାକୁ ସମସ୍ତଙ୍କର ସବୁବେଳେ ଉତ୍ସୁକତା ରହିଥାଏ । ତେବେ ନାସାର ଅଫିସିଆଲ ୱେବସାଇଟ୍‌ରେ ଥିବା ସୂଚନା ଅନୁସାରେ ୧୯୬୧ ଏପ୍ରିଲ ୧୨ରେ ସୋଭିଏତ ମହାକାଶଚାରୀ ୟୁରି ଏ ଗାଗାରିନ୍ ପ୍ରଥମଥର ପାଇଁ ମହାକାଶ ଯାଇଥିଲେ । ସେ ପୃଥିବୀର ପ୍ରଥମ ମଣିଷଭାବେ ମହାକାଶରେ ପାଦ ଦେଇଥିଲେ । ତେବେ ସେ ଏଠାରେ ପ୍ରଥମଥର ପାଇଁ ମାଂସର ପେଷ୍ଟକୁ ଏକ ଆଲୁମିନିଅମ ଟ୍ୟୁବ ସାହାଯ୍ୟରେ ଖାଇଥିଲେ । ଯାହାର ସୂଚନା ନାସାର ୱେବସାଇଟରେ ରହିଛି । ଏହାସହିତ ସେ ଚକୋଲେଟ୍ ସସ୍ ମଧ୍ୟ ଖାଇଥିଲେ । ଏହି ଟ୍ୟୁବ୍‌ରୁ ସିଧା ମୁହଁରେ ଖାଇବାକୁ ବାହାର କରି ଖାଇବାକୁ ହୋଇଥାଏ । ତେବେ ବର୍ତ୍ତମାନ ମହାକାଶଚାରୀଙ୍କ ଖାଦ୍ୟରେ ଅନେକ ପରିବର୍ତ୍ତନ ଆସିଛି ।





# ଥକୁଛି ରୋବଟ

ଏଆଇର ଯୁଗରେ ବର୍ତ୍ତମାନ ରୋବଟ ଅନେକ କାମ କରୁଛି । ସେହିଭଳି ରୋବଟର କାର୍ଯ୍ୟ କରିବାର ଦକ୍ଷତାକୁ ନେଇ ସବୁବେଳେ ସକରାତ୍ମକ ମତାମତ ମଧ୍ୟ ଦେଖିବାକୁ ମିଳୁଛି । ହେଲେ ନିକଟରେ ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ଏହି ଭିଡିଓରେ ଗୋଟିଏ ରୋବଟ କିଭଳି ଅଧିକ କାମ କରିବା ଦ୍ୱାରା ଥକି ପଡୁଛି ସେହି ଦୃଶ୍ୟ ରହିଛି । ଗୋଟିଏ ରୋବଟ ପାଖାପାଖି ୨୦ ଘଣ୍ଟା କାମ କରିବା ପରେ ବ୍ୟାଟେରୀ ସରିଯିବା କାରଣରୁ ଏହା କୋଲାପ୍ସ ହୋଇଯାଉଛି । ବର୍ତ୍ତମାନ ଏହି ଭିଡିଓଟିକୁ ଯୁବବର୍ଗ ଏକ ମିମ୍ସ ଭଳି ସୋସିଆଲ ମିଡିଆରେ ସେୟାର କରିବାରେ ଲାଗିଛନ୍ତି । ନିଜନିଜ ଅଫିସ୍‌କୁ ଟାର୍ଗେଟ୍ କରି ଏଭଳି କରାଯାଉଛି । ଅଫିସ୍‌ରେ କର୍ମଚାରୀମାନେ ମଧ୍ୟ ଥକି ଯାଆନ୍ତି ବୋଲି ବିଭିନ୍ନ କମେଣ୍ଟ ଦେଖିବାକୁ ମିଳୁଛି । ଯଦି ରୋବଟ ଥକି ପଡୁଛି, ତେବେ ମଣିଷ କିଭଳି ନଥକିବ ବୋଲି ଭିଡିଓରେ କମେଣ୍ଟ ମିଳୁଛି ।

୧୫୫୯ – ମହାନ ସମ୍ରାଟ ଆକବରଙ୍କ ପୁଅ ମୋଗଲ ବଂଶର ଶାସକ ଜାହାଙ୍ଗୀରଙ୍କର ଜନ୍ମ ।

୧୬୮୨ – ବ୍ରିଟିଶ ଧର୍ମ ସୁଧାରକ ୱିଲିୟମ ପେନ୍‌ଙ୍କୁ ଇଂଲଣ୍ଡ ଛାଡିବାକୁ ପଡିଥିଲା ।

୧୮୦୬ – ନ୍ୟୁୟର୍କର ଦୈନିକ ଖବର କାଗଜ ଡେଲି ଆଡ୍‌ଭର୍ଟାଇଜର ଶେଷଥର ପାଇଁ ପ୍ରକାଶିତ କରାଯାଇଥିଲା ।

୧୮୮୮ – କ୍ରାନ୍ତିକାରୀ କନାଇଲାଲ୍ ଦତ୍ତଙ୍କର ଜନ୍ମ ।

୧୯୨୮ – ରାସ ବିହାରୀ ବୋସ ଓ ଜବାହର ଲାଲ ନେହେରୁଙ୍କ ନେତୃତ୍ୱରେ ଦି ଇଣ୍ଡିପେଣ୍ଡେନ୍ସ ଅଫ୍ ଇଣ୍ଡିଆ ଲିଗର ଭାରତରେ ସ୍ଥାପନା କରିଥିଲେ ।

୧୯୮୪ – ଅନ୍ତରୀକ୍ଷ ଯାନ 'ଡିସ୍କଭରୀ' ପ୍ରଥମଥର ଉଡାଣ ଭରିଥିଲା ।


# କମଳା ରଙ୍ଗର ସାର୍କ



ନିକଟରେ ନର୍ଥଆମେରିକାର କୋଷ୍ଟାରିକାରେ ଦେଖିବାକୁ ମିଳିଛି ବିରଳ କମଳା ରଙ୍ଗର ସାର୍କ । ଏହି ବିରଳ ସାର୍କଟି ନର୍ସ ସାର୍କ ପ୍ରଜାତିର, ଯିଏ ନିଜର ବିରଳ କମଳା ରଙ୍ଗ ଓ ଧଳା ଆଖି ପାଇଁ ପରିଚିତ । ଏହା ଖୁବ କମ ଦେଖିବାକୁ ମିଳିଥାଆନ୍ତି ତେଣୁ ଏହାକୁ ବିରଳ ବୋଲି ସମ୍ବୋଧନ କରାଯାଇଥାଏ । ମିଳିଥିବା ଏହି ସାର୍କର ଲମ୍ବ ୬ ଫୁଟଥିବା ସୂଚନା ମିଳିଛି । ମାଛଟିର ଫଟୋ ବର୍ତ୍ତମାନ ସୋସିଆଲ ମିଡିଆରେ ଖୁବ ଭାଇରାଲ ହେବାରେ ଲାଗିଛି । ଏହି ପ୍ରଜାତିରେ ବିଭିନ୍ନ ରଙ୍ଗର ସାର୍କ ଦେଖିବାକୁ ମିଳନ୍ତି ଯେଉଁଥିରେ କମଳା ରଙ୍ଗ ସବୁଠାରୁ ବିରଳ ହୋଇଥାଏ ।

# ହ୍ରିତିକଙ୍କ ନୂଆ ଭଡାଟିଆ

ହ୍ରିତିକ ରୋଶନ ବର୍ତ୍ତମାନ ନିଜ ନୂଆ ଭଡାଟିଆଙ୍କୁ ନେଇ ଖୁବ ଚର୍ଚ୍ଚାରେ ଅଛନ୍ତି । ନିଜର ସିଫେସିଂ ଆପାର୍ଟମେଣ୍ଟକୁ ସେ ନିଜ ଗର୍ଲଫ୍ରେଣ୍ଡ ସବା ଆଜାଦକୁ ଦେଇଥିବା ଜଣା ପଡିଛି । ଯାହାକୁ ନେଇ ବର୍ତ୍ତମାନ ସୋସିଆଲ ମିଡିଆରେ ଖୁବ ଚର୍ଚ୍ଚା ଜାରି ରହିଛି । ସବାଙ୍କୁ ଏଥିପାଇଁ ପ୍ରତିମାସରେ ହ୍ରିତିକଙ୍କୁ ୭୫ ହଜାର ଟଙ୍କା ଭଡା ଦେବାକୁ ପଡିବ । ତେବେ ବ୍ରୋକରଙ୍କ ମତରେ ଏହି ଫ୍ଲାଟର ଭଡା ମାର୍କେଟରେ ୧ – ୨ ଲକ୍ଷ ହେବ ହେଲେ ସବାଙ୍କ ପାଇଁ ଏହି ଭଡା କମାଯାଇଛି । ସବାଙ୍କୁ ଏହି ଘରେ ରହିବାକୁ ସମସ୍ତ ପ୍ରକାରର ନିୟମ ମାନିବାକୁ ପଡିଛି । ସେ ରହିବା ଆଗରୁ ଡିପୋଜିଟ୍ ଦେବାସହିତ ଲାଇସେଂସ ଏଗ୍ରିମେଣ୍ଟ ମଧ୍ୟ ତିଆରି କରିଛନ୍ତି । ସବା ଏଥିପାଇଁ ଅଗ୍ରୀମ ୧.୨୫ ଲକ୍ଷ ଟଙ୍କାର ଅଗ୍ରୀମ ଡିପୋଜିଟ କରିଛନ୍ତି । ଏହି ୨ଟି ଫ୍ଲାଟକୁ ହ୍ରିତିକ ୨୦୨୦ରେ ୯୭.୫ କୋଟି ଟଙ୍କାରେ କିଣିଥିଲେ । ଫ୍ଲାଟ କିଣାହେବା ସମୟରେ ହ୍ରିତିକ ଗର୍ଲଫ୍ରେଣ୍ଡ ସବାଙ୍କ ସହିତ ଏଠାରେ ରହିବେ ବୋଲି ଆଲୋଚନା ହେଉଥିଲା ହେଲେ ବର୍ତ୍ତମାନ କେବଳ ସବା ଏଠାରେ ଭଡାଟିଆ ଭାବେ ରହିବା ଆରମ୍ଭ କରିଛନ୍ତି । ୨୦୨୨ରୁ ହ୍ରିତିକ୍ ସବା ଆଜାଦଙ୍କୁ ଡେଟ୍ କରୁଛନ୍ତି । ପତ୍ନୀ ସୁଜେନଙ୍କ ସହିତ ଛାଡପତ୍ର ପରେ ଏହି ସମ୍ପର୍କର ଆରମ୍ଭ ହୋଇଥିଲା ।





# ପିଲାଙ୍କୁ ରଖନ୍ତୁ ରକ୍ତଚାପ ମୁକ୍ତ

**ଆଜିକାଲି ଜୀବନଶୈଳୀ ପାଇଁ ରକ୍ତଚାପ ସମସ୍ୟା ସମସ୍ତଙ୍କ ପାଖରେ ଦେଖିବାକୁ ମିଳୁଛି । କେବଳ ବୟସ୍କ ନୁହେଁ ଛୋଟ ପିଲା ମଧ୍ୟ ରକ୍ତଚାପ ସମସ୍ୟାରେ ପୀଡିତ ହେଉଛନ୍ତି । ତେବେ ଏହା ପିଲାଙ୍କ କ୍ଷେତ୍ରରେ ବେଶି ହାନିକାରକ ହୋଇଥାଏ । ଏଥିପାଇଁ ବାପା ମାଆଙ୍କୁ ସତର୍କ ହେବାର ଆବଶ୍ୟକତା ରହିଛି । ଅଭିଭାବକଙ୍କୁ କିଛି ଟ୍ରିକ୍ ଆପଣାଇବାର ଅଛି, ଯାହାଫଳରେ ସେମାନେ ଛୋଟ ପିଲାଙ୍କୁ ଏହି ସମସ୍ୟାରୁ ଦୂରେଇ ରଖିପାରିବେ ।**

**ଖାଦ୍ୟ ପେୟରେ ଧ୍ୟାନ–** ସବୁବେଳେ ପିଲାଙ୍କ ଖାଦ୍ୟ ପେୟରେ ଧ୍ୟାନ ଦିଅନ୍ତୁ । ସେମାନଙ୍କ ଖାଦ୍ୟରେ ଅଧିକ ପରିମାଣରେ ଫଳ, ପନି ପରିବା, ଶସ୍ୟ ସାମିଲ କରନ୍ତୁ । ସେହିଭଳି ଖାଦ୍ୟରେ ତେଲ ମସଲା ବିଶେଷ କରି ଲୁଣର ପରିମାଣ କମାନ୍ତୁ । ସେମାନଙ୍କୁ ଜଙ୍କ ଫୁଡ୍ ଦିଅନ୍ତୁ ନାହିଁ, ଘରେ ପ୍ରସ୍ତୁତ ହେଉଥିବା ରନ୍ଧା ଖାଦ୍ୟ ଖାଇବାକୁ ଦିଅନ୍ତୁ ।

**ବ୍ୟାୟାମ କରାନ୍ତୁ–** ସବୁଦିନ ବ୍ୟାୟାମ କରିବା ପାଇଁ ପରାମର୍ଶ ଦିଅନ୍ତୁ । ସେମାନଙ୍କୁ ହାଲୁକା ଛୋଟ ଛୋଟ ବ୍ୟାୟାମ କରାଇ ପାରିବେ । ଏହାସହ ସେମାନଙ୍କର ଓଜନକୁ ଧ୍ୟାନରେ ରଖି ଖାଇବାକୁ ଦିଅନ୍ତୁ । ଓଜନ ବଢିଲେ ସେମାନଙ୍କର ରକ୍ତଚାପ ବଢିବାର ସମ୍ଭାବନା ରହିଥାଏ ।

**ସ୍କ୍ରିନ ଟାଇମ୍ କମାନ୍ତୁ–** ସବୁବେଳେ ପିଲାଙ୍କର ବଡ ଶତ୍ରୁ ହୋଇଥାଏ ଅଧିକ ସ୍କ୍ରିନ୍ ଟାଇମ୍ । ଏହା ବିଭିନ୍ନ ରୋଗକୁ ଡାକି ଆଣିଥାଏ । ତେଣୁ ଯଥା ସମ୍ଭବ ଚେଷ୍ଟା କରନ୍ତୁ ସ୍କ୍ରିନ୍ ଟାଇମ୍ କମାଇବା ପାଇଁ । ପିଲା କେତେ ସମୟ ଟିଭି ଦେଖୁଛି ସେନେଇ ସତର୍କ ରୁହନ୍ତୁ । ପିଲାର ସବୁବେଳେ ସ୍କ୍ରିନ୍ ଟାଇମ୍ କମାନ୍ତୁ ।

**ଖୁସିରେ ରଖନ୍ତୁ–** ପିଲାଙ୍କୁ ସବୁବେଳେ ଖୁସିରେ ରଖିବାକୁ ଚେଷ୍ଟା କରନ୍ତୁ । ସେମାନେ ଯେପରି ଅଯଥା ଚିନ୍ତାଗ୍ରସ୍ତ ହୁଅନ୍ତି ନାହିଁ ସେଥିପ୍ରତି ଧ୍ୟାନ ଦିଅନ୍ତୁ । ସେମାନଙ୍କ ସହିତ ସମୟ ବିତାନ୍ତୁ । ସେମାନେ କିଭଳି ଘରେ ବସି ନରହି ବାହାରେ ଖେଳ ବୁଲ କରିବେ ସେଥିପ୍ରତି ଧ୍ୟାନ ଦିଅନ୍ତୁ । ସେମାନଙ୍କ ସହିତ ସାଙ୍ଗ ଭଳି ମିଶନ୍ତୁ, ଯେପରି ସେମାନେ ନିଜର ସମସ୍ତ ସୁବିଧା ଅସୁବିଧା ଆପଣଙ୍କ ସହିତ ସେୟାର କରିବେ ।

**ନିୟମିତ ଡାକ୍ତରଙ୍କ ପରାମର୍ଶ–** ନିୟମିତ ଭାବେ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ । କିଛି କିଛି ସମୟ ବ୍ୟବଧାନରେ ଡାକ୍ତରଙ୍କୁ ଦେଖାଇପାରିବେ । ଏଭଳି ରୁଟିନ୍ ଚେକଅପ୍ ଦ୍ୱାରା ସହଜରେ ଉଚ୍ଚ ରକ୍ତଚାପ ସମ୍ପର୍କରେ ଜଣା ପଡିପାରେ । ଯାହାଫଳରେ ଏହାକୁ ଚିକିତ୍ସା ମଧ୍ୟ ସହଜରେ କରାଯାଇପାରେ ।



## ଆଇସିସି ଓ ଲଘୁ ଉଦ୍ୟୋଗ ଭାରତୀ ପକ୍ଷରୁ "ବିକଶିତ ଓଡିଶା' ସମ୍ମିଳନୀ

# ସାଢେ ୪କୋଟି ଲୋକଙ୍କ ସାମୂହିକ ସ୍ୱପ୍ନର ଦସ୍ତାବିଜ୍ ହେଉଛି ଭିଜନ ୨୦୩୬ : ମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର(ସବ୍ୟୁ): ଆଗାମୀ ମାସରେ ହେବାକୁ ଥିବା ଜିଏସଟି ସଂସ୍କାର, ଦେଶର ବାଣିଜ୍ୟ କ୍ଷେତ୍ରରେ ଏକ ବିରାଟ ପରିବର୍ତ୍ତନ ଆଣିବ । କାରଣ ଜିଏସଟି ଦର କମ ହେଲେ ଦେଶରେ ବ୍ୟବହାର ବୃଦ୍ଧି ହେବ, ବ୍ୟବହାର ବୃଦ୍ଧି ହେଲେ ଅଧିକ ଉତ୍ପାଦନ ହେବ ଓ ଅଧିକ ରୋଜଗାର ବଢିବ । ଆମର ଏହି ଲକ୍ଷ୍ୟ ହାସଲ ପାଇଁ କୃଷି, ଶିଳ୍ପ ଓ ସାମାଜିକ ବିକାଶକୁ ଗ୍ରୋଥ୍ ଇଞ୍ଜିନ୍ ଭାବେ ନେଇ ଆମେ କାର୍ଯ୍ୟ ଆରମ୍ଭ କରିଛୁ । ଆମର ସାମଗ୍ରିକ ବିକାଶ ଆବଶ୍ୟକ । ଦେଶର ସର୍ବଶ୍ରେଷ୍ଠ ପାଞ୍ଚଟି ବିକଶିତ ରାଜ୍ୟ ଭିତରେ ଓଡିଶାକୁ ସ୍ଥାନ ଦେବା ଆମ ସରକାରଙ୍କ ଏକମାତ୍ର ଲକ୍ଷ୍ୟ । ଓଡିଶାରେ ବିକାଶ କୌଣସି ଗୋଟିଏ ନିର୍ଦ୍ଦିଷ୍ଟ କ୍ଷେତ୍ର ବା ବର୍ଗଙ୍କ ପାଇଁ ହେବ ନାହିଁ । ଏହା ହେବ ସମାବେଶୀ ବିକାଶ । ଏଥିପାଇଁ ଆମେ ଏକ ଭିଜନ ଡକୁମେଣ୍ଟ ପ୍ରସ୍ତୁତ କରିଛୁ । ଏହା ହେଉଛି ଆମ ରାଜ୍ୟର ସାଢେ ୪କୋଟି ଲୋକଙ୍କ ସାମୂହିକ ସ୍ୱପ୍ନର ଦସ୍ତାବିଜ୍ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି ।

ଇଣ୍ଡିଆନ୍ ଚାମ୍ବର ଅଫ୍ କମର୍ସ(ଆଇସିସି) ଓ ଲଘୁ ଉଦ୍ୟୋଗ ଭାରତୀ ପକ୍ଷରୁ ବିକଶିତ ଓଡ଼ିଶା "ଓଡିଶାର ଅଭିବୃଦ୍ଧି ଇଞ୍ଜିନକୁ ସଶକ୍ତ କରିବା' ଉପରେ ଏକ ଆଲୋଚନାଚକ୍ରର ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଯୋଗ ଦେଇ କହିଛନ୍ତି, ଖଣିଜ ସମ୍ପଦର ଉପଯୋଗରେ ରାଜ୍ୟକୁ ଶିଳ୍ପ ସମୃଦ୍ଧ କରିବା ସହିତ ଏକ ଉତ୍ପାଦନ ହବରେ ପରିଣତ କରିବା ପାଇଁ ଆମର ଉଦ୍ୟମ ଅବ୍ୟାହତ ରହିଛି । ସମୃଦ୍ଧ ଓଡିଶା ଗଠନ ପାଇଁ ଆମକୁ ସବୁ କ୍ଷେତ୍ରରେ ଦକ୍ଷତା ହାସଲ କରିବାକୁ ପଡିବ । ଶିକ୍ଷା, ସ୍ୱାସ୍ଥ୍ୟଠୁ ଆରମ୍ଭ କରି କୃଷି ପର୍ଯ୍ୟନ୍ତ ସମସ୍ତ କ୍ଷେତ୍ରରେ ଆତ୍ମନିର୍ଭର ହେବାକୁ ପଡିବ । ବିଶ୍ୱସ୍ତରୀୟ ଭିତ୍ତିଭୂମି ନିର୍ମାଣ କରିବାକୁ ପଡିବ । ଏଥି ସହିତ ଦକ୍ଷ ମାନବସମ୍ବଳ ସୃଷ୍ଟି, ପର୍ଯ୍ୟାପ୍ତ ନିଯୁକ୍ତି ସୁଯୋଗ, ପ୍ରଯୁକ୍ତି ବିଦ୍ୟା, ପର୍ଯ୍ୟଟନ ଏବଂ ସବୁଜ ଶକ୍ତି କ୍ଷେତ୍ରରେ ଓଡିଶାକୁ ଅଗ୍ରଣୀ କରିବାକୁ ପଡିବ । ଆମର ବିକଶିତ ଓଡ଼ିଶା ୨୦୩୬ର ରୋଡମ୍ୟାପ ତିନୋଟି ମୁଖ୍ୟ ମାର୍ଗଦର୍ଶିକା ଉପରେ ଆଧାରିତ । ପ୍ରଥମଟି ହେଲା ଆମର ପ୍ରତ୍ୟେକ ନୀତି ଓ କାର୍ଯ୍ୟକ୍ରମର କେନ୍ଦ୍ରରେ ରହିଛନ୍ତି ଜନସାଧାରଣ । ଦ୍ୱିତୀୟଟି ରାଜ୍ୟର ବିକାଶ କେବଳ ସାମଗ୍ରିକ ଉନ୍ନତି ଦ୍ୱାରା ସମ୍ଭବ । ତୃତୀୟଟି ଭବିଷ୍ୟତକୁ ଦୃଷ୍ଟିରେ ରଖି ଓଡ଼ିଶାକୁ ଶିଳ୍ପ କ୍ଷେତ୍ରରେ ଯୁଗ ଉପଯୋଗୀ କରିବା, ଆଧୁନିକ ଟେକ୍ନୋଲୋଜିକୁ ଗ୍ରହଣ କରିବା ବୋଲି ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ ।

୨୦୪୭ ବେଳକୁ ଓଡ଼ିଶାରେ ସହରୀକରଣ ୬୦ ପ୍ରତିଶତ ହେବ ବୋଲି ଆକଳନ କରାଯାଉଛି । ଏଥିପାଇଁ ଆମେ ନୂଆ ସହରାଞ୍ଚଳ, ସୁଲଭ ବାସଗୃହ, ବିଶ୍ୱସ୍ତରୀୟ ଭିତ୍ତିଭୂମି ସୃଷ୍ଟି ଉପରେ ସ୍ୱତନ୍ତ୍ର ଧ୍ୟାନ ଦେଉଛୁ । ଭୁବନେଶ୍ୱର, କଟକ, ରାଉରକେଲା, ବ୍ରହ୍ମପୁର ଏବଂ ସମ୍ବଲପୁର ସହରକୁ ଆମେ ଆଧୁନିକ ସହର ଭିତ୍ତିଭୂମିର ମଡେଲ ଭାବେ ବିକଶିତ କରିବୁ । ଏମ୍ଏସ୍ଏମ୍ଇ କ୍ଷେତ୍ର ହେଉଛି ସର୍ବାଧିକ ନିଯୁକ୍ତି ପ୍ରଦାନକାରୀ କ୍ଷେତ୍ର । ବଜାର ପ୍ରବେଶ ପାଇଁ ଡିଜିଟାଲ ପ୍ଲାଟଫର୍ମ ଜରିଆରେ ଆମେ ଆମର ଏମ୍ଏସ୍ଏମ୍ଇ ଗୁଡିକୁ ଦକ୍ଷ କରିବା ପାଇଁ କାର୍ଯ୍ୟକ୍ରମ କରୁଛୁ ।

କାର୍ଯ୍ୟକ୍ରମରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଥିଲେ ଯେ ଓଡିଶାରେ ବିକଶିତ ଓଡିଶା ଗଠନ ପାଇଁ ସମୟ ଧାର୍ଯ୍ୟ ହୋଇସାରିଛି । ବିକଶିତ ରାଜ୍ୟ ଓ ରାଷ୍ଟ୍ର ପାଇଁ ସୁସ୍ଥ ସମାଜ ଆବଶ୍ୟକ । ଏଥିପାଇଁ ସମସ୍ତଙ୍କ ଉଦ୍ୟମ ଆବଶ୍ୟକ ରହିଛି । ଆମେ ଚିନ୍ତା କରିବା ସ୍ୱପ୍ନ ଦେଖିଲେ ହେବ ନାହିଁ କଠିନ ପରିଶ୍ରମ ଦରକାର । ଆମ ପାଖରେ ପ୍ରଚୁର ସମ୍ପଦ ରହିଛି । ଆମ ପାଖରେ ଯୁବଶକ୍ତି ଅଛି । ଆମେ ସେମାନଙ୍କୁ ଉପଯୋଗୀ କରି ଆଗକୁ ଯିବା ଦରକାର । ତେବେ ଯାଇ ବିକଶିତ ଓଡିଶା ସ୍ୱପ୍ନ ପୁରଣ ହୋଇପାରିବ । କାର୍ଯ୍ୟକ୍ରମରେ ଏମଏସଏମଇ ତଥା ମତ୍ସ୍ୟ ଓ ପଶୁପାଳନ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ପ୍ରମୁଖ ସଚିବ ଭୂପେନ୍ଦ୍ର ସିଂ ପୁନିଆ, ଆଇସିସି ଡିଜି ଡ.ରାଜୀବ ସିଂ ଉଦଯାପନୀ ଉତ୍ସବରେ ସ୍ୱତନ୍ତ୍ର ଅତିଥି ଭାବେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ଲଘୁ ଉଦ୍ୟୋଗୀ ଭାରତୀ ସଭାପତି ଗୋପାଳ ଦାସ ଅଗ୍ରୱାଲ, ଆଇସିସିର ଅଧ୍ୟକ୍ଷ ରାଜୀବ ସାହୁ ପ୍ରମୁଖ ଯୋଗ ଦେଇଥିଲେ ।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଲୋକସେବାଭବନରେ ସାକ୍ଷାତ କରୁଛନ୍ତି ଟାଟା ଷ୍ଟିଲ୍‌ର ଏମ୍‌ଡି ଟି.ଭି ନରେନ୍ଦ୍ରନ୍

## ନିଶା କାରବାରକୁ ନେଇ ଡ୍ରଗ୍ସ କଣ୍ଟ୍ରୋଲ-ଏସ୍‌ଟିଏଫ୍ ମିଳିତ ଚଢାଉ

ଭୁବନେଶ୍ୱର, (ସବ୍ୟୁ) : ନିଶା କାରବାରକୁ ନେଇ ଡ୍ରଗ୍ସ କଣ୍ଟ୍ରୋଲ-ଏସ୍‌ଟିଏଫ୍ ମିଳିତ ଭାବେ ଚଢାଉ କରି ୫୦ ହଜାରରୁ ଊର୍ଦ୍ଧ୍ୱର୍ ଟଙ୍କାର ନିଶା ସାମଗ୍ରୀ ଜବତ କରିଛି । ଶିକ୍ଷାନୁଷ୍ଠାନ, ହସ୍ପିଟାଲ, ସପିଂମଲ୍ ଓ ସରକାରୀ ଅଫିସ୍ ପାଖରେ ନିଶା କାରବାର କରୁଥିବା ଦୋକାନୀଙ୍କ ଉପରେ ଶୁକ୍ରବାର ମିଳିତ ଚଢାଉ କରାଯାଇଛି । ବିଜୁ ପଟ୍ଟନାୟକ କଲେଜ ସମେତ କେତେକ ଶିକ୍ଷାନୁଷ୍ଠାନ ନିକଟରେ ମିଳିତ ଭାବେ ଚଢାଉ କରାଯାଇଥିବା ବେଳେ ଟାର୍ଗେଟ ଥିଲା ଗଞ୍ଜେଇ ସିଗାରେଟ୍ ଓ ବ୍ରାଉନସୁଗର । ଦୋକାନୀମାନେ କୋଡ୍‌ୱାର୍ଡରେ ଗଞ୍ଜେଇ ସିଗାରେଟ୍ ବିକ୍ରି କରୁଛନ୍ତି । ଚାମ୍ପା, ବାବା, ଗୋଗୋ ପ୍ରଭୃତି କୋଡ୍‌ୱାର୍ଡରେ ଦୋକାନୀମାନେ ଗଞ୍ଜେଇ ସିଗାରେଟ୍ ବିକ୍ରି କରୁଛନ୍ତି । ଜଣେ ମହିଳା ଦୋକାନୀଙ୍କ କହିବାନୁଯାୟୀ ଯଦି ସିଗାରେଟ୍, ଗୁଟ୍‌ଖା କମ୍ପାନୀ ବନ୍ଦ ହୋଇଯାଆନ୍ତା ତେବେ ଆମେ ବିକ୍ରି କରନ୍ତୁ ନାହିଁ । ଏକଥା ମହିଳା ଦୋକାନୀ କହିବାର ଅର୍ଥ ତାଙ୍କ ଦୋକାନରୁ ସିଗାରେଟ୍, ଗୁଟ୍‌ଖା ପ୍ରଭୃତି ଚଢାଉ କରୁଥିବା ଟିମ୍ ଜବତ କରିଛି ।

ଶୁକ୍ରବାର ଚଢାଉ ପୂର୍ବରୁ ଡ୍ରଗ୍ସ କଣ୍ଟ୍ରୋଲ-ଏସ୍‌ଟିଏଫ୍ ସହରର ବିଭିନ୍ନ ସ୍ଥାନରେ ଏହିପରି ଚଢାଉ କରି ଦୋକାନୀଙ୍କୁ ତାଗିଦ କରିବା ସହ ବହୁ ନିଶାଦ୍ରବ୍ୟ ଜବତ କରିଥିଲା । ଏପରିକି ଯେଉଁମାନେ ଗଞ୍ଜେଇ ସିଗାରେଟ୍ ବିକ୍ରି କରୁଥିଲେ ସେମାନଙ୍କୁ କୋର୍ଟଚାଲାଣ ମଧ୍ୟ କରାଯାଇଛି । ବାରମ୍ବାର ମିଳିତ ଚଢାଉ ହେବା ଫଳରେ ଶିକ୍ଷାନୁଷ୍ଠାନ ଓ ହସ୍ପିଟାଲ ପାଖରେ ଦୋକାନୀମାନେ ନିଶାଦ୍ରବ୍ୟ ରଖିବେ ନାହିଁବୋଲି ଡ୍ରଗ୍ସ କଣ୍ଟ୍ରୋଲ ଓ ଏସ୍‌ଟିଏଫ୍ ଚିନ୍ତା କରୁଛନ୍ତି । ବିଶେଷଜ୍ଞଙ୍କ କହିବାନୁଯାୟୀ ସହରରେ ଯଦି ବାରମ୍ବାର ମାସ୍ ଚଢାଉ କରାଯିବ ହୁଏତ ନିଶା କାରବାର କମିଯାଇ ପାରେ । ସିଗାରେଟ୍ ଓ ଗୁଟ୍‌ଖା ପ୍ରଭୃତି ଜବତ ହେବା ଦ୍ୱାରା ଦୋକାନୀମାନେ କ୍ଷୁବ୍ଧ ହେଉଛନ୍ତି । ଏସ୍‌ଟିଏଫ୍‌ଙ୍କ ଜଣେ ଅଫିସରଙ୍କ କହିବାନୁଯାୟ ଶିକ୍ଷାନୁଷ୍ଠାନ ଓ ହସ୍ପିଟାଲ ପାଖରେ ଏସବୁ ନିଶାଦ୍ରବ୍ୟ ବିକ୍ରି କରାଗଲେ ଚଢାଉ ନିଶ୍ଚିତ ହେବ ।

# ବଳାତ୍କାରୀକୁ ୨୦ବର୍ଷ ଜେଲ୍

ଭୁବନେଶ୍ୱର, (ସବ୍ୟୁ) : ଜଣେ ନାବାଳିକା ବଳାତ୍କାରୀକୁ ପେକ୍‌ସୋ ଆଇନର ଧାରା - ୬ ଅନୁସାରେ ୨୦ବର୍ଷ ସଶସ୍ତ୍ର ଜେଲ୍ ଦଣ୍ଡାଦେଶ ଦେଇଛନ୍ତି ମାନ୍ୟବର ଅଦାଲତ । ଏଥିସହ ୫ ହଜାର ଟଙ୍କା ଜରିମାନା ଆଦେଶ ହୋଇଛି । ଜରିମାନା ଅନାଦେୟ ହେଲେ ଅଧିକ ୩ ମାସ ଜେଲ୍‌ଦଣ୍ଡ ଭୋଗିବାକୁ ପଡିବ ବୋଲି ରାୟରେ ଅଦାଲତ କହିଛନ୍ତି । ୧୫ଜଣ ସାକ୍ଷୀ ଓ ୫୭ଟି ଦସ୍ତାବିଜ୍‌କୁ ଆଧାର କରି ଆସାମୀ ସୋନିଆ ଓରଫ ସାହାଜାନ ଖାଁକୁ ଏହି ଦଣ୍ଡାଦେଶ ଶୁଣାଇଛନ୍ତି ।

ପୀଡିତା ନାବାଳିକା ପରିବାର ସହ ବାଲିପାଟଣା ଥାନା ଅଞ୍ଚଳରେ ରୁହନ୍ତି । ଆସାମୀ ସନିଆ ସହିତ ତାଙ୍କର ପରିଚୟ ହେବା ପରେ ଭଲ ବନ୍ଧୁତା ହୋଇଥିଲା । ସମ୍ପର୍କ ନିବିଡ ହେବାରୁ ଅଭିଯୁକ୍ତ ତାଙ୍କୁ ବିବାହ କରିବା ପାଇଁ ପ୍ରସ୍ତାବ ଦେଇଥିଲେ । ପୀଡିତା ଅଭିଯୁକ୍ତଙ୍କ ପ୍ରସ୍ତାବରେ ପ୍ରଥମେ ରାଜି ହୋଇନଥିଲେ । କିନ୍ତୁ ପରେ କୌଶଳ କ୍ରମେ ପୀଡିତାଙ୍କୁ ଅଭିଯୁକ୍ତ ବିବାହ ପ୍ରସ୍ତାବ ରାଜି କରାଇବାରେ ସକ୍ଷମ ହୋଇଥିଲା । ବିବାହ ପ୍ରତିଶ୍ରୁତିରେ ପୀଡିତାଙ୍କ ସହ ଏକାଧିକ ବାର ଅନୈତିକ ସମ୍ପର୍କ ରଖିଥିଲା ଅଭିଯୁକ୍ତ । ଯାହା ଫଳରେ ପୀଡିତା ଗର୍ଭବତୀ ହୋଇଯାଇଥିଲେ । ସେ ୨ ମାସର ଗର୍ଭବତୀ ଥିବା ଜାଣିବା ପରେ ଅଭିଯୁକ୍ତଙ୍କୁ କହିଥିଲେ । ଏହା ଜାଣିବା ପରେ ଅଭିଯୁକ୍ତ ଶନିଆ ତାଙ୍କୁ ଖରାପ ଭାଷାରେ ଗାଳିଗୁଲଜ କରିବା ସହ ଜୀବନରୁ ମାରିଦେବାର ଧମକ ଦେଇଥିଲା । ବିବାହ କରିବ ନାହିଁ ବୋଲି ରୋକ୍‌ଠୋକ୍ ମନା କରିଦେଇଥିଲା । ଏଥିରେ ମର୍ମାହତ ହୋଇ ପୀଡିତା ପରିବାର ସଦସ୍ୟଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ । ଝିଅ ନିକଟରୁ ସମସ୍ତ ଘଟଣା ଶୁଣିବା ପରେ ପରିବାର ସଦସ୍ୟଙ୍କ ଅନୁରୋଧ କ୍ରମେ ସ୍ଥାନୀୟ କିଛି ଭଦ୍ରବ୍ୟକ୍ତି ଅଭିଯୁକ୍ତ ଏବଂ ତାଙ୍କର ବାପାଙ୍କୁ ଡାକି ସମସ୍ୟାର ଆପୋଷ ବୁଝାମଣା ଲାଗି ଚେଷ୍ଟା କରିଥିଲେ । କିନ୍ତୁ ଅଭିଯୁକ୍ତଙ୍କ ବାପା ଆପୋଷ ସମାଧାନ ଲାଗି ଗୋଟିଏ ଦିନ ସମୟ ଦେଇଥିଲେ ମଧ୍ୟ ପରେ ଆଉ ଧରାଛୁଆଁ ଦେଇନଥିଲେ ।

ଉପାୟଶୂନ୍ୟ ହୋଇ ପୀଡିତା ଶେଷରେ ବାଲିପାଟଣା ଥାନାରେ ଏତଲା କରିଥିଲେ । ଏତଲା ଆଧାରରେ ପୋଲିସ ଶନିଆ ଓରଫ ସାହାଜାନ ଖାଁକୁ ଗିରଫ କରିଥିଲା । ଗିରଫ ପରେ ନିର୍ଦ୍ଧାରିତ ସମୟ ମଧ୍ୟରେ ଚାର୍ଜସିଟ୍ ଦାଖଲ କରିଥିଲା ପୋଲିସ । ଚାର୍ଜସିଟ୍ ଓ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ଶନିଆକୁ ୨୦ବର୍ଷ ଜେଲ୍ ଦଣ୍ଡାଦେଶ ଦେଇଛନ୍ତି ମାନ୍ୟବର ଅଦାଲତ । କ୍ଷତିପୂରଣ ଯୋଜନା ଅନୁଯାୟୀ ୪ ଲକ୍ଷ ପୀଡିତାଙ୍କୁ ଦେବା ପାଇଁ ଆଇନସେବା ପ୍ରାଧିକରଣକୁ ନିଶେଷ ହୋଇଛି ।

## ନବବଧୂଙ୍କ ମୃତ୍ୟୁ ସ୍ୱାମୀ ଅଟକ

କୁଆଁପାଳ:(ସବ୍ୟୁ) ମାହାଙ୍ଗା ବ୍ଲକ ଭଦ୍ରେଶ୍ୱର ଥାନା ଅଧିନ ହଳଦିଆ ଗ୍ରାମରେ ଏକ ନବବଧୂର ସନ୍ଦେହଜନକ ମୃତ୍ୟୁ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ସୂଚନା ମୁତାବକ ହଳଦିଆ ଗ୍ରାମର ଧରଣୀଧର କାଣ୍ଡିଙ୍କ ପୁଅ ସୁବାଷ କାଣ୍ଡି କେନ୍ଦ୍ରାପଡା ଜିଲ୍ଲା ମହାକାଳପଡା ଅଂଚଳର ଅନିରୁଦ୍ଧ ଦାସଙ୍କ ଝିଅ ମଧୁସ୍ମିତା ଦାସ(୨୭)ଙ୍କୁ ଗତ ୬ ମାସ ତଳେ ପ୍ରେମ ବିବାହ କରିଥିଲେ। ପାରିବାରିକ ଅଶାନ୍ତି ଯୋଗୁ ମଧୁସ୍ମିତା
ଗତକାଲି ରାତିରେ ଏକ ଗାମୁଛାକୁ ବେକରେ ଗୁଡାଇ ଘରର ଏକ ବାଉଁଶରେ ଓହଳି ପଡିଥିଲେ। ଯାହା ଫଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଏ ନେଇ ପୁଅର ବାପା ଧରଣୀଧର ମଧୁସ୍ମିତାଙ୍କ ବାପା ଅନିରୁଦ୍ଧଙ୍କୁ ଝିଅ ଆତ୍ମହତ୍ୟା କରିଥିବା ସଂପର୍କରେ ଜଣାଇଥିଲେ। ମଧୁସ୍ମିତାର ବାପା ଓ ଭାଇ ହଳଦିଆରେ ପହଂଚି ଘଟଣା ସଂପର୍କରେ ଜାଣିବା ପରେ ଭଦ୍ରେଶ୍ୱର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ଭଦ୍ରେଶ୍ୱର ପୋଲିସ ବିଜ୍ଞାନୀ ଦଳ ସହ ସଦଳବଳେ ଘଟଣାସ୍ଥଳରେ ପହଂଚି ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କଟକ ପଠାଇଥିବାବେଳେ ଥାନା କେସ ନଂ ୧୪୭/୨୫ରେ ଏକ ମାମଲା ରୁଜୁ କରି ମଧୁସ୍ମିତାଙ୍କ ସ୍ୱାମୀ ସୁବାଷଙ୍କୁ ଅଟକ ରଖି ଅନୁସନ୍ଧାନ ଚଳାଇଥିବା ଥାନା ସୂତ୍ରରୁ ପ୍ରକାଶ।

# କଂଗ୍ରେସ ନେତୃବୃନ୍ଦଙ୍କର ସିଏମ୍‌ସି ୪ ନମ୍ବର ୱାର୍ଡ ଅଞ୍ଚଳ ପରିଦର୍ଶନ



କଟକ (ସବ୍ୟୁ)ଆଜି ପୂର୍ବାହ୍ନରେ ବରିଷ୍ଠ କଂଗ୍ରେସ ନେତା ଇଂ ମହମ୍ମଦ ମୋକିମଙ୍କ ନେତୃତ୍ୱରେ ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦୋଷ, ପୂର୍ବତନ ମେୟର ପ୍ରାର୍ଥିନୀ ଗିରିବାଳା ବେହେରା ଓ ବରିଷ୍ଠ କଂଗ୍ରେସ ନେତୃବୃନ୍ଦ କଟକ ମହାନଗର ନିଗମ ୪ ନମ୍ବର ୱାର୍ଡ ଅନ୍ତର୍ଗତ ସେକ୍ଟର-୮, ସେକ୍ଟର-୯, ବ୍ଲାଙ୍କ କଲୋନୀ, ସେକ୍ଟର-୯ ବେଲେଶ୍ୱର ମନ୍ଦିର, ମଙ୍ଗଳା ମନ୍ଦିର, ଶିବ ମନ୍ଦିର ଆଦି ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିଥିଲେ । ସ୍ଥାନୀୟ ମୁରବୀ, ବରିଷ୍ଠ ନାଗରିକ, ଯୁବକ ଓ ମହିଳାମାନଙ୍କ ସହିତ ୱାର୍ଡର ବିଭିନ୍ନ ସମସ୍ୟା ସଂପର୍କରେ ଆଲୋଚନା କରିଥିଲେ । ୱାର୍ଡ ଅଞ୍ଚଳର ବିଭିନ୍ନ ରାସ୍ତାଘାଟ, ସ୍ୱରେଜ, ପାର୍କ ଆଦି ବୁଲି ଦେଖିଥିଲେ ୱାର୍ଡ ଅଞ୍ଚଳରେ ହୋଇଥିବା ବିଧାୟକ ଉନ୍ନୟନ ପାଣ୍ଠିରୁ ସମସ୍ତ କାର୍ଯ୍ୟ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା ଏବଂ ଅସଂପୂର୍ଣ୍ଣ କମ ଗୁଡିକୁ ତୁରନ୍ତ ଶେଷ କରାଯିବ ବୋଲି ବିଧାୟିକା କହିଥିଲେ । ୱାର୍ଡର ବରିଷ୍ଠ କଂଗ୍ରେସ ନେତୃବୃନ୍ଦମାନେ ୱାର୍ଡର ସଂଗଠନ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ । ୱାର୍ଡ ଅଞ୍ଚଳରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କଂଗ୍ରେସ ନେତା ନିତ୍ୟାନନ୍ଦ ରାଉତରାୟ, ବିଚିତ୍ରାନନ୍ଦ ପ୍ରଧାନ, ରମେଶ ବେହେରା, ନିତ୍ୟାନନ୍ଦ ବେଉରିଆ, ଯଦୁନାଥ ବିଶ୍ୱାଳ, ଜ୍ୟୋତି ମହାପାତ୍ର, ରବି ମିଶ୍ର, ହରିବନ୍ଧୁ ମହାନ୍ତି, ମୌସୁମୀ ଘୋଷ, ସ୍ମିତା ଦାସ, ପ୍ରଦୀପ୍ତ କୁମାର ଦାସ, ରାମଚନ୍ଦ୍ର ବେହେରା, ଅଶୋକ ଚୌଧୁରୀ, ବାମଦେବ ଦାସ, ପ୍ରଫୁଲ୍ଲ ଲେଙ୍କା, ବିଜୟ କୁମାର ଓଝା, ପ୍ରତାପ ଜେନା, ଜିତେନ୍ଦ୍ର ନାୟକ, ଭାସ୍କର ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## ଝାରପଡା ଗାଁ ନିକଟରେ ଭାସୁଛି ମଣିଷଖିଆ କୁମ୍ଭୀର

ରାଜନଗର (ସ୍ବ୍ୟୁ)ଚଳିତ ମାସ ୨୫ ତାରିଖ ଦିନ ରାଜନଗର ବ୍ଲକ ହାତିନା ପଞ୍ଚାୟତ ଅନ୍ତର୍ଗତ ପେ= ଗ୍ରାମର ରବୀନ୍ଦ୍ର ମହାନ୍ତିଙ୍କ ପୋଖରୀରୁ ୮ ଫୁଟ ୨ଇଞ୍ଚର ଏକ ଅଣ୍ଡିରା କୁମ୍ଭୀର ଉଦ୍ଧାର କରାଯାଇଥିଲା। ଗତ ଦୁଇ ଦିନ ହେଲା ଝାରପଡା ଗାଁ ନିକଟରେ ୨୦ ଫୁଟ ଲମ୍ବର ମଣିଷଖିଆ କୁମ୍ଭୀର ଭାସୁଥିବା ଦେଖିବାକୁ ମିଳିଛି। ଗତ ୨ ବର୍ଷ ତଳେ କୁମ୍ଭୀର ଭାସୁଥିବା ସ୍ଥାନ ଠାରୁ ୨୦୦ ମିଟର ଦୂରରେ ମହିଳାଙ୍କୁ ତାଙ୍କୁ ନିଜ ପୋଖରୀ କୂଳରୁ ଟାଣି ନେଇ ମାରିଦେଇଥିଲା। ଏବେ ଗାଁ ନିକଟରେ ସେହି କୁମ୍ଭୀର ଭାସୁଥିବାରୁ ଲୋକେ ଭୟଭିତ ହୋଇପଡିଛନ୍ତି। ସ୍ଥାନୀୟ ଲୋକେ କୁମ୍ଭୀରକୁ ଉଧାର କରି ଅନ୍ୟତ୍ର ଛାଡିବାକୁ ବନବିଭାଗକୁ ଜଣାଇଛନ୍ତି। ଗାଁ ନିକଟରେ ଥିବା ନାଳରେ ବିରାଟ କୁମ୍ଭୀର ଭାସିବା ଓ ସେହି କୁମ୍ଭୀର ପୂର୍ବରୁ ମଣିଷଖାଇଥିବାରୁ ପୁଣି ଆକ୍ରମଣ କରିବା ନେଇ ଲୋକଙ୍କ ମଧ୍ୟରେ ଆଶଙ୍କା ଓ ଭୟ ସୃଷ୍ଟି ହୋଇଛି। ସୂଚନାଯୋଗ୍ୟ ଯେ ରାଜନଗର ବ୍ଲକର ସମସ୍ତ ନଦୀ ନାଳରେ ଏବେ କୁମ୍ଭୀର ଆତଙ୍କ ସୃଷ୍ଟି ହୋଇଛି ଗତ ଏକ ବର୍ଷ ଭିତରେ ବିଭିନ୍ନ ଗାଁରୁ ପ୍ରାୟ ୨୦ ଟି କୁମ୍ଭୀର ଉଦ୍ଧାର ଓ ତିନି ମାସ ଭିତରେ ଏଣ୍ଡୁଲାପୁର, ଅନ୍ୟାନ୍ୟ ଗାଁ ମାନଙ୍କରୁ ଏକାଧିକ କୁମ୍ଭୀର କୁ ଉଦ୍ଧାର କରାଯାଇ ବିଭିନ୍ନ କେନାଲ ଓ ନଦୀରେ ଛଡାଯାଇଥିବା ସୂଚନା ମିଳିଛି।

## ପାରାଦୀପରେ ପ୍ରଧାନମନ୍ତ୍ରୀଙ୍କ ଉପଦେଷ୍ଟା ତରୁଣ କାପୁର

ପାରାଦୀପ ,( ଜି. ପ୍ର ): ପାରାଦୀପରେ ପହଞ୍ଚିଛନ୍ତି ପ୍ରଧାନମନ୍ତ୍ରୀଙ୍କ ଉପଦେଷ୍ଟା ଆଇଏଏସ ତରୁଣ କାପୁର। ଆଜି ସନ୍ଧ୍ୟାରେ ସେ ପାରାଦୀପ ରିଫାଇନାରୀରେ ପହଂଚି ରାତ୍ରି ଯାପନ କରିଥିବା ବେଳେ ଆସନ୍ତାକାଲି ଅର୍ଥାତ ଶନିବାର ସକାଳ ଦଶ ଘଟିପାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଯୋଗ ଦେବେ। ଏହି ବୈଠକକୁ ପାରାଦୀପର ସମସ୍ତ ଶିଳ୍ପ ସଂସ୍ଥା, ଜାତୀୟ ରାଜପଥ ପ୍ରାଧିକରଣ, ବନ୍ଦର ପ୍ରାଧିକରଣ ସହ ଅନେକ ଗୁରୁତ୍ୱପୂର୍ଣ୍ଣ ବିଭାଗକୁ ଡକାଯାଇଛି। ଏହାପରେ ଶ୍ରୀ କାପୁର ଲୁମିନଗଡ଼ ରିଫାଇନାରୀ ସହ ପ୍ଲାଷ୍ଟିକ ପାର୍କ ଏବଂ ବନ୍ଦର ବୁଲିବାର କାର୍ଯ୍ୟକ୍ରମ ରହିଛି। ତାଙ୍କର ଏହି ଦୁଇଦିନିଆ ଗ୍ରସ୍ତ ଯୋଗୁ ଏବେ ପ୍ରସାଶନିକ କଳ ମଧ୍ୟରେ ବେଶ ତତ୍ପରତା ଦେଖିବାକୁ ମିଳିଛି। ପାରାଦୀପ ଓ ବିଭିନ୍ନ ଶିଳ୍ପର ନିରାପତ୍ତା, ଗୁଣବତ୍ତା ଏବଂ କାର୍ଯ୍ୟକ୍ଷମତା ସହ ବିଭିନ୍ନ ରିଭ୍ୟୁ କାର୍ଯ୍ୟକ୍ରମ କରି ସେ ପୁଣି ସନ୍ଧ୍ୟାରେ ଫେରିବାର କାର୍ଯ୍ୟକ୍ରମ ରହିଛି।

## ପରିବେଶ ଦୂଷିତ କରୁଛି କୁକୁଡ଼ା ଫାର୍ମ : ଜନଜୀବନ ଅସ୍ତବ୍ୟସ୍ତ

ଭାପୁର ,(ସବ୍ୟୁ): ୪୮ ନମ୍ବର ରାଜ୍ୟ ରାଜପଥ ର ଫତେଗଡ ଗ୍ରାମ ଠାରୁ ମାରଡ଼ା ଗ୍ରାମ ଛକ ଦକ୍ଷିଣ ପାଶ୍ୱର୍ ଗୋହିରିଆପଡ଼ା ଗ୍ରାମ ନିକଟରେ ରହିଛି ଏକ କୁକୁଡ଼ା ଫାର୍ମ । ଏହି ଫାର୍ମ ନିକଟରେ ବାସ କରୁଥିବା ଜନବସତି ଦୁର୍ଗନ୍ଧରେ ରହି ପାରୁନଥିବା ଯୋଗୁଁ ବିହିତ ପ୍ରତିକାର ପାଇଁ ଗ୍ରାମବାସୀ କେନ୍ଦ୍ରାଞ୍ଚଳ ପ୍ରଦୂଷଣ ବୋର୍ଡ, ବରହମପୁର,ଜିଲ୍ଲାପାଳ ଓ ଉପ ଜିଲ୍ଲାପାଳ ନୟାଗଡ,ନୟାଗଡ ଆରକ୍ଷୀ ଅଧିକ୍ଷକ, ନୟାଗଡ ମୁଖ୍ୟ ଚିକିତ୍ସା ଅଧିକାରୀ ଏବଂ ଫତେଗଡ ଥାନା ଅଧିକାରୀଙ୍କୁ ଲିଖିତ ଭାବରେ ଅଭିଯୋଗ କରିଛନ୍ତି ।ଅଭିଯୋଗ ଅନୁଯାୟୀ, ଏହି ଫାର୍ମ ଜନ ବସତି ନିକଟରେ ଅବସ୍ଥିତ ହୋଇଥିବାରୁ ବିଷାକ୍ତ ଦୁର୍ଗନ୍ଧ ଗ୍ୟାସରେ ବିଭିନ୍ନ ଦୁର ।ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁ ବରଣ କରୁଛନ୍ତି । ଏହି ଫାର୍ମରୁ ନିର୍ଗତ ଆବର୍ଜନା ପାଣି ନିକଟରେ ଅବସ୍ଥିତ ପୋଖରୀରେ ମିଶିବାରୁ ବ୍ୟବହାର ଫଳରେ ଚର୍ମ ଜନିତ ରୋଗରେ ଆକ୍ରାନ୍ତ ହେଉଥିବା ଅଭିଯୋଗ ହୋଇଛି ।

## ମହାପ୍ରଭୁଙ୍କ ଦର୍ଶନ କଲେ ନୂତନ କେନ୍ଦ୍ରାଞ୍ଚଳ ଡିଆଇଜି ସତ୍ୟଜିତ୍ ନାୟକ

ପୁରୀ (ସବ୍ୟୁ): ଶୁକ୍ରବାର ସକାଳେ ନୂତନ କେନ୍ଦ୍ରାଞ୍ଚଳ ଡିଆଇଜି ପୁରୀ ଆସି ଶ୍ରୀମନ୍ଦିରରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଦର୍ଶନ କରିଛନ୍ତି । ନୂତନ ଭାବେ ଦାୟିତ୍ୱ ନେବାପରେ ସିଂ ତାଙ୍କୁ ପୁଷ୍ପ ଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ କରି ଥିଲେ। ସେଠାରୁ ଏସପି ଓ ଅନ୍ୟ ପୋଲିସ ଅଧିକାରୀମାନେ ଡିଆଇଜି ଶ୍ରୀ ନାୟକଙ୍କୁ ସିଂହ ଦ୍ୱାର ନିକଟକୁ ପାଛୋଟି ଆଣି ଥିଲେ। ଓ ପରିଚାଳନା କମିଟି ସହ ଆଲୋଚନା କରାଯାଇଛି ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯିବ । ଶ୍ରୀ ମନ୍ଦିରକୁ ଆସୁଥିବା ଭକ୍ତ ଓ ଶ୍ରୀ ମନ୍ଦିର ସୁରକ୍ଷା ପୋଲିସ ପ୍ରଶାସନ



ଶ୍ରୀ ମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରି ଆଶିଷ ଲାଭ କରି ଛନ୍ତି। ଏଥି ସହ ଶ୍ରୀ ମନ୍ଦିର ଭିତର ଏବଂ ବାହାର ସୁରକ୍ଷା ବ୍ୟବସ୍ଥାକୁ ସମୀକ୍ଷା କରିଛନ୍ତି କ୍ଷ ଶ୍ରୀ ନାୟକ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଆସି ସିଂହଦ୍ୱାର ପୋଲିସ କଣ୍ଟ୍ରୋଲ ରୁମ୍ ନିକଟରେ ପହଞ୍ଚି ଥିଲେ। ସେଠାରେ ଜିଲ୍ଲା ଏସପି ପ୍ରତୀକ ସେଠାରେ ଶ୍ରୀ ମନ୍ଦିର ପ୍ରଶାସନ ଓ ପୋଲିସ ପ୍ରଶାସନ ପକ୍ଷରୁ ନୂତନ ଡିଆଇଜି ଶ୍ରୀ ନାୟକଙ୍କୁ ସ୍ୱାଗତ କରା ଯାଇ ଥିଲା ।ମହାପ୍ରଭୁଙ୍କ ଆଶ୍ରିବାଦରୁ ସେବା କରିବାର ସୁଯୋଗ ମିଳିଛି ମହାପ୍ରଭୁଙ୍କ ନିକଟରେ ମୁଁ ଚିର ଉପକୃତ ରହିବି । ଶ୍ରୀ ସୁରକ୍ଷା ନେଇ ବୁଦ୍ଧିଜୀବି, ସହରବାସି, ସେବାୟତ ଲାଗି ବଡ଼ ଚାଲେଞ୍ଜ । ଶ୍ରୀ ମନ୍ଦିର ଭିତର କ୍ୟାମେରା ବ୍ୟବହାର ଉପରେ କଡାକଡି କରାଯିବ ସୁରକ୍ଷା ବ୍ୟବସ୍ଥା । ସହର କ୍ରାଇମ କଣ୍ଟ୍ରୋଲ ଲାଗି ପୋଲିସ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ନିଆଯିବ ବୋଲି କହିଛନ୍ତି ନୂତନ କେନ୍ଦ୍ରାଞ୍ଚଳ ଡିଆଇଜି ସତ୍ୟଜିତ ନାୟକ ।

# ଶ୍ରୀମନ୍ଦିରରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଦର୍ଶନ କଲେ ଲୋକସଭା ବାଚସ୍ପତି ଓମ୍ ପ୍ରକାଶ ବିର୍ଲା

ପୁରୀ (ସବ୍ୟୁ): ଶୁକ୍ରବାର ପୂର୍ବାହ୍ନରେ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଲୋକସଭା ବାଚସ୍ପତି ଓମ୍ ପ୍ରକାଶ ବିର୍ଲା ସପତ୍ନିକ ପୁରୀ ଗସ୍ତରେ ଆସି ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଛନ୍ତି। ସେ ପ୍ରଥମେ ସ୍ୱତନ୍ତ୍ର ସର୍କିଟ ହାଉସକୁ ଯାଇଥିଲେ। ସେଠାରେ କିଛି ସମୟ ରହି ସିଂହଦ୍ୱାର ନିକଟକୁ ଆସିଥିଲେ। ଶ୍ରୀ ବିର୍ଲା ଶ୍ରୀମନ୍ଦିର ସିଂହଦ୍ୱାର ନିକଟରେ ପହଞ୍ଚିବା ପରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡଃ ଅରବିନ୍ଦ ପାଢୀ ,ଜିଲ୍ଲାପାଳ ଓ ଏସପି ତାଙ୍କୁ ସ୍ୱାଗତ କରିଥିଲେ। ପ୍ରଥମେ ଅରୁଣ ସ୍ତମ୍ଭ ନିକଟରେ ପ୍ରଣିପାତ କରି ପରେ ପରିବାର ସଦସ୍ୟଙ୍କ ସହ ଶ୍ରୀମନ୍ଦିର ଯାଇ ପ୍ରଥମେ କାଶୀ ବିଶ୍ୱନାଥଙ୍କୁ ଦର୍ଶନ କରି ଥିଲେ ।ପରେ ମନ୍ଦିର ଗମ୍ଭୀରାକୁ ଯାଇ ରତ୍ନସିଂହାସନରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଦର୍ଶନ କରିଥିଲେ । ଏହା ପରେ ସେ ମା ମଙ୍ଗଳା, ବିମଳା ଓ ମା ମହାଲକ୍ଷ୍ମୀଙ୍କୁ ଦର୍ଶନ କରିଥିଲେ ।ମହାପ୍ରଭୁଙ୍କ ଦର୍ଶନ କରି ସେ ବେଶ୍ ଖୁସି ଓ ଆନନ୍ଦିତ ଥିବା କହିଛନ୍ତି ।ସମଗ୍ର ଦେଶର ମଙ୍ଗଳ କାମନା କରି ସେ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି। ତାଙ୍କ ସହ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ, ମନ୍ତ୍ରୀ ରବି ନାରାୟଣ ନାୟକ, ରାଜ୍ୟ ସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ ଉପସ୍ଥିତ ଓ ଅନ୍ୟ ମନ୍ତ୍ରୀମାନେ ଉପସ୍ଥିତ ଥିଲେ।



### ଏସ୍‌ସି, ଏସ୍‌ଟି କଲ୍ୟାଣ କମିଟି ଅଧ୍ୟକ୍ଷଙ୍କ ଜାତୀୟ ସମ୍ମିଳନୀ

# ଜନଜାତିଙ୍କୁ ଗୁଣାତ୍ମକ ଶିକ୍ଷା ଦେବା ସହ ସର୍ବସ୍ପର୍ଶୀ ସମାଜ ଗଠନ କରିବା ଆମ ପ୍ରତିବଦ୍ଧତା : ଧର୍ମେନ୍ଦ୍ର

ଭୁବନେଶ୍ୱର, (ସବ୍ୟୁ): ଜାତୀୟ ଶିକ୍ଷା ନୀତି - ୨୦୨୦' ସାମାଜିକ ନ୍ୟାୟ ଦିଗରେ କାର୍ଯ୍ୟ କରିବା ସହିତ ଜନଜାତି ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରି ଏକ ସର୍ବବ୍ୟାପୀ ଓ ସର୍ବସ୍ପର୍ଶୀ ସମାଜ ଗଠନ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶୁକ୍ରବାର ଭୁବନେଶ୍ୱରର ଲୋକସେବା ଭବନର ସମ୍ମେଳନ କେନ୍ଦ୍ରରେ ଆୟୋଜିତ ଅନୁସୂଚିତ ଜାତି(ଏସସି) ଓ ଅନୁସୂଚିତ ଜନଜାତି(ଏସଟି) କଲ୍ୟାଣ ପାଇଁ ସଂସଦ ଏବଂ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳ ବିଧାନସଭା କମିଟିର ଅଧ୍ୟକ୍ଷଙ୍କ ଜାତୀୟ ସମ୍ମିଳନୀର ଉଦଘାଟନୀ ସମାରୋହରେ ଯୋଗଦେଇ ଶ୍ରୀ ପ୍ରଧାନ ଏହା କହିଛନ୍ତି । ଏସସି ଓ ଏସଟି, ବିକାଶ ଏବଂ ସଶକ୍ତୀକରଣରେ ସଂସଦୀୟ ଏବଂ ବିଧାନସଭା କମିଟିର ଭୂମିକା ବିଷୟବସ୍ତୁ ଉପରେ ଶ୍ରୀ ପ୍ରଧାନ ମତପ୍ରକାଶ କରିଥିଲେ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଭୂମିରେ ସାମାଜିକ ନ୍ୟାୟର ସମସ୍ତ ସଦସ୍ୟଙ୍କୁ ସ୍ୱାଗତ



କରିବା ସହ ସମାନତା, ସମ୍ମାନ ଏବଂ ନ୍ୟାୟର ଭାବନାରେ ପ୍ରେରିତ ଏହି ପଦକ୍ଷେପ ପାଇଁ ଲୋକସଭା ଅଧ୍ୟକ୍ଷଙ୍କୁ ଧନ୍ୟବାଦ ଜଣାଇଛନ୍ତି । ସେ କହିଛନ୍ତି, ଏହି ପ୍ରୟାସ କେବଳ ଅନୁସୂଚିତ ଜାତି ଏବଂ ଜନଜାତି ବର୍ଗର ସଶକ୍ତିକରଣର ଏକ ମାଧ୍ୟମ ନୁହେଁ ବରଂ ଗଣତାନ୍ତ୍ରିକ ବ୍ୟବସ୍ଥାକୁ ସମାଜର ଅନ୍ତିମ ସୋପାନ ପର୍ଯ୍ୟନ୍ତ ପହଞ୍ଚାଇବାରେ ଐତିହାସିକ ପଦକ୍ଷେପ ।

ଶ୍ରୀ ଆହୁରି ପ୍ରଧାନ କହିଛନ୍ତି ଯେ ଭାରତର ସ୍ୱାଧୀନତା ସଂଗ୍ରାମ ଏବଂ ବଞ୍ଚିତଙ୍କ ଅଧିକାରକୁ ସୁରକ୍ଷା ଦେବାରେ ଓଡ଼ିଶା ମାଟିର ବୀର ସୁରେନ୍ଦ୍ର ସାଏ, ଲକ୍ଷ୍ମଣ ନାୟକ ଓ ନିର୍ମଳ ମୁଣ୍ଡାଙ୍କ ପରି ବୀର ଯୋଦ୍ଧାମାନେ ଅତୁଳନୀୟ ଅବଦାନ ଦେଇଛନ୍ତି । ୧୯୯୯ ମସିହାରେ ଆମର ମାର୍ଗଦର୍ଶକ ଅଟଳଜୀଙ୍କ ସରକାରରେ ପ୍ରଥମ ଥର ପାଇଁ ଜନଜାତି ବ୍ୟାପାର ମନ୍ତ୍ରଣାଳୟ ଗଠନ କରାଯାଇଥିଲା । ଏହି ମନ୍ତ୍ରଣାଳୟ ଗଠନ ହେବା ପରେ ଓଡ଼ିଶାର ଜୁଏଲ ଓରାମ ଏହାର ଦାୟିତ୍ୱ ନେଇଥିଲେ । ଏହି ପଦକ୍ଷେପ ସାମାଜିକ ନ୍ୟାୟ ପ୍ରତି ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି । ଏସସି/ଏସଟିଙ୍କ କଲ୍ୟାଣ ସହ ବଞ୍ଚିତଙ୍କୁ ଅଗ୍ରାଧିକାର ଦେବା ହେଉଛି ମୋଦୀ ସରକାରଙ୍କ ପ୍ରାଥମିକତା । ଆଜି ଦେଶରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱରେ, ଦେଶରେ ଗରିବ ଏବଂ ବଞ୍ଚିତଙ୍କ କଲ୍ୟାଣ ପାଇଁ ସମର୍ପିତ ଏକ ସରକାର କାର୍ଯ୍ୟ କରୁଛି । ବଞ୍ଚିତଙ୍କ ସ୍ୱପ୍ନ ପୂରଣ କରିବା ସହିତ ୨୦୪୭ ସୁଦ୍ଧା 'ବିକଶିତ ଭାରତ' ସ୍ୱପ୍ନକୁ ସାକାର କରିବାର ଆମର ମୂଳ ଲକ୍ଷ୍ୟ ।

ଆମେ ୧୧୭ ଭାଷାରେ ପ୍ରାଇମର ବା ବର୍ଣ୍ଣମାଳା ପୁସ୍ତକ ପ୍ରସ୍ତୁତ କରିଛୁ, ଯେଉଁଥିରେ ୧୭ ପ୍ରାଇମର ଓଡ଼ିଶାର ଜନଜାତି ସମୁଦାୟ ଦ୍ୱାରା କୁହାଯାଉଥିବା ଭାଷା । ଶିକ୍ଷା କ୍ଷେତ୍ରରେ ଅନୁସୂଚିତ ଜାତିର ମହିଳାଙ୍କ ନାମଲେଖା ୫୧ ପ୍ରତିଶତ ବୃଦ୍ଧି ହୋଇଛି । ୨୦୧୯ ପର୍ଯ୍ୟନ୍ତ ଆସିଷ୍ଟାଣ୍ଟ ପ୍ରଫେସର ପଦବୀ ପୂରଣ ନ ହେଲେ ତାକୁ ଏକ ପ୍ରକ୍ରିୟା କରି ସାଧାରଣ ବର୍ଗରେ ପୂରଣ କରାଯାଉଥିଲା, କିନ୍ତୁ ମୋଦୀ ସରକାରରେ ଏସସି ଏସଟି ସେମାନଙ୍କର ଅଧିକାର ପାଉଛନ୍ତି । ସମାଜର ବଞ୍ଚିତ ଲୋକମାନେ ଆଗକୁ ଆସିଲେ ହିଁ ରାଜ୍ୟ ଓ ଦେଶ ବିକଶିତ ହୋଇପାରିବ ବୋଲି ଶ୍ରୀ ପ୍ରଧାନ ମତପ୍ରକାଶ କରିଥିଲେ ।




ଏସ୍‌ସି/ଏସ୍‌ଟି କଲ୍ୟାଣ କମିଟି ଅଧ୍ୟକ୍ଷଙ୍କ ଜାତୀୟ ସମ୍ମିଳନୀ ଅବସରରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଲୋକସଭା ବାଚସ୍ପତି ଓମ୍ ବିର୍ଲା, ରାଜ୍ୟପାଳ ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ରମନ୍ତ୍ରୀ ଓ ଅନ୍ୟାନ୍ୟ ବ୍ୟକ୍ତି ବିଶେଷ ।

# ବଜାଜ ପଲସରର ହାଟ୍ରିକ ଅଫର ଆପଣଙ୍କ ଉତ୍ସବକୁ ଦ୍ୱିଗୁଣିତ କରିବ

ଭୁବନେଶ୍ୱର, (ସବ୍ୟୁ): ବିଶ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦୁଇ ଚକିଆ ଏବଂ ତିନି ଚକିଆ କମ୍ପାନୀ ବଜାଜ ଅଟୋ ଲିମିଟେଡ ଆଜି ମହାରାଷ୍ଟ୍ର, ଗୁଜରାଟ, କର୍ଣ୍ଣାଟକ, ଆନ୍ଧ୍ର ପ୍ରଦେଶ, ତେଲେଙ୍ଗାନା, ଓଡ଼ିଶା, ପଶ୍ଚିମବଙ୍ଗ, ଉତର-ପୂର୍ବ ଭାରତ ଏବଂ ଉତର ପ୍ରଦେଶର ବଜାରରେ ଏହାର ହାଟ୍ରିକ ଅଫର ଚାଲୁ କରିବାକୁ ଘୋଷଣା କରିଛି । ସୀମିତ ଅବଧିର ଉତ୍ସବଭିତ୍ତିକ ଉଦ୍ୟୋଗ ଭାବରେ ଡିଜାଇନ କରାଯାଇଥିବା ଏହି ହାଟ୍ରିକ ଅଫର ରାଇଡରମାନଙ୍କୁ ପଲସର ରେଞ୍ଜରେ ସ୍ୱତନ୍ତ୍ର ମୂଲ୍ୟ, ନଗଦ ଲାଭ ଏବଂ ମୂଲ୍ୟଯୁକ୍ତ କରିବା ପରି ତିନୋଟି ବିଶେଷ ସୁବିଧା ପ୍ରଦାନ କରିବ । ଏହି ହାଟ୍ରିକ ଅଫର ଗ୍ରାହକମାନଙ୍କୁ ୧୦,୦୦୦/- ମୂଲ୍ୟର ଲାଭ ପ୍ରଦାନ କରିବ । ଏହାର ତିନୋଟି ଅଂଶ ରହିଛି – ପ୍ରଥମରେ ଏକ କ୍ୟାଶବ୍ୟାକ ଅଫର ମିଳିବ; ଦ୍ୱିତୀୟରେ ବୀମା କ୍ଷେତ୍ରରେ ସଞ୍ଚୟର ସୁଯୋଗ ପ୍ରଦାନ କରାଯିବ; ଏବଂ ତୃତୀୟରେ କୌଣସି ପ୍ରକ୍ରିୟାକରଣ ଶୁଳ୍କ ଲାଗୁ ହେବ ନାହିଁ ।

# ଖୋର୍ଦ୍ଧା ପୌର ପରିଷଦ ଆନୁକୂଲ୍ୟରେ ପ୍ରଥମ ପଥ ଉତ୍ସବ

ଖୋର୍ଦ୍ଧା, (ସବ୍ୟୁ): ଖୋର୍ଦ୍ଧା ପୌର ପରିଷଦ ଆନୁକୂଲ୍ୟରେ ନିଖିଳ ଭାରତ ସ୍ୱାୟତ ଶାସନ ଦିବସ -୨୦୨୫ ଓ ଜାତୀୟ କ୍ରୀଡା ଦିବସ ସମନ୍ୱିତ ଭାବେ ପାଳନ ଅବସରରେ ଖୋର୍ଦ୍ଧା ପ୍ରଥମ ପଥ ଉତ୍ସବ ସମବାୟ ବ୍ୟାଙ୍କ ଛକଠାରୁ ଷ୍ଟେଟ ବ୍ୟାଙ୍କ ଛକ ମଧ୍ୟରେ ପାଳିତ ହୋଇଛି । ଏହି ପଥ ଉତ୍ସବ ଉପଲକ୍ଷେ ଉପଜିଲ୍ଲାପାଳ କିଶୋର କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଏକ ସାଧାରଣ ସଭାରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ରୁପଶ୍ରୀରାଣୀ ଗୁମାସିଂହ ଯୋଗଦେଇ ଥିଲେ । ୟ ଖୋର୍ଦ୍ଧା ସହରର ଜନସାଧାରଣ ମାନେ ଶିକ୍ଷା, ସୂଚନା ଓ ମନୋରଞ୍ଜନର ଏକ ହର୍ଷୋଲ୍ଲାଷ ପରିବେଶରେ ସ୍ୱଚ୍ଛତା, ଆମ ସହର ଆମରାସ୍ତା, ସୁସ୍ଥ ଶରୀର ପାଇଁ ଯୋଗ, ଏବଂ ଝିଅ ମାନଙ୍କ ଆତ୍ମ ସୁରକ୍ଷା ପାଇଁ କରାଟେ ପ୍ରଦର୍ଶନ ଛାତ୍ର ଛାତ୍ରୀ ମାନଙ୍କୁ ଶିକ୍ଷସହ ଖେଲୋ ଇଣ୍ଡିଆ ଯୋଜନା ସହିତ ଯୋଡ଼ି ସମାଜକୁ ଏବଂ ରାଷ୍ଟ୍ରକୁ ଆଗକୁ ବଢ଼ିବାରେ ସହାୟକ ହେବ। ସମ୍ମାନିତ ଅତିଥି ଭାବେ ସାଂସଦ ପ୍ରତିନିଧି ଦିଲ୍ଲୀପ କୁମାର ହୋତା,ଖୋର୍ଦ୍ଧା ପୌର ପରିଷଦ ଅଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି, ଉପାଧ୍ୟକ୍ଷ ସୌର୍ଯ୍ୟ ରଞ୍ଜନ ମହାନ୍ତି, ଜିଲ୍ଲା କ୍ରୀଡ଼ା ଅଧିକାରୀ ଗୀତାଞ୍ଜଳି ପଣ୍ଡା ଯୋଗଦେଇଥିଲେ। ପ୍ରାରମ୍ଭରେ ଖୋର୍ଦ୍ଧା ପୌର ନିର୍ବାହୀ ଅଧିକାରୀ ରିଜିୱାନା କଅକବ ପଥ ଉତ୍ସବର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ତଥା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଡିଓ କ୍ଷୀରାବ୍ଧି ତନୟା ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ।

ପଥ ଉତ୍ସବ ସମାରୋହରେ ରଙ୍ଗୋଲି, ବାଲୁକା କଳା, ଜିଲ୍ଲା କ୍ରୀଡ଼ା ଅଧିକାରୀ ଗୀତାଞ୍ଜଳି ପଣ୍ଡାଙ୍କ



ପରିଚାଳନାରେ କରାଟେ ପ୍ରଦର୍ଶନୀ, ଯୁଡୋ ପ୍ରଦର୍ଶନୀ, ଏସ ଆର ଫିଟନେସ ଟିମ୍, ଖୋର୍ଦ୍ଧା ଜୁମ୍ବୋ ଏକ୍ସର୍ଷାଇଯ, କବିରାଜ ପ୍ରଧାନ ଏବଂ ଦଳ ପାଇକ ଆଖଡ଼ା, ମୂର୍ଚ୍ଛନା ଡାନ୍ସ ଏକାଡେମୀ, ଗୋଟିପୁଅ ନୃତ୍ୟ, ନୃତ୍ୟାଞ୍ଜଳି ଅନୁଷ୍ଠାନ ସମ୍ବଲପୁରୀ ନୃତ୍ୟ, ଡାନ୍ସ ଗ୍ରୁପ, ମା'ମଙ୍ଗଳା ପାଇକ ଆଖଡ଼ା ଦ୍ୱାରା ପାଇକ ନୃତ୍ୟ, ନୃତ୍ୟାୟନ କଳାକାରଙ୍କ ଦ୍ୱାରା ସମ୍ବଲପୁରୀ ନୃତ୍ୟ, ଗଣପତି ନୃତ୍ୟ, ଦେଶାତ୍ମବୋଧକ ନୃତ୍ୟ ସଙ୍ଗୀତ ଓ ମା ଚଇତାଳି ଘୋଡ଼ା ନାଚ ଅନୁଷ୍ଠାନ ପକ୍ଷରୁ ଚିତାକର୍ଷକ ମନୋରଞ୍ଜନ ଶିକ୍ଷଣୀୟ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

ଅନ୍ୟପକ୍ଷରେ ସଭାମଂଚ ଉପରେ ଉପସ୍ଥିତ କାଉନ୍ସିଲର ଏବଂ ପୌର ନିର୍ବାହୀ ଅଧିକାରୀଙ୍କ ମୁହାଁମୁହିଁ ହେବା ଘଟଣା ବେଶ ଆଲୋଚନା ର ବିଷୟବସ୍ତୁ ହୋଇଛି। ପ୍ରାରମ୍ଭରେ କାଉନ୍ସିଲରମାନଙ୍କୁ ଉତରୀ, ପୁଷ୍ପଗୁଚ୍ଛ ଓ ପାଣି ବୋତଲ ଦେଇ ସଭା ମଂଚରେ ସମ୍ମାନିତ କରିବା ଘଟଣାକୁ ନେଇ ସଭା ମଂଚ ଉପରେ ପୌରନିର୍ବାହିଅଧିକାରୀ ଓ କାଉନ୍ସିଲର ମୁହାଁମୁହିଁ ହୋଇଥିଲେ। ପରେ ଉପଜିଲ୍ଲାପାଳଙ୍କ ହସ୍ତକ୍ଷେପ ପରେ କାଉନ୍ସିଲରମାନଙ୍କ ପାଇଁ ଉତରୀ ଓ ପୁଷ୍ପଗୁଚ୍ଛ ମଗାଯାଇଥିଲେ ମଧ୍ୟ ସେମାନେ ଏହାକୁ ଗ୍ରହଣ କରିନଥିବା ଜଣାଯାଇଛି। ତେବେ ଉତରୀ, ପୁଷ୍ପଗୁଚ୍ଛ ଓ ପାଣି ବୋତଲ ର ଦାୟିତ୍ୱରେ ଥିବା କର୍ମଚାରୀଙ୍କ ଖାମଖିଆଲ ନିତୀ ଯୋଗୁ କାର୍ଯ୍ୟକ୍ରମ ଟି ସମ୍ପୂର୍ଣ୍ଣ ପାଣିଚିଆ ହୋଇଥିବା ଚର୍ଚ୍ଚା ହେଉଛି।

# ସେପ୍ଟେମ୍ବର ୧୨ରେ ମୁକ୍ତିଲାଭ କରିବ 'ଲହରୀ'

ଭୁବନେଶ୍ୱର (ସବ୍ୟୁ): କୋଲକାତା ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ ଓ ମେଲବୋର୍ଣ୍ଣ ଚଳଚ୍ଚିତ୍ର ମହୋତ୍ସବରେ ପ୍ରଦର୍ଶିତ ହୋଇ ପ୍ରଶଂସା ସାଉଁଟିବା ପରେ ଚଳଚ୍ଚିତ୍ର 'ଲହରୀ' ସେପ୍ଟେମ୍ବର ୧୨ ତାରିଖରେ ମୁକ୍ତିଲାଭ କରିବାକୁ ଯାଉଛି । ହୋଟେଲ ବରେଣ୍ୟାରେ ଆୟୋଜିତ ଏକ ବର୍ଣ୍ଣାଢ୍ୟ କାର୍ଯ୍ୟକ୍ରମରେ ଏହାର ଗୋଟିଏ ଗୀତ ଓ ଟିଜର ଉନ୍ମୋଚିତ ହେବା ସହ ମୁକ୍ତିଲାଭ ତାରିଖ ଘୋଷଣା ହୋଇଯାଇଛି । ଏହି ଅବସରରେ ପ୍ରଯୋଜିକା ଝିଲିକ ଭଟ୍ଟାଚାର୍ଯ୍ୟ, ଅଭିନେତା ଚୌଧୁରୀ ଜୟପ୍ରକାଶ ଦାସ, ଦୀପାନ୍ୱିତ ଦାସ ମହାପାତ୍ର, ହର ରଥ, ପ୍ରସେନଜିତ, ସ୍ୱସ୍ତିକ ଚୌଧୁରୀ, ସନ୍ଦୀପ ବଳ, ସ୍ମୃତି, ଅଭିନେତ୍ରୀ ଅଙ୍କିତା, କଣ୍ଠଶିଳ୍ପୀ ଗୌରବ ଆନନ୍ଦ, ନବ୍ୟା ଜାୟତି ପ୍ରମୁଖ ଯୋଗ ଦେଇଥିଲେ । ନିର୍ଦ୍ଦେଶକ ଅମର୍ତ୍ତ୍ୟ ଭଟ୍ଟାଚାର୍ଯ୍ୟ ଅନୁପସ୍ଥିତ ଥିବାରୁ ସମସ୍ତଙ୍କ ଉଦ୍ଦେଶ୍ୟରେ ଆମେରିକାରୁ ଏକ ଭିଡିଓ ବାର୍ତ୍ତା ପଠାଇ ଥିଲେ ।





ସାମାଜିକ ଜୀବନରେ ମୂଳ ତତ୍ତ୍ୱ ସହ ନିଜକୁ ଯୋଡି ରଖିବା ଓ ବାପ ପୁଅର ସମ୍ପର୍କ ଉପରେ ଆଧାରିତ ଏହାର କାହାଣୀ । ଏଥିରେ ହସର ଲହରୀ ଯେମିତି, ଲୁହର ଲହରୀ ବି ସେମିତି । ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ଓ ଜାତୀୟ ପୁରସ୍କାର ପ୍ରାପ୍ତ ନିର୍ଦ୍ଦେଶକ ଅମର୍ତ୍ତ୍ୟ ଭଟ୍ଟାଚାର୍ଯ୍ୟ ଏହାର ନିର୍ଦ୍ଦେଶନା ଦେଇଛନ୍ତି । ପ୍ରଯୋଜନା କରିଛନ୍ତି ଓଡ଼ିଶାର ଲୋକପ୍ରିୟ ଅଭିନେତ୍ରୀ ତଥା ସ୍ୱନାମଧନ୍ୟ ଯୁବ ନିର୍ମାତ୍ରୀ ଝିଲିକ ଭଟ୍ଟାଚାର୍ଯ୍ୟ । ବିଭିନ୍ନ ଭୂମିକାରେ ଚୌଧୁରୀ ଜୟପ୍ରକାଶ ଦାସ, ଚୌଧୁରୀ ବିକାଶ ଦାସ, ସ୍ମୃତି ମହଲା, ଦୀପାନ୍ୱିତ ଦାସ ମହାପାତ୍ର, ସୁଶାନ୍ତ ମିଶ୍ର, ହର ରଥ, ପ୍ରସେନଜିତ, ସ୍ୱସ୍ତିକ ଚୌଧୁରୀ, ଜେଇନବ ଡୋଇୟର ପ୍ରମୁଖ ଅଭିନୟ କରିଛନ୍ତି । ଏଥିରେ ସଙ୍ଗୀତ ଦେଇଛନ୍ତି କିଶଳୟ ରୟ। କଣ୍ଠଦାନ କରିଛନ୍ତି ଗୌରବ ଆନନ୍ଦ ଓ ନବ୍ୟା ଜାଇତି । ଶବ୍ଦସଜ୍ଜାରେ ଅଛନ୍ତି ଅଦୀପ ସିଂ ମାଣିକ । ଝିଲିକ ମୋସନ ପିକ୍ଚର୍ସ ନିବେଦିତ ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶନା ସହିତ କାହାଣୀ, ଗୀତ ରଚନା, ନୃତ୍ୟ ନିର୍ଦ୍ଦେଶନା ଓ ସମ୍ପାଦନାର ଗୁରୁ ଦାୟିତ୍ୱ ମଧ୍ୟ ଆମର୍ତ୍ତ୍ୟ ନିର୍ବାହ କରିଛନ୍ତି ।

## କାକଟପୁରକୁ ଏନଏସି ମାନ୍ୟତା ଦାବିରେ ସାଂସଦଙ୍କୁ ଦାବିପତ୍ର

କାକଟପୁର,(ସବ୍ୟୁ): କାକଟପୁରକୁ ଏନଏସି ମାନ୍ୟତା ଦାବୀ କରି ବିଭିନ୍ନ ସଂଗଠନ ପକ୍ଷରୁ ଦିନକୁ ଦିନ ଆନ୍ଦୋଳନ ତୀବ୍ର ହେବାରେ ଲାଗିଛି । ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ ନିଜର ପାରିବାରିକ କାର୍ଯ୍ୟ ନେଇ ମଙ୍ଗଳା ଦର୍ଶନ ରେ ଆସିଥିବା ବେଳେ କାକଟପୁରକୁ ସରକାର ଏନ ଏ ସି ଘୋଷଣା କରିବା ନେଇ ମୁଖ୍ୟମନ୍ତ୍ରୀ ଙ୍କ ଉଦ୍ଦେଶ୍ୟରେ ଭୁବନେଶ୍ୱର ସାଂସଦଙ୍କ ମାଧ୍ୟମରେ ଏକ ଦାବୀ ପତ୍ର ମଙ୍ଗଳା ମନ୍ଦିର ବେଢା ମଧ୍ୟରେ ସାଂସଦ ଉପସ୍ଥିତ ଥିବା ବେଳେ କାକଟପୁରର ପତ୍ରକାର ,ସେବାୟତ ସଂଘ, କାକଟପୁର ପ୍ରେସ କ୍ଲବ, ବଜାର କମିଟି,ମାମଙ୍ଗଳା ସେବକ ସମିତି ଓ ଅନ୍ୟାନ୍ୟ ଅନୁଷ୍ଠାନର କର୍ମକର୍ତ୍ତା ମାନେ୍ର ପ୍ରଦାନି କରିଥିଲେ ।

### ନବୀନ ପଟ୍ଟନାୟକ ଙ୍କୁ ଭେଟିଲେ ଯୁବ ଛାତ୍ର ସଂଗଠନ କର୍ମକର୍ତ୍ତା

# ଯୁବ ଓ ଛାତ୍ର ସମାଜ ସ୍ୱାର୍ଥ ର ସୁରକ୍ଷା ପାଇଁ କାମ କରିବାକୁ ପରାମର୍ଶ



ଭୁବନେଶ୍ୱର, (ସବ୍ୟୁ): ବିଜୁ ଯୁବ ଓ ଛାତ୍ର ଜନତା ର ନବ ନିଯୁକ୍ତ ସଭାପତି ଦ୍ୱୟ ଏବଂ ଦୁଇ ସଂଗଠନ ଦାୟିତ୍ୱ ରେ ଥିବା ବରିଷ୍ଠ ନେତା ମାନେ ଆଜି ଅପରାହ୍ନ ରେ ନବୀନ ନିବାସ ରେ ଦଳ ସଭାପତି ନବୀନ ପଟନାୟକ ଙ୍କୁ ଭେଟି ତାଙ୍କୁ ଧନ୍ୟବାଦ ଜଣାଇବା ସହ ସାଂଗଠନିକ କାର୍ଯ୍ୟ ବିଷୟ ରେ ଆଲୋଚନା କରିଥିଲେ। ଏହି ଅବସରରେ ଶ୍ରୀ ପଟନାୟକ ସଂଗଠନ କୁ ଆହୁରି ବ୍ୟାପକ କରିବା ସହ ଯୁବ ଓ ଛାତ୍ର ସମାଜ ର ସ୍ୱାର୍ଥ ର ସୁରକ୍ଷା ପାଇଁ କାମ କରିବାକୁ ପରାମର୍ଶ ଦେଇଥିଲେ । ଶ୍ରୀ ପଟ୍ଟନାୟକ ପରାମର୍ଶ ଦେଇଥିଲେ ସୋସିଆଲ ମିଡ଼ିଆରେ ଅଧିକ ଫୋକସ୍ କରନ୍ତୁ। ଦଳର ଆଦର୍ଶ ଓ ପ୍ରତିବଦ୍ଧତାକୁ ନେଇ ପ୍ରଚାର କରନ୍ତୁ। ଏକାଠି ହୋଇ ଏକ ଟିମ୍ ଭଳି କାର୍ଯ୍ୟ କରି ଓଡ଼ିଶାର ଛାତ୍ର ଓ ଯୁବକଙ୍କୁ ସମସ୍ୟାକୁ ସମାଧାନ କରନ୍ତୁ। ଶ୍ରୀ ପଟ୍ଟନାୟକଙ୍କୁ ବିଜୁ ଯୁବ ଜନତା ସଭାପତି ଚିନ୍ମୟ ସାହୁ, ଛାତ୍ର ବିଜେଡ଼ି ସଭାନେତ୍ରୀ ଇପ୍‌ସିତା ସାହୁ, ଉପଦେଷ୍ଟା ବ୍ୟୋମକେଶ ରାୟ,ଅମରେଶ ପତ୍ରୀ, ସଞ୍ଜୀତ ମହାନ୍ତି, ରାଜେନ୍ଦ୍ର କୁମାର ସାହୁ, ଦେବେଶ ଆଚାର୍ଯ୍ୟ, ଦେବୀ ରଞ୍ଜନ ତ୍ରିପାଠୀ, ସୁଭାଶିଷ ଖୁଣ୍ଟିଆ ଓ ସୌଭିକ୍ ବିଶ୍ୱାଳ ପ୍ରମୁଖ ସାକ୍ଷାତ କରିଛନ୍ତି।

### ରାଜ୍ୟ ବାର କାଉନସିଲର ନିର୍ଦ୍ଦେଶ

# ଆଇନଜୀବୀ ହୋଇ ଅନ୍ୟ ବୃତ୍ତିରେ ଥିଲେ ଲାଇସେନ୍ସ କର ସରେଣ୍ଡର

କଟକ,ସବ୍ୟୁ) : ଆଇନଜୀବୀ ପାଇଁ ଲାଇସେନ୍ସ ପାଇଛନ୍ତି । କିନ୍ତୁ ଅନ୍ୟ ବୃତ୍ତିରେ କାର୍ଯ୍ୟ କରୁଛନ୍ତି । ଅନେକ ବ୍ୟକ୍ତି ଆଇନଜୀବୀ ପାଇଁ ରାଜ୍ୟ ଆଇନଜୀବୀ ପରିଷଦର ଲାଇସେନ୍ସ ପାଇଥିଲେ ମଧ୍ୟ ସେମାନେ ଅନ୍ୟ ବୃତ୍ତିରେ ରହି କାର୍ଯ୍ୟ କରିଆସୁଛନ୍ତି। ଏନେଇ ଅଭିଯୋଗ ଆସିବା ପରେ ରାଜ୍ୟ ଆଇନଜୀବୀ ପରିଷଦ ରାଜ୍ୟର ସମସ୍ତ ବାର୍ ଆସୋସିଏସନ୍‌କୁ ଏହି ମର୍ମରେ ଚିଠି ଲେଖିଛି। ଯେଉଁମାନେ ଆଇନଜୀବୀ ପାଇଁ ଲାଇସେନ୍ସ ନେବା ପରେ ମଧ୍ୟ ଏହି ବୃତ୍ତିରେ ନାହାନ୍ତି ସେମାନେ ଲାଇସେନ୍ସକୁ ସରେଣ୍ଡର କରିବାକୁ କୁହାଯାଇଛି। ଏଥିପାଇଁ ଗୋଟେ ମାସ ସମୟ ଦିଆଯାଇଛି। ଆସନ୍ତା ସେପ୍ଟେମ୍ବର ପହିଲା ମଧ୍ୟରେ ଯଦି ଲାଇସେନ୍ସ ସରେଣ୍ଡର ନ କରନ୍ତି ତାହେଲେ ସେମାନଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ କୁହାଯାଇଛି। ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ ଆଜି ଏକ ପ୍ରେସ୍ ବିଜ୍ଞପ୍ତି ଜାରି କରାଯାଇଛି। ଯେଉଁଥିରେ ଉଲ୍ଲେଖ କରାଯାଇଛି ଯେ, ଆଡଭୋକେଟ୍ ଆଇନ-୧୯୬୧ ଅନୁଯାୟୀ ଲାଇସେନ୍ସ ପାଇବା ପରେ ଜଣେ ଆଇନଜୀବୀ ପୂର୍ଣ୍ଣାଙ୍ଗ ରୂପେ ଏହି ବୃତ୍ତିରେ କାର୍ଯ୍ୟ କରିବା କଥା । କିନ୍ତୁ ଅନେକ ଆଇନଜୀବୀ ଲାଇସେନ୍ସ ନେଇ ସରକାରୀ କାର୍ଯ୍ୟାଳୟରେ ଚୁକ୍ତିଭିତ୍ତିକ ଭାବେ କାର୍ଯ୍ୟ କରୁଛନ୍ତି। ଆଉ କିଛି ବ୍ୟକ୍ତି ବ୍ୟବସାୟ, ଠିକା କାମ, ଅନ୍ୟାନ୍ୟ ପେଶାରେ ମଧ୍ୟ ରହିଛନ୍ତି। ଏହା ଆଡଭୋକେଟ୍ ଆଇନର ବିରୋଧାଚରଣ କରୁଛି। ଏଥିପାଇଁ ଗତ ଏପ୍ରିଲ ୧୨ରେ ରାଜ୍ୟ ଆଇନଜୀବୀର ପରିଷଦ ସାଧାରଣ ପରିଷଦ ବୈଠକରେ ଆଲୋଚନା ହୋଇଥିଲା । ଉକ୍ତ ବୈଠକର ନିଷ୍ପତ୍ତି ଅନୁଯାୟୀ ପ୍ରାକ୍ଟିସ୍ କରୁନଥିବା ଆ ଇ ନ ଜ ୀ ବ ୀ ମ ା ନେ ସେମାନଙ୍କ ଲାଇସେନ୍ସକୁ ସରେଣ୍ଡର ପାଇଁ କୁହାଯାଇଛି। ଯେଉଁମାନେ ଏହାର ଉଲଂଘନ କରିବେ ସେମାନଙ୍କ ବିରୋଧରେ ଫୌଜଦାରୀ ମୋମକଦ୍ଦମା ରୁଜୁ କରାଯିବା ସହ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରାଯିବ ବୋଲି ପରିଷଦର ସଦସ୍ୟ ସଚିବ ଯଯାତି କେଶରୀ ସାମନ୍ତସିଂହାର ସମସ୍ତ ବାର୍ ଆସୋସିଏସନ୍‌କୁ ଚିଠି କରି ଜଣାଇଛନ୍ତି।

### ୩ମାସ ୮ ଦିନରେ ପ୍ରକାଶ ପାଇଲା ରାୟ

# ନାବାଳିକା ପ୍ରତି ବଳାତ୍କାର ଉଦ୍ୟମ, ଆସାମୀକୁ ୪ବର୍ଷ ଜେଲ୍, ୫୦ ହଜାର ଜୋରିମାନା

କଟକ(ସବ୍ୟୁ) : ଆଠଗଡ଼ ବ୍ଲକ ଅନ୍ତର୍ଗତ ଏକ ଗ୍ରାମରେ ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ କରିବା ଘଟଣାରେ କଟକ ଅତିରିକ୍ତ ସେସନ୍ସ ଜଜ୍ ତଥା ସ୍ୱତନ୍ତ୍ର ପୋକ୍ସୋ ଅଦାଲତ ୩ମାସ ୮ଦିନରେ ରାୟ ପ୍ରକାଶ କରିଛନ୍ତି। ଏହି ବଳାତ୍କାର ଉଦ୍ୟମ ଘଟଣାରେ ଅଦାଲତ, ଅଭିଯୁକ୍ତ ମନମୋହନ ନାୟକକୁ ୪ବର୍ଷ ଜେଲ୍‌ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ଆସାମୀ ମନମୋହନ ଉପରେ ୫୦ ହଜାର ଟଙ୍କା ଜରିମାନା କରାଯାଇଛି। ଜରିମାନା ଅନାଦାୟ ଆସାମୀ ଅଧିକ ୬ମାସ ଜେଲ୍‌ଦଣ୍ଡ ଭୋଗିବ ବୋଲି ଅଦାଲତ ଆଦେଶରେ ସ୍ପଷ୍ଟ କରିଛନ୍ତି। ଅପରପକ୍ଷରେ ପୀଡ଼ିତାଙ୍କୁ ପୋକ୍ସୋ ଆଇନ ଅନୁଯାୟୀ ଆବଶ୍ୟକ କ୍ଷତିପୂରଣ ରାଶି ପ୍ରଦାନ ଲାଗି ଅଦାଲତ କଟକ ଜିଲ୍ଲା ଆଇନସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାରୁ ଜଣାଯାଇଛି ଯେ, ନାବାଳିକା ଜଣକ ଗତ ମେ' ୧୮ ତାରିଖରେ ଗାଁ ପାଖ ଦେଇ ଯାଇଥିବା ଏକ ନାଳରେ ସକାଳୁ ଗୋଧୋଥିଲେ। ନାବାଳିକାଙ୍କୁ ଏକୁଟିଆ ପାଇ ଅଭିଯୁକ୍ତ ମନମୋହନ ବଳାତ୍କାର ଉଦ୍ୟମ କରିଥିଲା । ନାବାଳିକା ଜଣଙ୍କ ପାଟି କରିବାରୁ ଅଭିଯୁକ୍ତ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ଏହି ମାମଲାରେ ଆଠଗଡ଼ ଥାନାରେ ଏତଲା ଦିଆଯାଇଥିଲା। ଏହି ଏତଲା ଆଧାରରେ ପୁଲିସ୍ ଅଭିଯୁକ୍ତ ମନମୋହନକୁ ଗିରଫ କରିଥିଲା । ମାମଲାର ଶୁଣାଣି କଟକ ଅତିରିକ୍ତ ସ୍ୱତନ୍ତ୍ର ଜିଲ୍ଲାଜଜ୍ ତଥା ପୋକ୍‌ସୋ ଅଦାଲତରେ ହୋଇଥିଲା । ଅଦାଲତ ବିଭିନ୍ନ ଡକ୍ୟୁମେଣ୍ଟ ଏବଂ ସାକ୍ଷୀକୁ ଆଧାର କରି ଅଭିଯୁକ୍ତ ମନମୋହନକୁ ଏହି ଘଟଣାରେ ଦୋଷୀ ସାବ୍ୟସ୍ତ କରିଛନ୍ତି। ଏଥିସହ ଆସାମୀ ମନମୋହନକୁ ୪ବର୍ଷ ଜେଲ୍‌ଦଣ୍ଡରେ ଦଣ୍ଡିତ କରିଛନ୍ତି । ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ମାମଲାକୁ ସ୍ୱତନ୍ତ୍ର ପିପି ରମେଶ ଚନ୍ଦ୍ର ମହାନ୍ତି ମାମଲା ପରିଚାଳନା କରୁଥିଲେ ।

# ଯୌନ ନିର୍ଯାତନା ନିରାକରଣ କାର୍ଯ୍ୟକ୍ରମ

କଟକ,(ସବ୍ୟୁ): ଆୟକର ବିଭାଗର ଆୟକର କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ କଟକର ଆୟକର ଭବନ ସ୍ଥିତ କାର୍ଯ୍ୟାଳୟରେ "କାର୍ଯ୍ୟସ୍ଥଳୀରେ ହେଉଥିବା ଯୌନ ନିର୍ଯାତନା" ରୋକିବା ପାଇଁ ନିଆଯାଇଥିବା ପଦକ୍ଷେପ ଗୁଡିକର ସମୀକ୍ଷା ଓ ତଦାରଖ ନେଇ ଗଠିତ ଆଭ୍ୟନ୍ତରୀଣ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି କମିଟିର ସଦସ୍ୟମାନେ ଯଥା ଏଡିଆଇଟି ଲକ୍ଷ୍ମୀପ୍ରିୟା ଉପାଧ୍ୟାୟ, ସରସ୍ୱତୀ ଶିଶୁ ମନ୍ଦିରର ଅଧ୍ୟକ୍ଷ ନନ୍ଦିତା ପଣ୍ଡା, ପ୍ରଶାସନିକ ଅଧିକାରୀ ରଶ୍ମିତା ଜେନା, ଏଡି ପ୍ରୀତିମଞ୍ଜରୀ ମହାନ୍ତି, ଆଇନଜୀବୀ ଶ୍ୱେତା ଦାଶ, ସାମାଜିକ କର୍ମୀ ସଞ୍ଜୁକ୍ତା ସାହୁ ପ୍ରମୁଖ ଯୋଗଦେଇଥିଲେ । ପ୍ରଧାନ ଆୟକର ଆୟୁକ୍ତ ସରୋଜ କୁମାର ମହାପାତ୍ର ଏହି ଅବସରରେ ଉପରୋକ୍ତ ସଦସ୍ୟାଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।



ଏଥିରେ ପ୍ରଧାନ ଆୟକର ଆୟୁକ୍ତ ଶ୍ରୀ ମହାପାତ୍ର ବକ୍ତବ୍ୟ ପ୍ରଦାନ କରି ପୋସ୍କୋ ଆକ୍ଟ ୨୦୧୩ ର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ଏହି ବୈଠକକୁ ଆୟକର ମୁଖ୍ୟ ଅଧିକାରୀ କ୍ଷୀତିଶ କୁମାର ମହାନ୍ତି ପରିଚାଳନା କରିଥିଲେ । କାର୍ଯ୍ୟାଳୟର ସମସ୍ତ ଅଧିକାରୀମାନେ ଯୋଗଦେଇଥିଲେ ।

## ନିଶାଶକ୍ତ ଟ୍ରକ୍ ଡ୍ରାଇଭରଙ୍କ ଉନ୍ମତ୍ତକାଣ୍ଡ

# ଯୁବକଙ୍କ ଉପରେ ଚଢ଼ି ଘର ଉପରେ ମାଡିଗଲା ଗ୍ୟାସ ବୋଝେଇ ଟ୍ରକ୍, ଜଣେ ମୃତ

ଧରାକୋଟ, (ସବ୍ୟୁ): ଧରାକୋଟ ଥାନା ଅନ୍ତର୍ଗତ ଡ଼ୁଡଗାଁ ଛକରେ ସିରିଜ ଦୁର୍ଘଟଣା । ଟ୍ରକଟି ପ୍ରଥମେ ଜଣେ ବ୍ୟକ୍ତି ଉପରେ ଚଢାଇ ଦେବା ପରେ ସେଠାରୁ ୭୦୦ ମିଟର ପରେ ଗୋଟିଏ ଦୋକାନ, ଜଣେ ବ୍ୟକ୍ତିଙ୍କ ଘର ଓ ଗୋଟିଏ ବାଇକ ଓ ସାଇକେଲ ଉପରେ ମାଡି ଯାଇଛି । ଘଟଣା ସ୍ଥଳରେ ଡ଼ୁଡଗାଁ ଗ୍ରାମର ୪୮ ବର୍ଷୀୟ ବସନ୍ତ ପରିଡାଙ୍କ ମୃତ୍ୟୁ ହୋଇଛି । ଡ୍ରାଇଭର ଗାଡି ଧରି ଚମ୍ପଟ ମାରୁଥିବା ବେଳେ ଗାଁ ଲୋକେ ଟ୍ରକ ଡ୍ରାଇଭରକୁ ଅଟକ ରଖି ପୋଲିସରେ ଜିମା ଦେଇଛନ୍ତି । ଡ୍ରାଇଭର ନିଜେ ସ୍ୱୀକାର କରିଛନ୍ତି ଯେ ସେ ଅଧିକ ଭାଙ୍ଗ ସେବନ ଫଳରେ ତାଙ୍କୁ ନିଶା ହୋଇଯିବାରୁ ଏପରି ଅଘଟଣ ହୋଇଛି । ଡ୍ରାଇଭରଙ୍କ ନାମ ହେଲା ସନ୍ତୋଷ କୁମାର ପରିଡ଼ା । ଟ୍ରକ ଟି ଆସିକା ପଟୁ ଦିଗପହଣ୍ଡି ଅଭିମୁଖେ ଯାଉଥିଲା । ଅନ୍ୟ ପଟେ ଏହି ଦୁର୍ଘଟଣା ରେ ମୃତକ ବସନ୍ତଙ୍କ ପରିବାର ପୁରା ଭାଙ୍ଗି ପଡିଛନ୍ତି । ଘଟଣା ସ୍ଥଳରେ ପୋଲିସ ପହଁଚି ଅଧିକ ତଦନ୍ତ କରିବା ସହ ଟ୍ରକକୁ ଅଟକ ରଖିଛି । ଡ୍ରାଇଭରକୁ ଗିରଫ କରି ଅଧିକ ତଦନ୍ତ କରୁଛି । ସ୍ଥାନୀୟ ତହସିଲଦାର ଲମ୍ବୋଦର ମାରାଣ୍ଡି ଘଟଣା ସ୍ଥଳରେ ପହଞ୍ଚି ମୃତକଙ୍କ ପରିବାର ଲୋକଙ୍କୁ ୨୦ହଜାର ଟଙ୍କା ରେଡ କ୍ରସ୍ ପାଣ୍ଠିରୁ ଦେବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି । ଶବ ବ୍ୟବଚ୍ଛେଦ ପାଇଁ ଆସିକା ମେଡିକାଲ୍ ପଠାଯାଇଥିବା ବେଳେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ଜାତୀୟରାଜ ପଥ ୫୯ ଉପରେ ଘଟଣା ଘଟିଥିବା ବେଳେ ସକାଳ ଭୋର ୫ଟା ବେଳେ ଏହି ଦୁର୍ଘଟଣା ଘଟିଥିବା ନେଇ ସୂଚନା ରହିଛି । ମୃତକ ବସନ୍ତ ନିଜ ଜମି କାର୍ଯ୍ୟ ସାରି ଫେରୁଥିବା ସମୟରେ ଦୁର୍ଘଟଣା ଶିକାର ହୋଇଥିଲେ । ଏ ସଂକ୍ରାନ୍ତରେ ଧରାକୋଟ ଥାନାରେ କେସ ନଂ ୨୩୧/୨୫ ପ୍ରକାରେ ମାମଲା ରୁଜୁ କରାଯାଇଛି ।

## କୁଡୁମୀ ଜାତିକୁ ଆଦିବାସୀ ବର୍ଗରେ ସାମିଲ କରିବା ଦାବି ଜୋର ଧରିଲା

# ସେପେଟମ୍ବର ୬ କୁ କଳାଦିବସ ଭାବେ ପାଳନ କରିବ କୁଡୁମୀ ସେନା

ବାରିପଦା, (ସବ୍ୟୁ) : କୁଡୁମୀ ଜାତିକୁ ଆଦିବାସୀ ବର୍ଗରେ ସାମିଲ କରିବା ପାଇଁ ଜୈମୁନି କୁମାର ମହାନ୍ତଙ୍କ ନେତୃତ୍ୱରେ ବିଗତ ଏକ ଦଶନ୍ଧିରୁ ଉର୍ଦ୍ଧ୍ୱର୍ ସମୟ ଧରି କୁଡୁମୀ ସେନା ପକ୍ଷରୁ ଆନ୍ଦୋଳନ ଜାରି ରହିଛି । ଏହି କ୍ରମରେ ଆସନ୍ତା ସେପେଟମ୍ବର ୬ତାରିଖ କୁ ସବୁ ବର୍ଷ ପରି ଏ ବର୍ଷ ମଧ କଳା ଦିବସ ଭାବେ ପାଳନ କରାଯିବ ବୋଲି ନିଷ୍ପତ୍ତି ହୋଇଛି । ଏଠାରେ ସ୍ମରଣଯୋଗ୍ୟ ଯେ, ଗତ ୧୯୫୦ ମସିହା ସେପେଟମ୍ବର ୬ତାରିଖ ରେ କୁଡୁମୀ ଜାତିକୁ ଆଦିବାସୀ (ଏସ୍‌ଟି) ବର୍ଗରୁ ବାଦ୍ ଦିଆଯାଇଥିଲା । କୁଡୁମି ଜାତି ପ୍ରତି ହୋଇଥିବା ଉକ୍ତ ଐତିହାସିକ ଅନ୍ୟାୟ ପ୍ରତିବାଦରେ ସେପେଟମ୍ବର ୬ତାରିଖ କୁ ପ୍ରତ୍ୟେକ ବର୍ଷ ଭଳି ଏ ବର୍ଷ ମଧ ପଲ୍ଲୀରୁ ଦିଲ୍ଲୀର ଜନ୍ତର ମନତର ଠାରେ କଳା ଦିବସ ରୂପେ ପାଳନ କରିବା ପାଇଁ କୁଡୁମି ସେନାର ପ୍ରତିଷ୍ଠାତା ସଭାପତି ଜୈମୁନି କୁମାର ମହାନ୍ତ



ଆହ୍ୱାନ ଦେଇଛନ୍ତି । ଏହି ପରିପ୍ରେକ୍ଷୀରେ ବାରିପଦା ଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜୈମୁନୀ କୁମାର ମହାନ୍ତଙ୍କ ଅଧ୍ୟକ୍ଷତାରେ ଏହି ବୈଠକରେ କୁଡୁମୀ ସେନାର ଡମ୍ବରୁ ମହାନ୍ତ, ବିବେକା ମହାନ୍ତ, ସାଇରାମ୍, ବିଶ୍ୱନାଥ, ଦୁର୍ଗା, ବିରେନ୍ଦ୍ର, ନୁକୁ, ଚନ୍ଦ୍ର ଭାନୁ ମହାନ୍ତ, କୁଡୁମୀ ଛାତ୍ର ସେନାର ବରୁଣ ମହାନ୍ତ, ଗୌତମ ମହାନ୍ତ, ଅଜିତ, ଦିପୁ, ଚକ୍ର, ଦେବାଶିଷ, ତୁଷାର, ଲିପୁନ କୁଡୁମୀ ମହିଳା ସେନା ର ଗୀତାଞ୍ଜଳି ମହାନ୍ତ ପ୍ରମୁଖ ଯୋଗଦାନ କରିଥିଲେ ।

# ଡଙ୍ଗା ଓଲଟି ମୃତ୍ୟୁ ବରଣ କରିଥିବା ମତ୍ସ୍ୟଜୀବୀଙ୍କ ପରିବାରକୁ ଭେଟିଲା ବିଜେଡି ପ୍ରତିନିଧି ଦଳ

ଛତ୍ରପୁର, (ସବ୍ୟୁ): ସମୁଦ୍ରରେ ଡଙ୍ଗା ଓଲଟି ମତ୍ସ୍ୟଜୀବୀ ଏଙ୍ଗ.କାଲେୟା ମୃତ୍ୟୁ ଘଟଣାରେ ଆଜି ମୃତକଙ୍କ ପରିବାରକୁ ଭେଟିଛି ବିଜେଡିର ଏକ ପ୍ରତିନିଧି ଦଳ । ଶୁକ୍ରବାର ଅପରାହ୍ନରେ ପୂର୍ବତନ ଜିଲାପରିଷଦ ସଭ୍ୟ ମୁନା ଦାସଙ୍କ ନେତୃତ୍ୱରେ ବିଜେଡିର ଏକ ପ୍ରତିନିଧି ଦଳ ନୋଳିଆନୁଆ ଗାଁ ସ୍ଥିତ ମୃତ ଏଙ୍ଗ. କାଲେୟାଙ୍କ ବାସଭବନରେ ପହଁଚି ପରିବାରକୁ ସାକ୍ଷାତ କରିଥିଲା । ପରିବାରରକୁ ସମାବେଦନା ଜଣାଇବା ସହ କିପରି ପରିବାରର ସଦସ୍ୟକୁ ସରକାରୀ ସହାୟତା ଅଧିକରୁ ଅଧିକ ମିଳିବ ସେନେଇ ସେମାନେ ଜିଲାପ୍ରଶାସନ ସହ ଆଲୋଚନା



କରିବେ ବୋଲି ମୃତ ଏଙ୍ଗ କାଲେୟାଙ୍କ ସ୍ତ୍ରୀ ଏଙ୍ଗା ଏରାମ୍ମା ଓ ପରିବାରକୁ କହିବା ସହ ଆଶ୍ୱାସନା ଦେଇଥିଲେ । ପରେ ବ୍ଲକ ଅଧକ୍ଷା କିରଣ କୁମାରୀ ଦାସ ପକ୍ଷରୁ ମୃତକ ପରିବାରକୁ ୧୦ ହଜାର ଟଙ୍କା ସହ ବିଭିନ୍ନ ରୋଷେୟା ସାମଗ୍ରୀ ପ୍ରଦାନ କରିଥିଲେ । ବିଜେଡିର ଏହି ଟିମରେ ୨୦ନଂ ଜିଲା ପରିଷଦ ସଭ୍ୟ ଏମ୍. ଧନଞ୍ଜୟ ରେଡି, ଶ୍ରମିକ ନେତା ଶଙ୍କର ପ୍ରସାଦ ଦାଶ, ଶ୍ରୀରାମ ଚନ୍ଦ୍ର ପୁର ସମିତି ସଭ୍ୟ ଏସ୍.ଚକ୍ରପାଣି ରେଡି, ଯୁବ ବିଜେଡି ଗଞ୍ଜାମ ଜିଲ୍ଲା ସଭାପତି ଭବାନୀ କାନ୍ତ ସାହୁ, ଯୁବ ବିଜେଡି ନଗର ସଭାପତି ଟି.ଚନ୍ଦ୍ର ଶେଖର ରାଓ, ପୂର୍ବତନ ସରପଞ୍ଚ ସୋମନାଥ ବେହେରା, ଯୁବନେତା ଅକ୍ଷୟ ସ୍ୱାଇଁ, ଅଭିରାମ ପ୍ରଧାନ, ରାଜେଶ ମହାରଣା ଓ କିଶୋର ବେହେରା, ଯୁବ ବିଜେଡି ଛତ୍ରପୁର ବ୍ଲକ ସଭାପତି କାଳିଆ ନାହାକ ଓ ଟିକିନା ଗୌଡ ପ୍ରମୁଖ ଉପସ୍ଥିତ ଥିଲେ ।

# ୟୁ ବି ହାଇସ୍କୁଲରେ ଜାତୀୟ ଖେଳ ଦିବସ

ଭଞ୍ଜନଗର, (ସବ୍ୟୁ) : ଆଜି ସ୍ଥାନୀୟ ଉପେନ୍ଦ୍ର ଭଞ୍ଜ ଉଚ୍ଚ ବିଦ୍ୟାଳୟରେ ଭାରତ ସ୍କାଉଟ ଏବଂ ଗାଇଡ଼ ରାଜ୍ୟ ପୁରସ୍କାର ପ୍ରସ୍ତୁତି ଶିବିର ଓ ଜାତୀୟ ଖେଳ ଦିବସ ପାଳିତ ହୋଇଯାଇଛି । ଗଂଜାମ ଜିଲା ଶିକ୍ଷା ଅଧିକାରୀ ତଥା ଜିଲା ସ୍କାଉଟ ଏବଂ ଗାଇଡ଼ ସଭାପତି ଓ ସମ୍ପାଦକଙ୍କ ନିର୍ଦ୍ଦେଶ କ୍ରମେ ଏହି ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଆଖ ପାଖ ବିଭିନ୍ନ ବିଦ୍ୟାଳୟରୁ ୬୨ ଜଣ ସ୍କାଉଟ ଏବଂ ୫୪ ଜଣ ଗାଇଡ଼ ଯୋଗ ଦେଇଥିଲେ । ନଟିଙ୍ଗ, ବ୍ୟାଣ୍ଡେଜ, ଏଷ୍ଟିମେସନ, ସ୍କାଉଟ ଏବଂ ଗାଇଡ଼ର ଇତିହାସ, ପ୍ରାଥମିକ ଚିକିତ୍ସା, ପ୍ରତିକୂଳ ପରିସ୍ଥିତିର ମୁକାବିଲା, ଉନ୍ନତ ଚରିତ୍ର ଗଠନରେ ସ୍କାଉଟ ଏବଂ ଗାଇଡ଼ର ଭୂମିକା ଆଦି ବିଷୟରେ ତାଲିମ ଦିଆଯାଇଥିଲା । ଏହି ରାଜ୍ୟ ପୁରସ୍କାର ପ୍ରସ୍ତୁତି ଶିବିରରେ ଗଂଜାମ ଜିଲା ସ୍କାଉଟ୍ ଗାଇଡ୍ ସଂଗଠନ କମିଶନର ତଥା ଶେରଗଡ଼ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲକ୍ଷ୍ମୀ ନାରାୟଣ ପଣ୍ଡା, ଜିଲା ସଂଯୋଜକ ତଥା ଡିପିଏସଏସର ଶିକ୍ଷକ ରାଜେଶ ପାତ୍ର, ସ୍କାଉଟ ମାଷ୍ଟର ହୃଷୀକେଶ ନାୟକ ଆଦି ତାଲିମ ଦେଇଥିଲେ । ଉଦଘାଟନୀ ଉତ୍ସବରେ ଉପେନ୍ଦ୍ର ଭଞ୍ଜ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଦୀପ ପ୍ରଜ୍ଜ୍ୱଳନ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଉମାକାନ୍ତ ନାହାକ ସ୍କାଉଟ ଏବଂ ଗାଇଡ଼ର ପତାକା ଉତ୍ତୋଳନ କରିଥିଲେ । ସମସ୍ତ ସ୍କାଉଟ ଏବଂ ଗାଇଡ଼ ସକାଳେ ଜଳପାନ ଓ ମଧ୍ୟାହ୍ନ ଭୋଜନର ମଜା ନେଇଥିଲେ । ପରେ ବିଦ୍ୟାଳୟର କ୍ରୀଡା ଶିକ୍ଷୟିତ୍ରୀ ତଥା ଗାଇଡ଼ କ୍ୟାପଟେନ ସ୍ୱପ୍ନେଶ୍ୱରୀ ଦିଗାଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜାତୀୟ କ୍ରୀଡା ଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସମସ୍ତ ଅତିଥି ଓ ବିଦ୍ୟାଳୟର ଉପସ୍ଥିତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇ ଆଜିର ଦିବସର ତାତ୍ପର୍ଯ୍ୟ ଓ ବିସ୍ମୟକର ପ୍ରତିଭା ମେଜର ଧ୍ୟାନଚାନ୍ଦଙ୍କ ବିଷୟରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ ।

# ଜିଲ୍ଲାର ମହିଳା ସୁରକ୍ଷା ଓ ରୋଜଗାର ପାଇଁ ଗଣତାନ୍ତ୍ରିକ ମହିଳା ସମିତି ଲଢ଼େଇ କରିବ

ବ୍ରହ୍ମପୁର, (ସବ୍ୟୁ): ଆଜି ଗଣତାନ୍ତ୍ରିକ ମହିଳା ସମିତିର ୯ ଜିଲ୍ଲା ସମ୍ମିଳନୀ ଶହୀଦ ଲକ୍ଷ୍ମଣ ନାୟକ କମ୍ୟୁନିଟି ହଲଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମହିଳା ସମିତିର ସର୍ବଭାରତୀୟ ଜାତୀୟ ସମ୍ପାଦିକା ତାପସି ପ୍ରହରାଜ ଯୋଗଦେଇ ସମ୍ପ୍ରତିକ ଅବସ୍ଥାରେ ମହିଳାମାନଙ୍କ ଦୁର୍ଦ୍ଦଶା ସମ୍ପର୍କରେ ବର୍ଣ୍ଣନା କରିଥିଲେ । ସରକାର ପରେ ସରକାର ମହିଳା ସଶକ୍ତିକରଣ ସ୍ଲୋଗାନ ଦେଇ କ୍ଷମତାକୁ ଆସିଲାପରେ ନିର୍ଯାତନା ହ୍ରାସ ପାଇବା ପରିବର୍ତ୍ତେ ବୃଦ୍ଧି ପାଇଁ ଚାଲିଛ । ବିଶେଷଭାବେ ବିଜେପି କ୍ଷମତାକୁ ଆସିବାପରେ ମହିଳା ବିରୋଧୀ ମନୁବାଦୀ ନୀତି ଗ୍ରହଣ କରିବା ଯୋଗୁ ରାଜ୍ୟରେ ମହିଳାଙ୍କ ଉପରେ ଅତ୍ୟାଚାର ସାଙ୍ଘାତିକ ଭାବେ ବୃଦ୍ଧିପାଇଛି । ବର୍ତ୍ତମାନ ମହିଳାମାନେ ରାଜନୈତିକ, ସାମାଜିକ ଓ ଆର୍ଥିକ ଭାବେ ଅବହେଳିତ । ତେଣୁ ଏହା ବିରୁଦ୍ଧରେ ମହିଳାମାନେ ସଂଗଠିତ ଓ ସଙ୍ଘର୍ଷ କରିବା ପାଇଁ ଆହ୍ୱାନ ଦେଇଥିଲେ । ଜିଲ୍ଲା ସମ୍ପାଦିକା ବିଷ୍ଣୁପ୍ରିୟା ସାହୁ ସାଙ୍ଗଠନିକ ରିପୋର୍ଟ ଅଗତ କରିଥିଲେ ।

# ଆରମ୍ଭ ହେବ ଗେଟ୍‌ବଜାର ଫ୍ଲାଇ ଓଭର ବ୍ରୀଜ, ଶୁଭ ଦେଲେ ବିଧାୟକ

ବ୍ରହ୍ମପୁର, (ସବ୍ୟୁ): ଦକ୍ଷିଣ ଓଡ଼ିଶାର ପ୍ରମୁଖ ବାଣିଜ୍ୟ କେନ୍ଦ୍ର ବ୍ରହ୍ମପୁର ସହର ଉପରେ ଜନ ସାଧାରଣଙ୍କ ସହିତ ବ୍ୟବସାୟୀ ମାନେ ନିର୍ଭରଶୀଳ ହେଉଛନ୍ତି । ଅନ୍ୟ ପକ୍ଷରେ ବ୍ରହ୍ମପୁର ମହାନଗର ନିଗମ ଗଠନ ହୋଇଥିବା ବେଳେ ଏହି ସହର ଜନଗହଳି ହୋଇଯାଉଛି । ଫଳରେ ସହରର ରାସ୍ତାରେ ଯାତାୟତ କରିବା କଷ୍ଟକର ହୋଇ ପଡୁଛି । ଏହାକୁ ଦୃଷ୍ଟିରେ ରଖି ସରକାରଙ୍କ ପକ୍ଷରୁ ସହର ଜନଗହଳି ପୂର୍ଣ୍ଣ ସ୍ଥାନ ଗେଟ ବଜାର ଉପରେ ଗୁରୁତ୍ୱ ଦେଇ ଏକ ଫ୍ଲାଇ ଓଭର ବ୍ରୀଜ ନିର୍ମାଣ କାର୍ଯ୍ୟର ଶୁଭାରମ୍ଭ କରିଛନ୍ତି ବ୍ରହ୍ମପୁର ବିଧାୟକ କେ ଅନୀଲ କୁମାର । ଏହି ପ୍ରକଳ୍ପ ବ୍ରହ୍ମପୁରର ଯାତାୟାତ ଅସୁବିଧାକୁ ସୁଧାର ଆଣିବ । ବ୍ରହ୍ମପୁର ସହରକୁ



ଆସୁଥିବା ବସ ଗୁଡ଼ିକ ସହର ଭିତରକୁ ପ୍ରବେଶ ନକରି ଫାଷ୍ଟ ଗେଟ ଠାରେ ଏକ ଅସ୍ଥାୟୀ ବସଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛିଛ ଫଳରେ ସଠିକ ସମୟରେ ଏହି ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ଶେଷ ହେବ ବୋଲି ଆଶା କରାଯାଉଛି । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବ୍ରହ୍ମପୁର ବିଧାୟକ ପ୍ରତିନିଧି ତଥା ଆଇନଜୀବୀ ଅଶୋକ କୁମାର ଶୁକ୍ଳ, କର୍ପୋରେଟର ପ୍ରଦୀପ ପଟ୍ଟନାୟକଙ୍କ ସମେତ ବିଭାଗୀୟ ଅଧିକାରୀ ଓ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ ।

# କୁଡମାଲୀ ସଂଗଠକ ନରେନ୍ଦ୍ର ମହାନ୍ତଙ୍କ ବିୟୋଗରେ ଶୋକ

ବାରିପଦା, (ସବ୍ୟୁ) : ବାରିପଦା ଅନ୍ତର୍ଗତ ୨୬ନମ୍ବର ୱାର୍ଡରେ ଥିବା ତାଙ୍କ ବାସଭବନରେ କୁଡମାଲୀ କାଲଚୁରାଲ ଏସୋସିଏସନର ପୂର୍ବତନ ସମ୍ପାଦକ ନରେନ୍ଦ୍ର କୁମାର ମହାନ୍ତ ହୃଦଘାତରେ ପୀଡିତ ହୋଇ କଟକ ଶ୍ରୀରାମଚନ୍ଦ୍ର ମେଡିକାଲ କଲେଜ ହସ୍ପିଟାଲରେ ୬୭ବର୍ଷ ବୟସରେ ଦେହାନ୍ତ ହୋଇଯାଇଛି । ପୈତୃକ ଗ୍ରାମ ହେଉଛି କୁଳିଅଣା ବ୍ଲକ ଅନ୍ତର୍ଗତ ପୁରୁଣାପାଣି । ମାଆଙ୍କ ନାମ ହେଉଛି ପୂର୍ଣ୍ଣିମା ଓ ପିତାଙ୍କ ନାମ ହେଉଛି ସୀତାନାଥ । ପିଲାଟି ଦିନରୁ ସେ ମେଧାବୀ ଛାତ୍ର ଥିଲେ । ମହାରାଜ ପୂର୍ଣ୍ଣଚନ୍ଦ୍ର ମହାବିଦ୍ୟାଳୟରୁ ସେ ଶିକ୍ଷା ସମାପ୍ତ କରି ପ୍ରଥମେ ଚାନ୍ଦୁଆ ସମବାୟ ସମିତି ଓ ପରେ ତହସିଲ କାର୍ଯ୍ୟାଳୟରେ ଚାକିରୀ ଆରମ୍ଭ କରିଥିଲେ । ୨୦୧୮ ମସିହାରେ ସେ ବାଙ୍ଗିରିପୋଷି ତହସିଲ କାର୍ଯ୍ୟାଳୟରୁ ମୁଖ୍ୟ କିରାଣୀ ଭାବେ ଅବସର ନେଇଥିଲେ । ସେ ଜଣେ ମେଳାପି, ସମାଜ ପ୍ରେମୀ, ସଂସ୍କୃତି ପ୍ରେମୀ ଓ ମିଷ୍ଟ ଭାଷୀ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ । ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ବଡଭାଇ ପରେଶ ଚନ୍ଦ୍ର ମହାନ୍ତ, ପୁଅ ଗଣେଶ୍ୱର ମହାନ୍ତ, ଝିଅ ଅଧାପିକା ବବିତା ମହାନ୍ତ, ଜୋଇଁ ବିନୋଦ ମହାନ୍ତ, ପୁତୁରା ଚନ୍ଦନ, ବିଟୁ ଓ ଲିଟୁ ଉପସ୍ଥିତ ଥିଲେ । ପୁଅ ଗଣେଶ୍ୱର ମୁଖାଗ୍ନି ହେଇଛନ୍ତି ।

## ବାଇକ୍ ଦୁର୍ଘଟଣାରେ ଯୁବକ ଗୁରୁତର

ବୁଗୁଡା, (ସବ୍ୟୁ): ସ୍ଥାନୀୟ ବ୍ଲକ ଛକ ନିକଟରେ ବାଇକ ଦୁର୍ଘଟଣାରେ ଜଣେ ଯୁବକ ଗୁରୁତର ହୋଇ ବ୍ରହ୍ମପୁରକୁ ସ୍ଥାନାନ୍ତର ହୋଇଥିବା ଜଣାଯାଇଛି । ଗୁରୁତର ଯୁବକ ଜଣକ ହେଲେ ବୁଗୁଡା ନିକଟସ୍ଥ କତକଲା ଗ୍ରାମର ଅକ୍ଷୟ କୁମାର ବିଷୋୟୀ (୩୦) । ଘଟଣାରୁ ପ୍ରକାଶ ଯେ, ଆଜି ଅପରାହ୍ନରେ ଅକ୍ଷୟ ବାଇକ ଯୋଗେ ବୁଗୁଡା ବଜାରକୁ ଆସୁଥିବା ବେଳେ ଅନ୍ୟ ଜଣେ ବାଇକ୍ ଚାଳକ ମୋବାଇଲ ଫୋନରେ କଥା ହୋଇ ତାଙ୍କର ସାମନାକୁ ଆସିଯିବାରୁ ଦୁର୍ଘଟଣା ଘଟିଥିଲା । ହଠାତ୍ ଡିସ୍ ବ୍ରେକ୍ ମାରି ଅକ୍ଷୟ ରାସ୍ତାରେ କଚାଡି ହୋଇପଡିଥିଲେ ।

# ବାରିପଦା ଠାରେ ଜାତୀୟ କ୍ରୀଡା ଦିବସ ପାଳନ ଅବସରରେ ରାଲି

ବାରିପଦା, (ସବ୍ୟୁ) : ଜାତୀୟ କ୍ରୀଡା ଦିବସ ଅବସରରେ କ୍ରୀଡା, ଉତ୍ସାହ ଓ ଏକତାର ଦେଶ ବ୍ୟାପୀ ଉତ୍ସବ ପାଳନ ପରିପ୍ରେକ୍ଷୀରେ ଆଜି ବାରିପଦା ଠାରେ ଜିଲ୍ଲା କ୍ରୀଡା ବିଭାଗ ଓ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଜାତୀୟ କ୍ରୀଡା ଦିବସ ପାଳିତ ହୋଇଯାଇଛି । ସ୍ଥାନୀୟ କ୍ରୀଡା ଛାତ୍ରବାସ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଜ୍ୟସଭା ସାଂସଦ ମମତା ମହାନ୍ତ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଇଶ୍ୱର ଚନ୍ଦ୍ର ନାଏକ, ମୟୂରଭଞ୍ଜ ଏଥେଲେଟିକ ଆସୋସିଏସନର ସମ୍ପାଦକ ବିଜୟ କୁମାର ଦାସ ଏବଂ ସ୍ୱତନ୍ତ୍ର ଅତିଥି ଭାବେ ଅନ୍ତର୍ଜାତୀୟ ବେଡ଼ମିଣ୍ଟନ ଖେଳାଳୀ ଆୟୁଷ ପଟ୍ଟନାୟକ ଯୋଗ ଦେଇଥିଲେ । ପ୍ରାରମ୍ଭରେ ଅବସରପ୍ରାପ୍ତ ବରିଷ୍ଠ କ୍ରୀଡା ଅଧିକାରୀ ଶ୍ରୀକୁମାର ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରି ଏହି ଜାତୀୟ କ୍ରୀଡା ଦିବସ ପାଳନର ତାତ୍ପର୍ଯ୍ୟ ବିଷୟରେ ଉଲ୍ଲେଖ କରିଥିଲେ । ଏହାପରେ ନିମନ୍ତ୍ରିତ ଅତିଥି ବୃନ୍ଦ ଓ ଉପସ୍ଥିତ ଅନ୍ୟାନ୍ୟ ସମସ୍ତେ ଭାରତୀୟ ହକି ଉଇଜାର୍ଡ ମେଜର ଧ୍ୟାନଚାନ୍ଦଙ୍କ ଜନ୍ମ ଜୟନ୍ତୀ ଉପଲକ୍ଷେ ତାଙ୍କ ଫୋଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଏହି ଅବସରରେ ମୁଖ୍ୟ ଅତିଥି



କହିଥିଲେ ଯେ, ବର୍ତ୍ତମାନର ବ୍ୟସ୍ତ ବହୁଳ ଆଧୁନିକ ଜୀବନ ଶୈଳୀ ଓ ଖାଦ୍ୟପେୟ ଯୋଗୁଁ ଅନେକ ସମୟରେ ହଠାତ ଲୋକମାନେ ବିଭିନ୍ନ ପ୍ରକାର ମାରାତ୍ମକ ରୋଗର ଶିକାର ହେଉଛନ୍ତି । ତେଣୁ ରୋଗ ଠାରୁ ଦୁରେଇ ରହି ନିଜ ଶରୀରକୁ ସୁସ୍ଥ ଓ ଫିଟ ରଖିବା ପାଇଁ ପ୍ରତ୍ୟେକ ଦିନ ଅତିକମରେ ଏକ ଘଣ୍ଟା ଖେଳ ପଡିଆରେ ଖେଳକୁଦରେ ବିତାଇବା ଉଚିତ । ଖେଳକୁଦ ମଣିଷକୁ ଶାରୀରିକ ଭାବେ ସୁସ୍ଥ, ମାନସିକ ଭାବେ ଶକ୍ତିଶାଳୀ କରିବା ସହିତ ସକାରାତ୍ମକ ଭାବନା ଉଦ୍ରେକ କରିଥାଏ । ଅତିରିକ୍ତ ଜିଲ୍ଲାପାଳ ମଧ ପିଲା ମାନଙ୍କୁ ଖେଳ ପ୍ରତି ଆକୃଷ୍ଟ ହୋଇ ଉତକର୍ଷତା ପ୍ରଦର୍ଶନ କରିବା ପାଇଁ ପରାମର୍ଶ ଦେଇଥିଲେ । ଏହି ଅବସରରେ ମୁଖ୍ୟଅତିଥି, ଆକ୍ରା(ଘାନା) ଠାରେ ଅନୁଷ୍ଠିତ ମେନ ଡବଲସ ବେଡ଼ମିଣ୍ଟନ ଗ୍ରାଣ୍ଡସ୍ଲାମ-୨୦୨୫ ରେ ରୌପ୍ୟ ପଦକ ହାସଲ କରିଥିବା ଅନ୍ତର୍ଜାତୀୟ ଖେଳାଳି ତଥା ଆମ ଜିଲ୍ଲା ପାଇଁ ଗର୍ବ ଆଣିଥିବା ଆୟୁଷ ପଟ୍ଟନାୟକଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପିନ୍ଧାଇ ସମ୍ବର୍ଦ୍ଧିତ କରିଥିଲେ ଏବଂ ଚଳିତ ବର୍ଷ ସେପେଟମ୍ବର ୨୧ରେ ଶୁଭାରମ୍ଭ ହେବାକୁ ଥିବା ସାଂସଦ ଖେଳ ମହୋତ୍ସବ ବିଷୟରେ ଘୋଷଣା କରିଥିଲେ । ଏହାପରେ ଉପସ୍ଥିତ ସମସ୍ତେ ନିଜନିଜ ପରିବାରବର୍ଗ ଓ ବନ୍ଧୁ ପରିଜନଙ୍କୁ ଖେଳ ଓ ଫିଟନେସ କାର୍ଯ୍ୟକଳାପରେ ଉତ୍ସାହିତ କରିବା ପାଇଁ ଶପଥ ପାଠ କରିଥିଲେ । ପରିଶେଷରେ ବରିଷ୍ଠ ଜିଲ୍ଲା କ୍ରୀଡା ଅଧିକାରୀ ସୁଭାଶିଷ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଏହାପରେ ନିମନ୍ତ୍ରିତ ଅତିଥି ବୃନ୍ଦ ପତାକା ଦେଖାଇ ରାଲିର ଶୁଭାରମ୍ଭ କରିଥିଲେ । ଉକ୍ତ ରାଲିରେ କ୍ରୀଡା ଛାତ୍ରାବାସର ଛାତ୍ରଛାତ୍ରୀଙ୍କ ସମେତ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ, କ୍ରୀଡ଼ାବିତ, କ୍ରୀଡା ପ୍ରତିଭା, ସ୍ୱେଚ୍ଛାସେବୀ ମାନେ ଅଂଶଗ୍ରହଣ କରି ହକିରେ ଧ୍ୟାନଚାନ୍ଦଙ୍କ ଯାଦୁକରୀ ପ୍ରତିଭା ପ୍ରତି ସମ୍ମାନ ଜଣାଇ ଧ୍ୟାନଚାନ୍ଦ ଅମର ରହେ ସ୍ଲୋଗାନ ସହ ସହର ପରିକ୍ରମା କରିଥିଲେ । ଆଜିର ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଭିନ୍ନ କ୍ରୀଡ଼ା ସଂସ୍ଥାର ପଦାଧିକାରୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଓ ସହରର ବହୁ ବରିଷ୍ଠ କ୍ରୀଡ଼ାବିତଙ୍କ ସମେତ ଗଣମାଧ୍ୟମର ପ୍ରତିନିଧି ମାନେ ଉପସ୍ଥିତ ଥିଲେ ।

# ଡ୍ରିମ୍‌ସରେ ଜାତୀୟ କ୍ରୀଡା ଦିବସ

କଟକ, (ସ୍ୱପ୍ର): ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ସ୍ପୋର୍ଟସ କମ୍ପ୍ଲେକ୍ସ ଠାରେ ଜାତୀୟ କ୍ରୀଡା ଦିବସ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଭାରତୀୟ କିମ୍ବଦନ୍ତୀ ଖେଳାଳୀ ହକି ଯାଦୁକର ମେଜର ଧ୍ୟାନଚାନ୍ଦଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା । ମୁଖ୍ୟଅତିଥି ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ମେଜର ଧ୍ୟାନଚାନ୍ଦଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇବା ସହ କ୍ରୀଡା ବିକାଶ କ୍ଷେତ୍ରରେ ଡ୍ରିମ୍‌ସର ଉଲ୍ଲେଖନୀୟ ଯୋଗଦାନ ସଂପର୍କରେ ଉଲ୍ଲେଖ କରି କ୍ରୀଡାରେ ପ୍ରତିଭାବାନ୍ ଛାତ୍ରଛାତ୍ରୀଙ୍କୁ ପ୍ରୋତ୍ସାହିତ କରାଯିବା ଉପରେ ଗୁରୁତ୍ୱାରୋପ କରିଥିଲେ । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା ଛାତ୍ରଛାତ୍ରୀମାନେ ନିଜର ପ୍ରତିଭା ପ୍ରଦର୍ଶନ ଜରିଆରେ ଶିକ୍ଷାନୁଷ୍ଠାନର ଗୌରବ ବୃଦ୍ଧି କରିବାକୁ ଦିଗଦର୍ଶନ ଦେଇଥିଲେ । ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ଜାତୀୟ ପୁରସ୍କାରପ୍ରାପ୍ତ ଚଳଚ୍ଚିତ୍ର ପ୍ରଯୋଜକ ଅକ୍ଷୟ ପରିଜା, ଶିଳ୍ପଦ୍ୟୋଗୀ ଅଶ୍ୱିନୀ କୁମାର ସାହୁ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଉଭୟ ଶାରୀରିକ ଓ ମାନସିକ ସୁସ୍ଥତା ପାଇଁ କ୍ରୀଡାର ବିଶେଷ ଭୂମିକା ରହିଥିବା ସଂପର୍କରେ କହିଥିଲେ । କ୍ରୀଡା ନିର୍ଦ୍ଦେଶକ ନବକିଶୋର ମିଶ୍ରଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଏନ୍ଏସଏସ୍ ଅଧିକାରୀ ପ୍ରାଧ୍ୟାପକ ସୁଶାନ୍ତ କୁମାର ସେଠୀ, ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀ, ବିତ୍ତ ଅଧିକାରୀ ପ୍ରସନ୍ନ କୁମାର ସାହୁ, ଲୋକ ସଂପର୍କ ଅଧିକାରୀ ନିରାକାର ସାହୁଙ୍କ ସମେତ ବିଭିନ୍ନ ବିଭାଗର ପ୍ରଶିକ୍ଷକ ଯୋଗଦେଇଥିଲେ । ଫୁଟବଲ ପ୍ରଶିକ୍ଷକ ସୁବ୍ରତ କୁମାର ନନ୍ଦୀ ଧନ୍ୟବାଦ ଅର୍ପଣ କରିଥିଲେ ।




# ସଡକ ଦୁର୍ଘଟଣାରେ ଦୁଇ ମୃତ, ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତାରୋକ

ବ୍ରହ୍ମପୁର, (ସବ୍ୟୁ): ଶୁକ୍ରବାର ମଧ୍ୟାହ୍ନରେ ବାଇଗଣବାଡି ଛକରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ଦୁଇ ଜଣଙ୍କ ହିଁ ମୃତ୍ୟୁ ଘଟିଛି । ପିକଅପ୍ ଭ୍ୟାନ୍ ଓ ଏକ ବାଇକ ମଧ୍ୟରେ ଧକ୍କା ଯୋଗୁ ବାଇକରେ ବସିଥିବା ଉଭୟ ଯୁବକଙ୍କ ମୃତ୍ୟୁ ଘଟିଛି । ସେମାନେ ହେଲେ ସାନଖେମୁଣ୍ଡି ନିକଟ ଖଲିଙ୍ଗି ଗ୍ରାମର କର୍ଣ୍ଣ ସେଠୀ (୫୦) ଓ ସନାତନ ସୁଆଁସିଆ (୪୦) । କଏହି ଦୁର୍ଘଟଣା ପରେ ବାଇଗଣବାଡି ଅଞ୍ଚଳରେ ଉତ୍ତ୍ୟକ୍ତ ପରିସ୍ଥିତି ସୃଷ୍ଟି ହୋଇଥିଲା । ସ୍ଥାନୀୟ ଲୋକମାନେ ରାସ୍ତା ଅବରୋଧ କରିଥିଲେ । ଫଳରେ ବ୍ରହ୍ମପୁର-ଦିଗପହଣ୍ଡି ମୁଖ୍ୟ ସଡକରେ ପ୍ରାୟ ୪ ଘଣ୍ଟା ଧରି ଯାତାୟାତ ବାଧାପ୍ରାପ୍ତ ହୋଇଥିଲା । ଏହି ରାସ୍ତାରେ ଡିଭାଇଡର ନଥିବାରୁ ଯାନବାହନ ଅନିୟନ୍ତ୍ରିତ ହୋଇ ପ୍ରାୟତଃ ଦୁର୍ଘଟଣା ସୃଷ୍ଟି ଘଟୁଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିବା ସହ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବି କରିଥିଲେ । ସଦର ଥାନା ପୋଲିସ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ ମଧ ସୁଫଳ ମିଳିନଥିଲା । ଥାନା ଅଧିକାରୀ ରାମ ସୁବ୍ରମଣ୍ୟମ ପ୍ରଧାନ, ସଦର ଏସଡିପିଓ ଶୁଭ୍ରାଂଶୁ ପରିଡା, ତହସିଲଦାର ରାଜକିଶୋର ପଟ୍ଟନାୟକ ପହଞ୍ଚି ଲୋକଙ୍କୁ ମୁଝାସୁଝା କରିଥିଲେ ମଧ ସୁଫଳ ମିଳିନଥିଲା । ଶେଷରେ ସାନଖେମୁଣ୍ଡି ବିଧାୟକ ରମେଶ ଜେନା ପହଞ୍ଚି ବୁଝାସୁଝା କରିବା ପରେ ରାସ୍ତାରୋକ ହଟିଥିଲା । ସଦର ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଏମକେସିଜି ମେଡ଼ିକାଲକୁ ପଠାଇଥିଲା । ଦୁର୍ଘଟଣାରେ ଜଡିତ ପିକଅପ୍ ଭ୍ୟାନ୍ ଓ ବାଇକକୁ ପୋଲିସ ଜବତ କରିବା ସହ ପିକଅପ୍ ଡ୍ରାଇଭରକୁ ଅଟକ ରଖି ତଦନ୍ତ ଚଳାଇଛି । ମୃତକଙ୍କ ପରିବାରକୁ ରେଡକ୍ରସ ପାଣ୍ଠିରୁ ୩୦ ହଜାର ଲେଖାଏଁ କ୍ଷତିପୂରଣ ପ୍ରଦାନ କରାଯାଇଥିବା ସୂଚନା ମିଳିଛି । ସୂଚନାପ୍ରକାରେ, ମଧ୍ୟାହ୍ନ ୧୨ଟା ବେଳେ ଖଲିଙ୍ଗି ଗ୍ରାମର କର୍ଣ୍ଣ ଓ ସନାତନ ଏକ ବାଇକରେ ବ୍ରହ୍ମପୁର ଆସିଥିଲେ । ପରେ ଉଭୟ ବାଇକରେ ବସି ନିଜ ଗ୍ରାମକୁ ଫେରୁଥିଲେ । ଏହି ସମୟରେ ଦିଗହପଣ୍ଡିରୁ ବ୍ରହ୍ମପୁର ଆଡକୁ ଆସୁଥିବା ଏକ ପିକଅପ ଭ୍ୟାନ ଦ୍ରୁତ ଗତିରେ ଆସୁଥିଲା । ବାଇଗଣବାଡି ଛକ ଠାରେ ପିକଅପ ଓ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା । ଦୁର୍ଘଟଣାପରେ ବାଇକରେ ବସିଥିବା କର୍ଣ୍ଣ ଓ ସନାତନ ରାସ୍ତାରେ ଛିଟିକି ପଡିବା ସହ ଘଟଣାସ୍ଥଳରେ ଉଭୟଙ୍କ ମୃତ୍ୟୁ ହୋଇଯାଇଥିଲା ।

# ବ୍ରାହ୍ମଣୀ ଓ ତାର ଶାଖା ନଦୀରେ ଖସୁଛି ବନ୍ୟାଜଳ

ଧର୍ମଶାଳା,(ସବ୍ୟୁ) : ଓଡିଶାର ଦ୍ୱିତୀୟ ବୃହମ ନଦୀ ବ୍ରାହ୍ମଣୀ ଓ ଏହାର ଶାଖା ନଦୀ ଗୁଡିକ ଗତ ୩ ଦିନ ହେବ ବନ୍ୟାଜଳ ବୃଦ୍ଧି ପାଉଥିବା ବେଳେ ଗତକାଲି ରାତିରୁ ଧିରେ ଧିରେ ବନ୍ୟାଜଳ ଖସୁଥିବା ଦେଖିବକୁ ମିଳିଛି । ରେଙ୍ଗାଲି ଡ୍ୟାମର ଉପରମୁଣ୍ଡରେ ଭାରି ବର୍ଷା ଲାଗିରହିବାରୁ ଡ୍ୟାମର ଜଳପତନ ବୃଦ୍ଧଦ୍ଧୋ ପାଇଥିଲା । ବନ୍ୟା ନିୟନ୍ତ୍ରଣ ପାଇଁ ଜଳସେଚନ ବିଭାଗ ପକ୍ଷରୁ ଡ୍ୟାମର ୩ ଗୋଟି ଗେଟ ଗତ ୩ ଦିନ ହେବ ଖୋଲାଯାଇଥିଲା । ଫଳରେ ବ୍ରାହ୍ମଣୀ ନଦୀରେ ଏକ ବଡଧରଣର ବନ୍ୟା ଆସିବାର ଆଶଙ୍କା କରାଯାଇଥିଲା । ବ୍ରାହ୍ମଣୀ ନଦୀର ଜେନାପୁର ଠାରେ ବିପଦ ସଙ୍କେତ ୬୭ ଫୁଟ ରହିଥିବା ବେଳେ ବୁଧବାର ନଦୀର ଜଳସ୍ତର ବୃଦ୍ଧି ପାଇ ୬୪.୭୦ ଫୁଟ ଉପରେ ବନ୍ୟାଜଳ ପ୍ରବାହିତ ହେଉଥିଲା । ତେବେ ରେଙ୍ଗାଲି ଡ୍ୟାମର ପର୍ଯ୍ୟାୟ କ୍ରମେ ୩ ଗୋଟି ଗେଟ ବନ୍ଦ କରିବା ପରେ ନଦୀରେ ଜଳପତନ ଧିରେ ଧିରେ ହ୍ରାସ ପାଇବାରେ ଲାଗିଛି । ରେଙ୍ଗାଲି ଡ୍ୟାମର ୩ ଗୋଟି ଗେଟ ବନ୍ଦ ହେବା ଯୋଗୁଁ ନଦୀରେ ବନ୍ୟାଜଳ ହ୍ରାସ ପାଇ ଜେନାପୁର ଠାରେ ଆଜି ସନ୍ଧ୍ୟା ସୁଦ୍ଧା ଜଳପତନ ୬୧.୪୦ ଫୁଟରେ ରହିଛି ଏବଂ ଧିରେ ଧିରେ ଏହା କମିବାରେ ଲାଗିଛି । ତେବେ ନଦୀରେ ଜଳପତନ ବଢୁଥିବା ବେଳେ ନଦୀର ତଳିଆ ଅଂଚଳରେ ରହିଥିବା ଅନେକ ଚାଷ ଜମିରେ ବନ୍ୟାଜଳ ମାଡିଯାଇଥିଲା । ଏବେ ବନ୍ୟା କମିବା ପରେ ଚାଷ ଜମିରେ ହୋଇଥିବା ପନିପରିବା ଚାଷ ଗୁଡିକ ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଥିବା ଦେଖିବାକୁ ମିଳିଛି । ଅନ୍ୟପଟେ ଏହି ଚାଷ ଜମି ଗୁଡିକରେ ହୋଇଥିବା ଧାନ ଫସଲ ଆଁଶିକ ଭାବେ କ୍ଷତି ହୋଇଛି । ଯାହାକୁ ନେଇ ଚଷୀମାନଙ୍କ ମଧ୍ୟରେ ଭାଳେଣି ପଡିଯାଇଛି । ପରିଶ୍ରମ କରି ବିଲରେ କରିଥିବା ପନିପରିବା ଚାଷ ନଷ୍ଟ ହୋଇଥିବା ଦେଖି ଚାଷୀମାନେ ମୁଣ୍ଡରେ ହାତଦେଇ ବସିଛନ୍ତି । ସେହିପରି ଏହି ବନ୍ୟାରେ କୃଷ୍ଣଦାସପୁର ଓ ବରୁଆଁ ରାସ୍ତାର ଭଗବାନପୁର ଠାରେ ୨ ଫୁଟ ଉଚ୍ଚରେ ବନ୍ୟାଜଳ ପ୍ରବାହିତ ହୋଇ ଯାତାୟତ ବନ୍ଦ ରହିଥିବା ବେଳେ ଏବେ ଜଳସ୍ତର ହ୍ରାସ ପାଇବାରୁ ଉକ୍ତ ରାସ୍ତା ଦେଇ ଯାତାୟତ ସ୍ୱାଭାବିକ ହୋଇଛି । ମୋଟାମୋଟି କହିବାକୁ ଗଲେ ବ୍ରାହ୍ମଣୀ ନଦୀରେ ଆସିଥିବା ବନ୍ୟାରେ ସୁଦ୍ଧାର ଆସିଛି । ଫଳରେ ନଦୀ କୁଳିଆ ଲୋକେ ଆସ୍ତସ୍ତି ଲାଭ କରିଛନ୍ତି ।

# ସ୍ୱନକ୍ଷତ୍ର ଦିବସରେ ପ୍ରାକ୍ତନ ଅଧ୍ୟକ୍ଷ ସମ୍ବର୍ଦ୍ଧିତ

କେନ୍ଦ୍ରାପଡା,(ସବ୍ୟୁ) :କେନ୍ଦ୍ରାପଡା ତୁଳସୀ ମହିଳା ମହା ବିଦ୍ୟାଳୟ ର ୪୭ତମ ସ୍ୱନକ୍ଷତ୍ର ଦିବସ ଅବସର ରେ ପୂର୍ବତନ ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ରଂଜିତ ରଂଜନ ସାହୁ ସମ୍ବର୍ଦ୍ଧିତ ହୋଇଥିବା ଜଣାପଡିଛି । ଶ୍ରୀ ସାହୁଙ୍କର କାର୍ଯ୍ୟ ଦକ୍ଷତା ଓ ନିଷ୍ଠାପର ପାଇଁ ସାଂସଦ ଶ୍ରୀ ବୈଜୟ' ପଣ୍ଡା ଆୟୋଜିତ ଉତ୍ସବରେ ଶ୍ରୀ ସାହୁଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଏହି ଉତ୍ସବରେ କଲେଜ ଅଧ୍ୟକ୍ଷ ମଥୁରୀ ଚରଣ ନାୟକଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ ।

# ବଢୁଛି ବନ୍ୟାଜଳ: ୨୦ ହଜାର ଲୋକେ ବିପନ୍ନ




ରାଜନଗର,(ସବ୍ୟୁ) : ବ୍ରାହ୍ମଣୀରେ ବଡଧରଣର ବନ୍ୟା ଆସିବା ଯୋଗୁଁ ରାଜନଗର ବ୍ଲକର ୪ ପଞ୍ଚାୟତର ଲୋକମାନେ ନାହିଁ ନଥିବା ଅସୁବିଧାର ସମୁଖୀନ ହେଉଛନ୍ତି । ତଳିଆ ଅଞ୍ଚଳର ଚାଷଜମି ବନ୍ୟାପାଣି ଘେରରେ ରହିଛି । କୁମ୍ଭୀର ବନ୍ୟାପାଣି ରେ ବୁଲୁଥିବା ବନ୍ୟାଞ୍ଚଳ ଲୋକମାନେ ସୂଚନା ଦେଇଛନ୍ତି । ରାଜନଗର ବ୍ଲକର ବନ୍ଧପଡା ପଂଚାୟତର ଚକିବାଙ୍କ, ଫିରିକି ଦାଣ୍ଡି, ଦକ୍ଷିଣଦାଣ୍ଡି, ଗୋବିନ୍ଦପୁର, ସନ୍ଥପଡା, ଟାଙ୍ଗଣଡୈଳା,ବନ୍ଧପଡା, ଓସ୍ତିଆ ପଞ୍ଚାୟତର ନଗଡ, ନଳଦିଆ, କଟକଣା, ବନ୍ଧପାଟଣା, ତଳଓସ୍ତିଆ, ଉପରଓସ୍ତିଆ, ବେଲପାଳପଞ୍ଚାୟତ ର ବେଲପାଳ ଗାଁ, ରାଜପୁର ପଞ୍ଚାୟତ ର ରାଜପୁର ଗାଁ, ବାଲିଚନ୍ଦ୍ରପୁର,ଚନ୍ଦନପୁର, ବଳଭଦ୍ରପ୍ରସାଦ ଗାଁର ୨୦ ହଜାର ଲୋକେ ବିପନ୍ନ ହୋଇପଡିଛନ୍ତି । ସନ୍ଥପଡା ବାରିକ ସାହିରେ ଲୋକଙ୍କ ଘରେ ବନ୍ୟା ପାଣି ପସିଛି । ଦାଣ୍ଡି ବଳଭଦ୍ରପୁର , ଅଡାଜୋରି – ଚକିବାଙ୍କ, ଗୋବିନ୍ଦପୁର -- ଚକିବାଙ୍କ ରାସ୍ତା ଉପରେ ବନ୍ୟପାଣି ୪ ଫୁଟ ଉପରେ ଚାଲୁଥିବାରୁ ଲୋକମାନେ ଟ୍ରାକ୍ଟର ଓ ଡିଙ୍ଗି ସାହାଯ୍ୟରେ ବହୁ କଷ୍ଟରେ ଯିବା ଆସିବା କରୁଛନ୍ତି । ସରକାରଙ୍କ ପକ୍ଷରୁ ଡଙ୍ଗାର କୌଣସି ବ୍ୟବସ୍ଥା କରାଯାଇ ନଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢିବାରେ ଲାଗିଛି । ବନ୍ୟାଜଳ ହୁ ହୁ ହୋଇ ମାଡୁଥିବା ବେଳେ ଓସ୍ତିଆ ଗାଁ ନିକଟରେ କୁମ୍ଭୀର ଭାସୁଥିବା ଦେଖି ଲୋକଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି । ଏହି ୪ ପଞ୍ଚାୟତ ଗୁଡିକରେ ପାନୀୟ ଜଳ,ଗୋ ଖାଦ୍ୟ ଏକ ମୁଖ୍ୟ ସମସ୍ୟା ଭାବେ ଉଭା ହୋଇଛି । ପାନୀୟ ଜଳ ପ୍ରକଳ୍ପ ଓ ନଳକୂପ ଗୁଡିକ ବନ୍ୟା ଜଳରେ ବୁଡି ରହିଥିବାରୁ ପିଇବା ପାଣି ପାଇଁ ଲୋକମାନେ ନା ନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଗାଈଗୋରୁ, ଛେଳି ମେଣ୍ଢା ପ୍ରଭୃତି ଙ୍କ ଖାଦ୍ୟାଭାବ ଦେଖା ଦେଇଛି । ଚଳିତ ବର୍ଷ ବାରମ୍ବାର ବନ୍ୟା ଆସିଥିଲେବି ପ୍ରଶାସନ ପକ୍ଷରୁ ଏଯାଏଁ ରିଲିଫ ଯୋଗାଇ ଦିଆଗଲା ନାହିଁ । ଗତ ଦୁଇଥର ବନ୍ୟାରେ ସରପଞ୍ଚମାନେ ବନ୍ୟାଞ୍ଚଳରେ ଡଙ୍ଗା ପକାଇଥିଲେ ବ୍ଲକ ପ୍ରଶାସନ ପକ୍ଷରୁ ସେମାନଙ୍କୁ ଅର୍ଥ ପ୍ରଦାନ କରାନଯିବା କାରଣରୁ ତୃତୀୟ ବନ୍ୟାରେ ଡଙ୍ଗାବ୍ୟବସ୍ଥା ହୋଇନଥିବାରୁ ଲୋକଙ୍କ ମଧ୍ୟରେ ତୀବ୍ର ପତିକ୍ରିୟା ପ୍ରକାଶ ପାଇଛି । ବ୍ରାହ୍ମଣୀରେ ତୃତୀୟ ଥର ବନ୍ୟା ଯୋଗୁଁ ବିପନ୍ନ ଲୋକେ ୪ଦିନ ହେବ ପାଣି ଘେରରେ ଥିବାବେଳେ ରିଲିଫ ଦୂରର କଥା ପ୍ରଶାସନ ବିପନ୍ନଙ୍କ ନିକଟରେ ପହଞ୍ଚି ନଥିବାରୁ ବିପନ୍ନ ଲୋକେ ରାଜ ରାସ୍ତାକୁ ଓହ୍ଲାଇବାକୁ ପ୍ରସ୍ତୁତ ହେଉଥିବା ଜଣାପଡିଛି । ସରକାର ପାନୀୟଜଳ, ଗୋ–ଖାଦ୍ୟ ଓ ରିଲିଫ୍ ସାମଗ୍ରୀ ଯୋଗାଇ ଦେବାକୁ ସାଧାରଣରେ ଦାବୀ ହେଉଛି ।

# ଗଣେଶ ପୂଜା ଭସାଣିରେ ଅଘଟଣ: ପୋଖରୀରେ ବୁଡ଼ି ସ୍କୁଲ ଛାତ୍ରଙ୍କ ମୃତ୍ୟୁ

ପାଣିକୋଇଲି,(ସବ୍ୟୁ): ପାଣିକୋଇଲି ଥାନା ଅମୃତିଆ ପଂଚାୟତ ଅନ୍ତର୍ଗତ ରଙ୍ଗରଙ୍ଗା ଗ୍ରାମରେ ଗଣେଶ ମୂର୍ତି ବିସର୍ଜନ ବେଳେ ପୋଖରୀରେ ବୁଡ଼ି ସ୍ଥାନୀୟ ବିଦ୍ୟାଳୟର ଜଣେ ଛାତ୍ରଙ୍କ ଅକାଳ ମୃତ୍ୟୁ ଘଟିଛି। ପ୍ରକାଶଯେ କୋରେଇ ବ୍ଲକ ଅନ୍ତର୍ଗତ ଅମୃତିଆ ପଂଚାୟତର ରଙ୍ଗରଙ୍ଗା ଗ୍ରାମର ପ୍ରହଲ୍ଲାଦ ଉଚ୍ଚ ବିଦ୍ୟାପୀଠରେ ଆଜି ଦିନ ୧୧ଟା ସମୟରେ ଗଣେଶ ମୂର୍ତି ବିସର୍ଜନ ପର୍ବ ଅନୁଷ୍ଠିତ ହୋଇଥିଲା। ଏଥି ନିମନ୍ତେ ଗଣେଶଙ୍କ ମୂର୍ତିଙ୍କୁ ଧରି ବିଦ୍ୟାଳୟର ପ୍ରାୟ ଦଶ ଜଣ ପିଲା ସ୍ଥାନୀୟ ଏକ ପୋଖରୀକୁ ବିସର୍ଜନ ନିମନ୍ତେ ଯାଇଥିଲେ । ତେବେ ବିସର୍ଜନ ସାରି ଗାଧୋଇବା ବୋଳକୁ ଜଣକ ପରେ ଜଣେ ପୋଖରୀର ଗଭୀର ଜଳରେ ବୁଡ଼ିଯାଇଥିଲେ। ଖବର ପାଇ ସ୍ଥାନୀୟ ବାସିନ୍ଦା ମାନେ ପୋଖରୀ ଭିତରୁ ୯ ଜଣ ଛାତ୍ରଙ୍କୁ ଉଦ୍ଧାର କରିଥିବା ବେଳେ ୮ମ ଶ୍ରେଣୀରେ ଅଧ୍ୟୟନ ରତ ସେହି ଗ୍ରାମର ବସନ୍ତ କୁମାର ସାହୁଙ୍କ ପୁଅ ସତ୍ୟ ପ୍ରକାଶ(୧୩)କୁ ଖୋଜି ପାଇ ନଥିଲେ । ପରେ ବହୁତ ଅକ୍ଲାନ୍ତ ପରିଶ୍ରମ କରିବା ପରେ ଗ୍ରାମବାସୀ ମାନେ ସତ୍ୟକୁ ପୋଖରୀର ଗଭୀର ଜଳରୁ ଉଦ୍ଧାର କରି ଉପରକୁ ଆଣି ସଙ୍ଗେ ସଙ୍ଗେ ।ବିତରଣୀରୋଡ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ କିନ୍ତୁ ଡ଼ାକ୍ତର ସତ୍ୟକୁ ମୃତ ଘୋଷଣା କରିଥିଲେ ।

# କୋରେଇ ପୋଲିସକୁ ବଡ଼ ସଫଳତା...... ସୁନା ଚୋରି ମାମଲାରେ ମହିଳାଙ୍କ ସମେତ ୫ ଗିରଫ



ପାଣିକୋଇଲି,(ସବ୍ୟୁ) : କୋରେଇ ଥାନା ଅଂଚଳର ବିଭିନ୍ନ ସ୍ଥାନରୁ ହୋଇଥିବା ଚୋରି ଘଟଣାରେ ପୁଲିସ ଜଣେ ମହିଳାଙ୍କ ସମେତ ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଙ୍କ ଠାରୁ ପୁଲିସ ୧୫୦ ଗ୍ରାମର ସୁନା ଅଳଙ୍କାର ଜବତ କରିଛି। ସେମାନେ ହେଲେ ଯାଜପୁରରୋଡ଼ ଥାନା ହୁଡ଼ିସାହି ଅଂଚଳର ବୁଟୁରୁ ଦାସ (୨୭), ରବୀନ୍ଦ୍ର ପାତ୍ର (୩୦), ସୁଭମ ଓଝା (୨୧), ଯୋଗୀସାହି ଅଂଚଳର ମଂଟୁ ମୁଣ୍ଡା (୨୨) ଏବଂ ମୋହରମ୍‌ସାହି ଅଂଚଳର ଅଜମିରା ବିବି (୩୫)। ଆଜି କୋରେଇ ଥାନାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଏସ୍‌ଡିପିଓ ଲକ୍ଷ୍ମୀଧର ସ୍ୱାଇଁ ଏବଂ କୋରେଇ ଥାନାଧିକାରୀ ରାକେଶ କୁମାର ତ୍ରିପାଠୀ ଏନେଇ ସୂଚନା ଦେଇଛନ୍ତି। ଘଟଣା ମୁତାବକ ଗତ ଜୁଲାଇ ମାସରେ କୋରେଇ ଥାନା କହ୍ନେଇପୁର ସ୍ଥିତ ତ୍ରିପାଠୀ ଲେନ୍‌ରେ ରହୁଥିବା କାର୍ତିକ ଚନ୍ଦ୍ର ବେହେରାଙ୍କ ଘରୁ ଚୋରି ହୋଇଥିବାର ଥାନାରେ ଅଭିଯୋଗ ହୋଇଥିଲା। ଘରେ ଘରେ କେହି ନଥିବାର ସୁଯୋଗ ନେଇ ଦୁର୍ବୃତମାନେ ଘରର ତାଲା ଭାଙ୍ଗି ଆଲମିରାରେ ଥିବା ନଗଦ ଟଙ୍କା ଓ ସୁନା ଅଳଙ୍କାର ଲୁଟି ନେଇଥିଲେ। ସେହିପରି ଚଳିତ ମାସ ୧୯ ତାରିଖରେ ସନ୍ତରା ସ୍ଥିତ ଅଷ୍ଟନାମି ଆପାର୍ଟମେଂଟରେ ରହୁଥିବା ନିର୍ମଳ କୁମାର ପଣ୍ଡାଙ୍କ ଘରୁ ମଧ୍ୟ ସମାନ ଢଙ୍ଗରେ ଚୋରି ହୋଇଥିଲା। ଉଭୟ ଘଟଣାରେ କୋରେଇ ପୁଲିସ ୨୨୯/୨୫ ଏବଂ ୨୮୩/୨୫ରେ ଦୁଇଟି ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ହୁଡ଼ିସାହିର ବୁଟୁରୁ ନାଁରେ ପୂର୍ବରୁ ଯାଜପୁରରୋଡ଼ ଥାନାରେ ଏକାଧିକ ମାମଲା ରହିଥିବା ବେଳେ ପୁଲିସ ବୁଟୁରୁ ଉପରେ ନଜର ରଖିଥିଲା। ପରେ ବୁଟୁରୁର କିଛି ସହଯୋଗୀଙ୍କ ସନ୍ଧାନ ମିଳିଥିଲା। ଗତକାଲି ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା ପରେ ସେମାନଙ୍କ ନିକଟରୁ ୧୫୦ ଗ୍ରାମର ସୁନା ଅଳଙ୍କାର ଜବତ ହୋଇଛି। ଜବତ ଅଳଙ୍କାର ମଧ୍ୟରେ ସୁନା ବ୍ରେସ୍‌ଲେଟ୍, କାନଫୁଲ, ମୁଦି, ଚେନ୍, ମଙ୍ଗଳସୁତ୍ର ଏବଂ ନେକ୍‌ଲେସ ଆଦି ରହିଛି। ଆଜି ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ।

# ବେଲେଶ୍ୱରୀ ପୀଠରେ ନୂଆଖାଇ ପର୍ବ ପାଳିତ

ନିଶ୍ଚିନ୍ତକୋଇଲି,(ସବ୍ୟୁ): ନିଶ୍ଚିନ୍ତକୋଇଲି ର ଆରାଧ୍ୟା ଦେବୀ ବେଲେଶ୍ୱରୀଙ୍କ ପୀଠରେ କୃଷି ଭିତିକ ଗଣପର୍ବ ନୂଆଖାଇ ଭେଟଘାଟ ପାଳନ ହୋଇଛି। ପଶ୍ଚିମ ଓଡିଶାର ଏହି ପରମ୍ପରା ଭିତ୍ତିକ ମୁଖ୍ୟ ପର୍ବକୁ ଅଧିକ ଉଜ୍ଜୀବିତ କରିବା ଏବଂ ଏହା ପାଳନର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସଂକ୍ରାନ୍ତରେ ଜନ ସଚେତନତା ସୃଷ୍ଟି ପାଇଁ ଏକ ଆଲୋଚନାଚକ୍ର କରାଯାଇଛି। ଯୁବ ନେତା ନିବାସ ଗାୟାଙ୍କ ନେତୃତ୍ୱରେ ସୁଦୂର ମେଣ୍ଢାଶାଳରୁ ଚଳିତ ବର୍ଷ ଅମଳ ହୋଇଥିବା ନୂତନ ଧାନ ସଂଗ୍ରହ କରାଯାଇ ସେଥିରୁ ଚୂଡା ପ୍ରସ୍ତୁତ କରାଯାଇଥିଲା। ପୂଜକ ସରୋଜ ଷଢଙ୍ଗୀଙ୍କ ଦ୍ୱାରା ପ୍ରତ୍ୟୁଷରୁ ମା ବେଲେଶ୍ୱରୀଙ୍କର ମହାସ୍ନାନ , ନୂତନ ବସ୍ତ୍ର ପରିଧାନ ଓ ମାର୍ଜନା ସହ ଯଥାରୀତି ନୂଆଖାଇ ପୂଜାର୍ଚ୍ଚନା ଆରମ୍ଭ ହୋଇଥିଲା। ପୂଜାର୍ଚ୍ଚନା ସମୟରେ ଘଣ୍ଟ,ଘଣ୍ଟା ,ଶଙ୍ଖ,ହୁଳହୁଳି ,ହରିବୋଲ ଓ ସଂକୀର୍ତନ ରେ ମାଙ୍କ ପୀଠ ପ୍ରକମ୍ପିତ ହୋଇଥିଲା । ପୂର୍ବତନ ସରପଂଚ ଦେବେନ୍ଦ୍ର ସାହୁଙ୍କ ପୌରହିତ୍ୟରେ ଅନୁଷ୍ଠିତ ଆଲୋଚନା ଚକ୍ର ରେ ବୟୋଜ୍ୟେଷ୍ଠ ବିଜୟ ସାହୁ,ସମାଜସେବୀ ରମେଶ ସ୍ୱାଇଁ, ଶିକ୍ଷାବିତ୍ ପର୍ଶୁରାମ ବେହେରା,ଗୋପିନାଥ ବେହେରା,ସମାଜସେବୀ ପ୍ରମୋଦ କୁମାର ପଣ୍ଡା, ଯୁବନେତା ହେମନ୍ତ କୁମାର ରାଉତ,ଜାନକୀବଲ୍ଲଭ ଦାସ,ଦିପ୍ତୀରଂଜନ ସାହୁ,ମଞ୍ଜୁଲତା ମହାପାତ୍ର, ସଂଜୟ ରାଉତଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ପୁରୁଣାପାରୀ ରାହାସ ବିହାରୀ ଆଶ୍ରମର ପୁରୋଧା ଚିନ୍ମୟ ମିଶ୍ରଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ମା' ଙ୍କ ନିକଟରେ ପ୍ରସ୍ତୁତ ହୋଇଥିବା ନୂଆଖାଇ ର ମୁଖ୍ୟ ପ୍ରସାଦ ଚୂଡାଘସାକୁ ଉପସ୍ଥିତ ଭକ୍ତମାନଙ୍କ ମଧ୍ୟରେ ବଂଟନ କରାଯାଇଥିଲା ।

# ସମ୍ପର୍କ ସାହିତ୍ୟ ସଂସଦର ୨୨ତମ ବାର୍ଷିକୋତ୍ସବ



ସାଲେପୁର,(ସବ୍ୟୁ): ସମ୍ପର୍କ ସାହିତ୍ୟ ସଂସଦ ର ୨୨ତମ ବାର୍ଷିକୋତ୍ସବ, ପତ୍ରିକା ଉନ୍ମୋଚନ,ପୁସ୍ତକ ଉନ୍ମୋଚନ, ସାହିତ୍ୟ ଆଲୋଚନା ଓ ସମ୍ବର୍ଦ୍ଧନା ପର୍ବ ସାଲେପୁର ବ୍ଲକ ଅନ୍ତର୍ଗତ ସୌରୀ ପଞ୍ଚାୟତ କିସନା ପୁର ସ୍ଥିତ ଶ୍ରୀ ଶ୍ରୀ ଚାଟେଶ୍ୱର ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ସମ୍ପର୍କ ସାହିତ୍ୟ ସଂସଦ ର ସଭାପତି ସାମ୍ବାଦିକ ପ୍ରଫୁଲ୍ଲ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଧାରାବାହିକ, ଚଳଚ୍ଚିତ୍ର ନିର୍ଦ୍ଦେଶକ ଓ ପ୍ରଯୋଜକ ହରିଶ ମହାନ୍ତି,ବିଶିଷ୍ଟ ଅତିଥି ଭାବେ ପ୍ରଗତିବାଦୀ କଟକ ବ୍ୟୁରୋ ମୁଖ୍ୟ ପ୍ରଦୀପ ସାହୁ,ମୁଖ୍ୟବକ୍ତା ଭାବେ ନିଶ୍ଚିନ୍ତକୋଇଲି ପି ପି କଲେଜ ଅଧଖ୍ୟା ଡ଼ଃ ତରୁଲତା ଦେବୀ ଯୋଗ ଦେଇ ସାହିତ୍ୟର ଉନ୍ନତି ହେଲେ ଦେଶର ଉନ୍ନତି ହେବ । ସାହିତ୍ୟ ଓ ଗଣଶୃଙ୍ଖଳିତ ସମାଜ ଗଠନରେ ସାହିତ୍ୟ ଓ ଗଣ ମାଧ୍ୟମ ପରସ୍ପର ଅଙ୍ଗା ଅଙ୍ଗୀ ଭାବେ ଜଡ଼ିତ ଉଭୟଙ୍କ ପ୍ରମୁଖ ଭୂମିକା ରହିଛି । ଗ୍ରାମାଞ୍ଚଳରେ ସାହିତ୍ୟ ଭରପୁର ରହିଛି, ତାକୁ ସଠିକ ବିନିଯୋଗ କଲେ ସଂସାରରୁ ହିଂସା ଅସୂୟା ଦୁରହୋଇ ପରସ୍ପର ମଧ୍ୟରେ ସମ୍ପର୍କ ଦୃଢ଼ ହୋଇ ପାରିବ ବୋଲି କହିଥିଲେ । ତୁଷାର କାନ୍ତ ମହାନ୍ତିଙ୍କ ଦ୍ୱାରା ଲିଖିତ ପୁସ୍ତକ ଜହ୍ନ ର ଲୁଚକାଳି, ଭାବଭକ୍ତି ପ୍ରେମ ଓ ଦେବେନ୍ଦ୍ର ମହାରଣା ଙ୍କ ଦ୍ୱାରା ଲିଖିତ ପୁସ୍ତକ ଗାଣିତିକ ସୂତ୍ରରେ ଓଁ ର ପ୍ରତିଫଳନ ଉନ୍ମୋଚନ ହୋଇଥିଲା । ସାହିତ୍ୟ ଗୌରବ ସମ୍ମାନ ଭାବେ ଡ଼ଃ ପୂର୍ଣ୍ଣଚନ୍ଦ୍ର ଓଝା, ସଙ୍ଗୀତ ଗୌରବ ସମ୍ମାନ ସୁରେନ୍ଦ୍ର କୁମାର ମୁଦୁଲି ଓ ସାମ୍ବାଦିକ ଗୌରବ ସମ୍ମାନ ପ୍ରଦୀପ୍ତ କୁମାର ପରିଜାଙ୍କୁ ପ୍ରଦାନ କରାଯାଇଥିଲା । ଏହି ଅବସରରେ ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି ଏବଂ ବିଶିଷ୍ଟ ବ୍ୟକ୍ତି ବିଶେଷ ମାନଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ । ସ୍ୱାଗତ ଭାଷଣ ତୁଷାରକାନ୍ତ ମହାନ୍ତି ଦେଇଥିବା ବେଳେ ଅତିଥି ପରିଚୟ ସାହିତ୍ୟିକ ଚନ୍ଦ୍ରମଣି ଭୂୟାଁ ପ୍ରଦାନ କରିଥିଲେ । ସଭା ପରିଚାଳନା କରିଥିଲେ ଯୁବକବି ସୌମ୍ୟ ରଞ୍ଜନ ଭୂୟାଁଛଏହି କାର୍ଯ୍ୟକ୍ରମକୁ ସୁରେସଚନ୍ଦ୍ର ସ୍ୱାଇଁ ,ଦୁର୍ଯ୍ୟୋଧନ ପୁଝାରି , ସୁରେନ୍ଦ୍ର ମହାରଣା ,ସଂଜୀବ ବାରକ ,ଗଗନ ମିଶ୍ର ,ଅତନ ଷଡଙ୍ଗୀ , ପ୍ରଶାନ୍ତ ଭୂୟାଁ , ରଜନୀକାନ୍ତ ଦାଶ , ଅଜିତ ମହାପାତ୍ର ,ନିଖିଳେସ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ପରିଚାଳନା କରିଥିଲେ । ଶେଷରେ କବି ରାଜୀବ ଷଡ଼ଙ୍ଗୀ ଧନ୍ୟବାଦ ପ୍ରଦାନ କରିଥିଲେ ।

# ଧାରଣା ପାଇଁ ଆଶାକର୍ମୀଙ୍କ ପ୍ରସ୍ତୁତି ବୈଠକ

କେନ୍ଦ୍ରାପଡା,(ସବ୍ୟୁ): ନିଖିଳ ଓଡିଶା ଆଶାକର୍ମୀ ସଂଘ କେନ୍ଦ୍ରାପଡା ଜିଲ୍ଲା ଶାଖା ତରଫରୁ ୬ ଦଫା ଦାବି ନେଇ ଧାରନା ଦେବାକୁ ନିଷ୍ପତି ନିଆଯାଇଛି । ଏନେଇ ଏକ ପ୍ରସ୍ତୁତି ବୈଠକ ବରିଷ୍ଠ ଆଇନଜୀବି ରମଣୀ ରଂଜନ ରାଉତ ରାୟଙ୍କ ଅଧକ୍ଷତା ରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅଶାକର୍ମୀଙ୍କର ମାସିକ ପାରିଶ୍ରମିକ ପ୍ରଥମ ସପ୍ତାହରେ ପ୍ରଦାନ କରାଯିବା, ଆଶାକର୍ମୀଙ୍କ ପ୍ରତି ଖରାପ ବ୍ୟବହାର ବନ୍ଦ କରିବା, ମୃତ୍ୟୁକାଳୀନ ସହାୟତା ପଇଁ ୫ ଲକ୍ଷ ଟଙ୍କା ପ୍ରଦାନ କରାଯିବା, ମାସିକ ଦରମା ୨୬ ହଜାର ଟଙ୍କାକୁ ବୃଦ୍ଧି କରିବା ଆଦି ଦାବି ଗୁଡିକ ରହିଛି । ଆୟୋଜିତ ଏହି ପ୍ରସ୍ତୁତି ବୈଠକରେ ଶତାଧିକ ଆଶାକର୍ମୀ ଉପସ୍ଥିତ ଥିଲେ ।

# ମେଗା ରକ୍ତଦାନ ଶିବିର : ୧୬୨ ୟୁନିଟ ସଂଗ୍ରହ

ଦାନଗଦି (ସବ୍ୟୁ): କଳିଙ୍ଗନଗର ଚାମ୍ବର ଅଫ୍ କମର୍ସ,ସୁକିନ୍ଦା ପ୍ରେସ କ୍ଲବ,କଳିଙ୍ଗନଗର ପୋଲିସ,ଆୟୋଜକ ଚକାଡୋଳା ଲାଇଫ୍ ଲାଇନ୍ ମେଡିସିନ୍ ଷ୍ଟୋର ଡୁବୁରିର ମିଳିତ ପ୍ରୟାସରେ ଏକ ମେଗା ରକ୍ତଦାନ ଶିବିର ପୂର୍ଣ୍ଣଦାସ ମାର୍କେଟରେ ଥିବା କାଳୀପୂଜା କାର୍ଯ୍ୟାଳୟ ଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିର କୁ ଥାର୍ଡ଼ ବାଟାଲିୟନ କମାଣ୍ଡାଣ୍ଟ ୟାକୁବ ଖାନ୍ ,କଳିଙ୍ଗନଗର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁପ୍ରସନ୍ନ ମଲ୍ଲିକ, କଳିଙ୍ଗନଗର ଥାନା ଅଧିକାରୀ ପ୍ରକାଶ କୁମାର ସାହୁ, ସୁକିନ୍ଦା ପ୍ରେସ କ୍ଲବ ସଭାପତି ବିଶ୍ୱଜିତ୍ ନାୟକ, ସୁକିନ୍ଦା ବ୍ଲକପୂର୍ବତନ ଅଧକ୍ଷ ବିଶ୍ୱଜିତ୍ ଦାସ (ବେବୀଭାଇ), ଟାଟା ଷ୍ଟିଲ୍ ମେଡିକା ହସ୍ପିଟାଲ୍ ସିଇଓ ଡା. ସନ୍ତୋଷ କୁମାର ପାଣ୍ଡେ , ଡା ସୁଧାଂଶୁ ଶେଖର ସୁତାର ପ୍ରମୁଖ ଉପସ୍ଥିତ ରହି ଉଦ୍ଘାଟନ କରିଥିଲେ । ରକ୍ତ ସଂଗ୍ରହ ନିମନ୍ତେ ଏସସିବି ବ୍ଲଡ଼ ବ୍ୟାଙ୍କ କଟକ,(ଓଡିଶା), ବ୍ଲଡ଼ ଷ୍ଟୋର ର ଯାଜପୁର ଜିଲ୍ଲା ମୁଖ୍ୟ କେନ୍ଦ୍ର ଓ ଯାଜପୁରରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ର ଡା. ହିମାଂଶୁ ଶେଖର ସାହୁ, ଡା .ଚିନ୍ମୟ ସିପି ଜେନା, ରାମଚନ୍ଦ୍ର ଖଟୁଆ, କାହ୍ନୁ ଚରଣ ସାହୁ, ସମ୍ବିତ କୁମାର ମଲ୍ଲିକ, ସୁସ୍ମିତା ଦେଓ, ଶିତାଂଶୁ କୁମାର ସ୍ୱାଇଁ, ରକ୍ତ ଭଣ୍ଡାର ପରିଚାଳନା କମିଟି ସଦସ୍ୟ ମୋହନ ମହାରଣା ଙ୍କ ସମେତ ଅନ୍ୟ କର୍ମଚାରୀମାନେ ସହଯୋଗ କରିଥିଲେ ।

# କଂଗ୍ରେସ ପକ୍ଷରୁ ବନ୍ୟା ବିପନ୍ନଙ୍କୁ ରିଲିଫ୍ ବଣ୍ଟନ



ମଙ୍ଗଳପୁର,(ସବ୍ୟୁ) : ଦଶରଥପୁର ବ୍ଲକ ବୈତରଣୀ ଶାଖା କାଣୀ ନଦୀ କସପା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଅହିୟାସ–ପଚ୍ଛପଡା ସ୍ଥିତ ଦରଘା ଠାରେ ୧୦୦ ଫୁଟର ଘାଇ ସୃଷ୍ଟି ହେବା ଫଳରେ କସପା ଏବଂ ମଲିକାପୁର ପଞ୍ଚାୟତରେ ବ୍ୟାପକ କ୍ଷୟକ୍ଷତି ହୋଇଥିବାବେଳେ ବ୍ଲକର ୨୧ ପଞ୍ଚାୟତ ପ୍ରଭାବିତ ହୋଇଛି । ଏଥିନେଇ ଆଜି କସପା ଏବଂ ମଲିକାପୁର ପଞ୍ଚାୟତରେ କଂଗ୍ରେସ ପକ୍ଷରୁ ରିଲିଫ୍ ପ୍ରଦାନ କରାଯାଇଥିଲା ଚୁଡା, କଦଳୀ, ଗୁଡ଼, ବିସ୍କୁଟ, ପାଣି ବୋଟଲ ଆଦି ଶୁଖିଲା ଖାଦ୍ୟ ୭୦୦ ରୁ ଅଧିକ ପରିବାରକୁ ବଣ୍ଟନ କରାଯାଇଥିଲା । ବରିଷ୍ଠ କଂଗ୍ରେସ ନେତା ଦେବେନ୍ଦ୍ର ପଣ୍ଡା, ସନ୍ତୋଷ ନନ୍ଦ, ରାଜ୍ୟ ମଜଦୁର ଶ୍ରମିକ କଂଗ୍ରେସ ଉପ ସଭାପତି ଭରତ ଚନ୍ଦ୍ର ପରିଡା, ବ୍ଲକ ସଭାପତି ଶ୍ୟାମ ସୁନ୍ଦର କର, କନକଲତା ମଲିକ, ସରପଞ୍ଚ ଲିପିକା ମଲିକ, ଦୁର୍ଯ୍ୟୋଧନ ବେହେରା, ଚନ୍ଦ୍ରଶେଖର ସାହୁ, ଚନ୍ଦ୍ର ନାରାୟଣ ଦାସ, ଶେଖର ସମ୍ବିତ ଧଳ, ଅନନ୍ତ କୁମାର ଦାସ, ବିମଳ ମଲିକ, ଯୁବରାଜ ମଲିକ, ସୌମ୍ୟ ରଞ୍ଜନ ବେହେରା, ଦେବକାନ୍ତ ପତି, ପଦ୍ମଲୋଚନ ପୋଥାଳ, ଏକାଦଶୀ ତ୍ରିପାଠୀ, ରବିନାରାୟଣ ଜେନା, ପ୍ରଫୁଲ ଦାସ, ଅତୁଳ କୁମାର ମହାନ୍ତି, ବିନୟ ମହାନ୍ତି, ସତ୍ୟବାନ ଜେନାଙ୍କ ସମେତ ବହୁ କର୍ମୀ ଉପସ୍ଥିତ ରହି ବଣ୍ଟନ କାର୍ଯ୍ୟରେ ସହଯୋଗ କରିଥିଲେ ।

# ଲୋକଙ୍କ ଉପରକୁ ମାଡ଼ିଗଲା ପିକ୍‌ଅପ୍ ୪ ଆହତ ,ଜଣେ ମହିଳା ଗୁରୁତର

ଜଗତସିଂହପୁର,(ସବ୍ୟୁ) :ଜଗତସିଂହପୁର ସହର ରଶ୍ମି ହଲ ଛକ ନିକଟରେ ଲୋକଙ୍କ ଉପରେ ଦ୍ରୁତ ଗତିରେ ଆସୁଥିବା ଏକ ପିକଅପ ଭ୍ୟାନ ମାଡି ଯିବା ଫଳରେ ରାସ୍ତାରେ ଯାଉଥିବା ୪ ଜଣ ଲୋକ ଆହତ ହେବା ସହିତ ଜଣେ ମହିଳା ଗୁରୁତର ହୋଇଛନ୍ତି । ସମସ୍ତ ଆହତ ଓ ଗୁରୁତର ଙ୍କୁ ଜଗତସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ଉତ୍ୟକ୍ତ ଲୋକମାନେ ଦୁର୍ଘଟଣା ଘଟାଇଥିବା ଭ୍ୟାନ ଚାଳକକୁ ଅଟକ ରଖି ସଦର ପୋଲିସ ଜିମା ଦେଇଛନ୍ତି । ଚାଳକ ଜଣଙ୍କ ନିଶ୍ୱାସକ୍ତ ଅବସ୍ଥାରେ ଭାରସାମ୍ୟ ହରାଇ ଲୋକଙ୍କ ଉପରକୁ ମାଡି ଯାଇଥିବାର ଜଣା ଯାଇଛି । ଏହି ଦୁର୍ଘଟଣାରେ ରାସ୍ତା କଡରେ ଥିବା ୪ ଟିରୁ ଉର୍ଦ୍ଧ୍ୱ ବାଇକ ମଧ କ୍ଷତିଗସ୍ତ ହୋଇଥିବା ବେଳେ ଏକ ଅଳଙ୍କାର ଦୋକାନ ମଧ କ୍ଷତିଗ୍ରସ୍ତ ହୋଇଛି । ଆହତ ବ୍ୟକ୍ତି ମାନେ ହେଲେ ସଦର ଥାନା ମକୁନ୍ଦପୁର ଅଞ୍ଚଳର ପ୍ରଫୁଲ୍ଲ ଗୋଛାୟତ ଓ ପରି ଜେନା, ଓହଲ ଗ୍ରାମର ସେକ ଆଜିଉଲ ଓ ତାଙ୍କ ପତ୍ନୀ ସୋନି ବିବି,ଚାହୁରା ପାଟେଣୀ ଗାଁର ପ୍ରଶାନ୍ତ କୁମାର ସେଠୀ ବୋଲି ଜଣାଯାଇଛି । ଆଜି ସକାଳେ ମଧ ସେହି ଓଡ଼ି ୨୧ କ୍ୟୁ ୬୮୭୧ ପିକଅପ ଭ୍ୟାନ ହାଟ ବଜାର ଠାରେ ଦୁର୍ଘଟଣା ଘଟାଇ ଥିଲା ।

# ଯାଜପୁର ଠାରେ ଜାତୀୟ କ୍ରୀଡା ଦିବସ –୨୦୨୫ ପାଳିତ



ବ୍ୟାସନଗର/ଯାଜପୁର ସଦର, (ଜିପ୍ର/ସବ୍ୟୁ):ଅଗଷ୍ଟ ତା ୨୯ ରୁ ୩୧ ତାରିଖ ଜାତୀୟ କ୍ରୀଡା ଦିବସ ଅବସରରେ କ୍ରୀଡା,ଉତ୍ସାହ ଓ ଏକତାର ଦେଶ ବ୍ୟାପୀ ଉତ୍ସବ ପାଳନ ପରିପ୍ରେକ୍ଷୀରେ ଆଜି ଯାଜପୁର ଠାରେ ଜିଲ୍ଲା କ୍ରୀଡା ବିଭାଗ ଓ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଜାତୀୟ କ୍ରୀଡା ଦିବସ ପାଳିତ ହୋଇଯାଇଛି ।

ସ୍ଥାନୀୟ ହକି ପ୍ରଶିକ୍ଷଣ କେନ୍ଦ୍ର ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଅମ୍ବର କୁମାର କର, ଜିଲ୍ଲା କ୍ରୀଡା ଅଧିକାରୀ ଫକୀର ଚରଣ ଟୁଡୁ, ହକି ପ୍ରଶିକ୍ଷକ ଉପସ୍ଥିତ ଅନ୍ୟାନ୍ୟ ସମସ୍ତେ ଭାରତୀୟ ହକିର ଯାଦୁଗର, ପଦ୍ମଭୂଷଣ,ମେଜର ଧ୍ୟାନଚାନ୍ଦଙ୍କ ଜନ୍ମ ଜୟନ୍ତୀ ଉପଲକ୍ଷେ ତାଙ୍କ ଫୋଟୋ ଚିତ୍ରରେ ପୁଷ୍ପ ମାଲ୍ୟ ଅର୍ପଣ ପୂର୍ବକ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ଜିଲ୍ଲାପାଳ କହିଥିଲେ ଯେ ବର୍ତ୍ତମାନର ବ୍ୟସ୍ତ ବହୁଳ ଆଧୁନିକ ଜୀବନ ଶୈଳୀ ଓ ଖାଦ୍ୟପେୟ ଯୋଗୁଁ ଅନେକ ସମୟରେ ହଠାତ ଲୋକମାନେ ବିଭିନ୍ନ ପ୍ରକାର ମାରାତ୍ମକ ରୋଗର ଶିକାର ହେଉଛନ୍ତି । ତେଣୁ ରୋଗ ଠାରୁ ଦୁରେଇ ରହି ନିଜ ଶରୀରକୁ ସୁସ୍ଥ ଓ ଫିଟ ରଖିବା ପାଇଁ ପ୍ରତ୍ୟେକ ଦିନ ଅତିକମରେ ଏକ ଘଣ୍ଟା ଖେଳ ପଡିଆରେ ଖେଳକୁଦରେ ବିତାଇବା ଉଚିତ। ଖେଳକୁଦ ମଣିଷକୁ ଶାରିରିକ ଭାବେ ସୁସ୍ଥ, ମାନସିକ ଭାବେ ଶକ୍ତିଶାଳୀ କରିବା ସହିତ ସକାରାତ୍ମକ ଭାବନା ଉଦ୍ରେକ କରିଥାଏ । ପରେ ପରେ ଜିଲ୍ଲାପାଳ ଇଣ୍ଡୋର ଷ୍ଟାଡ଼ିୟମରେ ବ୍ୟାଡ଼ମିଣ୍ଟନ, ଟାଇକାଣ୍ଡୋ ଏବଂ ଅନ୍ୟାନ୍ୟ କ୍ରୀଡ଼ାବିତ ମାନଙ୍କୁ ଭେଟି କ୍ରୀଡା କ୍ଷେତ୍ରରେ ନିଜର ଉତ୍ତମ ପ୍ରଦର୍ଶନ କରି ଦେଶ, ରାଜ୍ୟ ତଥା ଜିଲ୍ଲା ପାଇଁ ଗୌରବ ଆଣିବାକୁ କହିଥିଲେ । ଏହି କାର୍ଯ୍ୟକ୍ରମରେ ହକି ପ୍ରଶିକ୍ଷକ ଅମୁଲ୍ୟ କୁମାର ବେହେରା, ମମତା କିଣ୍ଡୋ, କ୍ରୀଡା ଶିକ୍ଷକ ଶିକ୍ଷୟତ୍ରୀ, ବିଦ୍ୟାଳୟ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେଛ ପରେ ପରେ ଜିଲ୍ଲା ସ୍କୁଲ ଓ ହକିପ୍ରଶିକ୍ଷଣ କେନ୍ଦ୍ର, ଏନ. ସି. କଲେଜ ମଧ୍ୟରେ ପ୍ରଦର୍ଶନୀ ହକି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏନ ସି କଲେଜ ଦଳ ଚାମ୍ପିୟନ ହୋଇଥିଲେ । ଏହାପରେ ଉପସ୍ଥିତ କ୍ରୀଡ଼ାବିତ ଓ ବିଦ୍ୟାଳୟ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟତ୍ରୀ ସମସ୍ତଙ୍କୁ ଫିଟନେସ କାର୍ଯ୍ୟକଳାପରେ ଉତ୍ସାହିତ କରିବା ପାଇଁ ଜିଲ୍ଲାପାଳ ଶପଥ ପାଠ କରାଇଥିଲେଛଜିଲ୍ଲା କ୍ରୀଡା ଅଧିକାରୀ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ ।

# ସାପ କାମୁଡାରେ ଚାଷୀଙ୍କ ମୃତ୍ୟୁ

ବାଲିଟୁଠ,(ସବ୍ୟୁ) : ଏରସମା ବ୍ଲକ୍ ବଳେଇପୁର ପଞ୍ଚାୟତ ଅନ୍ତର୍ଗତ ବନିପାଟ ଗ୍ରାମର ଜଣେ ଚାଷୀ ପ୍ରମୋଦ ରାଉତ (୬୫) ଙ୍କର ସାପ କାମୁଡାରେ ମୃତ୍ୟୁ ହୋଇଛି । ଘଟଣାରୁ ଜଣାପଡିଛି ପ୍ରମୋଦ ରାଉତ ଗତ ୨୭ ତାରିଖ ଅପରାହ୍ନରେ ନିଜ ବାଡି ନିକଟସ୍ଥ ଚାଷଜମିରେ ଧାନ ରୋଇବାକୁ ଯାଇଥିଲେ । ସନ୍ଧ୍ୟା ପୂର୍ବରୁ ରୁଆରୁଇ ସାରି ଗାଈ ପାଇଁ ହିଡରୁ ଘାସ କାଟୁଥିବା ସମୟରେ ଏକ ବିଶାକ୍ତ ସାପ ତାଙ୍କୁ କାମୁଡ଼ି ଥିଲା । ସେ' ତୁରନ୍ତ ଘରକୁ ଚାଲିଆସି ତାଙ୍କୁ ସାପ କାମୁଡି ଥିବା କହି ସଂଜ୍ଞାହୀନ ହୋଇପଡ଼ିଥିଲେ । ସଂଜ୍ଞାହୀନ ଅବସ୍ଥାରେ ତାଙ୍କୁ ତୁରନ୍ତ ଏରସମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା । ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଜଗତସିଂହପୁର ମେଡିକାଲ ଓ ସେଠାରୁ କଟକ ସ୍ଥାନାନ୍ତର କରାଯାଇଥିଲ । କଟକର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେବା ସହିତ ତାଙ୍କୁ ଆଇ ସି ୟୁରେ ଭର୍ତ୍ତି କରାଯାଇଥିଲା । ତେବେ ଗୁରୁବାର ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ହୋଇଥିବାର ଜଣାପଡିଛି ।

# ପିପିଲି ସାଂସ୍କୃତିକ ପରିଷଦ ପକ୍ଷରୁ ଜାତୀୟ କ୍ରୀଡ଼ା ଦିବସ ପାଳିତ




ପିପିଲି, (ସବ୍ୟୁ) : ଜାତୀୟ କ୍ରୀଡ଼ାଦିବସ ଅବସରରେ ପିପିଲି ସାଂସ୍କୃତିକ ପରିଷଦ ପକ୍ଷରୁ କ୍ରୀଡ଼ାଦିବସ ପାଳିତ ହୋଇଅଛି । ଏହି ଅବସରରେ ପିପିଲି ହାଇସ୍କୁଲ, ଜବାହର ବିଦ୍ୟାପୀଠ, ଗୋବିନ୍ଦପୁର ହାଇସ୍କୁଲ, ଓଡିଶା ଆଦର୍ଶ ବିଦ୍ୟାଳୟ, ନହଳାପଡା ଆଦି ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ଜାତୀୟ ପତାକା ଧରି ପିପିଲି ହାଇସ୍କୁଲ ଠାରୁ ଏକ ଶୋଭାଯାତ୍ରାରେ ବଜାର ପରିକ୍ରମା କରି ଜବାହର ବିଦ୍ୟାପୀଠ ପର୍ଯ୍ୟନ୍ତ ଯାଇ ଥିଲେ । ଏଥିରେ ସ୍ଥାନୀୟ ବିଧାୟକ ଆଶ୍ରିତ ପଟ୍ଟନାୟକ, ଲେଫ୍ଟନାଣ୍ଟ ଜେନରାଲ ନାରାୟଣ ମହାନ୍ତି , ସାଂସ୍କୃତିକ ପରିଷଦ ସମ୍ପାଦକ ରମେଶ ଚନ୍ଦ୍ର ମହାପାତ୍ର, ଦୀନବନ୍ଧୁ ବେହୁରା ଙ୍କ ସମେତ ବହୁ କ୍ରୀଡ଼ାବିତ ସାମିଲ ହୋଇଥିଲେ । ଦ୍ୱିତୀୟାର୍ଦ୍ଧରେ ଗୋବିନ୍ଦପୁର ସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟ ପରିସରରେ ହାଇସ୍କୁଲ ଗୁଡିକର ପ୍ରଧାନ ଶିକ୍ଷକ ଏବଂ କ୍ରୀଡା ଶିକ୍ଷକ ମାନଙ୍କୁନେଇ ବିଦ୍ୟାଳୟ ସ୍ତରରେ କ୍ରୀଡାର ବିକାଶ ରେ ଆମର ଉଦ୍ୟମ ସମ୍ପର୍କିତ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା । ଏଥିରେ ଜେନରାଲ ମହାନ୍ତି ସଭାପତିତ୍ୱ କରିଥିବାବେଳେ ବିଧାୟକ ଶ୍ରୀ ପଟ୍ଟନାୟକ ମୁଖ୍ୟ ଅତିଥି,ଜିଲ୍ଲା ଅତିରିକ୍ତ ଶିକ୍ଷା ଅଧିକାରୀ ଦ୍ୱିତୀକାନ୍ତ ପ୍ରଧାନ ମୁଖ୍ୟ ବକ୍ତା ପିପିଲି ବ୍ଲକ ଶିକ୍ଷାଧିକାରୀ ପୀତବାସ ସେଠି ଡେଲାଙ୍ଗ ବ୍ଲକ ଶିକ୍ଷାଧିକାରୀ ଶତ୍ରୁଘ୍ନ ବେହେରା, ଓଡିଶା ଆଦର୍ଶ ବିଦ୍ୟାଳୟ ଅଧକ୍ଷ ବିଭୁତି ଭୂଷଣ ମଣ୍ଡଳ, ଜିଲ୍ଲା କ୍ରୀଡା ପର୍ଯ୍ୟବେକ୍ଷକ ମହେନ୍ଦ୍ର ବିଶ୍ୱାଳ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କ୍ରୀଡାର ବିକାଶ ଓ ଆବଶ୍ୟକତା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ସମ୍ପାଦକ ରମେଶ ମହାପାତ୍ର କର୍ମଶାଳାର ଉଦ୍ଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ପରିଷଦର ଉପସଭାପତି ଦୀନବନ୍ଧୁ ବେହୁରା ପରଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ ହେମନ୍ତ ପ୍ରଧାନ ମଞ୍ଚ ପରିଚାଳନା କରିଥଲେ । କ୍ରୀଡା ଶିକ୍ଷକ ମାନେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

## ଚୋରା ଦେଶୀମଦ ପ୍ୟାକିଂ ଫ୍ୟାକ୍ଟ୍ରିରେ ଚଢାଉ

# ମଦ ସହିତ ପ୍ୟାକିଙ୍ଗ ମେସିନ୍ ଜବତ : ଦୁଇ ଗିରଫ



ବାଙ୍କୀ, (ସବ୍ୟୁ) : ଚୋରା ମଦ କାରବାର ନେଇ ବ୍ୟାପକ ଚଢାଉ ଚାଲିଥିବା ବେଳେ ସହରାଞ୍ଚଳ ପରେ ଏବେ ଗ୍ରାମାଞ୍ଚଳରେ ଜୋରଦାର୍ ଚାଲିଛି ରେଡ୍ । ପାର୍ବଣ କୁ ଆଖି ଆଗରେ ରଖି ଚୋରା ନିଶା କାରବାର ରୋକିବା ନେଇ ନିର୍ଦ୍ଦେଶ ଦେଇଛନ୍ତି କେନ୍ଦ୍ରାଞ୍ଚଳ ଅବକାରୀ ଗୋଇନ୍ଦା ବିଭାଗ । କୌଣସି ସୂତ୍ରରୁ ଖବର ପାଇ କେନ୍ଦ୍ରାଞ୍ଚଳ ଅବକାରୀ ଗୋଇନ୍ଦା ବିଭାଗ ପକ୍ଷରୁ ଡି, ଏସ, ପି, ବିକାଶ ନାୟକଙ୍କ ନେତୃତ୍ୱରେ ଏକ ଟିମ କଟକ ଜିଲ୍ଲାର ବାଙ୍କୀ ବୈଦେଶ୍ୱର ଥାନା ଅନ୍ତର୍ଗତ ପୁଇଁଚା ଗ୍ରାମରେ ଚଢ଼ାଉ କରିବା ବେଳେ ସାମ୍ନାକୁ ଆସିଲା ଗାଁ ରେ ଚାଲିଥିବା ଅତ୍ୟାଧୁନିକ ଦେଶୀ ମଦ ଫ୍ୟାକ୍ଟ୍ରି. । ଚଢାଉ ବେଳେ ୪୩ ଲିଟର ଦେଶି ମଦ ଓ ମଦ ପାଉଚ ପ୍ରସ୍ତୁତ ମେସିନ୍ ଜବତ କରିବା ସହ ଦୁଇ ଜଣଙ୍କୁ ଗିରଫ କରିଛି ଅବକାରୀ ବିଭାଗ । ଗିରଫ ଦୁଇ ଜଣ ହେଲେ ସେହି ଗ୍ରାମ ର ପ୍ରଭାତ ରାଉତରାୟ ଓ ଶରତ ବରାଳ, ଉଭୟଙ୍କୁ ଅଦାଲତ ଚାଲାଣ କରାଯାଇଛି । ସୂଚନା ଯୋଗ୍ୟ ବାଙ୍କୀ ବ୍ଲକ୍ ପୁଇଂଚା ଗ୍ରାମ ପଞ୍ଚାୟତରେ ଚୋରା ମଦ ଫ୍ୟାକ୍ଟ୍ରି ଥିବା ବେଳେ ବାଙ୍କୀ ଅବକାରୀ ବିଭାଗ କିଭଳି ଜାଣି ପାରି ନ ଥିଲା ତାହା ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ବାଙ୍କୀ ଅବକାରୀ ବିଭାଗ କାର୍ଯ୍ୟାଳୟ ଠାରୁ ମାତ୍ର ୧୩ କିଲୋ ମିଟର ଦୂର ହୋଇଥିଲେ ହେଁ ଅବକାରୀ ବିଭାଗ ପାଖରେ ଖବର ନାହିଁ ତାହା ସମସ୍ତ ଙ୍କୁ ଚକିତ କରିଛି ।

# ସଚେତନତା ଭିତ୍ତିକ କାର୍ଯ୍ୟକ୍ରମ 'ନିଶାମୁକ୍ତ ଭାରତ ଅଭିଯାନ'

ବାଲିପାଟଣା,(ସବ୍ୟୁ): ବାଲିପାଟଣା ବ୍ଲକ ଶିକ୍ଷା କାର୍ଯ୍ୟାଳୟ ଅଧୀନସ୍ଥ କୁରୁଞ୍ଜିପୁର ରାମଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ସଚେତନତା ଭିତ୍ତିକ କାର୍ଯ୍ୟକ୍ରମ 'ନିଶାମୁକ୍ତ ଭାରତ ଅଭିଯାନ' ଅନୁଷ୍ଠିତ ହୋଇଯାଇଛି' । କୁରୁଞ୍ଜିପୁର ରାମଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ ଏବଂ ରାଜ୍ୟ ମାନବାଧିକାର ଫୋରମ ର ମିଳିତ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବାଲିପାଟଣା ବ୍ଲକ ଶିକ୍ଷାଧିକାରୀ ଡଃ ପ୍ରଭାତ କୁମାର ରଥ ଯୋଗଦେଇ ନିଶା ସେବନ ର କୁପ୍ରଭାବ ସମ୍ପର୍କରେ ପିଲାମାନଙ୍କୁ ବୁଝାଇଥିଲେ । ବର୍ତ୍ତମାନ ସମୟରେ ଯୁବପିଢ଼ି ନିଶା ପ୍ରତି ଆକର୍ଷିତ ହେବା ସହିତ ବିଭିନ୍ନ ପ୍ରକାର ବିଶୃଙ୍ଖଳିତ ଆଚରଣ କରୁଥିବାର ଲକ୍ଷ୍ୟ କରାଯାଉଛି, ଫଳରେ ସାମାଜିକ ସନ୍ତୁଳନ ବିଗିଡିବାରେ ଲାଗିଛି । ଯେହେତୁ ଛାତ୍ରଛାତ୍ରୀ ମାନେ ହେଉଛନ୍ତି ଦେଶର ଭବିଷ୍ୟତ ତେଣୁ ଏକ ଶୃଙ୍ଖଳିତ ସମାଜ ଗଠନର ଲକ୍ଷ୍ୟ ନେଇ ତଥା ସେମାନଙ୍କୁ ଶୃଙ୍ଖଳିତ ମାର୍ଗରେ ପରିଚାଳିତ କରିବା ପାଇଁ ଏପରି ପ୍ରୟାସ ଆରମ୍ଭ କରାଯାଇଛି ବୋଲି ରାଜ୍ୟ ମାନବାଧିକାର ଫୋରମ ର ସଭାପତି ତଥା ସାମ୍ବାଦିକ ଅରୁଣ କୁମାର ଶତପଥୀ ତାଙ୍କ ବକ୍ତବ୍ୟରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଲିପାଟଣା ପ୍ରେସ କ୍ଲବ ସଭାପତି ଦିଲ୍ଲୀପ କୁମାର ଓଝା,ସାମ୍ବାଦିକ ରମେଶ ଚନ୍ଦ୍ର ରଥ,ବିପିନ ବିହାରୀ ସରକାରୀ ଉଚ୍ଚ ବିଦ୍ୟାଳୟ ର ପ୍ରଧାନଶିକ୍ଷକ ତପନ କୁମାର ରାଉ୍ତ,କୁଶଭଦ୍ରା ସରକାରୀ ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ପ୍ରଦୀପ୍ତ କୁମାର ପ୍ରଧାନ,ବନମାଳୀପୁର ହାଇସ୍କୁଲର ପ୍ରଧାନଶିକ୍ଷକ ଅର୍ଣ୍ଣବ କୁମାର ବେଉରା,ସି ଆର ସି ସି ଲକ୍ଷ୍ମୀପ୍ରିୟା ବେହେରା,ସ୍ଥାନୀୟ ସରପଞ୍ଚ ବିନୋଦିନୀ ମଲ୍ଲିକ,ଏ ବି ଇ ଓ ବିଜୟ କୁମାର ବେହେରା, ବରିଷ୍ଠ ଶିକ୍ଷକ ଦୀନବନ୍ଧୁ ମହାନ୍ତି ଯୋଗଦେଇ ପିଲାମାନଙ୍କୁ ନିଶାସେବନ ପ୍ରତି ଆକୃଷ୍ଟ ନହେବା ପାଇଁ ସଚେତନ କରାଇଥିଲେ । ଏହିକ୍ରମରେ ନିଶା ସେବନ ର କୁପରିଣାମ ସମ୍ପର୍କରେ ହୋଇଥିବା ପ୍ରତିଯୋଗୀତା ରେ ଉତ୍ତୀର୍ଣ୍ଣ ତିନି ଜଣ ଛାତ୍ରୀ ଙ୍କୁ ପୁରସ୍କୃତ କରାଯାଇଥିଲା ।

# ସରାଟ ସେବା ସମବାୟ ସମିତିରେ କେନ୍ଦ୍ର ସମବାୟ ସଚିବ

ବାଲିପାଟଣା, (ସବ୍ୟୁ) : ପମ୍ପାଲୋ ପଞ୍ଚାୟତ ଅନ୍ତର୍ଗତ ସରାଟ ସେବା ସମବାୟ ସମିତି ରେ ଭାରତ ସରକାରଙ୍କ ସମବାୟ ବିଭାଗ ଯୁଗ୍ମ ସଚିବ ଆନନ୍ଦ କୁମାର ଝା ପରିଦର୍ଶନ କରିଛନ୍ତି । ଏହି ଅବସରରେ ଶ୍ରୀ ଝା ସମିତି ପରିସରରେ ଏକ ଓମ୍ ଫେଡ ସାମଗ୍ରୀ ବିକ୍ରୟ କେନ୍ଦ୍ର,ଜନସେବା କେନ୍ଦ୍ର ର ଫିତା କାଟି ଶୁଭାରମ୍ଭ କରିଛନ୍ତି । ସମିତିର ସଭାପତି ଭାରତ ଭୂଷଣ ମହାନ୍ତି,ସମ୍ପାଦକ ପ୍ରଭୁ ପ୍ରସାଦ ଜେନା,ଅଭିଷେକ ସ୍ୱାଇଁ ଓ ସୁଜି କୁମାର ସାହୁ ପ୍ରମୁଖ ଙ୍କ ସହିତ ଅନ୍ୟାନ୍ୟ ପରିଚାଳନା କମିଟି ସଦସ୍ୟସଦସ୍ୟାମାନେ ଉପସ୍ଥିତ ରହି ସହଯୋଗ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମବାୟ ବିଭାଗର ବରିଷ୍ଠ ଅଧିକାରୀ ସିଦ୍ଧାର୍ଥ ଦାସ,ଲକ୍ଷ୍ମୀଧର ସୁବୁଦ୍ଧି,ବିଶ୍ୱରଂଜନ ଦାସ,ଅଳକାନନ୍ଦା ଦାସ,ସାରଥୀ ଶତପଥୀ,ପ୍ରିୟବ୍ରତ ପଣ୍ଡା,ପ୍ରକାଶ ସେଠୀ,ଦିବ୍ୟରଞ୍ଜନ ପ୍ରଧାନ, ଶକ୍ତିପ୍ରସନ୍ନ ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

# ଷଣ୍ଢ ଆକ୍ରମଣରେ ତିନି ଆହତ

ବଳଙ୍ଗା, (ସବ୍ୟୁ) : ବଳଙ୍ଗା ଥାନା ଅନ୍ତର୍ଗତ ଉଚ୍ଛୁପୁର ପଞ୍ଚାୟତ ଅଧିନସ୍ଥ ଷାହାଡାପଡା ଗ୍ରାମରେ ପାଗଳା ଷଣ୍ଢ ଆକ୍ରମଣରେ ତିନି ଜଣ ଆହତ । ଆଜି ମଧ୍ୟାହ୍ନରେ ସାହାଡପଡା ଗ୍ରାମରେ ଏକ ପାଗଳା ଷଣ୍ଢ ଚନ୍ଦନପୁର ଶାଖା କେନାଲ ବନ୍ଧ ରାସ୍ତାରେ ଯାଉଥିବା ଲୋକମାନଙ୍କୁ ଗୋଡେଇ ଗୋଡେଇ ଆକ୍ରମଣ କରିବାରେ ପାର୍ବତୀପୁର ଗ୍ରାମର ରବି ମୁଦୁଲି,ଷାହାଡାପଡା ଗ୍ରାମର ଧରମା ବେହେରା ଓ ସୋମନାଥ ସାହୁଙ୍କୁ ଆକ୍ରମଣ କରିବାରେ ସ୍ଥାନୀୟ ଲୋକମାନେ ଉଦ୍ଧାର କରି ନିମାପଡ଼ା ମେଡିକାଲରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରିଛନ୍ତି ।

# ବାଇଗୁଣିଆ ଚାମ୍ପିଅନ

ଖଣ୍ଡପଡ଼ା, (ସବ୍ୟୁ) : ଖଣ୍ଡପଡ଼ା ବ୍ଲକ ଅଧୀନ ଖଲିସାହି ବଡ଼ ପଡ଼ିଆରେ ଜାତୀୟ କ୍ରୀଡାଦିବସ ପାଳନ ଅବସରରେ ପଠାଣିସାମନ୍ତ ପୂଜ୍ୟପୂଜା ପରିଷଦ ଆନୁକୁଲ୍ୟରେ ଏକ ଦିବସୀୟ ବ୍ଲକ ସ୍ତରୀୟ ଭଲିବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ପ୍ରତିଯୋଗିତାରେ ଖଣ୍ଡପଡ଼ା ବ୍ଲକ ଅଞ୍ଚଳର ୭ ଟି ଟିମ ଅଂଶଗ୍ରହଣ କରିଥିଲେ । ଫାଇନାଲ ମ୍ୟାଚରେ ବାଇଗୁଣିଆ ଟିମ ୨-୦ ସେଟରେ କୋସ୍କା ଟିମକୁ ପରାସ୍ତ କରି ଚାମ୍ପିୟନ ହୋଇଥିବା ସୂଚନା ମିଳିଛି । ଖେଳକୁ କ୍ରୀଡାବିତ ମହେନ୍ଦ୍ର କୁମାର ବାରିକ ପରିଚାଳନା କରିଥିଲେ । ଚମ୍ପିୟାନ ଓ ରନର୍ସ ଅପ ଟିମକୁ ଟ୍ରଫି ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ଟୁର୍ଣ୍ଣାମେଣ୍ଟରେ ଶ୍ରେଷ୍ଠ ଖେଳ ପ୍ରଦର୍ଶନ କରିଥିବା ସୌମ୍ୟରଞ୍ଜନ ମହାରଣାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ରୁପେ ପୁରସ୍କାର ପ୍ରଦାନ କରାଯାଇଥିଲା । ଖଳିସାହି ସ୍ଥିତ ମହାବୀର କ୍ରିକେଟ କ୍ଲବର ସଦସ୍ୟ ମାନେ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ ।

# ଗୋବିନ୍ଦପୁର ଏସ୍ଆଇଙ୍କୁ ଆକ୍ରମଣ ଘଟଣାରେ ଆଉ ଜଣେ ଗିରଫ



କଣ୍ଟାପଡା, (ସବ୍ୟୁ) : ଗୋବିନ୍ଦପୁର ଥାନା ଏସଆଇ ଚିନମୟୀ ଦିବେଦୀଙ୍କୁ ଗତ ଜୁଲାଇ ମାସରେ କିଛି ଅସାମାଜିକ ବ୍ୟକ୍ତି ମରଣାତ୍ମକ ଆକ୍ରମଣ କରିଥିବା ଘଟଣାରେ ଜଣେ ଅଭିଯୁକ୍ତ ସ୍ମୃତିରଂଜନ ରାଉତ(୨୮)କୁ ଧରି ପୋଲିସ ୧୬୫/୨୫ରେ କେଶ ରୁଜୁ କରି କୋର୍ଟ ଫରଓ୍ୱାଡ କରିଥିଲେ । ସେହି ସମୟରେ ମୁଖ୍ୟ ଅଭିଯୁକ୍ତ ସେଠାରୁ ଫେରାର ହୋଇଯାଇଥିଲା ।ପୁର୍ନବାର ଏକମାସ ପରେ ମୁଖ୍ୟ ଅଭିଯୁକ୍ତ ଅମନ ପାତ୍ର ଓରଫ ପ୍ରୀତମ ପାତ୍ର ଯାହାର ଘର ଗୋବିନ୍ଦପୁର ସ୍ଥିତ ମଜୁରାଇ ଗ୍ରାମରେ ତାକୁ ପୋଲିସ ଧରି ଥାନାକୁ ନେଇଥିଲେ । ସୂଚନା ମୁତାବକ ଏକ ମାସ ପୂର୍ବରୁ ଏସଆଇ ଦିବେଦୀ ଥାନାର ଅନ୍ୟ କର୍ମଚାରୀଙ୍କ ସହ ଉରାଢ ପଞ୍ଚାୟତ ଅଭିମୁଖେ ଯାଉଥିବା ବେଳେ ଝାରପଡା ଡେଲଟା ପାଖାପାଖି କିଛି ଅନ୍ଧାର ସ୍ଥାନରେ ୪ରୁ ୫ଜଣ ଅସାମାଜିକ ଯୁବକ ମଦ୍ୟପାନ କରୁଥିଲେ । ଏହି ସମୟରେ ଏସଆଇ ଦିବେଦୀ ଏଠାରୁ ତୁରନ୍ତ ଯାଅ ବୋଲି କହିଥିଲେ । ଫଳରେ ଯୁବକମାନେ ଏସଆଇଙ୍କ ସହ ଯୁକ୍ତିତର୍କ କରିଥିଲେ । ସେମାନଙ୍କ ମଧ୍ୟରୁ ଜଣଙ୍କୁ ଧରି ଥାନା ଗାଡିରେ ପୋଲିସ ବସାଇଥିଲେ । ଏହାର ସୁଯୋଗ ନେଇ ଅନ୍ୟ ଜଣେ ଯୁବକ ଗୋଟେ ବିୟର ବୋତଲ ଏସଆଇଙ୍କ ମୁଣ୍ଡରେ ଆଣିପିଟିବାରୁ ତାଙ୍କ ଶରୀରର ବିଭିନ୍ନ ସ୍ଥାନରୁ ରକ୍ତସ୍ରାବ ହୋଇଥିଲା । ଏହାର ସୁଯୋଗ ନେଇ ଅନ୍ୟଯୁବକ ମାନେ ଫେରାର ହୋଇଯାଇଥିଲେ ।ପୋଲିସ କହିବା ଅନୁଶାରେ ମୁଖ୍ୟ ଅଭିଯୁକ୍ତ ଥିଲେ ଅମନ ପାତ୍ର ଓ ତାର ସହଯୋଗୀ ଥିଲେ ସ୍ମୃତିରଂଜନ ରାଉତ । ଅନ୍ୟମାନେ ଗଣ୍ଡଗୋଳ ଆରମ୍ଭ ହେଉ ହେଉ ସ୍ଥାନ ଛାଡି ପଳାଇଥିଲେ । ମୁଖ୍ୟ ଅଭିଯୁକ୍ତ ଅମନ ପାତ୍ର ନାମରେ ଆଗରୁ ୧୦ଟି କେଶ ରହିଥିବା ଥାନା ଅଧିକାରୀଣି ସୋନାଲି ଆନନ୍ଦ ସୂଚନା ଦେଇଛନ୍ତି ।

## ଟେନଷ୍ଟାର ଫାଉଣ୍ଡେସନ ପକ୍ଷରୁ ଗଣେଶ ପୂଜା

# ସ୍ଥାନୀୟ କଳାକାରଙ୍କ ମଧ୍ୟରେ ନୃତ୍ୟ ପ୍ରତିଯୋଗିତା




ଖଣ୍ଡପଡ଼ା, (ସବ୍ୟୁ) : ଖଣ୍ଡପଡ଼ା ସହରାଞ୍ଚଳର ଟେନଷ୍ଟାର ଫାଉଣ୍ଡେସନ ପକ୍ଷରୁ ଆୟୋଜିତ ଗଣେଶ ପୂଜା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆଜି ସନ୍ଧ୍ୟାରେ ଟେନଷ୍ଟାର ଫାଉଣ୍ଡେସନର ସଭାପତି ଭବାନି ଶଙ୍କର ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଡ଼. ପ୍ରଦୀପ କୁମାର ପାଇକରାୟ ଯୋଗଦେଇ ଥିଲେ । ମୁଖ୍ୟବକ୍ତା ଭାବେ ପଣ୍ଡିତ ମନୋଜ ଦାସ ଏବଂ ସମ୍ମାନିତ ଅତିଥି ଭାବେ ଆଞ୍ଚଳିକ ସାମ୍ବାଦିକ ସଂଘ ସଭାପତି ବିନାୟକ ମିଶ୍ର, ଟେନଷ୍ଟାର ଫାଉଣ୍ଡେସନ ସମ୍ପାଦକ ପଦ୍ମଲୋଚନ ମହାନ୍ତି ପ୍ରମୁଖ ମଞ୍ଚାସିନ ରହିଥିଲେଛ । ଦୀର୍ଘ ୧୫ ବର୍ଷ ଧରି ଟେନଷ୍ଟାର ଫାଉଣ୍ଡେସନ ପକ୍ଷରୁ ସହରାଞ୍ଚଳ ଅଧୀନ ରଥଗଡ଼ା ଛକ ଠାରେ ଗଣେଶ ପୂଜା ପାଳନ ହୋଇ ଆସୁଥିବା ବେଳେ ଚଳିତ ବର୍ଷ ୧୩ ଫୁଟ ଉଚ୍ଚର ଗଣେଶ ମୂର୍ତ୍ତୀ ଆକର୍ଷଣ ସାଜିଥିବାରୁ ଫାଉଣ୍ଡେସନର ସମସ୍ତ ସଭ୍ୟଙ୍କୁ ପ୍ରଶଂସା କରିଥିଲେ ଅତିଥି ବୃନ୍ଦ । ଏଥିସହ ପ୍ରତିଭା ଚୟନ କାର୍ଯ୍ୟକ୍ରମ ମାଧ୍ୟମରେ ସ୍ଥାନୀୟ ଅଞ୍ଚଳର ଲୁକ୍କାୟିତ ପ୍ରତିଭା ଲୋକଲୋଚନକୁ ଆସିପାରୁ ଥିବାରୁ ଏଭଳି କାର୍ଯ୍ୟକ୍ରମ ଆଗକୁ ଜାରି ରଖିବାକୁ ଅତିଥି ମାନେ ପରାମର୍ଶ ଦେଇଥିଲି । ଆଜି ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର କୁନିକୁନି ପ୍ରତିଭା ମାନଙ୍କୁ ନେଇ ନୃତ୍ୟ ଓ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ବିଭିନ୍ନ ବିଦ୍ୟାଳୟର ଓ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ମାନେ ଦେଶାତ୍ମକ, ଭଜନ ଓ ଆଧୁନିକ ସଙ୍ଗୀତରେ ନୃତ୍ୟ ପରିବେଷଣ କରିଥିଲେ । ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ପ୍ରତିଭା ମାନଙ୍କୁ ଆସନ୍ତା କାଲି ଅନ୍ତିମ ସନ୍ଧ୍ୟାରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ଫାଉଣ୍ଡେସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି । ଜାତୀୟ କ୍ରୀଡା ଦିବସରେ ଭଲିବଲ ପ୍ରତିଯୋଗିତା

# ଅଧ୍ୟାପିକାଙ୍କୁ ରାଜୀବ ଗାନ୍ଧି ସେବା ସମ୍ମାନ

ନିରାକାରପୁର,(ସବ୍ୟୁ):ଭାରତ ରତ୍ନ ଶ୍ରୀ ରାଜୀବ ଗାନ୍ଧୀଙ୍କ ୮୧ ତମ ଜନ୍ମ ବାର୍ଷିକ ପାଳନ ଉପଲକ୍ଷେ ରାଜ୍ୟସ୍ତରୀୟ ରାଜୀବ ଗାନ୍ଧୀ ସେବା ସମ୍ମାନ ଉତ୍ସବ -୨୦୨୫ ପାଳନ ଅବସରରେ ଏନସିସି ପକ୍ଷରୁ ଯେଉଁ ୧୦ ଜଣଙ୍କୁ ସମ୍ମାନିତ କରାଯାଇଛି। ସେମାନଙ୍କ ମଧ୍ୟରେ କେବିଡ଼ିଏବି ମହାବିଦ୍ୟାଳୟ, ,ନିରାକାରପୁରର ଜାତୀୟ ସମର ଶକ୍ଷାର୍ଥୀ ବାହିନୀର ପ୍ରଶିକ୍ଷକ ତଥା ତର୍କ ଶାସ୍ତ୍ରର ଅଧ୍ୟାପିକା ଲେଫ୍ଟନାଣ୍ଟ ଲକ୍ଷ୍ମୀପ୍ରିୟା ଚାନ୍ଦ ଶ୍ରେଷ୍ଠ ଏନସିସି ଅଫିସର ଭାବରେ ସ୍ଥାନ ପାଇଛନ୍ତି। ଏହି ସମ୍ମାନ ର ଶ୍ରେୟ ସେ ତାଙ୍କର କଲେଜର ଅଧକ୍ଷ, ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଏବଂ ସର୍ବୋପରି ଏନସିସି କ୍ୟାଡେଟ ତାଙ୍କର ପିତା ମାତାଙ୍କୁ ଅର୍ପଣ କରିଛନ୍ତି । ଏହି ସଭାରେ ଥିବା ମୁଖ୍ୟଅତିଥି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ , ମୁଖ୍ୟବକ୍ତା ଅବସରପ୍ରାପ୍ତ ଉପ କୁଳପତି ଫକିର ମୋହନ ବିଶବିଦ୍ୟାଳୟ, ପ୍ରଫେସର କୁମାର ବର ଦାସଙ୍କ ଦ୍ୱାରା ସମ୍ମାନୀତ ହୋଇଥିଲେ। ଏହି ସଭାରେ ନିରକାରପୁର କଲେଜର ୩୦ କ୍ୟାଡେଟ ମଧ ଯୋଗ ଦେଇଥିଲେ।

# ଅକାମୀ ହୋଇ ପଡିରହିଥିବା ୧୦୮ ଆମ୍ବୁଲାନ୍ସ ସଚଳ ହେବ କେବେ

ନିମାପଡା,(ସବ୍ୟୁ):ଗତ ଏକ ମାସରୁ ଅଧିକ ଦିନ ହେବ ନିମାପଡା ବ୍ଲକ ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଠାରେ ଥିବା ଏକ ୧୦୮ ଆମ୍ବୁଲାନ୍ସଟି ଅକାମୀ ହୋଇ ପଡିରହିଛି । ଫଳରେ ରୋଗୀଙ୍କୁ ନେବା ଅଣା କରିବାରେ ଗୁରୁତର ସମସ୍ୟା ଦେଖାଦେଇଛି । ଉକ୍ତ ଅଚଳ ୧୦୮ ଆମ୍ବୁଲାନ୍ସଟି କେବେ ସଚଳ ହେବ ଏବଂ ରୋଗୀଙ୍କ ସେବାରେ ଲାଗିବ ବୋଲି ସ୍ଥାନୀୟ ଅଂଚଳବାସୀ ଚାହିଁ ରହିଛନ୍ତି । ଆମ୍ବୁଲାନ୍ସ ଅକାମୀ ଯୋଗୁଁ ଦୂର ଦୂରା'ରୁ ଆସୁଥିବା ରୋଗୀ ମାନେ ଆମ୍ବୁଲାନ୍ସ ସେବା ନ ପାଇ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳୁଛି । ଉକ୍ତ ଡାକ୍ତରଖାନାଟି ଜିଲ୍ଲାର ଫାଷ୍ଟ ରେଫରାଲ ସ୍ୱାସ୍ଥ୍ୟକେନ୍ଦ୍ର ହୋଇଥିବା ବେଳେ ଏଠାକୁ ଅସ୍ତରଙ୍ଗ, କାକଟପୁର,ଚାରିଛକ,ନିମାପଡା, କୋଣାର୍କ, ନିଆଳୀ, ଜଗତସିଂହପୁର, ଗୋପ, ନୟାହାଟ ଅଞ୍ଚଳର ହଜାର ହଜାର ସଂଖ୍ୟାର ରୋଗୀ ଦୈନିକ ଚିକିତ୍ସା ପାଇଁ ଆସିଥାନ୍ତି । ଏହି ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ଦୁଇଟି ୧୦୮ ଆମ୍ବୁଲାନ୍ସର ଆବଶ୍ୟକତା ଥିବା ବେଳେ ମାତ୍ର ଏଠାରେ ୫ ବର୍ଷ ହେବ ଗୋଟିଏ ୧୦୮ ଆମ୍ବୁଲାନ୍ସ କାର୍ଯ୍ୟରେ ଲାଗିଛି,ଏହି ଆମ୍ବୁଲାନ୍ସଟି ପୁରୁଣା ହେବାରୁ ବାରମ୍ବାର ଅଚଳ ହୋଇଯିବା ଫଳରେ ରୋଗୀ ମାନେ ଜରୁରୀ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି । ଏପରିକି ଗୁରୁତର ରୋଗୀଙ୍କୁ ଅନ୍ୟତ୍ର ସ୍ଥାନା'ର ଡାକ୍ତର କଲେ ରୋଗୀଙ୍କୁ ବାହାରୁ ଆମ୍ବୁଲାନ୍ସ ଆସିବା ପର୍ଯ୍ୟନ୍ତ ଘଂଟା ଘଂଟା ଧରି ଅପେକ୍ଷା କରିବାକୁ ପଡୁଛି । ୧୦୮ ଆମ୍ବୁଲାନ୍ସ ଦାୟିତ୍ୱରେ ଥିବା ସଂସ୍ଥା ଗାଡି ନଷ୍ଟ ବା ଖରାପ ହେଲେ ମରାମତି କରୁନଥିବାରୁ ବାରମ୍ବାର ଖରାପ ହେଉଥିବା କର୍ମଚାରୀ କହିଛନ୍ତି । ବିଭାଗୀୟ ଅଧିକାରୀ ଦୃଷ୍ଟି ଦେଇ ତୁର' ଏହାର ସମାଧାନ କରିବା ପାଇଁ ସ୍ଥାନୀୟ ଜନସାଧାରଣଙ୍କ ପକ୍ଷରୁ ଦାବୀ ହେଉଛି ।

# ଅସ୍ତରଙ୍ଗ ସାମ୍ବାଦିକ ସଂଘର କାର୍ଯ୍ୟକାରିଣୀ ବୈଠକ



ଅସ୍ତରଙ୍ଗ, (ସବ୍ୟୁ) : ଶୁକ୍ରବାର ଖଣ୍ଡାସାହି ସ୍ଥିତ ବିନୋଦିନୀ ମଣ୍ଡପରେ ଅସ୍ତରଙ୍ଗ ସାମ୍ବାଦିକ ସଙ୍ଘ ବରିଷ୍ଠ ଉପଦେଷ୍ଟା ପ୍ରତାପ ପରିଡାଙ୍କ ଅଧକ୍ଷତାରେ ଅସ୍ତରଙ୍ଗ କାକଟପୁର ର ବିଭିନ୍ନ ସମସ୍ୟା କୁ ନେଇ ଏକ ସ୍ୱତନ୍ତ୍ର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମରେ କାକଟପୁର ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ରବୀନ୍ଦ୍ର ମଲ୍ଲିକ, ବରିଷ୍ଠ ଶିକ୍ଷାବିତ୍ତ ସ୍ୱପ୍ନେଶ୍ୱର ସାହୁ,ଅଶୋକ ପଡ଼ିଆରୀ ପ୍ରମୁଖ ଅତିଥିମାନେ ଯୋଗ ଦେଇଥିଲେ । ସଙ୍ଘ ପଞ୍ଜିକରଣ ହେବା ପରେ ଏହା ସଙ୍ଘ ର ୧ମ କାର୍ଯ୍ୟକାରିଣୀ ବୈଠକ, ଏହି ବୈଠକ ଆରମ୍ଭରୁ ପୂର୍ବତନ ବିଧାୟକ ରବୀନ୍ଦ୍ର ମଲ୍ଲିକ, ବରିଷ୍ଠ ଉପଦେଷ୍ଟା ପ୍ରତାପ ପରିଡା ଙ୍କୁ ଉତ୍ତରୀୟ ଓ ପୁଷ୍ପମାଲ୍ୟ ଅର୍ପଣ କରି ସମ୍ବର୍ଦ୍ଧିତ କରିବା ପରେ ଅସ୍ତରଙ୍ଗ ସାମ୍ବାଦିକ ସଙ୍ଘର କାର୍ଯ୍ୟକାରୀ ସଭାପତି ଆର୍ଯ୍ୟ ବିଶ୍ୱାଳ ପ୍ରଥମେ ସଙ୍ଘ ର ସ୍ଥାୟୀ ସ୍ଥାନ ଓ କାର୍ଯ୍ୟାଳୟ ନିର୍ମାଣ ଓ ସାମ୍ବାଦିକଙ୍କ ସୁରକ୍ଷା ପାଇଁ ଆଗାମୀ ଦିନରେ ସଙ୍ଘ ତରଫରୁ ଏକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ପ୍ରକ୍ରିୟା ଉପରେ ଭାଷଣ ଦେଇ ସଭା ଆରମ୍ଭ କରିବା ପରେ ବରିଷ୍ଠ ଉପଦେଷ୍ଟା ନିରଞ୍ଜନ ଦାସ, ଦୁଃଶାସନ ନାୟକ ଓ ସମ୍ପାଦକ ଲୋକନାଥ ସ୍ୱାଇଁ ସାମ୍ବାଦିକ ସଙ୍ଘର ଏକତା ସହିତ ଆଗାମୀ ଦିନରେ ପ୍ରତ୍ୟେକ ପଞ୍ଚାୟତରେ ଲୋକଙ୍କ ସମସ୍ୟା ଉପରେ କିପରି ଗୁରୁତ୍ୱ ଦିଆଯାଇ ସଙ୍ଘ କାର୍ଯ୍ୟ କରିବ ଏହି ଉପରେ ନିଜ ନିଜ ଅଭିଭାଷଣ ରଖିଥିଲେ । ବୈଠକରେ ସଙ୍ଘର କୋଷାଧକ୍ଷ ସମୀର କର, ଉପ ସଭାପତି ସମୀର ବେହୁରା, ସାଂସ୍କୃତିକ ସମ୍ପାଦକ ମନୋଜ ବିଶ୍ୱାଳ, ବରିଷ୍ଠ ସଦସ୍ୟ ପ୍ରଶାନ୍ତ ବାରିକ, ସୁଧୀର କର, ଆର୍ତ୍ତ ତ୍ରାଣ ମହାନ୍ତି, ଆଦିତ୍ୟ ବିଶ୍ୱାଳ ଉପସ୍ଥିତ ରହିଥିଲେ । ପରିଶେଷରେ ସଙ୍ଘ ର ସଭାପତି ବିଶ୍ୱ ରଞ୍ଜନ ବିଶ୍ୱଶ୍ରୀ ଅତିଥଙ୍କ ସମେତ ସଙ୍ଘ କୁ ଧନ୍ୟବାଦ ଜ୍ଞାପନ କରି ସଭା କାର୍ଯ୍ୟ ସମାପ୍ତ କରିଥିଲେ ।

# ଓଡ଼ିଶା ସାମାଜିକ ଓ ସାଂସ୍କୃତିକ ପରିଷଦ କର୍ମକର୍ତ୍ତା ଚୟନ



ଫୁଲନଖରା, (ସବ୍ୟୁ) : କଟକ ସଦର ଥାନା ଅଧୀନସ୍ଥ ଅରଡିଆପଦା ଗ୍ରାମର ମା ନବ ମଲ୍ଲିକାଙ୍କ ପୀଠସ୍ଥଳୀରେ ଏକ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓଡ଼ିଶା ସାମାଜିକ ଓ ସାଂସ୍କୃତିକ ପରିଷଦ ଗଠନ କରାଯାଇଛି । ବାରଂଗ ବ୍ଲକ ୩୩ ନମ୍ବର ଜୋନ ଅନ୍ତର୍ଗତ ୮ ଗୋଟି ପଂଚାୟତ ଯଥାକ୍ରମେ ନଗରୀ, ସାଇଁସୋ, ହରିଅନ୍ତା, କୁରାଙ୍ଗ ପ୍ରଧାନ, କୁରାଙ୍ଗ ଶାସନ, ଉସୁମା, କୋରକରା, ଖଲର୍ଦା, ସଦର ବ୍ଲକ୍ ଅନ୍ତର୍ଗତ ଖଣ୍ଡେଇତା, ଉରାଳି, ଆମଣ, କଟକ ମ୍ୟୁନିସିପାଲଟି ଅନ୍ତର୍ଗତ ୫୬,୫୭,୫୮,୫୯ ନମ୍ବର ୱାର୍ଡ୍, ଖୋର୍ଦ୍ଧା ଜିଲ୍ଲା ବାଲିଅନ୍ତା ବ୍ଲକ୍ ଅନ୍ତର୍ଗତ ଜଗନ୍ନାଥପୁର ପଂଚାୟତକୁ ନେଇ ଏହି ସ୍ୱେଚ୍ଛସେବୀ ନିରପେକ୍ଷ ଅନୁଷ୍ଠାନ ଗଢ଼ି ଉଠିଛି । ଯାହାର ମୂଳ ଲକ୍ଷ ବିଭିନ ପ୍ରକାର ସାମାଜିକ ସଚେତନତା କାର୍ଯ୍ୟକ୍ରମ, ଭାଷା, ସାହିତ୍ୟ ସଂସ୍କୃତି ର ପ୍ରଚାର ଓ ପ୍ରସାର, ଅବହେଳିତ ଓ ନିଷ୍ପେସିତ ଜନ ସାଧରଣକୁ ସାମାଜିକ ନ୍ୟାୟ ପ୍ରଦାନ ଓ ଅଞ୍ଚଳର ବିଭିନ ସାମୂହିକ ସମସ୍ୟା ଦୂରୀକରଣ ନିମନ୍ତେ ସର୍ବଦା ଚେଷ୍ଟା କରିବ । ପରିଷଦର କର୍ମକର୍ତ୍ତା ଯଥାକ୍ରମେ ପ୍ରତିଷ୍ଠାତା ସଭାପତି ଭାବରେ ପ୍ରକାଶ ଚନ୍ଦ୍ର ନାୟକ, ସଭାପତି ଭାବରେ କଟକ ସଦର ପ୍ରେସ କ୍ଲବ୍ ର କାର୍ଯ୍ୟକାରୀ ସଭାପତି ଲଳିତ କୁମାର ଦାଶ, ସମ୍ପାଦକ ଭାବରେ ଅମିତ୍ କୁମାର୍ ପରିଜା,ଉପସଭାପତି ଭାବରେ ଧୀରେନ୍ଦ୍ର ସାହୁ, ଚିନ୍ମୟୀ ମହାରଣା, କାର୍ଯ୍ୟକାରୀ ସଭାପତି ଭାବରେ ଦେବ ରଞ୍ଜନ ବୈଠାଲୁ, ପ୍ରଭାସ ଚନ୍ଦ୍ର ମଙ୍ଗରାଜ ,ସହ ସମ୍ପାଦକ ଭାବରେ ଜ୍ୟୋତିମୟୀ ବେଉରା, କୋଷାଧକ୍ଷ ଭାବରେ ଧରଣୀଧର ବେହେରା , ସାମାଜିକ ଗଣମାଧ୍ୟମ ସଂଯୋଜକ ଆଶିଷ ରଂଜନ ସ୍ୱାଇଁ, ସିନିୟର୍ ସିଟିଜେନ୍ ସଂଯୋଜକ ଭାବେ ଚତୁର୍ଭୁଜ ମହାପାତ୍ର ପ୍ରମୁଖଙ୍କୁ ସର୍ବ ସମ୍ମତି କ୍ରମେ ଚୟନ କରାଯାଇଥିଲା । ପରିଷଦର ଉପଦେଷ୍ଟା ଭାବରେ ମନୋଜ ଲେଙ୍କା, ଶ୍ରୀ ଗୁରୁ ଅନୁଷ୍ଠାନର ପ୍ରତିଷ୍ଠାତା ତ୍ରିଲୋଚନ ରାୟ, ଗାୟକ ଆହ୍ଲାଦ ସୁରେନ୍ଦ୍ର ନାଥ ଛୋଟରାୟ, ପୂର୍ବତନ ପ୍ରଶାସନିକ ଅଧିକାରୀ ଗଣେଷ ପ୍ରସାଦ ଦାଶ, ପୂର୍ବତନ ଏକ୍ସିକ୍ୟୁଟିଭ ଇଞ୍ଜିନିୟର ଇଂ ସୁଶାନ୍ତ କୁମାର ତ୍ରିପାଠୀ, ବରିଷ୍ଠ ରାଜନୀତି ସମୀକ୍ଷକ ଶେଷ ଦେବ ପାତ୍ର, ପ୍ରଦ୍ୟୁମ୍ନ ପତି, ଲେଖକ ରାଧାଶ୍ୟାମ ମହାନ୍ତି, ମା ଧାକୁଲେଇ ତ୍ରିପର ସଂଘ ସଭାପତି ଛବିନ୍ଦ୍ର ବେହେରା, ବିଶିଷ୍ଟ ବ୍ୟବସାୟୀ ଗୁଣ୍ଡୁଚି ଚରଣ ସାହୁ, ଅରଡିଆପଦା ଗ୍ରାମ୍ୟ କମିଟି ସଂପାଦକ ଅଜୟ କୁମାର ବେଉରା, କୋଷାଧକ୍ଷ ଶୈଳଜାନନ୍ଦ ସାହୁ, ବରିଷ୍ଠ ସାମ୍ବାଦିକ ଅମୂଲ୍ୟ କୁମାର ବାରିକ, ବାରଂଗ ବ୍ଲକ ବିଜେଡ଼ି ଉପସଭାପତି ଅଶୋକ କୁମାର ରଥ, ପ୍ରଭାତ କୁମାର ନାୟକ ପ୍ରମୁଖଙ୍କୁ ଗ୍ରହଣ କରାଯାଇଥିଲା । ଏହା ବ୍ୟତୀତ ଅନ୍ୟାନ୍ୟ କର୍ମକର୍ତ୍ତା ତଥା କମିଟିର କର୍ମକର୍ତ୍ତାଙ୍କୁ ମଧ୍ୟ ଚୟନ କରାଯାଇଥିଲା ।

(ଶ୍ରୀମଦ୍ଭଗବଦ୍ ଗୀତା ୧୮/୨୭)

-ମୋକ୍ଷଯୋଗଃ-

(ଶ୍ରୀଭଗବାନୁବାଚ)

**ରାଗୀ କର୍ମଫଳପ୍ରେପ୍ସୁର୍ଲୁବ୍ଧୋ ହିଂସାତ୍ମକୋଽଶୁଚିଃ ।**
**ହର୍ଷଶୋକାନ୍ୱିତଃ କର୍ତ୍ତା ରାଜସଃ ପରିକୀର୍ତ୍ତିତଃ ॥ ୨୭ ॥**

(ରାଜସଂ କର୍ତ୍ତାରମାହ ରାଗୀତି)-ରାଗୀ (ପୁତ୍ରାଦିଷୁ ପ୍ରୀତିମାନ୍), କର୍ମଫଳପ୍ରେପ୍ସୁଃ (କର୍ମଫଳକାମୀ), ଲୁବ୍ଧଃ (ପରସ୍ୱାଭିଳାଷୀ), ହିଂସାତ୍ମକଃ (ମାରକସ୍ୱଭାବଃ), ଅଶୁଚିଃ (ବିହିତଶୌଚଶୂନ୍ୟଃ), (ଫଳସ୍ୟ ଲାଭାଲାଭୟୋଃ) ହର୍ଷଶୋକାନ୍ୱିତଃ କର୍ତ୍ତା ରାଜସଃ ପରକୀର୍ତ୍ତିତଃ ॥୨୭॥

# ବିକଶିତ ଓଡ଼ିଶା ପାଇଁ ଭବିଷ୍ୟଦୃଷ୍ଟି

ଅଗଷ୍ଟ ୨୯ତାରିଖରେ ଭୁବନେଶ୍ୱରର ଏକ ହୋଟେଲରେ 'ବିକଶିତ ଓଡ଼ିଶା ୨୦୩୬' ସଂକ୍ରାନ୍ତରେ ଆଲୋଚନା ହେଉଛି ବୋଲି ରାଜ୍ୟ ସରକାର ଓ ଇଣ୍ଡିଆନ ଚାମ୍ବର ଅଫ୍ କମର୍ସର ଗୋଟିଏ ପୃଷ୍ଠାର ମିଳିତ ବିଜ୍ଞାପନ ଗୋଟିଏ ସମ୍ବାଦପତ୍ରରେ ପ୍ରକାଶ ପାଇଛି । ଏଥିରେ ବିଷୟବସ୍ତୁ ସମ୍ଭବତଃ 'ସୁବର୍ଣ୍ଣ ଓଡ଼ିଶା- ସମୃଦ୍ଧ ଓଡ଼ିଶା' ଓ 'ଉଦ୍ୟୋଗୀ ଓଡ଼ିଶା–ଉଦ୍ୟମୀ ଓଡ଼ିଶା' ରହିଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲଙ୍କ ଫଟୋ ସହ କେନ୍ଦ୍ର ଓ ରାଜ୍ୟର କେତେକ ମନ୍ତ୍ରୀ ଓ ଚାମ୍ବର ଅଫ୍ କମର୍ସର କର୍ମକର୍ତ୍ତାମାନଙ୍କ ଫଟୋ ପ୍ରକାଶ ପାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ବିକଶିତ ଭାରତ' ଭିଜନ ବା ଭବିଷ୍ୟଦୃଷ୍ଟି ଅନୁକରଣରେ ଇଣ୍ଡିଆନ ଚାମ୍ବର ଅଫ୍ କମର୍ସ ଏହାର ଆୟୋଜନ କରୁଥିବା ଆନନ୍ଦର କଥା । ଆଉ ଗୋଟିଏ ଦଶନ୍ଧି ପରେ ଓଡ଼ିଶା ତାହାର ଜନ୍ମ ଶତବାର୍ଷିକ ଉତ୍ସବ ୨୦୩୬ ଏପ୍ରିଲରେ ଆରମ୍ଭ କରିବ । ଓଡ଼ିଶା ପାଇଁ ଏହି ପ୍ରାକ୍ ଆୟୋଜନ ବିଭିନ୍ନ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଏଥିରେ ସନ୍ଦେହ ନାହିଁ ।

ଏବେ ଯଦି ଓଡ଼ିଶାରେ ବିଜେପି ସରକାର ଆସି ବର୍ଷେ ପୂରଣ କରିପାରିଛି, ତାହା ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ଓଡ଼ିଶା ଉପରେ ସ୍ୱତନ୍ତ୍ର ଦୃଷ୍ଟି ଥିବାରୁ ସମ୍ଭବ ହୋଇଛି । ଏହା ପ୍ରତ୍ୟେକ ଓଡ଼ିଶାବାସୀ ସ୍ୱୀକାର କରିବେ । ମୋଦିଜୀ ଓଡ଼ିଶାରେ ବା ଭାରତରେ କେବଳ ନୁହେଁ, ସମଗ୍ର ବିଶ୍ୱରେ ଆପଣାର ବ୍ୟକ୍ତିତ୍ୱ ବା କାର୍ଯ୍ୟପ୍ରଣାଳୀଦ୍ୱାରା ସମସ୍ତଙ୍କୁ ଆକୃଷ୍ଟ କରି ପାରିଛନ୍ତି । ବିରୋଧୀ ଦଳ ପକ୍ଷରୁ ଯାବତୀୟ କୁତ୍ସା ରଟନା ତାଙ୍କ ବିରୋଧରେ କରାଯାଇଥିଲେ ମଧ୍ୟ ତାହାକୁ ସେ ଭ୍ରୂକ୍ଷେପ ନକରି ଆପଣାର କଥା ଓ କାର୍ଯ୍ୟଦ୍ୱାରା ସମସ୍ତଙ୍କର ପ୍ରିୟଭାଜନ ହୋଇ ପାରିଛନ୍ତି । ବିକଶିତ ଭାରତ ମାର୍ଗରେ ଯିବା ଲାଗି ମୋଦିଜୀଙ୍କ କାର୍ଯ୍ୟପ୍ରଣାଳୀ ମଧ୍ୟ ଆମକୁ ପ୍ରେରଣା ଦେଇ ପାରିଛି ।

ଉଲ୍ଲେଖନୀୟ ଯେ କଂଗ୍ରେସ ହେଉଛି ଭାରତର ସର୍ବ ପୁରାତନ ରାଜନୀତିକ ଦଳ । ଏବେ କଂଗ୍ରେସ ଭାରତର ବିରୋଧୀ ଦଳର ମର୍ଯ୍ୟାଦା ଲାଭ କରିଛି । ମୋଦିଜୀଙ୍କ 'ବିକଶିତ ଭାରତ' ମାର୍ଗରେ ଚାଲିବା ସହିତ କଂଗ୍ରେସ ଦଳ ତାହାର ବୈଶିଷ୍ଟ୍ୟ ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ କରି ହୁଏତ ଜନସାଧାରଣଙ୍କ ବିଶ୍ୱାସଭାଜନ ହେବ ବୋଲି କୁହାଯାଉଛି । କାରଣ ବିକଶିତ ଭାରତ ଗଠନରେ ବିରୋଧୀ ଦଳର ଭୂମିକା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ବୋଲି ଭାବିବାକୁ ହେବ । ଆମ ରାଜ୍ୟ ଓଡ଼ିଶାରେ ଏବେ ବିଜେପି କ୍ଷମତାସୀନ ହୋଇ ସରକାର ଗଢ଼ିଥିଲେ ମଧ୍ୟ ବିରୋଧୀ ଦଳ 'ବିଜୁ ଜନତା ଦଳ'ର ଭୂମିକାକୁ ଅସ୍ୱୀକାର କରି ହେବ ନାହିଁ । କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଙ୍କୁ ଗୁରୁତ୍ୱ ଦିଆଯାଉଥିଲେ ମଧ୍ୟ ବିରୋଧୀ ଦଳର ନେତା ରାହୁଲ ଗାନ୍ଧିଙ୍କୁ ମଧ୍ୟ ଭାରତୀୟମାନେ ସଚେତନ ଦୃଷ୍ଟିରେ ଦେଖୁଛନ୍ତି । ସେହିପରି ଆମ ରାଜ୍ୟର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଓଡ଼ିଆମାନେ ଗୁରୁତ୍ୱ ଦେଇ ଆସୁଥିଲେ ମଧ୍ୟ ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକଙ୍କୁ ଲୋକେ ମଧ୍ୟ ଭୁଲି ଯାଇ ନାହାନ୍ତି । ରାଜ୍ୟରେ କଂଗ୍ରେସ ଦଳ ମଧ୍ୟ ବିରୋଧୀ ଦଳ ଭୂମିକାରେ ଥିବାରୁ ଏହାର ରାଜ୍ୟ ଶାଖା ସଭାପତି, ପୂର୍ବତନ କେନ୍ଦ୍ର ରେଳବାଇ ମନ୍ତ୍ରୀ ଶ୍ରୀ ଭକ୍ତ ଚରଣ ଦାସଙ୍କ କଥା ଓ କାର୍ଯ୍ୟକୁ ଓଡ଼ିଆ ଲୋକେ ମଧ୍ୟ କମ୍ ଗୁରୁତ୍ୱ ଦେଉନାହାନ୍ତି ।

ଓଡ଼ିଶାର ସାମଗ୍ରିକ ବିକାଶ ପାଇଁ ବିରୋଧୀ ଦଳମାନଙ୍କ ସମେତ ଅଣ ରାଜନୀତିକ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ମଧ୍ୟ ସାମିଲ କରାଗଲେ ଭଲ ହୁଅନ୍ତା ।

ଭାରତରେ ଭାଷା ଭିତ୍ତିରେ ପ୍ରଥମ ରାଜ୍ୟ ଓଡ଼ିଶା ହୋଇଥିଲେ ହେଁ, ଏହାର ଅଧିକାଂଶ ଓଡ଼ିଆ ଅଧ୍ୟୁଷିତ ଅଞ୍ଚଳ ଓଡ଼ିଶା ବାହାରେ ରହି ଯାଇଛି । ଅଖଣ୍ଡ ଓଡ଼ିଶା ଗଠିତ ହୋଇ ପାରିଲା ନାହିଁ । ସ୍ୱାଧୀନତା ଲାଭ ପରେ ମଧ୍ୟ ଆଦିବାସୀ ବହୁଳ ଓଡ଼ିଶା ରାଜ୍ୟର ଜନସାଧାରଣଙ୍କ ସ୍ୱାର୍ଥକୁ ସାମାନ୍ୟ ଦୃଷ୍ଟି ଦିଆ ଯାଇଥିଲେ ମଧ୍ୟ ଓଡ଼ିଆ ବା ଓଡ଼ିଶାକୁ ଉପରକୁ ଉଠିବାକୁ ପ୍ରାୟ ସୁଯୋଗ ଦିଆଗଲା ନାହିଁ । ଓଡ଼ିଶା ବାହାରେ ଅନ୍ୟାନ୍ୟ ରାଜ୍ୟରେ ଥିବା ଓଡ଼ିଆଙ୍କ ସ୍ୱାର୍ଥକୁ ମଧ୍ୟ ଦୃଷ୍ଟି ଦିଆଗଲା ନାହିଁ । ଦୟନୀୟ ଅବସ୍ଥା ଭିତରେ ସେମାନେ ନିଜ ନିଜର ପରମ୍ପରା ଓ ସଂସ୍କୃତିକୁ ଘରେ ଘରେ ବାନ୍ଧି ରଖିଲେ ସିନା, ନିଜ ମାତୃଭାଷାକୁ ଅନ୍ୟ ରାଜ୍ୟର ଭାଷା ମଧ୍ୟରେ ସାମିଲ କରିବାକୁ ବାଧ୍ୟ ହେଲେ । ଏପରିକି ଓଡ଼ିଶା ସରକାର ଓଡ଼ିଶା ବାହାରେ ଥିବା ସ୍କୁଲମାନଙ୍କରେ ଓଡ଼ିଆ ପଢ଼ାଇବା ଲାଗି ଯେଉଁ ଶିକ୍ଷକମାନଙ୍କୁ ନିଯୁକ୍ତ କରି ଦରମା ଦେଲେ, ତାହା ମଧ୍ୟ ବାଟମାରଣା ହୋଇଥିବା ପରି ଗୁରୁତର ଅଭିଯୋଗମାନ ପହଞ୍ଚିବାରେ ଲାଗିଛି । ପ୍ରତି ରାଜନୀତିକ ଦଳରେ ମତଭେଦ ଯୋଗୁଁ ଦଳ ମଧ୍ୟରେ ଏକତା ରହୁନାହିଁ । ସେହିପରି ଶାସକ ଦଳରେ ମତଭେଦ ମଧ୍ୟ ରହୁଥିବା କୁହାଯାଉଛି । କେତେକ ଷଡ଼ଯନ୍ତ୍ରକାରୀ ଏହାର ସୁଯୋଗ ନେଉଥିବାରୁ ରାଜ୍ୟ ସରକାର ସେ ଦିଗରେ ଉଚିତ ପଦକ୍ଷେପ ନେଇ ପାରୁନାହାନ୍ତି । ଓଡ଼ିଆ କଙ୍କଡ଼ାମାନେ ଉପରକୁ ଉଠିବାବେଳେ ତଳ ଆଡୁ ଅନ୍ୟ କଙ୍କଡ଼ାମାନେ ସେମାନଙ୍କୁ ପଛପଟୁ ଟାଣି ଧରୁଛନ୍ତି । ସେଥିପାଇଁ ସମ୍ଭବତଃ ଓଡ଼ିଶାର ଉନ୍ନତି ହୋଇ ପାରୁନାହିଁ । ଏଥିପ୍ରତି ଆମେମାନେ ସଚେତନ ହେବା ଆବଶ୍ୟକ ।


## ଗୁରୁଦେବ

**ହେ ମୋର ପୂଜ୍ୟ ଗୁରୁଦେବ ! ତୁମେ ନଭୋମଣ୍ଡଳରେ ଦୀପ୍ତିମନ୍ତ ସୂର୍ଯ୍ୟ, ମୁଁ ତାହାର ଆଲୋକ । ତୁମେ ମୋ ପାଇଁ ହିମାଳୟରୁ ପ୍ରବାହିତ ପବିତ୍ର ଗଙ୍ଗା, ମୁଁ ତାହାର ସ୍ୱଚ୍ଛ ଧାରା । ତୁମେ ଦିଗନ୍ତବିସ୍ତାରୀ ପ୍ରକୃତି, ମୁଁ ତାହାର ସୌନ୍ଦର୍ଯ୍ୟ । ହେ ମୋର ଗୁରୁଦେବ ! ମୁ ତୁମର ଶ୍ରୀଚରଣରେ ନତମସ୍ତକ ହେଉଅଛି, ତୁମେ ତୁମ ଚରଣ କମଳ ତଳେ ମୋତେ ସର୍ବଦା ରଖିଥାଅ ଓ ସଦା କୃପାବାରି ମୋ ଉପରେ ବର୍ଷା କରୁଥାଅ ।**

*ଲେଖକ-ଡ. ପ୍ରଦୀପ କୁମାର ଚୌଧୁରୀ*

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ଆଖୁଚାଷ: ଓଡ଼ିଶା ପଛରେ ପଡ଼ିଛି କାହିଁକି ?



**ବିଦ୍ୟାଧର ମହାରଣା**

ଆଖୁ ଏକ ଅର୍ଥକରୀ ଫସଲ ହିସାବରେ ଜଣାଶୁଣା । ଧାନ, ଗହମ ଇତ୍ୟାଦି ଫସଲ ଅପେକ୍ଷା ଏହାର ଅଙ୍ଗାର ଆତ୍ମୀକରଣ ପ୍ରକ୍ରିୟା ଅଧିକ ଦକ୍ଷତାର ସହ ସମ୍ପନ୍ନ କରୁଥିବାରୁ ଏହାର ଅମଳ କ୍ଷମତା ଅଧିକ । ସାଧାରଣତଃ ଆଖୁ ଏକ ବର୍ଷିକିଆ ଫସଲ ଓ ସର୍ବାଧିକ ଜଳ ଆବଶ୍ୟକ କରେ । ଆଖୁ ଫସଲରୁ ଗୁଡ଼, ଖଣ୍ଡସାରି ଓ ଚିନି ପ୍ରସ୍ତୁତ ହେଉଥିଲେ ମଧ୍ୟ ବହୁ ଆଖୁଚାଷୀମାନେ ଆଖୁକୁ ଚିନି ପାଇଁ ଚିନି କଳକୁ ପଠାନ୍ତି ଓ କାରଖାନା କର୍ତ୍ତୃପକ୍ଷ ଏହାକୁ ଚିନି, ମୋଲାସେସ୍ ଓ ଇଥାନଲ ପ୍ରସ୍ତୁତି ପାଇଁ ବ୍ୟବହାର କରନ୍ତି । ଏହି କାରଣରୁ ଚିନିକଳ ଚାରିପାଖରେ ଆଖୁଚାଷ ଅଧିକ ହୁଏ । ଅତୀତରେ ଆନ୍ଧ୍ରପ୍ରଦେଶ ଆନକାପଲ୍ଲୀରୁ କେତେକ କାରିଗର ଆଣି ନାଇଲନ ଗୁଡ ପ୍ରସ୍ତୁତ କରିବା ପାଇଁ ଚାଷୀଙ୍କୁ ତାଲିମ ଦିଆଯାଇଥିଲା । ଉଦ୍ଦେଶ୍ୟ ଥିଲା ଚାଷୀ କିପରି ଲାଭବାନ ହୋଇପାରିବେ ।

ଏବେ ଆଖୁ ଚାଷରେ ମୁଖ୍ୟ ସମସ୍ୟା ହେଲା ବିପଣନ ଭିତ୍ତିଭୂମିର ଅଭାବ, ଚିନି କଳରୁ ପ୍ରାପ୍ତିରେ ବିଳମ୍ବ ଏବଂ ଚିନିକଳ କର୍ତ୍ତୃପକ୍ଷଙ୍କ ମନୋମୁଖୀ କାମ । ଅପରପକ୍ଷରେ ଚିନିକଳ କର୍ତ୍ତୃପକ୍ଷ ମଧ୍ୟ ଆଖୁ ଯୋଗାଣରେ ଅସ୍ଥିରତା ସହିତ ଆଖୁରୁ ଶର୍କରା ଅଂଶ କମିବା ଯୋଗୁ ବହୁ ଅସୁବିଧାର ସମ୍ମୁଖୀନ ହୁଅନ୍ତି । ସରକାର ଆଖୁ ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟ ଘୋଷଣ କରିଥିଲେ ମଧ୍ୟ ଚାଷ ଖର୍ଚ୍ଚ ବଢୁଥିବା ଯୋଗୁ ଚାଷୀ ବିଶେଷ ଲାଭବାନ ହୋଇ ପାରୁ ନାହାନ୍ତି ।

ଓଡ଼ିଶାରେ ବାର୍ଷିକ ୨ ଲକ୍ଷ ୨୧ ହଜାର ଲକ୍ଷ ଟନ୍ ଚିନିର ଆବଶ୍ୟକତା ଅଛି । ମାତ୍ର ଓଡ଼ିଶାରେ ପ୍ରତିଷ୍ଠିତ ଆଠ ଗୋଟି ଚିନି କଳରୁ ମାତ୍ର ଦୁଇଟି ଏବେ ଆସିକା ଓ ଢେଙ୍କାନାଳରେ କାର୍ଯ୍ୟ କରୁଛି । ଆସ୍କା ଚିନିକଳ ସମବାୟସଂସ୍ଥା ଦ୍ୱାରା ପରିଚାଳିତ ଓ ଢେଙ୍କାନାଳ ହରିପୁର ସ୍ଥିତ ଚିନିକଳ 'ଶକ୍ତି ସୁଗାର' ନାମକ ଘରୋଇ ସଂସ୍ଥାଦ୍ୱାରା ପରିଚାଳିତ । ଅନ୍ୟ ଚିନିକଳ ବରଗଡ଼, ନୟାଗଡ଼, ବଡ଼ମ୍ବା, ଧର୍ମଗଡ଼, ବଲାଙ୍ଗୀରର ଦେଓଗାଁ ଓ ରାୟଗଡାରେ କିଛିଦିନ କାର୍ଯ୍ୟ କରିବା ପରେ ବର୍ତ୍ତମାନ ବନ୍ଦ ରହିଛି । ଯେହେତୁ ଆଖୁ ଚାଷ ସହିତ ଚିନିକଳକୁ ସଂଯୁକ୍ତ କରଯାଏ, ଏହି ଛଅ ଗୋଟି ଚିନିକଳ ବନ୍ଦ ହେବା ଫଳରେ ଆଖୁଚାଷ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି ।

ଏକଦା ରାଜ୍ୟରେ ବର୍ଷକୁ ୫୭,୦୦୦ ହେକ୍ଟର (୧୯୮୩-୮୪ ମସିହାରେ) ଆଖୁଚାଷ ହୋଇ ୩୫ ଲକ୍ଷ ୬୦ ହଜାର ଟନ୍ ଉତ୍ପାଦିତ ହେଉଥିଲା । କିନ୍ତୁ ୧୯୯୮-୯୯ ଠାରୁ ଆଖୁଚାଷ ଜମି କ୍ରମାଗତ କମିବାରେ ଲାଗିଛି । ୨୦୨୩-୨୪ ବର୍ଷରେ ୨୨,୪୬୦ ହେକ୍ଟର ଜମିରେ ଆଖୁ ଚାଷ ହୋଇ ହେକଟର ପ୍ରତି ୭୨ ଟନ୍ ହିସାବରେ ୧୬ ଲକ୍ଷ ୩୫ ହଜାର ଟନ ଆଖୁ ଅମଳ ହୋଇଥିଲା । ଆଖୁଚାଷରେ ହେକ୍ଟର ପ୍ରତି ପ୍ରାୟ ୭୫,୦୦୦ ଟଙ୍କା ଖର୍ଚ୍ଚ ହୋଇ ୧୨,୦୦୦୦ ଟଙ୍କା ଆୟ କରାଯାଏ । ଭାରତରେ ମୋଟ ଆଖୁ ଉତ୍ପାଦନରୁ ଉତ୍ତରପ୍ରଦେଶ ୪୫ ପ୍ରତିଶତ, ମହାରାଷ୍ଟ୍ର ୨୧ ପ୍ରତିଶତ ଓ କର୍ଣ୍ଣାଟକ ୧୦ ପ୍ରତିଶତ ଆଖୁ ଅମଳ କରନ୍ତି । ଏହି ରାଜ୍ୟ ତୁଳନାରେ ଓଡ଼ିଶା କମ୍ ଆଖୁ ଚାଷ କରୁଥିଲେ ମଧ୍ୟ ରାଜ୍ୟରେ ଅନ୍ତତଃ ଏକ ଲକ୍ଷ ହେକ୍ଟର ଜମିରେ ଆଖୁ ଚାଷର ସୁବିଧା କରାଯାଇ ପାରିବ । ଏଥିପାଇଁ ଅନ୍ୟୁନ ୧୦ଟି ଚିନି କଳର ଆବଶ୍ୟକତା ଅଛି । ଅତୀତରେ ରାଜ୍ୟରେ ୨୦ଟି ଚିନିକଳ ପାଇଁ ଭାରତ ସରକାର ରାଜି ହୋଇଥିଲେ । କିନ୍ତୁ ବହୁ କଷ୍ଟରେ ରାଜ୍ୟରେ ମାତ୍ର ୮ ଗୋଟି ଚିନିକଳ ସ୍ଥାପନ କରାଯାଇ ଥିଲା । ସେଥିରୁ ବାହାର ରାଜ୍ୟ ସହାୟତାରେ ଦୁଇଟି ଘରୋଇ ଚିନିକଳ ଥିଲା । ଉତ୍ତର ପ୍ରଦେଶରେ ପ୍ରାୟ ୩୦ ଲକ୍ଷ ହେକ୍ଟର ଆଖୁଚାଷ ହୁଏ ଓ ୧୨୦ ଚିନିକଳ ଚାଲିଛି । ମହାରାଷ୍ଟ୍ରରେ ପ୍ରାୟ ୧୪ ଲକ୍ଷ ହେକ୍ଟର ଆଖୁଚାଷ ହେଲେ ମଧ୍ୟ ୨୦୦ ଚିନିକଳ ଚାଲିଛି । ଓଡ଼ିଶାରେ ସମବାୟ ସଂସ୍ଥା ଜରିଆରେ ଆସ୍କା, ବରଗଡ଼ ଓ ବଲାଙ୍ଗିର ଏବଂ ଘରୋଇ ମାଲିକାନାରେ ବଡ଼ମ୍ବା, ନୟାଗଡ଼ ଓ ଢେଙ୍କାନାଳରେ ତିନୋଟି ୨୦୧୩-୧୪ ପୂର୍ବରୁ ଚାଲୁଥିଲା । ସମ୍ପ୍ରତି ଆସ୍କା ଓ ଢେଙ୍କାନାଳ ଠାରେ ମାତ୍ର ଦୁଇଟି ଚିନିକଳ ଚାଲିଛି । ଓଡ଼ିଶାରେ ମାତ୍ର ଦୁଇଟି ଚିନିକଳ ଚାଲିବା ପରିତାପର ବିଷୟ । ଏହି ଦୁଇ ଚିନିକଳରେ ୨୦୨୩-୨୪ ବର୍ଷରେ ମାତ୍ର ୩ ଲକ୍ଷ ୪୯ ହଜାର ୨୫୫ ମେଟ୍ରିକ୍ ଟନ୍ ଆଖୁ ପେଡା ହୋଇଛି ଓ ୨୮୭୧୨ ଟନ୍ ଚିନି ପ୍ରସ୍ତୁତ ହୋଇଛି ।

ଗୋଟିଏ ଚିନିକଳ ଦୈନିକ ୨୫୦୦ ଟନ୍ ଆଖୁ ପେଡ଼ି ପାରୁଥିବାରୁ ୧୦୦ ଦିନରେ ୨ ଲକ୍ଷ ୫ହଜାର ଲକ୍ଷ୍ ଟନ୍ ଆଖୁ ଆବଶ୍ୟକ କରେ । ଆଖୁ ଅମଳ ହେକ୍ଟର ପ୍ରତି ୧୦୦ ଟନ୍ ହେଲେ ଗୋଟିଏ ଚିନିକଳ ପାଇଁ ୨୫୦୦ ହେକ୍ଟର ଆଖୁ ଚାଷ ଜମି ଆବଶ୍ୟକ । ଅତଏବ ଓଡ଼ିଶାରେ ୫୦,୦୦୦ ହେକ୍ଟର ଆଖୁ ଚାଷ କରାଗଲେ ଏଥିପାଇଁ ଅନ୍ତତଃ ୨୦ଟି ଚିନିକଳ ଆବଶ୍ୟକ ହେବ । ସୁତରାଂ ପ୍ରଥମରେ ଚିନିକଳଗୁଡ଼ିକ କାର୍ଯ୍ୟକ୍ଷମ ହେଲେ ଯାଇ ଆଖୁ ଚାଷର ଉନ୍ନତି ଘଟିବ ।

ଆଧୁନିକ ଚିନିକଳଗୁଡିକ ନିଜର ସ୍ଥିତି ଦୃଷ୍ଟିରୁ ବିଭିନ୍ନ ଉତ୍ପାଦ ପ୍ରସ୍ତୁତ କରୁଛନ୍ତି । ଏଗୁଡିକ ମଧ୍ୟରେ ରିଫାଇନ ଚିନି, ଇଥାନଲ, ମୋଲାସେସ, ବାଗାସ ଓ ପ୍ରେସମଡ ଇତ୍ୟାଦି ପ୍ରସ୍ତୁତ କରୁଛନ୍ତି । ଇଥାନଲ୍‌ରୁ ଜୈବ ଇନ୍ଧନ, ମୋଲାସେସରୁ ପ୍ରାଣୀ ଖାଦ୍ୟ, ବାଗାସରୁ କାଗଜ ଓ ପ୍ରେସମଡରୁ ସାର ପ୍ରସ୍ତୁତ ହୋଇପାରିବ । ଏହା ବ୍ୟତୀତ ଆଲକୋହଲ, ଇଷ୍ଟ, ସାଇଟ୍ରିକ ଅମ୍ଳ, ବାୟୋ ପ୍ଲାଷ୍ଟିକ୍, ପ୍ରାଣୀ ଖାଦ୍ୟ, ପୋଟାସ ଇତ୍ୟାଦି ପ୍ରସ୍ତୁତ କରାଯାଏ । ନିକଟରେ ବନାରସ୍ ଆଇ. ଆଇ. ଟି ପ୍ରଫେସର ଆଭା ମିଶ୍ର ଓ ତାଙ୍କର ସହଯୋଗୀ ଆଖୁ ଛେଦାରୁ ଆଲ୍କାଲାଇଜେନ୍ସ ଆମୋନିଅକ୍ସିଡେନ୍ସ ନାମକ ବ୍ୟାକ୍ଟେରିଆ ସହାୟତାରେ ସବୁଜ ଉଦ୍‌ଜାନ ବାହାର କରିବାରେ ସକ୍ଷମ ହୋଇଛନ୍ତି । ଏହା ଏକ ସବୁଜ ଇନ୍ଧନ ହିସାବରେ ପରିବେଶ ପାଇଁ ନିରାପଦ । ଏହି ବ୍ୟାକ୍ଟେରିଆ ସହାୟତାରେ ବାୟୋ ପଲିମର ଉତ୍ପାଦନ କରିବା ପାଇଁ ଗବେଷଣା ଚାଲୁ ରହିଛି । ସୁତରାଂ ଆଖୁର ଉଅବଶିଷ୍ଟ ଅଂଶଗୁଡିକରୁ ବହୁ ମୂଲ୍ୟବାନ ସାମଗ୍ରୀ ଉତ୍ପାଦନ କରା ଯାଇପାରିବ ।

ଆଖୁଚାଷୀମାନେ ସାଧାରଣତଃ ଏକର ପ୍ରତି ୮୦,୦୦୦ ଟଙ୍କା ଖର୍ଚ୍ଚ କରନ୍ତି । ୨୦୨୫-୨୬ ମସିହା ପାଇଁ ୧୦.୫୦ ପ୍ରତିଶତ ଶର୍କରା ବାହାରିବ । ଆଖୁ କୁଇଣ୍ଟାଲ ପାଇଁ ସରକାର ସାଧାରଣ ଲାଭ ମୂଲ୍ୟ ବା ଫେୟାର ରେମୁନେରେଟିଭ ମୂଲ୍ୟ ୩୩୫ ଟଙ୍କା ସ୍ଥିର କରିଛନ୍ତି । ଏକର ପ୍ରତି ୪୦ ଟନ୍ ଅମଳ ହେଲେ ଚାଷୀ ୧୩,୪୦୦୦ ଟଙ୍କା ଆୟ କରିପାରିବେ । ଅର୍ଥାତ୍ ଏକର ପ୍ରତି ଲାଭ ପ୍ରାୟ ୫୪,୦୦୦ ଟଙ୍କା ହେବ ।

ଓଡ଼ିଶାର ଜଳବାୟୁ ଉତ୍ତର ଭାରତ ଓ ଦକ୍ଷିଣ ଭାରତର ସହ ମିଶୁଥିବାରୁ ଆଖୁ ଚାଷ ପାଇଁ ତାହା ଉପଯୁକ୍ତ । ଅତୀତରେ ସର୍ବ ଭାରତୀୟ ପ୍ରତିଯୋଗିତାରେ ଓଡ଼ିଶାର ଆସ୍କା ଓ ନୟାଗଡ ଆଖୁ ଚାଷୀ ପୁରସ୍କୃତ ହୋଇଛନ୍ତି ।

ଆଖୁ ଚାଷରେ ନୈରାଶ୍ୟଜନକ ସ୍ଥିତି ପାଇଁ କେତେକ ନିର୍ଦ୍ଦିଷ୍ଟ କାରଣ ଚିହ୍ନଟ କରାଯାଇଛି । ଏଗୁଡିକ ହେଲା ଭିତ୍ତିଭୂମି ଅଭାବ, ଅସ୍ଥିର ବିପଣନ, ଚିନିକଳରୁ ପ୍ରାପ୍ତିରେ ବିଳମ୍ବ ଓ କେତେକ ପରିବେଶୀୟ ସମସ୍ୟା । ଭିତ୍ତିଭୂମି ଅଭାବ କହିଲେ ଜଳ ସେଚନ, ବିଦ୍ୟୁତ ଓ ଚିନିକଳ ଅଭାବ । ଆଖୁ କଟା ହେବାର ୪୮ ଘଣ୍ଟା ମଧ୍ୟରେ ପେଡା ନହେଲେ ଶର୍କରା ଅଂଶ ଗ୍ଲୁକୋଜକୁ ଖସିଆସେ । ଏଣୁ ଚାଷୀ ମୂଲ୍ୟ ହରାଏ । ପୁନଶ୍ଚ ଆଖୁ ପେଡା ପରେ ଚାଷୀ ବିଳମ୍ବରେ ମିଲ୍ ମାଲିକ ଠାରୁ ପଇସା ପାଏ । ଏଥିନିମନ୍ତେ ବହୁ ଚାଷୀ ଆଖୁ ପାଇଁ ମନ ବଳାଉ ନାହାନ୍ତି ।

କେତେକ ଦିଗ ପ୍ରତି ଦୃଷ୍ଟି ଦେଲେ ପୂର୍ବପରି ଓଡ଼ିଶାରେ ଆଖୁଚାଷ ହୋଇପାରିବ । ପ୍ରଥମରେ ବନ୍ଦ ରହିଥିବା ଚିନିକଳଗୁଡିକୁ ଆବଶ୍ୟକ ମରାମତି କରି ଚାଲୁ କରିବା ଆବଶ୍ୟକ । ଆଖୁ ସର୍ବାଧିକ ପାଣି ଆବଶ୍ୟକ କରେ । କିନ୍ତୁ ନୂତନ ପ୍ରଣାଳୀରେ (ଏସ୍.ଏସ୍.ଆଇ) ଆଖୁଚାଷ କଲେ କମ୍ ଜଳ ବ୍ୟବହାର ସହିତ ଅଧିକ ଅମଳ ମିଳିପାରିବ । ଏହି ପ୍ରଣାଳୀରେ ଆଖୁରୁ ଚାରା ପ୍ରସ୍ତୁତ କରି ରୋପଣ କରାଯାଏ । ସିଆର ମଧ୍ୟରେ ପାଣି ମଡାଇବା ପରିବର୍ତ୍ତେ ବୁନ୍ଦା ଜଳସେଚନ କରାଯାଏ । ସମନ୍ୱିତ ପୋଷକ ଯୋଗାଣ ଓ ଅନ୍ତଃ ଫସଲ ଚାଷ ଯୋଗୁ ଖର୍ଚ୍ଚ କମ୍ ଓ ଅଧିକ ଅମଳ ହୁଏ ।

ଚିନିକଳଗୁଡିକ ମାତ୍ର ୧୦୦ ଦିନ କାର୍ଯ୍ୟକ୍ଷମ ହେଉଥିବାରୁ ବହୁ ଅସୁବିଧାର ସମ୍ମୁଖୀନ ହୁଅନ୍ତି । ଏଣୁ ଆଖୁଚାଷୀମାନେ କିଛିଦିନ ବ୍ୟବଧାନରେ ଓ ବିଭିନ୍ନ ଅବଧିର କିସମ ବ୍ୟବହାର କଲେ ସେମାନେ ଚିନିକଳକୁ ଅନ୍ତତଃ ୪-୫ ମାସ ଆଖୁ ଯୋଗାଇ ପାରନ୍ତେ । ତା' ଛଡା ଚିନିକଳ କେବଳ ଚିନି ଉତ୍ପାଦନ ଉପରେ ଭରସା ନକରି ଇଥାନଲ, ମୋଲାସେସ, ଗୁଡ଼ ଇତ୍ୟାଦି ଉତ୍ପାଦନ କରି ପାରିଲେ ଚିନିକଳ ଅଧିକ ଦିନ ଚାଲିପାରିବ । ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାର ଆଖୁ ଅମଳ ହାର କମ୍ । ଏହାକୁ ବଢାଇବାକୁ ଅଧିକ ଅମଳକ୍ଷମ କିସମ, ସମନ୍ୱିତ ପୋଷକ ଯୋଗାଣ, ଉନ୍ନତ ଜଳସେଚନ ଓ ବାୟୋ କୀଟ ନିୟନ୍ତ୍ରଣ ଉପରେ ଗୁରୁତ୍ୱ ଦେବାକୁ ହେବ । ଆଖୁ ଚାଷ ପାଇଁ ଆଜିକାଲି ପେଶୀ ପୋଷଣ ପ୍ରଣାଳୀ ବା ଟିସୁ କଲଚର୍ ପ୍ରଣାଳୀରେ ଚାରା ମିଳୁଛି ଯାହାକି ରୋଗ ମୁକ୍ତ, ଅଧିକ ଅମଳକ୍ଷମ ଓ ପାରମ୍ପରିକ ବିହନ ଖଣ୍ଡ ଅପେକ୍ଷା ଅଧିକ ଶସ୍ତା । ଚାଷୀମାନେ ଏହାକୁ ବିହନ ହିସାବରେ ବ୍ୟବହାର କଲେ ଚାଷ ଖର୍ଚ୍ଚ ହ୍ରାସ ପାଇବ । ଆଖୁ ଫସଲ ୬୦ ଦିନ ପରେ ଦ୍ରୁତ ବର୍ଦ୍ଧନ ଅବସ୍ଥାକୁ ଆସୁଥିବାରୁ ଚାଷୀମାନେ ୬୦-୭୫ ଦିନରେ ଅମଳ ହୋଇ ପାରୁଥିବା ଡାଲି କିମ୍ବା ଶାଗ ଫସଲ ଅନ୍ତଃ ଚାଷ ରୂପେ କରିପାରିଲେ ଅଧିକ ଲାଭବାନ୍ ହୋଇ ପାରିବେ । ଗଞ୍ଜାମ ଚାଷୀମାନେ ଆଖୁ ଧାଡି ମଧ୍ୟରେ ଲଙ୍କା ମରିଚ ଫସଲ ଚାଷ କରି ଲାଭବାନ ହୁଅନ୍ତି । ଆଖୁ ଏକ ଅଧିକ ମୂଲ୍ୟଯୁକ୍ତ ଫସଲ ହୋଇଥିବାରୁ ଏହାକୁ ଚୁକ୍ତିଭିତ୍ତିକ ଚାଷ ହିସାବରେ ନିଆ ଯାଇ ପାରିବ । ଏହାଦ୍ୱାରା ପ୍ରାୟୋଜକ ସମସ୍ତ ଇନପୁଟ ଓ ନୂତନ କୌଶଳ ଖର୍ଚ୍ଚ ବହନ କରିପାରିବେ । ସରକାରୀ ସ୍ତରରେ ଉନ୍ନତ ଚାଷ ଓ ଆଖୁ ବିକ୍ରୟ ପାଇଁ ସହାୟତା ଦିଆଗଲେ, ଚାଷୀମାନେ ଆଗ୍ରହୀ ହେବେ । ଆଖୁ ଏକ ବର୍ଷିକିଆ ଫସଲ ହୋଇଥିବାରୁ ଚାଷୀ ବେଳେବେଳେ ମରୁଡି ଓ ଅଧିକ ରୋଗ ପୋକ ଆକ୍ରମଣର ଶିକାର ହୁଅନ୍ତି । ସୁତରାଂ ଆଖୁ ଚାଷ ଉପରେ ଅଧିକ ଗବେଷଣା କରାଯାଇ ମରୁଡି ଓ ବଢି ସହଣୀ ନୂତନ କିସମ ବାହାର କରିବା ସହିତ ଅଧିକ ଶର୍କରା ଅଂଶ ବୃଦ୍ଧି ପାଇଁ ନୂତନ ବୈଷୟିକ ଜ୍ଞାନକୌଶଳ ବାହାର କରିବା ଆବଶ୍ୟକ । ଚିନିକଳଗୁଡିକ ନିଜର ଏକ ବାୟୋ କୀଟ ନିୟନ୍ତ୍ରଣ ପ୍ରୟୋଗଶାଳା ମାଧ୍ୟମରେ ଚାଷୀଙ୍କୁ ସୁଲଭ ମୂଲ୍ୟରେ ବାୟୋ କୀଟ ନିୟନ୍ତ୍ରକ ଯୋଗାଇ ଦେବା ଜରୁରୀ । ଆଧୁନିକ ଆଖୁଚାଷ ସମ୍ବନ୍ଧୀୟ କୌଶଳଗୁଡ଼ିକ ଚାଷୀମାନେ ଯେପରି ଅନୁସରଣ କରିବେ ସେ ସମ୍ବନ୍ଧରେ ସେମାନଙ୍କୁ ପ୍ରଶିକ୍ଷିତ କରିବାର ଆବଶ୍ୟକତା ମଧ୍ୟ ରହିଛି ।

**କଳିଙ୍ଗନଗର, ୭/୪୫୨**
**ଭୁବନେଶ୍ୱର- ୭୫୧୦୨୯**
**ମୋ-୯୪୩୭୦୭୧୧୯୦**

**ଗୋଟିଏ ଚିନିକଳ ଦୈନିକ ୨୫୦୦ ଟନ୍ ଆଖୁ ପେଡ଼ି ପାରୁଥିବାରୁ ୧୦୦ ଦିନରେ ୨ ଲକ୍ଷ ୫ହଜାର ଲକ୍ଷ୍ ଟନ୍ ଆଖୁ ଆବଶ୍ୟକ କରେ । ଆଖୁ ଅମଳ ହେକ୍ଟର ପ୍ରତି ୧୦୦ ଟନ୍ ହେଲେ ଗୋଟିଏ ଚିନିକଳ ପାଇଁ ୨୫୦୦ ହେକ୍ଟର ଆଖୁ ଚାଷ ଜମି ଆବଶ୍ୟକ । ଅତଏବ ଓଡ଼ିଶାରେ ୫୦,୦୦୦ ହେକ୍ଟର ଆଖୁ ଚାଷ କରାଗଲେ ଏଥିପାଇଁ ଅନ୍ତତଃ ୨୦ଟି ଚିନିକଳ ଆବଶ୍ୟକ ହେବ । ସୁତରାଂ ପ୍ରଥମରେ ଚିନିକଳଗୁଡ଼ିକ କାର୍ଯ୍ୟକ୍ଷମ ହେଲେ ଯାଇ ଆଖୁ ଚାଷର ଉନ୍ନତି ଘଟିବ । ଆଧୁନିକ ଚିନିକଳଗୁଡିକ ନିଜର ସ୍ଥିତି ଦୃଷ୍ଟିରୁ ବିଭିନ୍ନ ଉତ୍ପାଦ ପ୍ରସ୍ତୁତ କରୁଛନ୍ତି ।**

# ପିଲାଦିନର କ୍ରୀଡ଼ା ଓ ଆଜି ସମୟର ମୁହୂର୍ତ୍ତ

**ଅଲେଖ ଚନ୍ଦ୍ର ସାମଲ**

ଭାରତ କେଉଁ ଖେଳରେ ବିଶ୍ୱ ଚମ୍ପିଆନ ବୋଲି ପଚାରିଲେ ତୁରନ୍ତ ଉତ୍ତର ଆସିବ କ୍ରିକେଟ । କିନ୍ତୁ ଭାରତ ମଧ୍ୟ କବାଡ଼ି ଖେଳରେ ଅପ୍ରତିଦ୍ୱନ୍ଦ୍ୱୀ ବିଶ୍ୱ ଚମ୍ପିଆନ୍ । କବାଡ଼ି କଥା ଏଇଥି ପାଇଁ ଆମ ମନକୁ ଆସେନା ଯେ ଏହା ଏକ ଗ୍ରାମୀଣ ଖେଳ । କ୍ରିକେଟ ତ ଏବେ କି ଗ୍ରାମ କି ସହର ସବୁଠାରେ ଲୋକଙ୍କ ମନକୁ ଆଚ୍ଛନ୍ନ କରି ରଖିଛି । କିନ୍ତୁ କ୍ରିକେଟ ପରେ ହକି, ଫୁଟବଲ୍, ଭଲିବଲ୍ ବା ବାସ୍କେଟବଲ ଭଳି ଖେଳ କଥା ଆମେ କହିବା କିନ୍ତୁ କବାଡ଼ିକୁ ଭୁଲିଯିବା ଉଚିତ ନୁହେଁ । ଗ୍ରାମୀଣ କ୍ରୀଡ଼ା ଭଳି ଗ୍ରାମସ୍ତରର ଖେଳାଳିମାନେ ମଧ୍ୟ ଉଦାସୀନତାର ଶିକାର ହୁଅନ୍ତି । ସତ କହିଲେ ସହର ଅପେକ୍ଷା ଗ୍ରାମରେ କ୍ରୀଡ଼ା ପ୍ରତିଭାଙ୍କ ସଂଖ୍ୟା ଅଧିକ । ଗାଁ ପିଲାମାନେ ସ୍ୱାଭାବିକ ଭାବେ ଖେଳାଳି । କିନ୍ତୁ ସେମାନେ କ୍ୱଚିତ ଜିଲ୍ଲା, ରାଜ୍ୟ ବା ଜାତୀୟ ସ୍ତରକୁ ଉଠନ୍ତି ବା ଲୋକଲୋଚନକୁ ଆସନ୍ତି । ସେହିଭଳି କ୍ରୀଡ଼ା ପ୍ରତିଭାଙ୍କୁ ଚିହ୍ନଟ କରିବାକୁ ପ୍ରୋତ୍ସାହନ ଦେବାକୁ ତଥା ଗ୍ରାମ ସ୍ତରରେ କ୍ରୀଡ଼ାର ଭିତ୍ତିଭୂମିର ବିକାଶ କରିବା ସକାଶେ ୨୦୦୮ ମସିହାରେ କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରାଳୟ ପକ୍ଷରୁ ଆରମ୍ଭ ହୋଇଥିଲା 'ପଞ୍ଚାୟତ ଯୁବ କ୍ରୀଡ଼ା ଓ ଖେଳ ଅଭିଯାନ' ।

ପିଓ୍ୱାଇକେକେଏ ବା ପିକା ଏହି ଅଭିଯାନରେ ୨୦୨୮ ସୁଦ୍ଧା ଭାରତର ଅଢ଼େଇ ଲକ୍ଷ ଗ୍ରାମ ପଞ୍ଚାୟତ ଏବଂ ୬୪୦୦ ବ୍ଲକ ପଞ୍ଚାୟତକୁ ଅନ୍ତର୍ଭୁକ୍ତ କରାଯିବ । ୨୦୨୫ ସୁଦ୍ଧା ଏହି ଅଭିଯାନରେ ୫୧,୭୬୯ଟି ଗ୍ରାମ ପଞ୍ଚାୟତ ଏବଂ ୧୫୩୮ଟି ବ୍ଲକ ପଞ୍ଚାୟତକୁ ଅନ୍ତର୍ଭୁକ୍ତ କରାଯାଇ ସାରିଛି । ଏହି ଅଭିଯାନରେ ଗ୍ରାମ, ଜିଲ୍ଲା, ରାଜ୍ୟ ଓ ଜାତୀୟ ସ୍ତରର ଗ୍ରାମୀଣ କ୍ରୀଡ଼ା ଟୁର୍ନାମେଣ୍ଟର ଆୟୋଜନ ସକାଶେ ଶତପ୍ରତିଶତ କେନ୍ଦ୍ରୀୟ ଅର୍ଥ ସାହାଯ୍ୟ ଦିଆଯାଉଛି । ଗ୍ରାମରେ ଖେଳପଡ଼ିଆର ବିକାଶ, ପଞ୍ଚାୟତ ସ୍ତରରେ କ୍ରୀଡ଼ାଶ୍ରୀ ଭାବେ ସମ୍ମାନିତ ଖେଳାଳିମାନଙ୍କ ସକାଶେ ଅର୍ଥ ବ୍ୟବସ୍ଥା ଆଦି ଅନ୍ତର୍ଭୁକ୍ତ । ତେବେ ଅନେକ ରାଜ୍ୟରେ ଏହି କାର୍ଯ୍ୟକ୍ରମ ପଛରେ ପଡ଼ିଥିବାରୁ ୨୦୨୭ର ଲକ୍ଷ୍ୟ ପୂରଣ ସକାଶେ ପିକା ପକ୍ଷରୁ ଦୃଢ଼ ପଦକ୍ଷେପ ନିଆଯିବ ବୋଲି କେନ୍ଦ୍ର ଓ ଯୁବ ବ୍ୟାପାର ଓ କ୍ରୀଡ଼ା ରାଷ୍ଟ୍ରମନ୍ତ୍ରୀ ପ୍ରକାଶ କରିଛନ୍ତି । ଏ କ୍ଷେତ୍ରରେ ସିକିମ ଏକ ଭଲ ଦୃଷ୍ଟାନ୍ତ ଭାବେ ନିଜକୁ ସାବ୍ୟସ୍ତ କରିଛି । ୨୦୧୫ରୁ ୨୦୨୪ ଭିତରେ ସିକିମକୁ ୬.୮୭କୋଟି ଟଙ୍କାର ଆର୍ଥିକ ଅନୁଦାନ ଦିଆସାରିଲାଣି । ଗତ ଅଗଷ୍ଟ ମାସରେ ସିକିମ୍ ପାଇଥିଲା ୨.୫୧ କୋଟିର ଅନୁଦାନ । ଏଥିରେ ରାଜ୍ୟର ୭୦ଟି ଗ୍ରାମ ପଞ୍ଚାୟତ ଓ ୩୫ଟି ବ୍ଲକ ପଞ୍ଚାୟତରେ କ୍ରୀଡ଼ା କ୍ଷେତ୍ରରେ ଭିତ୍ତିଭୂମିଗତ ବିକାଶ ଅଣାଯିବା ଠାରୁ ଆରମ୍ଭ କରି କ୍ରୀଡ଼ା ପ୍ରତିଭା ଅନ୍ୱେଷଣ, ଚିହ୍ନଟ ଓ ଟୁର୍ଣ୍ଣାମେଣ୍ଟ ଆୟୋଜନ ପର୍ଯ୍ୟନ୍ତ ଅନେକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ।

ବିଶ୍ୱସ୍ତରୀୟ କ୍ରୀଡ଼ା କ୍ଷେତ୍ରରେ ଭାରତର ପ୍ରଦର୍ଶନ ନିରାଶାଜନକ ହୋଇ ରହିଆସିଛି । ଯଦି ଗ୍ରାମୀଣ ସ୍ତରରୁ କ୍ରୀଡ଼ାକ୍ଷେତ୍ରରେ ଭିତ୍ତିଭୂମି ଗତ ବିକାଶ ଓ କ୍ରୀଡ଼ା ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମକୁ ଠିକଣା ଭାବେ ପରିଚାଳିତ କରାଯାଏ, ତେବେ ତାହା ନିଶ୍ଚିତ ଭାବେ ଭାରତର ପ୍ରଦର୍ଶନକୁ ଉଚ୍ଚତର ସୋପାନକୁ ନେଇ ପାରିବ । ସେଇ ମର୍ମରେ ପିକା ଏକ ସୁନ୍ଦର ପ୍ରୟାସ । ତେବେ ଲକ୍ଷ୍ୟ ପୂରଣ ସକାଶେ ସବୁ ରାଜ୍ୟ ଆଗଭର ହୋଇ କେନ୍ଦ୍ରର ଏ କାର୍ଯ୍ୟକ୍ରମକୁ ସଫଳ କରିବା ଦରକାର ।

ଏହା ସ୍ୱାଭାବିକ କଥା ଦିନ ଥିଲା ବାଗୁଡ଼ି ଠାରୁ ଫୁଟବଲ, କବାଡ଼ି ଠାରୁ ଭଲିବଲ ପରି ଖେଳର ଢ଼େର ଆଦର ଥିଲା । ଯାହାକି ସଂପ୍ରତିର ବସ୍ତୁବାଦୀ ଜୀବନରେ ଆଉ ଦେଖିବାକୁ ମିଳୁନାହିଁ । ଗାଁର ଖେଳାଳିଙ୍କୁ ପ୍ରୋତ୍ସାହନ ଥାଏ ନାଁ ସେମାନଙ୍କୁ ସହଯୋଗ । ପଙ୍କରୁ ପଦ୍ମ ଫୁଟେ କିନ୍ତୁ ବଣମଲ୍ଲୀ ପରି ସେମାନଙ୍କ ପ୍ରତିଭା ଲୋକଲୋଚନକୁ ଆସିବା ସୁଯୋଗ ନଥାଏ । ତେବେ ଗଣମାଧ୍ୟମକୁ ଧନ୍ୟବାଦ କେବଳ ଗଣମାଧ୍ୟମ ଦ୍ୱାରା ହିଁ ସେମାନଙ୍କ ପ୍ରତିଭା ଲୋକଲୋଚନକୁ ଆସିବାରେ ସକ୍ଷମ ହୋଇ ସେମାନଙ୍କ ପ୍ରତିଭା ପ୍ରତିଭାତ ହୋଇପାରିଥାଏ । ଦିନକୁ ଦିନ ବ୍ୟସ୍ତବହୁଳ ବସ୍ତୁବାଦୀ ସମାଜରେ ଗାଁ ଜୀବନ ଓ ଗାଁରେ ପ୍ରତିଭା ଥାଇ ବି ଖେଳାଳିଟିକୁ ପ୍ରାୟତଃ ଅଣଦେଖା କରାଯାଏ । ଦିନଥିଲା ଏହି ଲେଖକ ପିଲାଦିନରେ ଗାଁ ସାଥିମାନଙ୍କୁ ନେଇ ଭଲିବଲ ଠାରୁ ବାଗୁଡ଼ି, ଫୁଟ୍‌ବଲ ଠାରୁ ଲଙ୍ଗଜମ୍ପ ଓ ହାଇଜମ୍ପରେ ସାମିଲ ହେଉଥିଲା କିନ୍ତୁ ଆଜିର ସମୟରେ ସେହି ପ୍ରତିଭାମାନଙ୍କୁ ଆଉ ଦେଖିବାକୁ ମିଳୁନାହିଁ ।

ଅନେକ ପ୍ରାଚୀନତମ କ୍ରୀଡ଼ା ଆଜି ପ୍ରାୟତଃ ଲୁପ୍ତ ହେବାକୁ ବସିଲାଣି। କ୍ରୀଡ଼ା କେବଳ ଏକ କୁସ୍ତି କୌଶଳ ନୁହଁ, ଏହା ପିଲାଟି ବେଲୁ ଅଭ୍ୟାସରେ ରହିଲେ ସୁନ୍ଦର ଶରୀର ସହ ବିକଶିତ ଅଭିବୃଦ୍ଧି ଜଣଙ୍କୁ ସ୍ୱତନ୍ତ୍ର ଭାବେ ଗଢ଼ି ତୋଳି ପାରିବ । ଆମ ସମୟ କଥା ଟିକେ ଚିନ୍ତା କଲେ ସେ ସମୟରେ ଥିବା ଅନେକ କ୍ରୀଡ଼ାଗୁଡ଼ିକ ଏବେ ଆଉ ପିଲାମାନଙ୍କ ଖେଳାଖେଳି କରିବା ଦେଖିବାକୁ ମିଳୁନି । ଫୁଟବଲ କାଁ ଭାଁ କେଉଁଠି ଦେଖିବାକୁ ମିଳୁଛି କିନ୍ତୁ ବାଗୁଡ଼ି ଠାରୁ ବିଭିନ୍ନ ପ୍ରକାର ଜମ୍ପ, ସନ୍ତରଣ ଠାରୁ ବିଭିନ୍ନ ଗତିର ଓ କୌଶଳର ଦୌଡ଼ ବିଶେଷ ଭାବରେ ପିଲାମାନଙ୍କ ଦ୍ୱାରା ଆଦୃତ ହେଉନାହିଁ ।

ସେହିପରି ଏହି କ୍ରୀଡ଼ା କସରତରେ ପାରମ୍ପରିକ 'ଜାଗା ଘର' ବା 'ଆଖଡ଼ା ଶାଳ'ର ସମ୍ପର୍କ ଏକ ଭାବଗତ ରହିଥିଲା । ପ୍ରାୟତଃ ପୁରୀ ଅଞ୍ଚଳରେ ଏବେ ବି କେତେକ ସ୍ଥାନରେ ଜାଗା ଘର ସବୁ ରହିଛି । ଏହି ଆଖଡ଼ା ଶାଳରେ ଜଣେ ପାରମ୍ପରିକ ବୟସ୍କ ଓ ଅଭିଜ୍ଞ କୁସ୍ତି ବିଶାରଦ ପିଲାମାନଙ୍କୁ କୁସ୍ତି କୌଶଳର ବିଭିନ୍ନ ଶିକ୍ଷା ପ୍ରଦାନ କରିଥାନ୍ତି । ଶାରୀରିକ ସ୍ଫୂର୍ତ୍ତି ଓ ଅଭିବୃଦ୍ଧି ଗଠନରେ ଏହି ଅଭ୍ୟାସ ଅତ୍ୟନ୍ତ ଆବଶ୍ୟକୀୟ ଓ ଗୁରୁତ୍ୱପୂର୍ଣ୍ଣ । ବର୍ତ୍ତମାନ ସମୟରେ କ୍ରିକେଟ ଖେଳକୁ ଅଧିକ ଆଦର ଓ ମୋବାଇଲ ଫୋନରେ ପ୍ରାୟତଃ ଅନେକ ଖେଳ ସବୁ ଦେଖିବାକୁ ମିଳୁଥିବାରୁ ପିଲାମାନେ ନିଜ ଭିତରେ ଆଉ ନିଜ ସମୟର ପିଲାଦିନର କ୍ରୀଡ଼ା ଅନୁଭବତାକୁ ମନେପକାଇ ପାରୁନାହାଁନ୍ତି । ଆମେମାନେ କେବଳ ସରକାର ଓ ପ୍ରଶାସନକୁ କ୍ରୀଡ଼ା କ୍ଷେତ୍ରରେ ପ୍ରୋତ୍ସାହନ ଦେବାପାଇଁ ଦାବି ରଖିଥାଉ କିନ୍ତୁ ଏ କ୍ଷେତ୍ରରେ ଆମ ସମସ୍ତଙ୍କର ଗୁରୁତ୍ୱପୂର୍ଣ୍ଣ ସହଯୋଗ ରହିଛି । ବଣ ମଲ୍ଲୀ ପରି ଅନେକ ପ୍ରତିଭାବାନ କ୍ରୀଡ଼ାବିତ ଆମ୍ଭମାନଙ୍କ ଗହଣରେ ଏବେ ବି ଅନେକ କଷ୍ଟକୁ ସାମ୍ନା କରୁଛନ୍ତି । ସେମାନଙ୍କୁ ଖୋଜିବା, ଆଦର କରିବା, ପ୍ରୋତ୍ସାହନ ଦେବା ଦାୟିତ୍ୱ ମଧ୍ୟ ଆମ୍ଭମାନଙ୍କର । ତେଣୁ ଗାଁର ଖେଳକୁ ପ୍ରୋତ୍ସାହନ ମିଳୁ । ଖେଳାଳିଙ୍କ ପ୍ରତିଭାକୁ ଲୋକଲୋଚନକୁ ଆଣିପାରିଲେ ଭାରତରେ ଅନେକ କ୍ରୀଡ଼ାବିତ୍ ସୃଷ୍ଟି ହୋଇପାରିବେ ଆଉ ଯେଉଁମାନେ ସେହି ସଚ୍ଚି ରାଉତରାୟଙ୍କ କାହାଣୀ ପରି 'ଛୋଟ ମୋର ଗାଁ ଟି'ର ପ୍ରତିଭାବାନ ଖେଳାଳି ନପାଲଟିବେ ତାହା କିଏ ବା କହିବ ?

**ପୂର୍ବତନ ଡିଏଫଓ, ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର, ମୋ-୯୪୩୭୨୫୭୧୨୩**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଦଳମତରୁ...

ବର୍ତ୍ତମାନର ବଦଳୁଥିବା ପରିସ୍ଥିତି ଅନୁଯାୟୀ ଏହି ସମ୍ମିଳନୀରେ, କମିଟି ଯାହା ପ୍ରସ୍ତାବ ଦେବ, ତାହାକୁ କାର୍ଯ୍ୟକାରୀ କରାଯିବ। ଏହାଫଳରେ ଦେଶରେ ଏକ ସମତା ଭିତ୍ତିକ ସମାଜ ଗଠନ ପାଇଁ ଆମର ଯେଉଁ ଲକ୍ଷ୍ୟ ଅଛି ତାହା ସମ୍ପୂର୍ଣ୍ଣ ଭାବେ ପୂରଣ ହୋଇପାରିବ। ଏହାଦ୍ୱାରା ବିକଶିତ ଭାରତ ଗଠନର ଲକ୍ଷ୍ୟ ମଧ୍ୟ ସଫଳ ହେବ ବୋଲି ଶ୍ରୀ ବିର୍ଲା କହିଥିଲେ।

ସେ କହିଥିଲେ ଯେ ବାବା ସାହେବ ଆମ୍ବେଦକରଙ୍କର ମୂଳ ଚିନ୍ତାଧାରାକୁ ନେଇ ସମ୍ବିଧାନର ମୂଳ ସିଦ୍ଧାନ୍ତ ପ୍ରସ୍ତୁତ କରାଯାଇଛି। ଦୀର୍ଘ ୭୮ ବର୍ଷ ଧରି ଏହି ସିଦ୍ଧାନ୍ତକୁ ନେଇ ଦେଶ ଆଗକୁ ବଢୁଛି। ଏହି ସିଦ୍ଧାନ୍ତ ଅନୁଯାୟୀ ଅନୁସୂଚିତ ଜାତି ଓ ଜନଜାତି ତଥା ବିଭିନ୍ନ ପଛୁଆ ବର୍ଗଙ୍କୁ ସାମାଜିକ ଓ ଆର୍ଥିକ କ୍ଷେତ୍ରରେ ନ୍ୟାୟ ଦେବା ପାଇଁ ପଦକ୍ଷେପ ନିଆଯାଉଛି। ଆଜିର ଏହି କମିଟିର ଆଲୋଚନା ଓ ଅନୁଶୀଳନରୁ ଯେଉଁ ଯେଉଁ ନୂଆ ଚିନ୍ତାଧାରାର ପରିପ୍ରକାଶ ହେବ, ତାକୁ ଗ୍ରହଣ କରି, ତଥା ବିଭିନ୍ନ ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ବେଷ୍ଟ ପ୍ରାକ୍ଟିସେସ୍‌କୁ ଅନ୍ୟାନ୍ୟ ସ୍ଥାନରେ କାର୍ଯ୍ୟକାରୀ କରାଯାଇ, ଏହି ବର୍ଗର ଲୋକଙ୍କ ପାଇଁ ଏକ ସମତା ଭିତ୍ତିକ ଓ ନ୍ୟାୟପୂର୍ଣ୍ଣ ସମାଜ ଗଠନ କରାଯାଇ ପାରିବ ବୋଲି ଶ୍ରୀ ବିର୍ଲା କହିଥିଲେ।

କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଲେ ଯେ ୨୫ ବର୍ଷ ପରେ ଏହି ସମ୍ମିଳନୀ ପ୍ରଥମ ଥର ପାଇଁ ଦିଲ୍ଲୀ ବାହାରେ ଅନୁଷ୍ଠିତ ହେଉଛି ଏବଂ ତାହା ମଧ୍ୟ ଓଡ଼ିଶାରେ ହେଉଛି। ସେଥିପାଇଁ ମୁଖ୍ୟମନ୍ତ୍ରୀ ଲୋକସଭା ବାଚସ୍ପତିଙ୍କୁ ଧନ୍ୟବାଦ ଦେଇଥିଲେ। ଆଗରୁ ମଧ୍ୟ ଅନେକ ଜାତୀୟ ଓ ଅନ୍ତର୍ଜାତୀୟ ସମ୍ମିଳନୀ ଓଡ଼ିଶାରେ ଆୟୋଜିତ ହୋଇଛି ବୋଲି ପ୍ରକାଶ କରି, ଏହାଦ୍ୱାରା ଜାତୀୟ ସ୍ତରରେ ଓଡ଼ିଶାର ଗୁରୁତ୍ୱ ବୃଦ୍ଧି ପାଉଛି ବୋଲି ମୁଖ୍ୟମନ୍ତ୍ରୀ ମତ ଦେଇଥିଲେ।

ଅନୁସୂଚିତ ଜାତି, ଜନଜାତି ମାନଙ୍କର ବର୍ତ୍ତମାନର ପରିସ୍ଥିତି ଭଲ ଅଛି ବୋଲି ମନ୍ତବ୍ୟ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆମର ଆଜି ଭଲ ଅଛି, ଆଗାମୀ କାଲି ଖୁବ୍ ଭଲ ହେବ, ନିଶ୍ଚୟ ଭଲ ହେବ।" ଭୁବନେଶ୍ୱରର ଏହି ସମ୍ମିଳନୀ ଅନୁସୂଚିତ ଜାତି ଓ ଜନଜାତି ବର୍ଗଙ୍କ ପାଇଁ ଏକ ସମୃଦ୍ଧ ଭବିଷ୍ୟତର ରାସ୍ତା ନିର୍ମାଣ କରିବ ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ବିଶ୍ୱାସ ପ୍ରକାଶ କରିଥିଲେ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସ୍ୱାଧୀନତା ସମୟରେ ଦେଶର ସାମାଜିକ ଓ ରାଜନୈତିକ ସ୍ତର ବହୁତ ସମସ୍ୟା ଦେଇ ଗତି କରୁଥିଲା। ସବୁଠୁ ବଡ ସମସ୍ୟା ଥିଲା ଦଳିତ, ଆଦିବାସୀ ମାନଙ୍କର। ତେବେ ବାବା ସାହେବ ଆମ୍ବେଦକରଙ୍କ ସିଦ୍ଧାନ୍ତ ଓ ମାର୍ଗ ଅନୁସରଣ କରି ଆଜି ଦେଶରେ ଦଳିତ ଓ ଆଦିବାସୀ ମାନଙ୍କର ଅବସ୍ଥାରେ ବହୁତ ପରିବର୍ତ୍ତନ ଆସିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ନେତୃତ୍ୱରେ ସେମାନେ ଯେପରି ସମ୍ପୂର୍ଣ୍ଣ ଭାବେ ମୁଖ୍ୟସ୍ରୋତରେ ସାମିଲ ହୋଇପାରିବେ ଏବଂ ବିକଶିତ ଭାରତ ଗଠନରେ ମହତ୍ୱପୂର୍ଣ୍ଣ ଯୋଗଦାନ ରଖିପାରିବେ, ସେ ଦିଗରେ ଉଦ୍ୟମ ତ୍ୱରାନ୍ୱିତ ହୋଇଛି। ପିଏମ୍ ଜନମନ, ଧରତି ଆବା ଗ୍ରାମ ଉତ୍କର୍ଷ ଅଭିଯାନ ପରି ଯୋଜନା ଗୁଡିକ ଏହି ଲକ୍ଷ୍ୟ ହାସଲ କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି।

ଓଡ଼ିଶାର ୪୦ ପ୍ରତିଶତ ଜନସାଧାରଣ ଦଳିତ ଓ ଜନଜାତି ବର୍ଗର ପ୍ରତିନିଧିତ୍ୱ କରନ୍ତି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ ସେମାନଙ୍କ ବିକାଶ ପାଇଁ ହୋଇଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ ବିକାଶ ସହିତ ଆଦିବାସୀ ସଂସ୍କୃତିର ସୁରକ୍ଷା ପାଇଁ ଓଡ଼ିଶା ସରକାର ଆଦିବାସୀ ସଂସ୍କୃତି ଓ ଐତିହ୍ୟ ଭବନ ଏବଂ ଆଦିବାସୀ ଭାଷା ପ୍ରତିଷ୍ଠାନ ମଧ୍ୟ ନିର୍ମାଣ କରୁଛନ୍ତି। ଜନଜାତି ଭାଷାରେ ପାଠପଢାଇବା ପାଇଁ ପଦକ୍ଷେପ ନିଆଯାଉଛି ବୋଲି ସେ କହିଥିଲେ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହି ସମ୍ମିଳନୀ ସବୁ ଦୃଷ୍ଟିରୁ ଏକ ଐତିହାସିକ ସମ୍ମିଳନୀ ହେବ। ଏହି ସମ୍ମିଳନୀର ମତାମତକୁ ନେଇ ନୂଆ ନୂଆ ନୀତି ଓ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯିବ। ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଲୋକ ମୁଖ୍ୟସ୍ରୋତରେ ସାମିଲ ହୋଇ ସମୃଦ୍ଧ ଓଡ଼ିଶା ଓ ବିକଶିତ ଭାରତ ଗଠନରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିପାରିବେ ବୋଲି କହିଥିଲେ।

କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ କହିଲେ ଯେ ପିଏମ ଜନମନ ଏବଂ ଧରତୀଆବା ଗ୍ରାମ ଉତ୍କର୍ଷ ଯୋଜନା ରେ ବିଭିନ୍ନ ଆଦିବାସୀ ଗୋଷ୍ଠୀ ଗୁଡିକୁ ଫୋକସ କରାଯାଉଛି। ଏହି ଦୁଇଟି କାର୍ଯ୍ୟକ୍ରମ ରେ ୫ କୋଟି ଆଦିବାସୀ ଲୋକ ସିଧାସଳଖ ଲାଭ ପାଇବେ। ଏକଲବ୍ୟ ମଡେଲ ଆବାସିକ ସ୍କୁଲ ଏବଂ ବିଭିନ୍ନ ଆଶ୍ରମ ସ୍କୁଲ ଦ୍ୱାରା ଆଦିବାସୀ ପିଲାଙ୍କ ପାଇଁ ଏକ ଶୈକ୍ଷିକ ପରିବେଶ କରାଯାଇ ପିଲାଙ୍କୁ ଶିକ୍ଷିତ କରାଯାଇ ଅଭିନବ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ସେ କହିଥିଲେ।

କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଥିଲେ ଯେ ନୂତନ ଶିକ୍ଷା ନୀତିରେ ବଞ୍ଚିତ ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତିର ଛାତ୍ର ଛାତ୍ରୀ ଲାଭ ପାଇବେ, ସେଥିପ୍ରତି ସରକାର ଦାୟିତ୍ୱବାନ ଅଛନ୍ତି। ବିଗତ କିଛି ବର୍ଷରେ ଶିକ୍ଷାର୍ଥୀଙ୍କ ସଂଖ୍ୟା 46 ରୁ 66 ଲକ୍ଷ ପର୍ଯ୍ୟନ୍ତ ବଢିଛି। ସମାଜରେ ବଂଚିତ ବର୍ଗ ଉପରକୁ ଆସିଲେ ଦେଶ ଓ ରାଜ୍ୟର ଉନ୍ନତି ହେବ। ଏହି କର୍ମଶାଳାରୁ ସମସ୍ତଙ୍କ ପରାମର୍ଶରୁ ଯେଉଁ ନିଷ୍କର୍ଷ ବାହାରିବ ସେଥିରେ ସମାଜର କଲ୍ୟାଣ ହେବ ବୋଲି ସେ ମତ ଦେଇଥିଲେ।

ରାଜ୍ୟସଭା ଡେପୁଟି ସ୍ପିକର ହରିବଂଶ ଓଡିଶା ଅନ୍ୟ ରାଜ୍ୟ ପାଇଁ ଉଦାହରଣ ବୋଲି କହିଥିଲେ। ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି କଲ୍ୟାଣ ପାଇଁ ବିଗତ 10 ବର୍ଷ ରେ ବଜେଟ 4 ଗୁଣା ବଢିଛି ଏବଂ ଏଥିରେ ଆଦିବାସୀ ଅଧ୍ୟୁଷିତ ରାଜ୍ୟଗୁଡିକର ଉନ୍ନତି ହେବା ଫଳରେ ନକ୍ସଲବାଦ ଭଳି ସମସ୍ୟା କୁ ନିୟନ୍ତ୍ରଣ କରାଯାଇପାରିଛି। ତେବେ କେବଳ ଆରକ୍ଷଣ ପାଇଁ ଚିନ୍ତା ନ କରି ଏହି କମିଟି ସାମାଜିକ ସମାନତା ପାଇଁ କାମ କରୁ ବୋଲି ସେ ମତ ଦେଇଥିଲେ।

ଲୋକସଭାର ଅନୁସୂଚିତ ଜାତି ଏବଂ ଜନଜାତି କଲ୍ୟାଣ କମିଟି ଅଧ୍ୟକ୍ଷ ଫଗନ ସିଂ କୁଲସ୍ତେ ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି କେବଳ ଯୋଜନାର ଲାଭ ପାଇବା ପାଇଁ ନୁହେଁ ବରଂ ଦେଶର ପ୍ରତିଷ୍ଠାକୁ ଉଜ୍ଜ୍ୱଳ କରିବାରେ ଏବଂ ଦେଶକୁ ବିକାଶର ମାର୍ଗରେ ନେବା ପାଇଁ ପ୍ରତ୍ୟେକ ଭୂମିକା ଗ୍ରହଣ କରିବାକୁ ସେ ଅନୁରୋଧ କରିଥିଲେ।

ଏହି ଅବସରରେ ଓଡିଶା ବିଧାନସଭା ବାଚସ୍ପତି ସୁରମା ପାଢ଼ୀ ସ୍ୱାଗତ ଭାଷଣ ଦେଇ କହିଥିଲେ ଯେ ବିଧାନସଭା ହେଉଛି ଗଣତନ୍ତ୍ରର କେନ୍ଦ୍ର। ଏହି ବିଧାନସଭାର ପ୍ରତ୍ୟେକ ବିଧାୟକଙ୍କ କାର୍ଯ୍ୟ ହେଉଛି ସରକାରଙ୍କ ପାଇଁ ନୀତି ନିର୍ଦ୍ଧାରଣ କରିବା ଏବଂ ସେହି ନୀତିକୁ ଦୁର୍ଗମ ଅଞ୍ଚଳର ଶେଷ ଲୋକଙ୍କ ନିକଟକୁ ପହଂଚାଇବା ହେଉଛି ଆମ ସମସ୍ତଙ୍କର ଦାୟିତ୍ୱ। ଏହି କମିଟିର ବୈଠକ ଏ ଦିଗରେ ମାର୍ଗଦର୍ଶନ କରିବ ବୋଲି ସେ ମତ ଦେଇଥିଲେ।

ବିଧାନସଭା ଉପ ବାଚସ୍ପତି ଭବାନୀ ଶଙ୍କର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଲୋକସଭା ବାଚସ୍ପତି କନ୍‌ଭେନ୍‌ସନ୍ ହଲ୍ ମଧ୍ୟରେ ଆୟୋଜିତ ହୋଇଥିବା ଏକ ପ୍ରଦର୍ଶନୀକୁ ଉଦ୍‌ଘାଟନ କରି ବୁଲି ଦେଖିଥିଲେ।

ସୂଚନାଯୋଗ୍ୟ ଯେ ଏପରି ସମ୍ମିଳନୀର ଆୟୋଜନ ପ୍ରଥମେ ୧୯୭୬ ମସିହାରେ ନୂଆଦିଲ୍ଲୀରେ ଅନୁଷ୍ଠିତ ହୋଇଥିଲା। ପରେ ଏହା ୧୯୭୯, ୧୯୮୩, ୧୯୮୭ ଏବଂ ୨୦୦୧ରେ ଅନୁଷ୍ଠିତ ହୋଇଥିଲା। ବର୍ତ୍ତମାନ ପ୍ରଥମ ଥର ପାଇଁ ଏହା ଦିଲ୍ଲୀ ବାହାରେ ଓଡିଶାରେ ଅନୁଷ୍ଠିତ ହେଉଛି। ଏହି ସମ୍ମିଳନୀର ଲକ୍ଷ୍ୟ ହେଉଛି ଯେ ଦଳିତ, ଆଦିବାସୀ ଓ ପଛୁଆ ବର୍ଗର ଲୋକଙ୍କ ଉନ୍ନତି ପାଇଁ ଆଲୋଚନା ପ୍ରସ୍ତାବ ଲୋଚନାର ଏକ ପରମ୍ପରା ସୃଷ୍ଟି କରିବା। ସମ୍ବିଧାନରେ ଥିବା ବ୍ୟବସ୍ଥା ଅନୁଯାୟୀ ଦଳିତ, ଆଦିବାସୀ ମାନଙ୍କର ବର୍ତ୍ତମାନର ପରିସ୍ଥିତିକୁ ଅନୁଧ୍ୟାନ କରିବା, ସେମାନଙ୍କୁ ମୁଖ୍ୟ ସ୍ରୋତରେ ନେବା ପାଇଁ ରହିଥିବା ଆହ୍ୱାନ ଗୁଡିକୁ ଚିହ୍ନଟ କରିବା ଏବଂ ସମାଧାନ ପାଇଁ ମାର୍ଗଦର୍ଶନ କରିବା ହେଉଛି ଏହି ସମ୍ମିଳନୀର ଉଦ୍ଦେଶ୍ୟ। ଏହାଦ୍ୱାରା ଆଗାମୀ ଦିନରେ ସମତା ଓ ନ୍ୟାୟ ଭିତ୍ତିକ ଏକ ସମାବେଶୀ ଭାରତ ଗଠନ କରାଯାଇ ପାରିବ।

## ପହିଲାରୁ...

ପରିସରରେ ଡଡାଉ ବ୍ୟାପକ କରାଯିବ। ଡ୍ରଗ୍ସ, ନିଶା ଦ୍ରବ୍ୟ ସେବନ କରିବା ଦ୍ୱାରା ବିଭିନ୍ନ ଅପରାଧ କାର୍ଯ୍ୟକଳାପ ବଢୁଛି। ସେଥିପାଇଁ ବ୍ୟାପକ ଚଢାଉର ଆବଶ୍ୟକତା ରହିଛି। ସମସ୍ତ ବିଭାଗ ମୁଖ୍ୟମାନଙ୍କୁ ପୂର୍ଣ୍ଣ ପ୍ରୟାସ ଦ୍ୱାରା ନିଶା ନିବାରଣ କରିବା ଏବଂ ନିଶା ବେପାରୀଙ୍କୁ ଧରିବା ପାଇଁ ସ୍ୱତନ୍ତ୍ର ରଣକୌଶଳ ଅବଲମ୍ବନ ତଥା ଟେକ୍ନୋଲୋଜି ବ୍ୟବହାର କରିବା ପାଇଁ ସେ ଆହ୍ୱାନ ଦେଇଛନ୍ତି। ବିଭିନ୍ନ ପଥ ଦେଇ ମାଦକ ଦ୍ରବ୍ୟ ଚୋରା ଚାଲାଣକୁ ରୋକିବା ପାଇଁ ପଦକ୍ଷେପ ନେବା ବିଷୟରେ ଆଲୋଚନା କରାଯାଇଥିଲା।

ମୁଖ୍ୟ ସଚିବ ଶ୍ରୀ ଆହୁଜା କହିଥିଲେ ଯେ, ମାଦକ ଦ୍ରବ୍ୟ ଚୋରାଚାଲାଣ ଓ ନିଶା ବ୍ୟବହାର ବିଭିନ୍ନ ଅପରାଧର କାରଣ ହେଉଥିବା ବେଳେ ଏହା ସମାଜ ପ୍ରତି କ୍ଷତିର କାରଣ। ଏ ଦିଗରେ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରଶାସନିକ ସ୍ତରରେ ସମସ୍ତ ସହଯୋଗ ପ୍ରଦାନ କରିବାକୁ ସେ ପ୍ରତିଶ୍ରୁତି ଦେଇଥିଲେ। ବୈଠକରେ ଅବକାରୀ ବିଭାଗ ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା, ଆଇଜି ସିଆଇଡି ସିବି (ସ୍ୱତନ୍ତ୍ର ଟାସ୍କ ଫୋର୍ସ) ଡ଼ଃ. ସାର୍ଥକ ଷଡ଼ଙ୍ଗୀ, ଅବକାରୀ କମିଶନର ପି. ଅନ୍ୱେଷା ରେଡ୍ଡୀ, ଏନସିବିର ଆଞ୍ଚଳିକ ନିର୍ଦ୍ଦେଶକ କୁଳଦୀପ ଶର୍ମା, ଭୁବନେଶ୍ୱର-କଟକ ଏସିପି ନରସିଂହ ଭୋଳଙ୍କ ସମେତ ସଂପୃକ୍ତ ବିଭିନ୍ନ ବିଭାଗର ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ।

## ସୋମବାର...

କମିଶନ ଏହା କରିସାରିଛନ୍ତି। ମାତ୍ର ସେମାନେ ଅଧିକ ସମୟ ଦେବା ପାଇଁ ମନା କରିଛନ୍ତି। ଗତ ଅଗଷ୍ଟ ୨୨ ଶୁଣାଣିରେ ସୁପ୍ରିମ୍‌କୋର୍ଟ ଇସିଆଇଙ୍କୁ ନିର୍ଦ୍ଦେଶ ଦେଇଥିଲେ ଯେ ଯେଉଁମାନେ ଭୋଟର ତାଲିକାରୁ ବାଦ୍ ପଡିଛନ୍ତି ସେମାନଙ୍କ ଅନ୍‌ଲାଇନ୍ ଆପତ୍ତିକୁ ଗ୍ରହଣ କରାଯାଉ। ଆଧାରକାର୍ଡ ଗ୍ରହଣ ହେଉ। ନିର୍ବାଚନ କମିଶନଙ୍କ ଚିଠା ଭୋଟର ତାଲିକାରେ ୬୫ ଲକ୍ଷ ଲୋକ ବାଦ୍ ପଡିଛନ୍ତି। ସୁପ୍ରିମ୍ କୋର୍ଟ ପୂର୍ବରୁ ଏମାନଙ୍କ ସୂଚି ଜାରି କରିବା ପାଇଁ କହିଥିଲେ।

## ମା'-ସ୍ତ୍ରୀଙ୍କ...

ଉପରୁ ନଆସିବାରୁ ସ୍ତ୍ରୀ ଚାରିମହଲା ଉପରକୁ ଡାକିବାକୁ ଯାଇଥିଲେ। ସିଡିଘର କବାଟ ସେ ବନ୍ଦ କରିଦେଇଥିବାରୁ ସ୍ତ୍ରୀ ଡାକିଥିଲେ। ସେ ଡାକ ଶୁଣିଲେ ନାହିଁ। ଯାହାଫଳରେ ସ୍ତ୍ରୀଙ୍କ ସନ୍ଦେହ ହେବାରୁ କାହିଁକି ଶୁଣୁନାହାନ୍ତି ବୋଲି ଜାଣିବା ପାଇଁ ସିଡି କବାଟ ବାଡେଇ କିଛି ସମୟ ସେଠାରେ ଠିଆ ହୋଇ ରହିଥିଲେ। ପେଟ୍ରୋଲ ପୋଡିଯିବା ବାସ୍ନା ମିଳିବାରୁ ସେ ବ୍ୟତିବ୍ୟସ୍ତ ହୋଇ ପଡୋଶୀଙ୍କୁ ଡାକିଥିଲେ। ପଡୋଶୀ ଘର ଜଣେ ଯୁବକ ଆସି ସିଡିଘର କବାଟକୁ ଧକ୍କାମାରି ଖୋଲିବା ପରେ ଦୀପକ ଜଳିଯାଇଥିବା ଦେଖିଥିଲେ।

ଖବର ପାଇ ମଞ୍ଚେଶ୍ୱର ଥାନା ପୋଲିସର ଦୁଇଟି ଟିମ୍ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜଗି ରହିଥିଲେ। ଶୁକ୍ରବାର ସକାଳେ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ଶବ ପଞ୍ଚନାମା କରାଯାଇଛି। ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରୁ ପେଟ୍ରୋଲ ବୋତଲ ଓ ଅନ୍ୟାନ୍ୟ ସାମ୍ପୁଲ ସଂଗ୍ରହ କରିଛି। ପଡୋଶୀ, ଦୀପକଙ୍କ ମା' ଓ ସ୍ତ୍ରୀଙ୍କ ବୟାନ ରେକର୍ଡ କରିଛି ପୋଲିସ। ସେ ମାନସିକ ଅସୁସ୍ଥ ଥିବାରୁ ଔଷଧ ଖାଉଥିଲେ। ଦୁଇଥର ବ୍ରେନ୍‌ଷ୍ଟ୍ରୋକ୍ ହୋଇଥିବା ପରିବାର ପକ୍ଷରୁ ସୂଚନା ମିଳିଛି। ତିନିମାସ ହେବ ମା' ଓ ସ୍ତ୍ରୀଙ୍କର କଳିକୁ ନେଇ ସେ ବିରକ୍ତିରେ ଔଷଧ ଖାଉନଥିଲେ। ଯାହା ଫଳରେ ଅଧିକ ମାନସିକ ବିଶାଦଗ୍ରସ୍ତ ହୋଇଯାଇଥିଲେ। ମା' ଓ ସ୍ତ୍ରୀଙ୍କ ମଧ୍ୟରେ ଲାଗି ରହୁଥିବା ବିବାଦକୁ ନେଇ ଜୀବନ ଦୋଛକିରେ ପଡିଯାଇଥିଲେ। ଶେଷରେ ମା'ର ହେବେ ନା ସ୍ତ୍ରୀର ହେବେ ଭାବି ଭାବି ଜୀବନ ହାରିଦେଲେ। ଦୀପକଙ୍କର ଦୁଇଟି ପିଲା ଥିଲେ ମଧ୍ୟ ସେ ତାଙ୍କ କଥା ଚିନ୍ତା କରିପାରି ନଥିଲେ। ମାନସିକ ବିଶାଦ ସାଙ୍ଗକୁ ମା'-ସ୍ତ୍ରୀଙ୍କ କଳି ତାଙ୍କୁ ଅଧିକ ଚାପଗ୍ରସ୍ତ କରାଇଥିଲା।

ସେ ପେଟ୍ରୋଲ କେଉଁଠୁ ଆଣି କେଉଁଠାରେ ରଖିଥିଲେ ତାହା ପରିବାର ଲୋକେ କହିପାରୁ ନାହାନ୍ତି। ଘଟଣାସ୍ଥଳରୁ ଏକ ପେଟ୍ରୋଲ ବୋତଲ ସାଇଣ୍ଟିଫିକ୍ ଜବତ କରିବା ସହ ଅନ୍ୟାନ୍ୟ ନମୂନା ସଂଗ୍ରହ କରି ତଦନ୍ତ କରୁଛି। ମଞ୍ଚେଶ୍ୱର ଥାନା ପୋଲିସ ୧୩୩/୨୦୨୫ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଥିବା ବେଳେ ବ୍ୟବଚ୍ଛେଦ ରିପୋର୍ଟକୁ ପ୍ରତୀକ୍ଷା କରାଯାଇଥିବା ପୋଲିସ କହିଛି।

## ବିହାରରେ...

ଯାଇଥିଲେ। ଶ୍ରୀ ନବୀନ କହିଛନ୍ତି ଯେ ପ୍ରଧାନମନ୍ତ୍ରୀଙ୍କ ଅପମାନ ଆମେ ସହ୍ୟ କରିବୁ ନାହିଁ। ରାହୁଲ ଗାନ୍ଧୀ ଓ ତାଙ୍କ ସହଯୋଗୀ କ୍ଷମା ମାଗନ୍ତୁ। ଭିଡିଓରୁ ଦେଖିବାକୁ ମିଳୁଛି ଯେ, କଂଗ୍ରେସ କାର୍ଯ୍ୟାଳୟ ଫାଟକକୁ ଗୋଇଠା ମାରିବା ସହ ଏହାକୁ ଜବରଦସ୍ତ ଖୋଲି ଧଶେଇ ପଶୁଛନ୍ତି। ଭିଡ଼ିଓରେ ଉଭୟ ଦଳର କର୍ମୀମାନେ ଦଳୀୟ ପତାକା ଲାଗିଥିବା ବାଡି ଦ୍ୱାରା ଆକ୍ରମଣ କରିଥିବା ଦେଖିବାକୁ ମିଳୁଛୁ। ଦୁଇ ଦଳର କର୍ମୀମାନେ ଲଢ଼େଇ ଯୋଗୁଁ ବିଚ୍ ରାସ୍ତା ବେଶ କିଛି ସମୟ ପାଇଁ ରଣକ୍ଷେତ୍ର ପାଲଟିଥିଲା।

କଂଗ୍ରେସ କାର୍ଯ୍ୟାଳୟ ଉପରେ ଆକ୍ରମଣ ଘଟଣାକୁ ନେଇ ରାହୁଲ ଗାନ୍ଧି ମୁହଁ ଖୋଲୁଛନ୍ତି। ସେ ସୋସିଆଲ ମିଡିଆ ଏକ୍ସରେ ଉଲ୍ଲେଖ କରିଛନ୍ତି ଯେ ସତ୍ୟ ଓ ଅହିଂସା ଆଗରେ ହିଂସା ତିଷ୍ଠି ପାରିବ ନାହିଁ। ମାର, ଭାଙ୍ଗ, ଯେତେ ମାରିବା ଓ ଭାଙ୍ଗିବା କଥା କରିଯାଅ ଆମେ ସମ୍ବିଧାନର ରକ୍ଷା କରବୁ ସତ୍ୟ ମେବ ଜୟ ତେ।

## ଜିଲ୍ଲାପାଳ...

ମୃତା ଛାତ୍ରୀ ସୌମ୍ୟାଶ୍ରୀଙ୍କ ପିତା ବଳରାମ ବିଶି ଆସିଥିଲେ ବୋଲି ଗଣମାଧ୍ୟମ ନିକଟରେ କହିବା ସହ ଜିଲ୍ଲାପାଳ ଓ ଏସ୍‌ପି ରିପୋର୍ଟ ମୁତାବକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶୃତି ଦେଇଥିଲେ ବୋଲି କହିଛନ୍ତି।

## ଆଲୋଚନା...

ପରି ଦୃଢ଼। ଏହି ଦିଗରେ, ଆମେ ସ୍ଥାୟୀ ଇନ୍ଧନ ପଦକ୍ଷେପ ଏବଂ ବ୍ୟାଟେରୀ ଯୋଗାଣ ଶୃଙ୍ଖଳା ସହଭାଗୀତା ମଧ୍ୟ ଆରମ୍ଭ କରୁଛୁ। ଆମେ ଅର୍ଥନୈତିକ ସୁରକ୍ଷା ସହଯୋଗ ପଦକ୍ଷେପ ଆରମ୍ଭ କରୁଛୁ। ଏହା ଅଧୀନରେ, ଆମେ ଗୁରୁତ୍ୱପୂର୍ଣ୍ଣ ଏବଂ ରଣନୈତିକ କ୍ଷେତ୍ରରେ ଏକ ବ୍ୟାପକ ଆଭିମୁଖ୍ୟ ସହିତ ଆଗକୁ ବଢ଼ିବୁ।

ଉଚ୍ଚ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ସହଯୋଗ ଆମ ଉଭୟଙ୍କ ପାଇଁ ପ୍ରାଥମିକତା। ଏହି ପରିପ୍ରେକ୍ଷୀରେ, ଡିଜିଟାଲ୍ ସହଭାଗୀତା ୨.୦, ଏବଂ କୃତ୍ରମ ବୁଦ୍ଧିମତା ସହଯୋଗ ପଦକ୍ଷେପ ଗ୍ରହଣ କରାଯାଉଛି। ସେମିକଣ୍ଡକ୍ଟର ଏବଂ ବିରଳ ଭୂ-ଖଣିଜ ପଦାର୍ଥ ଆମର କାର୍ଯ୍ୟସୂଚୀର ଶୀର୍ଷରେ ରହିବ। ଆମେ ବିଶ୍ୱାସ କରୁଛୁ ଯେ, ଜାପାନୀ ପ୍ରଯୁକ୍ତିବିଦ୍ୟା ଏବଂ ଭାରତୀୟ ପ୍ରତିଭା ଏକ ବିଜୟୀ ସଂଯୋଗ ଅଟେ। ଆମେ ଉଚ୍ଚ-ଗତିସମ୍ପନ୍ନ ରେଳ ଉପରେ କାର୍ଯ୍ୟ କରୁଥିବା ବେଳେ, ଆମେ ପରବର୍ତ୍ତୀ ପିଢ଼ିର ଗତିଶୀଳ ସହଭାଗୀତା ଅଧୀନରେ ବନ୍ଦର, ବିମାନ ଚଳାଚଳ ଏବଂ ଜାହାଜ ନିର୍ମାଣ ଭଳି କ୍ଷେତ୍ରରେ ମଧ୍ୟ ଦ୍ରୁତ ପ୍ରଗତି କରିବୁ।

ଚନ୍ଦ୍ରାୟନ - ୫ ମିଶନରେ ସହଯୋଗ ପାଇଁ ଇସ୍ରୋ ଏବଂ ଜାକ୍ସା ମଧ୍ୟରେ ହୋଇଥିବା ଚୁକ୍ତିକୁ ଆମେ ସ୍ୱାଗତ କରୁଛୁ। ଆମର ସକ୍ରିୟ ଅଂଶଗ୍ରହଣ ପୃଥିବୀର ସୀମା ବାହାରକୁ ଏବଂ ମହାକାଶରେ ମଧ୍ୟ ମାନବତାର ପ୍ରଗତି ପାଇଁ ଏକ ପ୍ରତୀକ ହେବ! ମାନବ ସମ୍ବଳ ବିନିମୟର କାର୍ଯ୍ୟ ଯୋଜନା ଅଧୀନରେ, ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ ଉଭୟ ପକ୍ଷର ୫ ଲକ୍ଷ ଲୋକଙ୍କ ଆଦାନପ୍ରଦାନକୁ ବିଭିନ୍ନ କ୍ଷେତ୍ରରେ ପ୍ରୋତ୍ସାହିତ କରାଯିବ। ଏଥିରେ, ୫୦,୦୦୦ କୁଶଳୀ ଭାରତୀୟ ଜାପାନର ଅର୍ଥନୀତିରେ ସକ୍ରିୟ ଭାବରେ ଯୋଗଦାନ ଦେବେ।

ଭାରତ ଏବଂ ଜାପାନର ଅଂଶଗ୍ରହଣ, କେବଳ ଦିଲ୍ଲୀ ଏବଂ ଟୋକିଓ ପର୍ଯ୍ୟନ୍ତ ସୀମିତ ରହିବ ନାହିଁ। ବର୍ତ୍ତମାନ ଭାରତୀୟ ରାଜ୍ୟ ଏବଂ ଜାପାନୀ ପ୍ରାନ୍ତ ମଧ୍ୟରେ ସମ୍ପର୍କ ସଂସ୍ଥାଗତ ସହଯୋଗ ମାଧ୍ୟମରେ ଗଭୀର ହେବ। ଏହା ବାଣିଜ୍ୟ, ପର୍ଯ୍ୟଟନ, ଶିକ୍ଷା ଏବଂ ସାଂସ୍କୃତିକ ବିନିମୟ ପାଇଁ ନୂତନ ଦ୍ୱାର ଖୋଲିବ।

ଭାରତ ଏବଂ ଜାପାନ ଏକ ମୁକ୍ତ, ଖୋଲା, ଶାନ୍ତିପୂର୍ଣ୍ଣ, ସମୃଦ୍ଧ ଏବଂ ନିୟମ-ଭିତ୍ତିକ ଭାରତ - ପ୍ରଶାନ୍ତ ମହାସାଗର ପାଇଁ ସମ୍ପୂର୍ଣ୍ଣ ପ୍ରତିବଦ୍ଧ। ଆମେ ଆତଙ୍କବାଦ ଏବଂ ସାଇବର ସୁରକ୍ଷା ଉପରେ ସମାନ ଦୃଷ୍ଟିକୋଣ ରଖୁ। ଆମର ସମାନ ସ୍ୱାର୍ଥ ପ୍ରତିରକ୍ଷା ଏବଂ ସାମୁଦ୍ରିକ ସୁରକ୍ଷା ସହିତ ଜଡିତ। ଆମେ ପ୍ରତିରକ୍ଷା ଶିଳ୍ପ ଏବଂ ନବସୃଜନ କ୍ଷେତ୍ରରେ ପାରସ୍ପରିକ ସହଯୋଗକୁ ଆହୁରି ମଜବୁତ କରିବାକୁ ନିଷ୍ପତ୍ତି ନେଇଛୁ।

ଭାରତ ଏବଂ ଜାପାନ ସହଭାଗୀତାର ଆଧାର ପାରସ୍ପରିକ ବିଶ୍ୱାସ, ଆମର ଜାତୀୟ ପ୍ରାଥମିକତାକୁ ପ୍ରତିଫଳିତ କରେ, ଏବଂ ଆମର ସମାନ ମୂଲ୍ୟବୋଧ ଏବଂ ବିଶ୍ୱାସ ଦ୍ୱାରା ଆକୃତିପ୍ରାପ୍ତ। ଏକାଠି, ଆମେ ଆମର ଲୋକଙ୍କ ଏବଂ ବିଶ୍ୱର ଶାନ୍ତି, ପ୍ରଗତି ଏବଂ ସମୃଦ୍ଧିର ଏକ ସାଧାରଣ ସ୍ୱପ୍ନ ବହନ କରୁ। ମୁଁ ପୁଣି ଥରେ ଆପଣଙ୍କ ବନ୍ଧୁତା ପାଇଁ ମୋର ହୃଦୟରୁ କୃତଜ୍ଞତା ପ୍ରକାଶ କରୁଛି। ଏବଂ ମୁଁ ଆପଣଙ୍କୁ ପରବର୍ତ୍ତୀ ବାର୍ଷିକ ଶିଖର ସମ୍ମିଳନୀ ପାଇଁ ଭାରତ ଗସ୍ତ କରିବାକୁ ଆନ୍ତରିକ ଭାବରେ ନିମନ୍ତ୍ରଣ କରୁଛି।

## ପ୍ରଥମ...

୬.୫% ରହିବ ବୋଲି ଆକଳନ କରାଯାଇଥିଲା। ତଦନୁଯାୟୀ ଅନୁଧ୍ୟାନ କଲେ ଜଣାପଡୁଛି ଯେ, ଜାନୁଆରୀରୁ ମାର୍ଚ୍ଚ ଏହା ୬.୫% ଏପ୍ରିଲରୁ ଜୁନରେ ୬.୫% ଜୁଲାଇରୁ ସେପ୍ଟେମ୍ବରରେ ୬.୬ % ଓ ଶେଷ କ୍ୱାର୍ଟରରେ ୬.୩% ରହିବ ବୋଲି ଆକଳନ କରାଯାଇଥିଲା। ମାତ୍ର ଏହା ଏପ୍ରିଲ-ଜୁନରେ ୭.୮%କୁ ବୃଦ୍ଧି ପାଇଛି। ୨୦୨୫-୨୬ ଆର୍ଥିକ ବର୍ଷର ପ୍ରଥମ ତ୍ରୟୋମାସରେ ପ୍ରକୃତ ଜୁଡିଏ ୪୪.୬୪ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଥିଲା।

## ଉତ୍ତରାଖଣ୍ଡରେ ପୁଣି ବାଦଲ ଫଟା ବର୍ଷା

ନୂଆଦିଲ୍ଲୀ, ୨୯ ।୮ : ଉତ୍ତରାଖଣ୍ଡରେ ପୁଣି ଚମୋଲି ଓ ରୁଦ୍ର ପ୍ରୟାଗଠାରେ ବାଦଲ ଫଟା ବର୍ଷା ହୋଇଛି। ଏଥିରେ ୫ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନେକ ନିଖୋଜ ହୋଇଛନ୍ତି। ରୁଦ୍ର ପ୍ରୟାଗ ଜିଲ୍ଲାର ତେଣ୍ଡୱାଲା ଗାଁରେ ଜଣେ ମହିଳାଙ୍କର ମୃତ୍ୟୁ ହୋଇଛି। ପ୍ରାୟ ୧୮ ଜଣ ଏହି ଘଟଣାରେ ନିଖୋଜ ହୋଇଛନ୍ତି। ସେହିଭଳି ଚମୋଲି ଜିଲ୍ଲାର ଦେୱାଲ ଠାରେ ବାଦଲ ଫଟା ବର୍ଷା ଯୋଗୁ ଦୁଇ ଜଣଙ୍କର ମୃତ୍ୟୁ ଘଟିଛି।

ପୌସରି ଗାଁରେ ଦୁଇ ମହିଳାଙ୍କର ମୃତ୍ୟୁ ହୋଇଥିବା ଜଣା ପଡିଛି। ବାଦଲ ଫଟା ବର୍ଷା ଯୋଗୁଁ ପାହାଡରୁ କାଦୁଆ ମିଶା ବନ୍ୟା ଜଳ ମାଡ଼ି ଆସିଥିଲା। ଫଳରେ ଘରଦ୍ୱାର ମାଟିରେ ମିଶି ଯାଇଛି। ରୁଦ୍ର ପ୍ରୟାଗ ଜିଲ୍ଲାରେ ୬ ଜଣ ନିଖୋଜ ହୋଇଥିବା ସୂଚନା ମିଳିଛି। ଅଳକାନନ୍ଦା ଓ ମନ୍ଦାକିନୀ ନଦୀରେ ଜଳସ୍ତର ବଢ଼ିବାରେ ଲାଗିଛି। ଅଳକା ନନ୍ଦାର ଜଳସ୍ତର ବିପଦ ସଂକେତ ପାର କରିବାରୁ ବନ୍ୟା ଜଳ ପ୍ରବେଶ କରିଛି। ପ୍ରଶାସନ ପକ୍ଷରୁ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଉଛି। ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମୀ ପ୍ରତି ପରିବାର ଲାଗି ୫ ଲକ୍ଷ ଟଙ୍କା ଲେଖାଏଁ ସହାୟତା ଘୋଷଣା କରିଛନ୍ତି। ବାସୁକେଦା ଠାରେ ପ୍ରବଳ ବର୍ଷା ଯୋଗୁଁ ୪ ଘର ଭାସି ଯାଇଛି। ତେବେ ଏଠାରୁ କେହି ନିଖୋଜ ହୋଇନଥିବା ଜଣାପଡିଛି।


### AFFIDAVIT

I, N Kamal Kalyana Patra, S/o- N Chandra Sekhar Patra, resident of At-Krupasindhupur, Dera Sahi, PO-Krupasindhupur, PS-Berhampur Sadar, Dist-Ganjam, Odisha, Pin-761001 declare by this affidavit No. A00053 dtd. 26.08.2025 that now onwards I shall be known as N Kamal Kalyan Patra for all future purposes.

### AFFIDAVIT

By virtue of an Affidavit Before Executive Magistrate, Banki No : 1411 / Dt. 05.05.2025 I Sheshadeb Samantaray, S/O Bankanidhi Samantaray Age 44 Years old, Vill-Satakhanda, P.O : Rajib, PS-Baideswar, Dist : Cuttack declared that My daughter's name is Dipali Samantaray in childhood, But her name is recorded Deepali Samantaray in Adhar Card. So Real name is Dipali Samantaray. Henceforth She shall be known as Dipali Samantaray for all purpose for ever.

Sd/- Sheshadeb Samantaray

### ଦ.ପୂ. ରେଳପଥ-ଟେଣ୍ଡର

ଇ-ଟେଣ୍ଡର ନୋଟିସ ନଂ ଓ ଅପ୍‌ଲୋଡିଂ ତାରିଖ : ଇ-ଟେସୁଟି-ବଲ୍‌ଟଲୁ-୫୦୦-ହ୍ୱେକକ୍ୟାନ-୨୦୨୫ ତାରିଖ ୨୭.୦୮.୨୦୨୫। ନିମ୍ନୋକ୍ତ କାର୍ଯ୍ୟ ନିମନ୍ତେ ଭାରତର ରାଷ୍ଟ୍ରପତିଙ୍କ ତରଫରୁ ଓ ପାଇଁ ଡେପୁଟି ଚିଫ୍ ମେକାନିକାଲ ଇଞ୍ଜିନିୟର (ସ୍ୱାଗନ)/ଖଡଗପୁର ୱାର୍କସପ୍, ଦ.ପୂ.ରେଳପଥ ପ୍ରତିଟି ଆଇଟମ ସକାଶେ ସୂଚିତ ତାରିଖର ୧୫.୦୦ ଘଟିକା ପୂର୍ବରୁ ଖୋଲା ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି ଏବଂ ୧୫.୦୦ ଘଟିକାରେ ଖୋଲାଯିବ। କାର୍ଯ୍ୟର ନାମ : ୱାର୍କସପ୍ ଗୁଡିକରେ ସମୟକୁ ସମୟ ମରାମତି କାର୍ଯ୍ୟବେଳେ ଆଡଜଷ୍ଟେବୁଲ୍ ଗାର୍ଡ ଚେୟାର ବ୍ୟବସ୍ଥା ଏବଂ ବ୍ରେକଭ୍ୟାନରେ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସୁବିଧା ଓ ବ୍ରେକଭ୍ୟାନଗୁଡିକର ଅପଗ୍ରେଡେସନ। କାର୍ଯ୍ୟର ଆନୁମାନିକ ମୂଲ୍ୟ : ଟ. ୨୪,୨୬,୩୮,୨୩୦/- ସହିତ ଜିଏସ୍‌ଟି @ ୧୮%। ଅମାନତ ଅର୍ଥ : ୧୩,୬୩,୨୦୦/-। ଇ-ଟେଣ୍ଡର ବନ୍ଦ ତାରିଖ ଓ ସମୟ : ୧୮.୦୯.୨୦୨୫ ଅପରାହ୍ନ ୧୫.୦୦ ଘଟିକା। ୱେବସାଇଟ୍ ବିବରଣୀ ଓ ସବିଶେଷ ତଥ୍ୟ : www.ireps.gov.in। ଇଚ୍ଛୁକ ଟେଣ୍ଡରଦାତାମାନେ ଟେଣ୍ଡରର ପୁଙ୍ଖାନୁପୁଙ୍ଖ ବିବରଣୀ / ବର୍ଣ୍ଣନା/ସମ୍ପୂର୍ଣ୍ଣ ବିବରଣୀ ପାଇଁ ୱେବସାଇଟ୍ www.ireps.gov.in ଦେଖିପାରିବେ ଏବଂ ସେମାନଙ୍କର ବିଡ୍ ଅନ୍‌ଲାଇନ ଦାଖଲ ହେବ। ଏହି କାର୍ଯ୍ୟ ପାଇଁ କୌଣସି ପରିସ୍ଥିତିରେ ମାନୁଆଲ ଟେଣ୍ଡର ଗ୍ରହଣ ହେବନାହିଁ। (PR-572)

### ନୋଟିସ (ବିଜ୍ଞପ୍ତି)

ନୋଟିସ ନଂ. ୦୩ — ତା. ୩୦.୦୮.୨୦୨୫ରିଖ

ଏତଦ୍ୱାରା ନୀଳକଣ୍ଠେଶ୍ୱରଦେବ ଆଞ୍ଚଳିକ ଓଡ଼ିଶୀ ସଂକୀର୍ତ୍ତନ ସଂଘ ବରମୁଣ୍ଡା, (ତପୋବନ) ଖଣ୍ଡଗିରିର ସମସ୍ତ ସଦସ୍ୟମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛିକି ଆସନ୍ତା ତା.୧୪.୦୯.୨୦୨୫ରିଖ (ରବିବାର) ଦିବା ୧୦ ଘଟିକା ସମୟରେ ସାହାଣି କାଶୀପୁର ଗ୍ରାମସ୍ଥ ଶିବ ମନ୍ଦିର ପ୍ରାଙ୍ଗଣରେ ଏକ ସାଧାରଣ ବୈଠକ ସଭାପତି ଶ୍ରୀ ଜଗନ୍ନାଥ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ସମ୍ବିଧାନ ସଂଶୋଧନ ଓ ପରିଚାଳନା କମିଟିର ପୁନର୍ଗଠନ କରାଯିବା ପାଇଁ ସ୍ଥିର ହୋଇଛି।
ସମସ୍ତ ସଦସ୍ୟାଙ୍କୁ ଅନୁରୋଧ ଦୟାକରି ଉପରୋକ୍ତ ଧାର୍ଯ୍ୟ ତାରିଖ ଓ ସମୟାନୁଯାୟୀ ବୈଠକରେ ଉପସ୍ଥିତ ରହି ପ୍ରସ୍ତାବିତ ଆଲୋଚନାରେ ଅଂଶ ଗ୍ରହଣ କରି ସଭା କାର୍ଯ୍ୟକୁ ସାଫଲ୍ୟ ମଣ୍ଡିତ କରିବା ହେବେ।

ଜଗନ୍ନାଥ ବେହେରା
ସଭାପତି

### ଦିଲ୍ଲୀ ବିଶ୍ୱବିଦ୍ୟାଳୟ
### UNIVERSITY OF DELHI

ବିଜ୍ଞପ୍ତି ନଂ. ଆରଆଣ୍ଡପି.୩୧୨/୨୦୨୫ — ତାରିଖ : ୩୧.୦୭.୨୦୨୫

ବିଭିନ୍ନ ଅଣଶିକ୍ଷକ ପଦବୀଗଡିକରେ ନିଯୁକ୍ତି ନିମିତ୍ତ ଯୋଗ୍ୟ ପ୍ରାର୍ଥୀଙ୍କ ଠାରୁ ନିର୍ଦ୍ଧାରିତ ଆବେଦନ ଫର୍ମରେ ଅନ୍‌ଲାଇନ ଆବେଦନ ଆହ୍ୱାନ କରାଯାଉଛି। ଆବେଦନ ପତ୍ର ଗ୍ରହଣର ଅନ୍ତିମ ତାରିଖ ୦୪.୦୯.୨୦୨୫ କିମ୍ବା ଏମ୍ପ୍ଲଏମେଣ୍ଟ ନ୍ୟୁଜ୍‌ରେ ବିଜ୍ଞାପନ ପ୍ରକାଶ ପାଇବା ତାରିଖ ଠାରୁ ୨ ସପ୍ତାହ ଏହା ମଧ୍ୟରୁ ଯେଉଁଟା ସମ୍ଭବ ହେବ। ସବିଶେଷ ବିବରଣୀ ପାଇଁ ଦୟାପୂର୍ବକ ବିଶ୍ୱବିଦ୍ୟାଳୟ ୱେବସାଇଟ୍ www.du.ac.in ଦେଖନ୍ତୁ ଏବଂ "Work with DU" under the Head " Advertisement-Departments" ରେ କ୍ଲିକ୍ କରନ୍ତୁ।
ବିଜ୍ଞାପନରେ କୌଣସି ପରିଶିଷ୍ଟ/ସଂଶୋଧନ କରାଗଲେ ତାହା କେବଳ ୱେବସାଇଟ୍‌ରେ ପୋଷ୍ଟ ହେବ।

cbc21231/12/0001/2526 — ରେଜିଷ୍ଟ୍ରାର

### କଟକ ମହାନଗର ନିଗମ

DSPL-230

ସ୍ୱାୟତ୍ତ ଶାସନ ପାଳନ ଅବସରରେ
କଟକ ମହାନଗର ନିଗମ ତରଫରୁ ହାର୍ଦ୍ଦିକ ଅଭିନନ୍ଦନ

କାର୍ଯ୍ୟସୂଚୀ

ତା. ୩୦.୦୮.୨୦୨୫ ରିଖ
ପ୍ରାତଃ ୦୯.୦୦ ଘଟିକା : ରକ୍ତଦାନ ଶିବିର, ଟାଉନହଲ, କଟକ

ତା. ୩୧.୦୮.୨୦୨୫ ରିଖ
ପୂର୍ବାହ୍ନ-୧୦.୩୦ ଘଟିକା : ନିଗମ ଅଞ୍ଚଳରେ ନୂତନ ପ୍ରକଳ୍ପ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ ଓ ସମ୍ପୂର୍ଣ୍ଣ ହୋଇଥିବା ପ୍ରକଳ୍ପ ଗୁଡିକର ଶୁଭ ଉଦ୍‌ଘାଟନ।
ସନ୍ଧ୍ୟା - ୦୫.୦୦ ଘଟିକା : ସହିଦ ଭବନ, କଟକ ଠାରେ ସାଧାରଣ ସଭା

ମୁଖ୍ୟ ଅତିଥି :
ଶ୍ରୀଯୁକ୍ତ କୃଷ୍ଣଚନ୍ଦ୍ର ମହାପାତ୍ର, ମାନ୍ୟବର ମନ୍ତ୍ରୀ, ଗୃହ ନିର୍ମାଣ ଓ ନଗର ଉନ୍ନୟନ, ସାଧାରଣ ଉଦ୍ୟୋଗ ବିଭାଗ, ଓଡ଼ିଶା

ମୁଖ୍ୟବକ୍ତା : ଶ୍ରୀଯୁକ୍ତ ଭର୍ତ୍ତୃହରି ମହତାବ, ମାନ୍ୟବର ସାଂସଦ (ଲୋକସଭା), କଟକ
ସ୍ୱତନ୍ତ୍ର ଅତିଥି : ଶ୍ରୀଯୁକ୍ତ ଦେବାଶିଷ ସାମନ୍ତରାୟ, ମାନ୍ୟବର ସାଂସଦ (ରାଜ୍ୟସଭା) ତଥା ସଭାପତି କଟକ ମହାନଗର ନିଗମ କର୍ମଚାରୀ ସଂଘ

ସମ୍ମାନିତ ଅତିଥି ବୃନ୍ଦ :
ଶ୍ରୀଯୁକ୍ତ ସୌଭିକ ବିଶ୍ୱାଳ, ମାନ୍ୟବର ବିଧାୟକ, ଚୌଦ୍ୱାର କଟକ
ଡଃ. ସୋଫିଆ ଫିରଦୋସ, ମାନ୍ୟବର ବିଧାୟିକା, ବାରବାଟୀ କଟକ
ଡଃ. ପ୍ରକାଶ ଚନ୍ଦ୍ର ସେଠୀ, ମାନ୍ୟବର ବିଧାୟକ, କଟକ ସଦର
ଶ୍ରୀଯୁକ୍ତ ପ୍ରଭାତ ତ୍ରିପାଠୀ, ପୂର୍ବତନ ବିଧାୟକ ତଥା ସଭାପତି କଟକ ମହାନଗର ନିଗମ ମେହେନ୍ତର ସଂଘ
ଶ୍ରୀଯୁକ୍ତ ଦତାତ୍ରେୟ ଭାଉସାହେବ ସିନ୍ଦେ, (ଭା.ପ୍ର.ସେ) ଜିଲ୍ଲାପାଳ, କଟକ
ଶ୍ରୀଯୁକ୍ତ ଖିଲାରି ଋଷିକେଶ ଦ୍ୟାନଦେଓ, (ଭା.ପ୍ର.ସେ) ଡିସିପି, କମିଶନରେଟ ପୋଲିସ, କଟକ

୧. ନିଗମ ଅଞ୍ଚଳରେ କୃତିତ୍ୱ ଅର୍ଜନ କରିଥିବା ବିଶିଷ୍ଟ ବ୍ୟକ୍ତି ବିଶେଷମାନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ।
୨. ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା କୃତି ଛାତ୍ର ଛାତ୍ରୀମାନଙ୍କୁ ପୁରସ୍କାର ବିତରଣ।
୩. ନିଗମର କର୍ତ୍ତବ୍ୟନିଷ୍ଠ କର୍ମଚାରୀମାନଙ୍କୁ ତାଙ୍କର ଉଲ୍ଲେଖନୀୟ କାର୍ଯ୍ୟ ନିମନ୍ତେ ପୁରସ୍କାର ବିତରଣ।

ସୁଶ୍ରୀ କିରନ୍‌ଦିପ କୌର ସହୋତା, (ଭା.ପ୍ର.ସେ) ଆୟୁକ୍ତ — ଶ୍ରୀଯୁକ୍ତ ସୁବାସ ଚନ୍ଦ୍ର ସିଂହ ମେୟର
ସୁଶ୍ରୀ ଦମୟନ୍ତୀ ମାଝୀ
ଡେପୁଟି ମେୟର
ନିଗମର ସମସ୍ତ କର୍ପୋରେଟର, ସମସ୍ତ ଅଧିକାରୀ ଏବଂ କର୍ମଚାରୀ ବୃନ୍ଦ
OIPR : 13031/13/0212/2526

### O-654 GOVERNMENT OF ORISSA : OFFICE OF THE SUPERINTENDING ENGINEER
RURAL WORKS DIVISION KARANJIA (MAYURBHANJ)
E-mail ID: - eerwkaranjia@yahoo.com
Letter No. 3717 / WE // Date:-. 20.08.2025
"E" Procurement Notice for Construction of Building work & Special Repair of Building works for year 2025-26.
Bid Identification No - RWDKNJ - 04 / 2025-26.

1. Name of the work : Building Works (As per Annexure)
2. Estimated Cost : Rs. 1.27 to Rs.6.78 Lakhs Approximately (As per Annexure).
3. Class of Contractor : 'D' & 'C Class, (As per Annexure)
4. Period of Completion : One Calender Month (As per Annexure )
5. Tender Paper Cost : Rs.4,000/-, Rs.2, 000/-,& Rs.600/- towards cost of bid as mentioned in Annexure of Building Works.

Further details can be seen from the website www.tendersodisha.gov.in

| Procurement Officer | Bid Identification No. | Availability of tender On-line for bidding | | Last Date and Time of seeking Tender Clarification | Date & Time of Oening of Tender in O/O S.E.R.W. Division, Karanjia Technical & Financial Bid Financial Bid |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division, Karanjia | On-line RWDKNJ-04/25-26 | Dt. 01.09.25 at 11.00 A.M. | Dt.11.09.25 up to 5.00 P.M. | Dt. 10.09.25 up to 1.00 P.M. | Dt. 12.09.25 at 12.00 P.M. |

OIPR : 25086/11/0023/2526
Sd/- Executive Engineer
R.W. Division, Karanjia

### O-600 GOVERNMENT OF ODISHA : OFFICE OF THE SUPERINTENDING ENGINEER
RURAL WORKS DIVISION : TITILAGARH
e-Procurement Notice
E-Mail ID : eerw_titilagarh@yahoo.co.in
IFB IDENTIFICATION NO. SETIG-online-01/2025-26

| | | | |
|---|---|---|---|
| 1. | Name of the work | : | Building works |
| 2. | Total no of works | : | 04 (Four) nos. |
| 3. | Approximate Estimated Cost | : | Varies from Rs. 73.00 to 99.92 lakhs |
| 4. | Time for completion | : | 09 (Nine) Calendar Months. |
| 5. | Mode of Submission of tender | : | Tender should be submitted online in www.tenders.ori.nic.in |
| 6. | Other details are as follow | : | As per TCN No. SETIG-online-01/2025-26 |

| Procurement Officer | Bid Identification No. | Availability of Tender on-line for bidding | | Last Date & Time of Seeking Tender Clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Executive Engineer, R.W.Divn, Titilagarh | EETIG-online-01/2025-26 | 04.09.2025 at 11.00 AM | 16.09.2025 up to 5.00 PM | 15.09.2025 to 11.00 A.M. | 17.09.2025 at 11.00 A.M. | The date will be intimated to the technically qualified bidders |

- Further details can be seen from the website www.tenders.ori.nic.in
- Any Corrigendum/Addendum will be displayed in the above e tender website only.

OIPR : 25078/11/0021/2526
Sd/- Executive Engineer
R.W. Division, Titilagarh

### OFFICE OF THE EXECUTIVE ENGINEER, P.H. DIVISION, ANGUL
Ph. (06764) 296431, Email-eephangul@yahoo.in
GOVERNMENT OF ODISHA
C-960 Bid Identification No.SE PH Division Angul- 16/2025-26 dt. 25.08.2025

| | | | |
|---|---|---|---|
| 1. | The Superintending Engineer, P.H. Division, Angul, on behalf of works Deptt., Govt, of Odisha, invites percentage rate bids in single & double cover system in ONLINE MODE only. | | |
| 2. | Nature of work | : | Supply, installation, testing & commissioning of different capacity of DGs at urban areas of P.H. Division, Angul. |
| 3. | No. of work | : | 02 Nos |
| 4. | Bid Cost | : | Rs. 6000.00 to Rs. 10000.00 |
| 5. | Class of contractor | : | MV/HT/ Specialized agency with associate electrical contractor having valid license from ELBO/ OEM having joint venture with electrical contractor having valid license from ELBO. |
| 6. | Availability of Bid Documents in the website | : | From 11.00 hours of 03.09.2025 to 17.00 hours of 12.09.2025 |
| 7. | Date of opening of Bid | : | Dt. 15.09.2025 at 11.00 AM |
| 8. | The bidders have to participate in ONLINE bidding only. Further details can be seen from the website: https://tendersodisha.gov.in. Any addendum/corrigendum/cancellation of tender can also be seen in the said website. The authority reserves the right to reject any or all bids without assigning any reason thereof. | | |

OIPR : 13056/11/0026/2526
Sd/- ( Er. Prasanta Behera)
Superintending Engineer P.H. Division, Angul.


### ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୭୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିଓ୍ୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢ଼େଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮।




ଡିଏଭି ସ୍କୁଲ ଚନ୍ଦ୍ରଶେଖରପୁର ପକ୍ଷରୁ ଜାତୀୟ କ୍ରୀଡା ଦିବସ ବିଭିନ୍ନ କାର୍ଯ୍ୟକ୍ରମ ସହିତ ପାଳିତ ହୋଇଯାଇଛି । ବିଶିଷ୍ଟ କୋଚ୍ ତଥା ରାଜ୍ୟ କ୍ରୀଡା ନିର୍ଦ୍ଦେଶାଳୟର ପୂର୍ବତନ ସହକାରୀ ନିର୍ଦ୍ଦେଶକ ଅରୁଣ କୁମାର ଦାସ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମେଜର ଧ୍ୟାନଚାନ୍ଦଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ସାମଗ୍ରୀକ ବିକାଶ କ୍ଷେତ୍ରରେ କ୍ରୀଡାର ଗୁରୁତ୍ୱ ନେଇ ସେ ଆଲୋକପାତ କରିଥିଲେ । ଏହି ଅବସରରେ ଏକ ସାଇକ୍ଲୋଥନ୍‌ର ଆୟୋଜନ କରାଯାଇଥିଲା । କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରିନ୍ସପାଲ ଡ. ସୁଜାତା ସାହୁଙ୍କ ସମେତ ଅନ୍ୟ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ଉପସ୍ଥିତ ଥିଲେ ।

## ରେଳଲାଇନ କଡରୁ ନାବାଳିକା ମୃତଦେହ ଉଦ୍ଧାର

ବ୍ୟାସନଗର,(ଜିପ୍ର): ଯାଜପୁର ରୋଡ ରେଲୱେ ଓଭରବ୍ରିଜ୍ ତଳୁ ଅହମ୍ମଦ ନଗର ନିକଟବର୍ତ୍ତୀ ରେଳ ଲାଇନ କଡରୁ ଜଣେ ନାବାଳିକାର ମୃତ ଦେହ ଉଦ୍ଧାର ହୋଇଛି। ଉଦ୍ଧାର ମୃତଦେହ ଟି ଜଣେ ୭/୮ ବର୍ଷ ନାବାଳିକା ଯିଏ କି କୌଣସି ଏକ ମେଡ଼ିକାଲ କିମ୍ବା ଘରେ ଚିକିତ୍ସିତ ଅବସ୍ଥାରେ ମୃତ୍ୟୁ ହୋଇଛି। କାରଣ ମୃତଦେହର ଦୁଇ ଗୋଡ଼ରେ ମେଡିକାଲ ବ୍ୟାଣ୍ଡେଜ୍ ଲାଗିଥିଲା। ମୃତ୍ୟୁ ପରେ ରେଳଲାଇନ କଡରେ କେହି ଫିଙ୍ଗି ଦେଇଥିବାର ସନ୍ଦେହ କରାଯାଉଛି। ଖବର ପାଇ ରେଲବାଇ ଓ ଯାଜପୁର ରୋଡ ପୁଲିସ ଘଟଣା ସ୍ଥଳରେ ପହଂଚି ଥିଲେ। ରେଳଲାଇନ କଡରୁ ୨୦ ଫୁଟ ଦୂରତାରେ ପଡିଥିବା ମୃତ ଦେହ ଆମ ଇଲାକାରେ ଯାଉନି ବୋଲି କହି ରେଲବାଇ ପୁଲିସ ଏହି କେସ୍ ହାତକୁ ନେଇପାରିବ ନାହିଁ ବୋଲି ରୋକଠୋକ ମନା କରିଦେଥିବା ବେଳେ ଯାଜପୁର ରୋଡ ପୁଲିସ ରେଳ ଲାଇନ କଡରେ ପଡିଥିବା ମୃତ ଦେହ ଆମ ଇଲାକାରେ ନୁହେଁ ତେଣୁ ଆମେ କିପରି ମୃତ ଦେହ ଉଦ୍ଧାର କରିବୁ ବୋଲି କହିଥିଲେ।

# ନଗର ରାଜଭାଷା କାର୍ଯ୍ୟକାରୀ କମିଟି (ବ୍ୟାଙ୍କ) ଭୁବନେଶ୍ୱରରେ ୫୮ ତମ ଅର୍ଦ୍ଧବାର୍ଷିକୀ ବୈଠକ

ଭୁବନେଶ୍ୱର (ସବ୍ୟୁ): ଭାରତୀୟ ରିଜର୍ଭ ବ୍ୟାଙ୍କର ଭୁବନେଶ୍ୱର ଆଞ୍ଚଳିକ ନିର୍ଦ୍ଦେଶକ ଡ. ସାରଦା ପ୍ରସନ୍ତ ମହାନ୍ତିଙ୍କ ପୌରହିତ୍ୟରେ ଏବଂ ଭାରତ ସରକାରଙ୍କଗୃହ ମନ୍ତ୍ରଣାଳୟର ଉପନିର୍ଦ୍ଦେଶକ (କାର୍ଯ୍ୟକାରୀ) ଡ. ବିଚିତ୍ରସେନ ଗୁପ୍ତାଙ୍କ ଉପସ୍ଥିତିରେ ଗତ ୨୬ତାରିଖରେ ଭୁବନେଶ୍ୱରସ୍ଥିତ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ସ୍ଥାନୀୟ ମୁଖ୍ୟ କାର୍ଯ୍ୟାଳୟରେ ନଗର ରାଜଭାଷା କାର୍ଯ୍ୟାନ୍ୱୟନ କମିଟି (ବ୍ୟାଙ୍କ ଓ ବୀମା)ର ୫୮ତମ ଅର୍ଦ୍ଧବାର୍ଷିକ ବୈଠକ ଅନୁଷ୍ଠିତ ହୋଇଥିଲା। ସୁଜିତ କୁମାର, ଆଇଡିବିଆଇ ବ୍ୟାଙ୍କର ମୁଖ୍ୟ ମହାପ୍ରବନ୍ଧକ, ଆୟୁଷ ଶିବପୁରୀ, ନାବାର୍ଡର ମହାପ୍ରବନ୍ଧକ, ସାମଦେନ ଦୋର୍ଜି ଲାମା, ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ସିଡିଓସମେତ ଭୁବନେଶ୍ୱରରେ ଥିବା ସମସ୍ତ ରାଷ୍ଟ୍ରୀୟରେ ବ୍ୟାଙ୍କ ଓ ବୀମା କମ୍ପାନୀର ବରିଷ୍ଠ କାର୍ଯ୍ୟନିର୍ବାହୀ ଏବଂ ସରକାରୀ ଭାଷା ଅଧିକାରୀମାନେ ଉପସ୍ଥିତ ଥିଲେ ।

ବୈଠକ ପ୍ରାରମ୍ଭରେ ଭାରତୀୟ ରିଜର୍ଭ ବ୍ୟାଙ୍କର ଅଞ୍ଚଳିକ ନିର୍ଦ୍ଦେଶକ ଡ. ସାରଦା ପ୍ରସନ୍ତ ମହାନ୍ତିଙ୍କୁ ସାମଦେନ



ଦୋର୍ଜି ଲାମା ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ । ଏହାପରେ ଡ. ସାରଦା ପ୍ରସନ୍ନ ମହାନ୍ତି ଡ. ବିଚିତ୍ରସେନ ଗୁପ୍ତା ଓ ସୁଜିତ କୁମାରଙ୍କୁ ଉତରିୟ ଓ ଚାରା ଦେଇ ସ୍ୱାଗତ କରିଥିଲେ । ଶ୍ରୀ ଲାମା, ଉପସଭାପତି, ନରାକାସ(ବ୍ୟାଙ୍କ) ସାଗତ ଭାଷଣ ଦେଇଥିଲେ । ନରାକାସ ରାଜଭାଷା ସମ୍ମାନ ପାଇଁ ନରକାସ ସଦସ୍ୟ ମାନଙ୍କର ପ୍ରଶଂଶା କରିଥିଲେ । ବୈଠକରେ ଗତ ୬ବର୍ଷ ମଧ୍ୟରେ ସଦସ୍ୟ ବ୍ୟାଙ୍କରେ ସରକାରୀ ଭାଷାର ପ୍ରଚାର ପ୍ରସାର ପାଇଁ ଆୟୋଜିତ ବିଭିନ୍ନ ହିନ୍ଦୀ କାର୍ଯ୍ୟକ୍ରମ ସମ୍ପର୍କରେ ଏକ ରିପୋର୍ଟ ଉପସ୍ଥାପନ କରାଯାଇଥିଲା । ଗୃହ ମନ୍ତ୍ରଣାଳୟର ଉପନିର୍ଦ୍ଦେଶକ ଡ. ବିଚିତ୍ର ସେନ ଗୁପ୍ତା ତାଙ୍କ ସମୀକ୍ଷାରେ ଭୁବନେଶ୍ୱରସ୍ଥିତ ନରାକାସ (ବ୍ୟାଙ୍କ) ର ପ୍ରଦର୍ଶନକୁ ପ୍ରଶଂସା କରିବା ସହ ଏହି କମିଟି ଦେଶର ଅନ୍ୟତମ ଶ୍ରେଷ୍ଠ କମିଟି ବୋଲି କହିଥିଲେ । କ୍ରମାଗତ ଭାବେ ଜାତୀୟ ଗଠରେ 'ରାଜଭାଷା କାର୍ତ୍ତି ପୁରସ୍କାର ପାଇବା ଗର୍ବ ଓ ଗୌରବର ବିଷୟ ଓ ଭାରତୀୟ ରିଜର୍ଭ ବ୍ୟାଙ୍କର ଆଞ୍ଚଳିକ ନିର୍ଦ୍ଦେଶକ ତ ମହାନ୍ତି କହିଛନ୍ତି ଯେ ସରକାରୀ ଭାଷାର ପ୍ରଚାର ପ୍ରସାର କ୍ଷେତ୍ରରେ ଏହି କମିଟି ପ୍ରଶଂସନୀୟ କାର୍ଯ୍ୟ କରୁଛି ଓ ହିନ୍ଦୀରେ କାମ କରିବା କେବଳ ସରକାରୀ ଭାଷା ବିଭାଗ କିମ୍ବା ସରକାରୀ ଭାଷା ଅଧିକାରୀଙ୍କ କାମ ନୁହେଁ, ବରଂ ଏହା ଆମ ସମସ୍ତଙ୍କ ଦାୟିତ୍ୱ । ନାବାର୍ଡର ଜେନେରାଲ ମ୍ୟାନେଜର କହିଛନ୍ତି ଯେ ଗ୍ରାହକଙ୍କ ମଧ୍ୟରେ ଆର୍ଥିକ ସାକ୍ଷରତା ଏବଂ ସଚେତନତା ବୃଦ୍ଧି ପାଇଁ ନାବାର୍ଡ ହାରା ହିନ୍ଦୀ ଏବଂ ଅଞ୍ଚଳିକ ଭାଷାବ୍ୟବହାର କରାଯାଉଛି ।

ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ସଦସ୍ୟ ସଜିତ ତଥା ସହକାରୀ ମହାପ୍ରବନ୍ଧକ (ସରକାରୀ ଭାଷା) ବିବି ଗୋପାଳ ଓ୍ୱା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଭାରତୀୟ ରିଜର୍ଭ ବ୍ୟାଙ୍କର ସହକାରୀ ମହାପ୍ରବନ୍ଧକ (ସରକାରୀ ଭାଷା) ବିବେକ ଯାଦବ ଧନ୍ୟବାଦ ଅର୍ପଣ କରି ବୈଠକ ଶେଷ କରିଥିଲେ ।

## ଆସନ୍ତା ବର୍ଷର ପ୍ରଥମାର୍ଦ୍ଧରେ ଆସିବ ଜିଓ ଆଇପିଓ

# ନିବେଶକମାନଙ୍କ ପାଇଁ ଏକ ବଡ଼ ସୁଯୋଗ ହେବ : ଅମ୍ବାନି

ଭୁବନେଶ୍ୱର (ସବ୍ୟୁ): ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ସେୟାରଧାରକଙ୍କ ପାଇଁ ଖୁସି ଖବର। ଆସନ୍ତା ବର୍ଷର ପ୍ରଥମାର୍ଦ୍ଧ ଅର୍ଥାତ୍ ୨୦୨୬ ରେ ଆସିବ ଜିଓ ଆଇପିଓ। ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡର ୪୮ତମ ବାର୍ଷିକ ସାଧାରଣ ବୈଠକରେ ସେୟାରଧାରକମାନଙ୍କୁ ସମ୍ବୋଧିତ କରି କମ୍ପାନୀର ଅଧ୍ୟକ୍ଷ ଏବଂ ପରିଚାଳନା ନିର୍ଦ୍ଦେଶକ ମୁକେଶ ଅମ୍ବାନୀ ଏହି ସୂଚନା ଦେଇଛନ୍ତି। ମୁକେଶ ଅମ୍ବାନୀ କହିଛନ୍ତି, "ମୁଁ ଗର୍ବର ସହିତ ଘୋଷଣା କରୁଛି ଯେ ଜିଓ ଏହାର ଆଇପିଓ ପାଇଁ ଆବେଦନ କରିବାକୁ ପ୍ରସ୍ତୁତ ହେଉଛି। ଆମର ଲକ୍ଷ୍ୟ ରହିଛି ୨୦୨୬ର ପ୍ରଥମାର୍ଦ୍ଧ ସୁଦ୍ଧା ଜିଓକୁ ସୁଚକାଙ୍କରେ ସାମିଲ କରିବା। ସେ କହିଛନ୍ତି ଜିଓ ଆମର ବିଶ୍ୱ ସ୍ତରର ସମକକ୍ଷ କମ୍ପାନୀମାନଙ୍କ ପରି ସମାନ ମୂଲ୍ୟ ସୃଷ୍ଟି କରିବ। ମୋର ବିଶ୍ୱାସ ରହିଛି ଯେ ଏହା ସମସ୍ତ ନିବେଶକଙ୍କ ପାଇଁ ଏକ ଅତ୍ୟନ୍ତ ଆକର୍ଷଣୀୟ



ସୁଯୋଗ ହେବ।

ରିଲାଏନ୍ସ ଜିଓ ଆଜି ଆଉ ଏକ ମାଇଲଖୁଣ୍ଟ ହାସଲ କରିଛି, କମ୍ପାନୀର ଗ୍ରାହକଙ୍କ ସଂଖ୍ୟା ୫୦ କୋଟି ଅତିକ୍ରମ କରିଛି। ଜିଓର ସଫଳତାଗୁଡିକ ଉଲ୍ଲେଖ କରି ସେ କହିଛନ୍ତି ଯେ "ଜିଓ କେତେକ ଅକଳ୍ପନୀୟ କାମ କରିଛି। ଯେପରିକି ଭଏସ୍ କଲ୍ ମାଗଣା କରିବା, ଡିଜିଟାଲ୍ ପେମେଣ୍ଟର ଉପାୟ ବଦଳାଇବା, ଆଧାର, ୟୁପିଆଇ, ଜନଧନ ଭଳି ଡିଜିଟାଲ୍ ପ୍ଲାଟଫର୍ମଗୁଡିକୁ ସଜୀବ କରିବା ଏବଂ ବିଶ୍ୱର ତୃତୀୟ ବୃହତ ଷ୍ଟାର୍ଟଅପ୍ ଇକୋସିଷ୍ଟମର ମେରୁଦଣ୍ଡ ଭାବରେ କାର୍ଯ୍ୟ କରିବା। ଦେଶରେ ୫ଜିର ସବୁଠାରୁ ଦ୍ରୁତତମ ସ୍ଥାପନା ପରେ, ଜିଓର ୫ଜି ଗ୍ରାହକଙ୍କ ସଂଖ୍ୟା ମଧ୍ୟ ଦ୍ରୁତ ଗତିରେ ବୃଦ୍ଧି ପାଇଛି। ୨୨ କୋଟିରୁ ଅଧିକ ଉପଭୋକ୍ତା ଜିଓ ଟ୍ରୁ ୫ଜି ନେଟୱାର୍କ ସହିତ ଯୋଡି ହୋଇଛନ୍ତି। ସେ କହିଛନ୍ତି ଯେ ଜିଓ ଖୁବ୍ ଶୀଘ୍ର ଅନ୍ତର୍ଜାତୀୟ ସ୍ତରରେ ଅପରେସନ ଆରମ୍ଭ କରିବ।

## ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ଜାତୀୟ କ୍ରୀଡ଼ା ଦିବସ

# ମିନି ମାରାଥନରେ ଭାଗନେଲେ ୧୩୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ

କଟକ, (ସ୍ୱପ୍ର): ଜାତୀୟ କ୍ରୀଡ଼ା ଦିବସ ଅବସରରେ ଶୁକ୍ରବାର ସ୍ଥାନୀୟ ନରାଜସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ପରିସରରେ ଏକ ମିନି ମାରାଥନ୍ ଅନୁଷ୍ଠିତ ହୋଇଯାଇଛି । ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ ଏହାକୁ ଆନୁଷ୍ଠାନିକ ଭାବରେ ଉଦଘାଟନ କରିଥିଲେ । ଏଥିରେ ବିଦ୍ୟାର୍ଥୀ କଲ୍ୟାଣ ବିଭାଗ ଡିନ୍ ପ୍ରଫେସର ଡ. ଜୟପ୍ରକାଶ ଭଟ୍ଟ ମଧ୍ୟ ଉପସ୍ଥିତ ଥିଲେ । ଏଥିରେ ଉଭୟ ପୁରୁଷ ଓ ମହିଳା ବର୍ଗ ମିଶି ୧୩୦ରୁ ଉର୍ଦ୍ଧ୍ୱର୍ ପ୍ରତିଯୋଗୀ ଭାଗ ନେଇଥିଲେ । ତେବେ ପୁରୁଷ ବର୍ଗରେ



ସ୍ନେହାଶିଷ ରାୟ ପ୍ରଥମ, ଲିଡିଂ ଷ୍ଟାର୍ ରବନ ଦ୍ୱିତୀୟ ଏବଂ ଆକାଶ ମାହାତୋ ତୃତୀୟ ସ୍ଥାନ ଅଧିକାର କରିଥିଲେ । ସେହିପରି ମହିଳା ବର୍ଗରେ ମିନାକ୍ଷୀ ବୋରା ପ୍ରଥମ, କାମାକ୍ଷୀ ଠାକୁର ଦ୍ୱିତୀୟ ଏବଂ ନନ୍ଦିନୀ ରାଉତ ତୃତୀୟ ସ୍ଥାନ ଅଧିକାର କରିଥିଲେ । ମିନି ମାରାଥନ ପ୍ରତିଯୋଗିତାଟିକୁ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପରିଚାଳନା କୋର୍ କମିଟି ସଦସ୍ୟମାନେ ସଫଳତାର ସହ ପରିଚାଳନା କରିଥିଲେ ।

## ହିମାଳୟ ୱେଲ୍‌ନେସ୍ ଶୁଭାରମ୍ଭ କଲା 'ୱାଲ୍ଡ ଅଫ୍ ନିମ୍'

ଭୁବନେଶ୍ୱର (ସବ୍ୟୁ): ୨୫ ବର୍ଷରୁ ଅଧିକ ସମୟ ଧରି ହିମାଳୟ ୱେଲ୍‌ନେସ୍ ବ୍ରଣକୁ ନେଇ ସଂଘର୍ଷ କରୁଥିବା ନିୟୁତାଧିକ ଯୁବ ଭାରତୀୟଙ୍କ ନିମନ୍ତେ ନିମର ଶକ୍ତି ଜରିଆରେ ଏକ ବିଶ୍ୱସନୀୟ ସାଥୀ ହୋଇ ରହିଆସିଛି। ଏହି ପରମ୍ପରାକୁ ଆଗେଇ ନେଇ ବ୍ରାଣ୍ଡ ତ୍ୱଚା ଯତ୍ନ ଏବଂ ଆତ୍ମବିଶ୍ୱାସ ପ୍ରସଙ୍ଗରେ ଏକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ଆରମ୍ଭ ନିମନ୍ତେ ବ୍ରଣ ସମ୍ପର୍କିତ ସକାରାତ୍ମକ ଦିବସ ପାଳନ ପୂର୍ବରୁ ତାଜ୍ ଲ୍ୟାଣ୍ଡସ୍ ଏଣ୍ଡଠାରେ 'ଦି ୱର୍ଲଡ ଅଫ ନିମ୍'ର ଉଦ୍‌ଘାଟନୀ ଉତ୍ସବ ଆୟୋଜନ କରିଥିଲା। ପ୍ରାୟ ପ୍ରତି ୫ଜଣ ଯୁବ ଭାରତୀୟଙ୍କ ମଧ୍ୟରୁ ୪ଜଣ କୁହନ୍ତି ଯେ ବ୍ରଣ କାରଣରୁ ସେମାନେ ସାମାଜିକ ବ୍ୟବସ୍ଥାରେ ନିଜକୁ କମ୍ ଆତ୍ମବିଶ୍ୱାସୀ ମନେକରନ୍ତି ଏବଂ ୨୦ କୋଟିରୁ ଅଧିକ ନାବାଳକ ନାବାଳିକା ଏବଂ କିଶୋର କିଶୋରୀ ବ୍ରଣକୁ ନେଇ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସେଥିପାଇଁ ବ୍ରଣ ସମ୍ପର୍କିତ ସକାରାତ୍ମକ ଦିବସ ପାଳନ କରାଯାଉଛି ଯାହା ଏହାକୁ ନେଇ ରହିଥିବା କଳଙ୍କରେ ପରିସମାପ୍ତି ଘଟାଇବା, ଆତ୍ମବିଶ୍ୱାସକୁ ଉତ୍ସାହିତ କରିବା ଏବଂ ବ୍ରଣର ସମାଧାନ ନିମନ୍ତେ ସରଳ ଅଥଚ ଫଳପ୍ରଦ ଉପାୟ ସମ୍ପର୍କରେ ପ୍ରତ୍ୟେକଙ୍କୁ ପ୍ରଶିକ୍ଷିତ କରିବା ଉପରେ ଆଧାରିତ। ସାମ୍ପ୍ରତିକ ସମୟର ଯୁବବର୍ଗଙ୍କ ସହିତ ମେଳ ଖାଇବା ପାଇଁ ୱର୍ଲଡ ଅଫ ନିମ୍‌ର ଡିଜାଇନ କରାଯାଇଥିଲା ଏବଂ ଉକ୍ତ କାର୍ଯ୍ୟକ୍ରମରେ ତ୍ୱଚାଯତ୍ନ କିଭଳି ସରଳ, ଫଳପ୍ରଦ ଏବଂ ପୂର୍ଣ୍ଣାଙ୍ଗ ହୋଇପାରିବ ଏବଂ ସେହି ସମୟରେ ବ୍ରଣ ସହିତ ପ୍ରାୟତଃ ଜଡିତ କଳଙ୍କରେ ପରିସମାପ୍ତି ଘଟାଉଛି ତାହା ପ୍ରଦର୍ଶିତ ହୋଇଥିଲା।

## ଚିନ୍ତା ଓ ଚେତନାର ୪୮ ତମ ସଂସ୍କରଣ

# ଆନ୍ତଃରାଜ୍ୟ କଳାକାରଙ୍କୁ ସମ୍ବର୍ଦ୍ଧିତ କଲେ ତିରୁପତି ପାଣିଗ୍ରାହୀ

ଭୁବନେଶ୍ୱର (ସବ୍ୟୁ): ସାହିତ୍ୟ, ସଙ୍ଗୀତ, ନୃତ୍ୟର ସମ୍ମିଳିତ ସମ୍ମିଳନ ଚିନ୍ତା ଓ ଚେତନାର ୪୮ତମ ରାଷ୍ଟ୍ରୀୟ ସଂସ୍କରଣ ଓ ସଂସ୍କୃତି ସମାରୋହ ବର୍ଷା ଆଧାରିତ ନୃତ୍ୟ ଉତ୍ସବରେ ଭାରତର ବିଭିନ୍ନ ପ୍ରାନ୍ତରୁ ଶତାଧିକ ନୃତ୍ୟଶିଳ୍ପୀଙ୍କ ମନୋରମ ନୃତ୍ୟ ପ୍ରଦର୍ଶନରେ ରବିନ୍ଦ୍ର ମଣ୍ଡପ ଉଚ୍ଛୁଳି ପଡୁଥିଲା। ନୃତ୍ୟରେ ବର୍ଷାର ଆଗମନ, ପ୍ରସ୍ଥାନ ଓ ବର୍ଷା



ବୈଭବକୁ ନୃତ୍ୟଶିଳ୍ପୀମାନେ ଖୁବ୍ ଦକ୍ଷତାର ସହ ଉପସ୍ଥାପନ କରୁଥିଲେ। ଅବସରପ୍ରାପ୍ତ ମୁଖ୍ୟ ଶାସନ ସଚିବ ସହଦେବ ସାହୁ, ଭାରତୀୟ ପ୍ରଶାସନିକ ସେବାର ଅଧିକାରୀ ମନୋରଞ୍ଜନ ପାଣିଗ୍ରାହୀ, ଅଶୋକ କୁମାର ତ୍ରିପାଠୀ ଯୋଗ ଦେଇଥିବାବେଳେ ହାଇଟେକ୍ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ଡଃ ତିରୁପତି ପାଣିଗ୍ରାହୀ ସମସ୍ତ କଳାକାରଙ୍କୁ ସମ୍ବର୍ଦ୍ଧିତ କରି ନିଜକୁ ଗୌରବ ଅନୁଭବ କରୁଛନ୍ତି ବୋଲି କହୁଥିବାବେଳେ ଚିନ୍ତା ଓ ଚେତନାର ରାଷ୍ଟ୍ରୀୟ ପ୍ରତିଷ୍ଠାତା ମହାସଚିବ ସୁରେନ୍ଦ୍ର ଦାସଙ୍କ ବଳିଷ୍ଠ ଆୟୋଜନରେ ଦୀର୍ଘ ୪୮ ବର୍ଷ ଧରି ଆୟୋଜିତ ହେଉଥିବା ଏହି ନୃତ୍ୟ ସଙ୍ଗୀତ ଉତ୍ସବକୁ ସବୁ ବର୍ଗର ଦର୍ଶକମାନେ କରତାଳି ଦେଇ ଉତ୍ସାହିତ କରୁଥିଲେ। ଉତ୍ସବକୁ ବିଶିଷ୍ଟ ମଞ୍ଚ ସଞ୍ଚାଳକ ତଥା ଦକ୍ଷ କଥାଶିଳ୍ପୀ ଡ. ମୃତ୍ୟୁଞ୍ଜୟ ରଥ ମଞ୍ଚ ପରିଚାଳନା କରିଥିଲେ।

## ରିଚ୍ ଉପସ୍ଥାପନା କରିଛି ହସ୍ପିଟାଲିଟି ହରାଇଜନ୍ ଆୱାର୍ଡସ୍

ଭୁବନେଶ୍ୱର (ସବ୍ୟୁ): ଅନ୍ଧେରୀ ଇଷ୍ଟ୍ ର ନୋଭୋଟେଲ୍ ଏୟାରପୋର୍ଟ ଠାରେ ରିଚ୍ ପ୍ରେଜେଣ୍ଟସ୍ ହସ୍ପିଟାଲିଟି ହରାଇଜନ୍ ବେକରୀ, ପାଟିସେରି ଏଣ୍ଡ ଚକୋଲେଟ୍ ଆୱାର୍ଡସ୍ ୨୦୨୫ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଉପସ୍ଥାପନା କରିଥିଲେ ରିଚ୍ ପ୍ରଡକ୍ଟସ୍ ଏବଂ ଆୟୋଜନ କରିଥିଲେ ହସ୍ପିଟାଲିଟି ହରାଇଜନ୍ ମାଗାଜିନ୍। ପୂର୍ବାଂଚଳର ଗୋ କୁଲ୍, ଡ୍ୟାନବ୍ରେରା, ଡ' ଆଜ୍ ୟୁ ଲାଇକ୍, କ୍ରିମଜ ଆୱାର୍ଡ ପ୍ରାପ୍ତ ହୋଇଛି।

ଏହି ଅବସରରେ, ରିଚ୍ ପ୍ରଡକ୍ଟସ୍ ଇଣ୍ଡିଆ, ମେନା ଏବଂ ତୁର୍କୀର ମ୍ୟାନେଜିଂ ଡାଇରେକ୍ଟର୍ ପଙ୍କଜ ଚତୁର୍ବେଦୀ କହିଛନ୍ତି, ଏହି ଆୱାର୍ଡଗୁଡ଼ିକ ଭାରତର ବେକିଂ ଇଣ୍ଡଷ୍ଟ୍ରିକୁ ଆଗକୁ ବଢାଉଥିବା ଅବିଶ୍ୱସନୀୟ ପ୍ରତିଭା, ଅଭିନବତା ଏବଂ ଆଗ୍ରହ ପ୍ରତି ଆମ ସମ୍ମାନ। ଉତ୍କର୍ଷତାର ନୂତନ ମାନଦଣ୍ଡ ସ୍ଥାପନ କରୁଥିବା ଏହି ବିଜେତାମାନଙ୍କୁ ସମ୍ମାନ ଦେଇ ଆମେ ଗର୍ବିତ।

ବେକରୀ, ପେଟିସେରି ଏବଂ ଚକୋଲେଟ୍ ଦୁନିଆରେ ଉତ୍କର୍ଷ ଏବଂ ଅଭିନବ କ୍ଷେତ୍ରକୁ ସମ୍ମାନିତ କରିବା ପାଇଁ ସେଲିବ୍ରିଟି ସେଫ୍ ଏବଂ ଇଣ୍ଡଷ୍ଟ୍ରିର ପ୍ରମୁଖ ବ୍ୟକ୍ତିଙ୍କ ସହିତ ବେକିଂ ଶିଳ୍ପର ବିଭିନ୍ନ ବ୍ୟକ୍ତି ଏହି ରାତ୍ରିରେ ଏକାଠି ହୋଇଥିଲେ । ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ଥିଲା ଭାରତର ଶ୍ରେଷ୍ଠ ୧୦ ଟି ଚେନ୍ ବେକରୀ ଏବଂ ଶ୍ରେଷ୍ଠ ୧୦ ଟି ଷ୍ଟାଣ୍ଡଏଲୋନ୍ ବେକେରୀଗୁଡ଼ିକୁ ସ୍ୱୀକୃତି ପ୍ରଦାନ କରିବା। ଏହି କ୍ଷେତ୍ରରେ ଗୁଣବତା, ନବସୃଜନତା ତଥା ଗ୍ରାହକ ଅଭିଜ୍ଞତାରେ ମାନଦଣ୍ଡ ସ୍ତରର ଦକ୍ଷତା ସ୍ଥାପନା କରିଥିବା ବ୍ରାଣ୍ଡ ଏବଂ ଉଦ୍ୟୋଗୀମାନଙ୍କୁ ସମ୍ମାନିତ କରିଥିଲା ।

# ଜାତୀୟ କ୍ରୀଡ଼ା ଦିବସ ଅବସରରେ ସୋଆ ପକ୍ଷରୁ ମିନି ମାରାଥନ




ଭୁବନେଶ୍ୱର, (ସବ୍ୟୁ): କିମ୍ବଦନ୍ତୀ ହକି ଖେଳାଳୀ ମେଜର ଧ୍ୟାନଚାନ୍ଦଙ୍କ ଜନ୍ମ ଜୟନ୍ତୀ ଅବସରରେ ସାରା ଦେଶରେ ଜାତୀୟ କ୍ରୀଡ଼ା ଦିବସ ପାଳନ କରାଯାଉଥିବା ବେଳେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପକ୍ଷରୁ ଶୁକ୍ରବାର ଦିନ ମିନି ମାରାଥନ ଆୟୋଜିତ ହୋଇଥିଲା। ୨୦୧୨ ମସିହାରୁ ସାରା ଦେଶରେ ଅଗଷ୍ଟ ୨୯ ତାରିଖ ଦିନ ମେଜର ଧ୍ୟାନ୍‌ଚାନ୍ଦଙ୍କ ଜନ୍ମ ଦିନରେ ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଆସୁଛି। ବିଶ୍ୱବିଦ୍ୟାଳୟ ପକ୍ଷରୁ ଦୁଇ ଦିନ ବ୍ୟାପୀ ଜାତୀୟ କ୍ରୀଡ଼ା ଦିବସ ପାଳନ କରାଯାଉଥିବା ବେଳେ ଶୁକ୍ରବାର ସୋଆ କ୍ୟାମ୍ପସ ସ୍ପୋର୍ଟ୍ସ କମ୍ପ୍ଲେକ୍ସରୁ ଆୟୋଜିତ ମିନି ମାରାଥନ୍‌ରେ ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ ଆଣ୍ଡ ସମ୍ ହସ୍ପିଟାଲ୍‌ର ମେଡିକାଲ୍ ସୁପରିଟେଣ୍ଡେଣ୍ଟ ପ୍ରଫେସର (ଡାକ୍ତର) ପୁଷ୍ପରାଜ ସାମନ୍ତସିଂହାର ଫ୍ଲାଗ-ଅଫ୍ କରି ମାରାଥନ୍‌ର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ସୋଆର ସ୍ପୋର୍ଟ୍ସ ଅଫିସର ଶ୍ରୀମତି ସୁନୀତା ବର୍ମା, ଚଳିତ ବର୍ଷର ଜାତୀୟ କ୍ରୀଡ଼ା ଦିବସର କୋଅର୍ଡିନେଟର ଆସିଷ୍ଟାଂଟ ପ୍ରଫେସର ଆକାଶ ତ୍ରିଖା, ଜୁନିୟର ସ୍ପୋର୍ଟ୍ସ ଅଫିସର ପ୍ରିୟମ୍ ମଲ୍ଲିକ ଏବଂ ବରେଣ ମିଶ୍ରଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଓଡିଶାରେ ବ୍ୟବସାୟ ସୁଦୃଢ କରିବ ଅଭିଭା

ଭୁବନେଶ୍ୱର, (ସବ୍ୟୁ): ଭାରତର ଅନ୍ୟତମ ସର୍ବାଧିକ ବିଶ୍ୱସନୀୟ ଘରୋଇ ଜୀବନ ବୀମା କମ୍ପାନୀ ଅଭିଭା ଲାଇଫ ଇନ୍ସୁରାନ୍ସ ପକ୍ଷରୁ ଓଡିଶାରେ ଏହାର ଉପସ୍ଥିତି ବୃଦ୍ଧି କରିବା ପାଇଁ ନୂଆ ଯୋଜନା ସମ୍ପର୍କରେ ଘୋଷଣା କରାଯାଇଛି। କମ୍ପାନୀ ରାଜ୍ୟରେ ଏହାର ଡିଷ୍ଟ୍ରିବ୍ୟୁଟର ନେଟ୍‌ୱର୍କ ଓ ବ୍ୟବସାୟ ପରିମାଣକୁ ଦୁଇ ଗୁଣ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛି। ଅଭିଭାର ଏମ୍‌ଡି ଓ ସିଇଓ ଅସିତ ରଥ ଭୁବନେଶ୍ୱରକୁ ତାଙ୍କର ଗସ୍ତ ସମୟରେ ଏହି ଘୋଷଣା କରିଥିଲେ । ଅଭିଭା ଗତ ଦୁଇ ଦଶନ୍ଧିରୁ ଅଧିକ ସମୟ ହେବ ସୁରକ୍ଷା, ସଂଚୟ, ଅବସର ଓ ସୁସ୍ଥତା କ୍ଷେତ୍ରରେ ବିଭିନ୍ନ ସମାଧାନ ସହିତ ଭାରତୀୟ ପରିବାରଗୁଡିକୁ ସେବା ପ୍ରଦାନ କରୁଛି। କମ୍ପାନୀର ଏହାର ମଜବୁତ କ୍ଲେମ ସେଟେଲମେଂଟ ରେକର୍ଡ ସହିତ ନିରନ୍ତର ଭାବେ ବିଶ୍ୱାସ ସ୍ଥାପନ କରିଆସୁଛି, ଏହା ୨୦୨୪-୨୫ ଆର୍ଥିକ ବର୍ଷରେ ଜାତୀୟ ସ୍ତରରେ ୯୯.୨% ଓ ଓଡିଶାରେ କ୍ଲେମ୍ ସେଟଲମେଂଟ ରେସିଓ ହାସଲ କରିଛି।

କମ୍ପାନୀର ଲକ୍ଷ୍ୟ ସମ୍ପର୍କରେ ଉଲ୍ଲେଖ କରି ଶ୍ରୀ ରଥ କହିଛନ୍ତି, "ଅଭିଭା ସରଳତା ଓ ସଚ୍ଚୋଟତା ଦ୍ୱାରା ପରିଚାଳିତ। କମ୍ପାନୀ ମିସ୍-ସେଲିଂରେ ବିଶ୍ୱାସ କରେନାହିଁ ଏବଂ ପ୍ରତ୍ୟେକ ଉତ୍ପାଦକୁ ଯେପରି ସ୍ୱଚ୍ଛତା ସହ ବ୍ୟାଖ୍ୟା କରାଯିବ ତାହା ସୁନିଶ୍ଚିତ କରିଥାଏ, ଯାହାଫଳରେ ଗ୍ରାହକମାନେ ସୂଚିତ ନିଷ୍ପତି ନେଇପାରିବେ। ଗ୍ରାହକଙ୍କ ଆବଶ୍ୟକତା ପ୍ରତି ଏହି ପ୍ରତିବଦ୍ଧତାକୁ ନିକଟରେ ପ୍ରଡକ୍ଟ ଅଫ ଦ ଇୟର ୨୦୨୫ରେ ସ୍ୱୀକୃତି ପ୍ରଦାନ କରାଯାଇଥିଲା, ଯାହା ନିଲସେନଆଇକ୍ୟୁ ଦ୍ୱାରା ପରିଚାଳିତ ଏକ ଜାତୀୟସ୍ତରୀୟ ଉପଭୋକ୍ତା ସର୍ବେକ୍ଷଣ ଉପରେ ଆଧାରିତ ଥିଲା। ଏଥିରେ ଅଭିଭାକୁ ଦୁଇଟି ପ୍ରମୁଖ ବର୍ଗରେ ବିଜେତା ଘୋଷଣା କରାଯାଇଛି। ଅଭିଭା ସିଗ୍ନେଚର ଇନ୍‌କ୍ରିଜିଙ୍ଗ ଇନକମ ପ୍ଲାନକୁ ପ୍ରତ୍ୟେକ ୩ ପଲିସି ବର୍ଷରେ ଆୟରେ ୧୫% ଗ୍ୟାରେଂଟିକୃତ ବୃଦ୍ଧି ପ୍ରଦାନକରି ରିଟାୟାରମେଣ୍ଟ ପ୍ଲାନିଂକୁ ସହାୟତା କରେ। ଏହି କାରଣରୁ ଏହାକୁ "ରିଟାୟାରମେଣ୍ଟ ଇନକମ୍ କାଟେଗୋରୀ"ରେ ବର୍ଷ ୨୦୨୫ର ପ୍ରଡ଼କ୍ଟ ଅଫ ଦି ଇୟର ପୁରସ୍କାର ପ୍ରଦାନ କରାଯାଇଛି। ଶ୍ରୀ ରଥ କହିଛନ୍ତି ଯେ, ଅଭିଭା ପାଇଁ ଓଡିଶା ଏକ ପ୍ରମୁଖ ଅଭିବୃଦ୍ଧି ବଜାର ଅଟେ ଏବଂ କମ୍ପାନୀ ରାଜ୍ୟରେ ଅଧିକରୁ ଅଧିକ ପରିବାରକୁ ସେବା ପ୍ରଦାନ କରିବା ପାଇଁ ନିଜର ପହଂଚ ବିସ୍ତାର କରିବା ଏବଂ ବିତରଣକୁ ସୁଦୃଢ଼ କରିବା ପାଇଁ ପ୍ରତିବଦ୍ଧ ରହିଛି।

# ଜାତୀୟ କ୍ରୀଡା ଦିବସ : ଦେଶରେ ୩୦୦ ଯୁବ ଖେଳାଳିଙ୍କୁ ସମ୍ମାନିତ କରିଛି ବେଦାନ୍ତ

ଭୁବନେଶ୍ୱର, (ସବ୍ୟୁ): ଜାତୀୟ କ୍ରୀଡା ଦିବସ ୨୦୨୫ ଅବସରରେ, ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଏହାର ତୃଣମୂଳ ସ୍ତରରେ ପଦକ୍ଷେପ ମାଧ୍ୟମରେ ପ୍ରଶିକ୍ଷିତ ଏବଂ ସମର୍ଥିତ ହଜାର ହଜାର ଯୁବ ଖେଳାଳିଙ୍କ ସଫଳତାକୁ ସ୍ୱୀକୃତି ଦେଇ କ୍ରୀଡା ମନୋଭାବ ପୋଷଣ କରିଛି। କମ୍ପାନୀ ତୃଣମୂଳ ସ୍ତରରେ ପ୍ରତିଭାକୁ ପ୍ରୋତ୍ସାହିତ କରି, ସମ୍ପ୍ରଦାୟ ସମ୍ପୃକ୍ତିକୁ ସୁଦୃଢ଼ କରି ଏବଂ କର୍ମଚାରୀଙ୍କ କଲ୍ୟାଣକୁ ବୃଦ୍ଧି କରି ଏକ ସ୍ପନ୍ଦନଶୀଳ କ୍ରୀଡା ସଂସ୍କୃତିକୁ ପୋଷଣ କରୁଛି। ସମଗ୍ର ଓଡ଼ିଶା ଏବଂ ଛତିଶଗଡ଼ରେ, ବେଦାନ୍ତ ଆଲୁମିନିୟମର ଫୁଟବଲ୍, ହକି, ମାର୍ଶାଲ ଆର୍ଟ, କ୍ରିକେଟ୍ ଏବଂ ସମ୍ପ୍ରଦାୟ ଟୁର୍ନାମେଂଟରେ ବ୍ୟାପକ ପଦକ୍ଷେପ ତୃଣମୂଳ ସ୍ତରରେ ପ୍ରତିଭାକୁ ପ୍ରୋତ୍ସାହିତ କରୁଛି, ବନ୍ଧନକୁ ସୁଦୃଢ଼ କରୁଛି ଏବଂ ସୀମା ବାହାରେ ସ୍ୱପ୍ନ



ଦେଖିବା ପାଇଁ ଯୁବପିଢ଼ିଙ୍କୁ ସଶକ୍ତ କରୁଛି। କଳାହାଣ୍ଡିରେ, ଏକଦା ଅଭାବ ଦ୍ୱାରା ଚିହ୍ନିତ ଏକ ଅଂଚଳ, ବେଦାନ୍ତର ତୀରନ୍ଦାଜ ତାଲିମ କାର୍ଯ୍ୟକ୍ରମ ୨୦୧୮ ମସିହାରୁ ୧୦୦ ରୁ ଅଧିକ ଯୁବ ତୀରନ୍ଦାଜଙ୍କୁ ପ୍ରୋତ୍ସାହିତ କରିଛି, ଜାତୀୟ ସ୍ତରୀୟ କ୍ରୀଡାବିତଙ୍କଠାରୁ ସଂରଚିତ ପ୍ରଶିକ୍ଷଣ, ଉପକରଣ, ପୁଷ୍ଟିସାର ଏବଂ ମାର୍ଗଦର୍ଶନ ପ୍ରଦାନ କରୁଛି। ଅଲିମ୍ପିଆନ୍ ପରାମର୍ଶଦାତା ରାହୁଲ ବାନାର୍ଜୀ ଏବଂ ସ୍ଥାନୀୟ ସଂଘ ଏବଂ ସ୍କୁଲ ସହିତ ସହଭାଗୀତା ଦ୍ୱାରା ସମର୍ଥିତ ଏହି ପଦକ୍ଷେପ ରାଜ୍ୟ ଏବଂ ଜାତୀୟ ମଂଚରେ ଜୁଲି ମାଝୀ ଏବଂ ସଞ୍ଜୟ ମାଝୀଙ୍କ ପରି ଆଶାୟୀ ପ୍ରତିଭାମାନଙ୍କୁ ଉତ୍କର୍ଷ ହାସଲ କରିପାରିଛି।

ଓଡ଼ିଶା ଏବଂ ଛତିଶଗଡ଼ରେ ଆମର ପଦକ୍ଷେପଗୁଡ଼ିକ କେବଳ ତୃଣମୂଳ ସ୍ତରର ପ୍ରତିଭାକୁ ପୋଷଣ କରେ ନାହିଁ ବରଂ ସମ୍ପ୍ରଦାୟ ବନ୍ଧନକୁ ସୁଦୃଢ଼ କରେ ଏବଂ ସାମଗ୍ରିକ କଲ୍ୟାଣକୁ ପ୍ରୋତ୍ସାହିତ କରେ, ଯାହା ଦୀର୍ଘକାଳୀନ ଭାବରେ ସମସ୍ତଙ୍କ ପାଇଁ ଲାଭଦାୟକ। ସମଗ୍ର ଓଡ଼ିଶା ଏବଂ ଛତିଶଗଡ଼ରେ, ବେଦାନ୍ତ ଆଲୁମିନିୟମ୍ କ୍ରୀଡ଼ାକୁ ସାମୁଦାୟିକ ବିକାଶ, କର୍ମଚାରୀ କଲ୍ୟାଣ ଏବଂ ଯୁବ ସଶକ୍ତିକରଣରେ ସାମିଲ କରିଛି। ଲାଞ୍ଜିଗଡ ବେଦାନ୍ତର ଆଲୁମିନା ରିଫାଇନାରୀରେ ବାର୍ଷିକ ଇଣ୍ଡୋର ଗେମ୍ସ ଟୁର୍ଣ୍ଣାମେଂଟ କର୍ମଚାରୀ ଏବଂ ପରିବାରକୁ ବାକ୍ସ କୁସ୍ତି, ଚେସ୍, ଟେବୁଲ ଟେନିସ୍ ଏବଂ କ୍ୟାରମ୍ ରେ ଉତ୍ସାହୀ ପ୍ରତିଯୋଗିତା ପାଇଁ ଏକାଠି କରିଥିଲା, ଯାହା ସୌହାର୍ଦ୍ଦ୍ୟ ଏବଂ ସୁସ୍ଥତାକୁ ସୁଦୃଢ଼ କରିଥିଲା। ଝାରସୁଗୁଡାରେ ଭାରତର ସର୍ବବୃହତ ଆଲୁମିନିୟମ୍ ସ୍ମେଲ୍ଟରରେ, ମାର୍ଶାଲ୍ ଆର୍ଟସ୍ ତାଲିମ କେନ୍ଦ୍ର ୧୧୦ ରୁ ଅଧିକ ପିଲାଙ୍କୁ କରାଟେ ଏବଂ ଟାଏକୋଣ୍ଡୋରେ ତାଲିମ ଦେଇଛି। କମ୍ପାନୀ ଆନ୍ତଃରାଜ୍ୟ ବାଳିକା ହକି ଟୁର୍ଣ୍ଣାମେଂଟ ଏବଂ ବେଦାନ୍ତ ବ୍ୟାଡମିଂଟନ୍ ଟୁର୍ଣ୍ଣାମେଂଟ ମଧ୍ୟ ଆୟୋଜନ କରିଥିଲା, ଯେତେବେଳେ ବିଶେଷଜ୍ଞଙ୍କ ନେତୃତ୍ୱରେ ଗ୍ରାଫ୍ଲି ଏବଂ ବ୍ୟାଡମିଂଟନ୍ ଶିବିର ୧୦୦ ରୁ ଅଧିକ ଯୁବକଙ୍କ ପାଇଁ ଦକ୍ଷତା ବୃଦ୍ଧି କରିଥିଲା। ଟାଉନସିପ୍ ଜିମ୍, କୋର୍ଟ ଏବଂ ଖୋଲା ପଡ଼ିଆରେ ନିବେଶ ଉଚ୍ଚମାନର କ୍ରୀଡା ଭିତିଭୂମିର ପ୍ରବେଶ ସୁନିଶ୍ଚିତ କରିଛି।

## ଚନ୍ଦ୍ରଯାନ-୫ ମିଶନ

# ହାତ ମିଳାଇବେ ଇସ୍ରୋ ଓ ଜାପାନୀ ମହାକାଶ ସଂସ୍ଥା



ଟୋକିଓ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର ଚନ୍ଦ୍ରଯାନ-୫ ମିଶନ ପାଇଁ ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ) ଏବ ଜାପାନ ଏରୋସ୍ପେସ୍ ଅନୁସନ୍ଧାନ ସଂସ୍ଥା (ଜାକ୍ସା) ମଧ୍ୟରେ ସହଯୋଗ ଘୋଷଣା କରିଛନ୍ତି । ମୋଦୀ କହିଛନ୍ତି ଯେ ଆମେ ଚନ୍ଦ୍ରଯାନ-୫ ମିଶନ ପାଇଁ ଇସ୍ରୋ ଏବଂ ଜାକ୍ସା ମଧ୍ୟରେ ସହଯୋଗକୁ ସ୍ୱାଗତ କରୁଛୁ ।

ଆମର ସକ୍ରିୟ ଅଂଶଗ୍ରହଣ ପୃଥିବୀର ସୀମା ବାହାରକୁ ଯାଇଛି ଏବଂ ମହାକାଶରେ ମାନବଜାତିର ପ୍ରଗତିର ପ୍ରତୀକ ହେବ । ପ୍ରଧାନମନ୍ତ୍ରୀ ଟୋକିଓରେ ତାଙ୍କର ଜାପାନୀ ପ୍ରତିପକ୍ଷ ଶିଗେରୁ ଇଶିବାଙ୍କ ସହ ଆଲୋଚନା ପରେ ଅନୁଷ୍ଠିତ ଏକ ମିଳିତ ବ୍ରିଫିଂ ସମୟରେ ଏହି ଘୋଷଣା କରିଛନ୍ତି । ସେ କହିଛନ୍ତି ଯେ ଆମେ ଆଗାମୀ ଦଶନ୍ଧି ପାଇଁ ସହଯୋଗର ଏକ ରୋଡମ୍ୟାପ୍ ପ୍ରସ୍ତୁତ କରିଛୁ ।

ଉଭୟ ଦେଶ ସହମତ ହୋଇଛନ୍ତି ଯେ ବିଶ୍ୱର ଦୁଇଟି ବୃହତ ଅର୍ଥନୀତି ଏବଂ ଉନ୍ନତ ଗଣତନ୍ତ୍ର ଭାବରେ, ଆମର ସହଭାଗୀତା କେବଳ ଆମ ଦୁଇ ଦେଶ ପାଇଁ ନୁହେଁ ବରଂ ବିଶ୍ୱ ଶାନ୍ତି ଏବଂ ସ୍ଥିରତା ପାଇଁ ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଆସନ୍ତା ୧୦ ବର୍ଷରେ ଜାପାନ ଭାରତରେ ୧୦ ଟ୍ରିଲିୟନ ୟେନର ନିବେଶ ଲକ୍ଷ୍ୟ ରଖିଛି ବୋଲି ସେ କହିଛନ୍ତି ।

# ଥାଇଲାଣ୍ଡ ପ୍ରଧାନମନ୍ତ୍ରୀ ବରଖାସ୍ତ



ବ୍ୟାଙ୍କକ୍ : ଥାଇଲାଣ୍ଡର ସାମ୍ବିଧାନିକ କୋର୍ଟ ଆଜି ପଏତୋଗତାର୍ନ ଶିନାବାତ୍ରାଙ୍କୁ ଦେଶର ପ୍ରଧାନମନ୍ତ୍ରୀ ପଦରୁ ବିଧିବଦ୍ଧ ଭାବେ ବହିଷ୍କାର କରିଛନ୍ତି । ଅର୍ଥାତ ଶିନାବାତ୍ରା ଆଉ ଥାଇଲାଣ୍ଡର ପ୍ରଧାନମନ୍ତ୍ରୀ ଭାବେ କାର୍ଯ୍ୟ କରି ପାରିବେ ନାହିଁ । ନୈତିକତାର ଉଲ୍ଲଙ୍ଘନ ପାଇଁ ତାଙ୍କ ବିରୋଧରେ ଏପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ମାତ୍ର ବର୍ଷକ ତଳେ ଶିନାବାତ୍ରା ଥାଇଲାଣ୍ଡର ପ୍ରଧାନମନ୍ତ୍ରୀ ହୋଇଥିଲେ । କୋର୍ଟଙ୍କ ଏପରି ନିଷ୍ପତ୍ତି ଶିନାବାତ୍ରା ପରିବାର ପ୍ରତି ମଧ୍ୟ ଶକ୍ତ ଝଟକା । ପଏତୋଗତାର୍ନ ଶିନାବାତ୍ରା ଦେଶର ସର୍ବକନିଷ୍ଠ ପ୍ରଧାନମନ୍ତ୍ରୀ ହେବାର ରେକର୍ଡ କରିଥିଲେ । ଏବେ ସେ ଶିନାବାତ୍ରା ପରିବାରରୁ କିମ୍ବା ପରିବାର ସମର୍ଥନରେ ପ୍ରଧାନମନ୍ତ୍ରୀ ହୋଇଥିବା ୬ଷ୍ଠ ସଦସ୍ୟ ଭାବେ ନ୍ୟାୟପାଳିକା କିମ୍ବା ସାମରିକ କାର୍ଯ୍ୟାନୁଷ୍ଠାନ ଦ୍ୱାରା ପଦ ହରାଇଛନ୍ତି । ସାମ୍ବିଧାନିକ କୋର୍ଟ ରାୟରେ କହିଛନ୍ତି ଯେ ପଏତୋଗତାର୍ନ ଶିନାବାତ୍ରା ନୈତିକତାର ମୂଲ୍ୟବୋଧନକୁ ଉଲ୍ଲଙ୍ଘନ କରିଛନ୍ତି । କମ୍ବୋଡିଆ ନେତା ହୁନ ସେନଙ୍କ ସହ ପଏତୋଗତାର୍ନ ଶିନାବାତ୍ରା ଫୋନ ଯୋଗେ ହୋଇଥିବା କଥା ବାର୍ତ୍ତା ଜୁନ ମାସରେ ଲିକ ହୋଇଥିଲା ।

ଦୁଇ ଦେଶ ମଧ୍ୟରେ ସାମରିକ ତିକ୍ତତା ଚରମସୀମାରେ ପହଞ୍ଚିଥିବା ବେଳେ ପଏତୋଗତାର୍ନ ଶିନାବାତ୍ରା କମ୍ବୋଡିଆ ନେତାଙ୍କ ସହ କଥା ହୋଇଥିଲେ । ଏହି କଥାବାର୍ତ୍ତାର ୫ ଦିନ ପରେ ଥାଇଲାଣ୍ଡ ଓ କମ୍ବୋଡିଆ ମଧ୍ୟରେ ଭୀଷଣ ସାମାରିକ ଲେଇ ହୋଇଥିଲା । ଏଥିଯୋଗୁ ପ୍ରଥମେ ପଏତୋଗତାର୍ନ ଶିନାବାତ୍ରାଙ୍କୁ ନିଲମ୍ବିତ ଓ ଏବେ କୋର୍ଟ ତାଙ୍କୁ ବହିଷ୍କାର କରିଛନ୍ତି । କୋର୍ଟ ପଏତୋଗତାର୍ନ ଶିନାବାତ୍ରାଙ୍କୁ ବହିଷ୍କାର କରିଥିବାରୁ ଏବେ ଦେଶରେ ସଂସଦୀୟ ନିର୍ବାଚନ ପାଇଁ ବାଟ ଫିଟିଛି । ପଏତୋଗତାର୍ନଙ୍କ ଶାସକ ଦଳ ଫେଉ ଥାଇ ପାର୍ଟି ଏବେ ଲୋକପ୍ରିୟତା ହରାଇଥିବା ବେଳେ ନିର୍ବାଚନର ଫଳ ଦଳ ବିରୋଧରେ ଯିବାର ଆଶଙ୍କା ରହିଛି ।

# କାନାଡ଼ା ପାଇଁ ଦୀନେଶ ପଟ୍ଟନାୟକ ଭାରତର ହାଇକମିଶନର



ନୂଆଦିଲ୍ଲୀ: ୧୯୯୦ ବ୍ୟାଚ୍ ଆଇଏଫ୍ଏସ୍ ଅଫିସର୍ ତଥା ଓଡ଼ିଆ ପୁଅ ଦୀନେଶ ପଟ୍ଟନାୟକ କାନାଡ଼ା ପାଇଁ ଭାରତର ପରବର୍ତ୍ତୀ ହାଇକମିଶନର ଭାବେ ନିଯୁକ୍ତ ହୋଇଛନ୍ତି । ଖଲିସ୍ତାନ ଆତଙ୍କବାଦୀଙ୍କ ସମର୍ଥନ ନେଇ କାନାଡ଼ା ସହ ଭାରତର ସମ୍ପର୍କରେ ତିକ୍ତତା ଆସିବାର ୯ ମାସ ପରେ ଏହି ନୂଆ ନିଯୁକ୍ତି ହୋଇଛି । ଦିନେଶ ପଟ୍ଟନାୟକ ବର୍ତ୍ତମାନ ସ୍ପେନ୍‌ରେ ଭାରତର ରାଷ୍ଟ୍ରଦୂତ ଭାବେ ଅବସ୍ଥାପିତ ଅଛନ୍ତି । ଗୁରୁବାର ବିଦେଶ ମନ୍ତ୍ରାଳୟ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ସେ ଖୁବ୍‌ଶୀଘ୍ର କାନାଡ଼ାରେ ଭାରତର ହାଇକମିସନର ଭାବେ ଦାୟିତ୍ୱ ସମ୍ଭାଳିବେ । ଦୀନେଶ ୧୯୮୮ ମସିହାରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟରୁ ସ୍ନାତକ କରିଥିଲେ । ଆଇଆଇଏମ୍ କୋଲକତାରୁ ସ୍ନାତକୋତ୍ତର ପରେ ଭିଏନାରୁ "ଇଣ୍ଟରନ୍ୟାସନାଲ୍ ରିଲେସନ'ରେ ସ୍ନାତକୋତ୍ତର କରିଥିଲେ । ସ୍ପେନ୍ ପୂର୍ବରୁ ସେ କାମ୍ବୋଡିଆ ଏବଂ ମରୋକୋରେ ଭାରତର ରାଷ୍ଟ୍ରଦୂତ ଭାବେ ସଫଳତାର ସହ ଦାୟିତ୍ୱ ନିର୍ବାହ କରିଛନ୍ତି । ଭାରତ ଏବଂ ଭାରତ ବାହାରେ କାର୍ଯ୍ୟ କରିବାରେ ତାଙ୍କର ୩୦ ବର୍ଷରୁ ଅଧିକ ବର୍ଷର ଅଭିଜ୍ଞତା ରହିଛି । ଜେନେଭା, ଢାକା, ବେଜିଂ, ଭିଏତନାମରେ ଭାରତର ପ୍ରତିନିଧିତ୍ୱ କରିସାରିଛନ୍ତି । ସୂଚନାଯୋଗ୍ୟ, ୨୦୨୩ ସେପେଟମ୍ବରରେ କାନାଡ଼ା ନାଗରିକ ତଥା ଖଲିସ୍ତାନୀ ଆତଙ୍କୀ ହରଦୀପ ସିଂହ ନିଜାର୍ ହତ୍ୟାରେ ଭାରତର ହାତ ରହିଛି ବୋଲି ଜଷ୍ଟିନ୍ ଟ୍ରୁଡୋଙ୍କ ନେତୃତ୍ୱାଧୀନ କାନାଡ଼ା ସରକାରଙ୍କ ଅଭିଯୋଗ ପରେ ଦୁଇ ଦେଶ ମଧ୍ୟରେ ସମ୍ପର୍କ ଖରାପ ହୋଇଥିଲା । ଉଭୟ ରାଷ୍ଟ୍ର ପରସ୍ପରର କୂଟନୀତିଜ୍ଞଙ୍କୁ ପ୍ରତ୍ୟାହାର କରିଥିଲେ । ଏବେ ଦୀନେଶ ପଟ୍ଟନାୟକଙ୍କ ନିଯୁକ୍ତି ଦୁଇ ଦେଶ ମଧ୍ୟରେ ସମ୍ପର୍କ ସୁଧୁରୁଥିବା ଦର୍ଶାଉଛି ।

# ରୁଷର ଡ୍ରୋନ ଆଟାକରେ ବୁଡ଼ିଗଲା ୟୁକ୍ରେନ ଜାହାଜ



ୟୁକ୍ରେନକୁ ବଡ଼ ଝଟକା ଦେଇଛି ରୁଷ । ପ୍ରାୟ ୪ ବର୍ଷର ଯୁଦ୍ଧ ମଧ୍ୟରେ ରୁଷ ପ୍ରଥମଥର ପାଇଁ ଡ୍ରୋନ ଦ୍ୱାରା ସମୁଦ୍ର ପଥରେ ଆକ୍ରମଣ କରିଛି । ରୁଷର ଡ୍ରୋନ ଆଟାକରେୟୁକ୍ରେନର ସବୁଠାରୁ ବଡ଼ ନୌସେନା ଜାହାଜ ଛିନଛତ୍ର ହେବା ସହ ପାଣିରେ ବୁଡ଼ି ଯାଇଛି ।ୟୁକ୍ରେନର ଏହି ଜାହାଜକୁ ପ୍ରାୟ ୧୦ ବର୍ଷ ତଳେ ନୌସେନାରେ ସାମିଲ କରାଯାଇଥିଲା । ରୁଷ ନୌସେନା ଏବେ ଡ୍ରୋନ ଆଟାକ ଦ୍ୱାରା ଏହାକୁ ଧ୍ୱଂସ କରି ଦେଇଥିବା ରୁଷ ପ୍ରତିରକ୍ଷା ମନ୍ତ୍ରଣାଳୟ ଘୋଷଣା କରିଛି । ଏହାର ଭିଡିଓ ମଧ୍ୟ ସାମ୍ନାକୁ ଆସିଛି । ଲାଗୁନା ଶ୍ରେଣୀର ମଧ୍ୟମ ଆକାଶର ଏହି ଜାହାଜରେ ରେଡିଓ, ଇଲେକେଟ୍ରୋନିକ, ରାଡାର ପରୀକ୍ଷଣର ବ୍ୟବସ୍ଥା ରହିଥିଲା । ଏହାୟୁକ୍ରେନର ଓଡେଶା ରିଜନର ଡାନୁବେ ନଦୀରେ ରହିଥିବା ବେଳେ ଡ୍ରୋନର ଷ୍ଟ୍ରାଇକର ଶିକାର ହୋଇଛି । ଆକ୍ରମଣ ଯୋଗୁୟୁକ୍ରେନର ସର୍ବବୃହତ୍ତ ଜାହାଜ ସମୁଦ୍ରରେ ବୁଡ଼ି ଯାଇଥିବା ରୁଷ ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି । କୌଣସିୟୁକ୍ରେନ ନୌସେନା ଜାହାଜକୁ ରୁଷ ପ୍ରଥମଥର ପାଇଁ ସମୁଦ୍ର ଡ୍ରୋନ ଦ୍ୱାରା ବେଶ ସଫଳତାର ସହ ଟାର୍ଗେଟ କରିପାରିଛି ।ୟୁକ୍ରେନ ମଧ୍ୟ ଆକ୍ରମଣକୁ ନିଶ୍ଚିତ କରିଛି ।ୟୁକ୍ରେନ ନୌସେନା ମୁଖପାତ୍ର କହିଛନ୍ତି, ଆକ୍ରମଣରେ ଜଣେ କ୍ରୁ ସଦସ୍ୟଙ୍କ ମୃତ୍ୟୁ ହୋଇଥିବା ବେଳେ ଅନେକ ଆହତ ହୋଇଛନ୍ତି । ଆକ୍ରମଣ ପରସ୍ଥିତି ଆକଳନ କରାଯାଉଛି । ଜାହାଜରେ ଥିବା ଅଧିକାଂଶ କ୍ରୁ ସୁରକ୍ଷିତ ରହିଛନ୍ତି । ତଥାପି ନିଖୋଜ ଥିବା ନାବିକଙ୍କ ସନ୍ଧାନ ଚାଲିଛି ।

# ଅପରେସନ ମନସୁନକୁ ସଫଳତା



ରାୟପୁର:ଅପରେସନ ମନସୁନକୁ ବଡ ସଫଳତା ମିଳିଛି । ଏଲଏମଜି ସହ ୬୦ରୁ ଉର୍ଦ୍ଧ୍ୱ ବନ୍ଧୁକ ଜବତ ହୋଇଛି । ଛତିଶଗଡ଼ର ଅବୁଝମାଡ ଜଙ୍ଗଲରେ ମିଳିତ ସୁରକ୍ଷା ବାହିନୀଙ୍କ ପକ୍ଷରୁ ବଡ଼ ଅପରେସନ ଜାରି ରହିଛି ।

କୋହକମେଟା ଥାନା ଅନ୍ତର୍ଗତ କୁତୁଲ ଅଞ୍ଚଳରେ ବଡ଼ ଧରଣର ଏନକାଉଣ୍ଟର ହୋଇଛି । ମିଳିତ ସୁରକ୍ଷାବାହିନୀଙ୍କ ଗୁଳି ମାଡ଼ରେ ଆହତ ଅବସ୍ଥାରେ କ୍ୟାଡର ମାଓବାଦୀ ଖସି ପଳାଇଛନ୍ତି । ସୁରକ୍ଷା ବାହିନୀଙ୍କ ଆକ୍ରମଣରେ ମାଓବାଦୀମାନେ ବିପୁଳ ପରିମାଣରେ ଅସ୍ତ୍ରଶସ୍ତ୍ର ଛାଡ଼ି ଜୀବନ ଭୟରେ ପଳାଇଥିବା ନାରାୟଣପୁର ଏସପି ରବିନସନ ଗୁରିଆ ସୂଚନା ପ୍ରଦାନ କରିଛନ୍ତି । ଜବତ ହୋଇଥିବା ଅସ୍ତ୍ରଶସ୍ତ୍ର ମଧ୍ୟରେ ଏଲଏମଜି ବନ୍ଧୁକ, ତ୍ରିଚି ଏକେ-୪୭ ବନ୍ଧୁକ, ଏସଏଲଆର, ଇନସାସ, ଷ୍ଟେନଗନ୍, ପିସ୍ତଲ, ୩୦୩ ରାଏଫଲ, ୫୦ରୁ ଉର୍ଦ୍ଧ୍ୱ ଦେଶୀ ବନ୍ଧୁକ ଜବତ ହୋଇଛି । ଏହା ସହିତ ଶତାଧିକ ବିଜିଏଲ ସେଲ୍ , କୋଡେକ୍ସ ତାର ଓ ଜବତ ହୋଇଥିବା ସେ କହିଛନ୍ତି । ଦୀର୍ଘ ୫ ଦିନ ଧରି ଇନ୍ଦ୍ରାବତୀ ନଦୀ ଆରପଟେ ଅପରେସନ ଜାରି ରହିଛି । ଆଇଟିବିପି, ସିଆରପିଏଫ ଓ ଡିଆରଜି ଯବାନଙ୍କ ପକ୍ଷରୁ ମିଳିତ ଭାବେ ଅପରେସନ ଆରମ୍ଭ ହୋଇ ଥିଲା ବୋଲି ଏସପି କହିଛନ୍ତି ।

# ଇସ୍ରାଏଲ ସହ ସଂପର୍କ ଛିନ୍ନ କଲା ତୁର୍କୀ


ନୂଆଦିଲ୍ଲୀ:ଶୁକ୍ରବାର ତୁର୍କୀ ଏକ ବଡ଼ ପଦକ୍ଷେପ ନେଇ ଇସ୍ରାଏଲ ସହିତ ସମସ୍ତ ବାଣିଜ୍ୟ ଏବଂ ଆର୍ଥିକ ସମ୍ପର୍କ ଛିନ୍ନ କରିବାକୁ ଘୋଷଣା କରିଛି । ଏହା ସହିତ ଇସ୍ରାଏଲ ପାଇଁ ନିଜର ଆକାଶମାର୍ଗକୁ ବନ୍ଦ କରିଦେଇଛି ।ଆଙ୍କାରା: ଶୁକ୍ରବାର ତୁର୍କୀ ଏକ ବଡ଼ ପକ୍ଷେପ ନେଇ ଇସ୍ରାଏଲ ସହିତ ସମସ୍ତ ବାଣିଜ୍ୟ ଏବଂ ଆର୍ଥିକ ସମ୍ପର୍କ ଛିନ୍ନ କରିବାକୁ ଘୋଷଣା କରିଛି । ଏହା ସହିତ ଇସ୍ରାଏଲ ପାଇଁ ନିଜର ଆକାଶମାର୍ଗକୁ ବନ୍ଦ କରିଦେଇଛି ।

ତୁର୍କୀର ବୈଦେଶିକ ମନ୍ତ୍ରୀ ହାକାନ ଫିଦାନ କହିଛନ୍ତି ଯେ ଇସ୍ରାଏଲୀ ବିମାନଗୁଡ଼ିକୁ ଆଉ ତୁର୍କୀ ଆକାଶମାର୍ଗ ଦେଇ ଉଡ଼ାଣ କରିବାକୁ ଅନୁମତି ଦିଆଯିବ ନାହିଁ । ଏହି ନିଷ୍ପତ୍ତିର ଆର୍ଥିକ ପରିଣାମ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ, କିନ୍ତୁ ଆକଳନ କରାଯାଉଛି ଯେ ତୁର୍କୀ ଆକାଶମାର୍ଗ ଏଡ଼ାଇବା ଯୋଗୁଁ ଇସ୍ରାଏଲରୁ ଜର୍ଜିଆ ଏବଂ ଆଜରବାଇଜାନ ଭଳି ଦେଶକୁ ଉଡ଼ାଣ ସମୟ ପ୍ରାୟ ଦୁଇ ଘଣ୍ଟା ବୃଦ୍ଧି ପାଇବ ।

ଜଣେ ଇସ୍ରାଏଲୀ ଅଧିକାରୀ ଜେରୁସାଲେମ ପୋଷ୍ଟକୁ କହିଥିଲେ, 'ତୁର୍କୀ ପୂର୍ବରୁ ଆର୍ଥିକ ସମ୍ପର୍କ ସମାପ୍ତ କରିବାକୁ ଘୋଷଣା କରିସାରିଛି, କିନ୍ତୁ ସମ୍ପର୍କ ପରେ ଜାରି ରହିଥିଲା ।' ପୂର୍ବରୁ ରିପୋର୍ଟ ଆସିଥିଲା ଯେ ତୁର୍କୀ ବନ୍ଦର ଅଧିକାରୀମାନେ ଜାହାଜ ଏଜେଣ୍ଟମାନଙ୍କଠାରୁ ଲିଖିତ ପ୍ରତିଶ୍ରୁତି ନେବା ଆରମ୍ଭ କରିଛନ୍ତି ଯେ ସେମାନଙ୍କର ଜାହାଜର ଇସ୍ରାଏଲ ସହିତ କୌଣସି ସମ୍ପର୍କ ନାହିଁ ଏବଂ ସେମାନେ ସେଠାରେ କୌଣସି ସାମରିକ କିମ୍ବା ବିପଜ୍ଜନକ ସାମଗ୍ରୀ ବହନ କରୁନାହାଁନ୍ତି ।

ଏହା ଉଲ୍ଲେଖନୀୟ ଯେ ଗତ ବର୍ଷ ଗାଜା ଯୁଦ୍ଧ ଯୋଗୁଁ ତୁର୍କୀ ଇସ୍ରାଏଲ ସହିତ ବାର୍ଷିକ ୭ ବିଲିୟନ ଡଲାର ବାଣିଜ୍ୟ କାରବାରକୁ ମଧ୍ୟ ବନ୍ଦ କରିଦେଇଥିଲା । ବର୍ତ୍ତମାନ ଆକାଶ ଏବଂ ସାମୁଦ୍ରିକସ୍ତରରେ ଏହି ପଦକ୍ଷେପ ଇସ୍ରାଏଲ ବିରୁଦ୍ଧରେ ତୁର୍କୀଙ୍କ କଠୋର ନୀତିକୁ ଦର୍ଶାଉଛି ।

# ଡିସେମ୍ବରରେ ଭାରତ ଆସିବେ ପୁଟିନ



ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଡିସେମ୍ବରରେ ଭାରତ ଗସ୍ତରେ ଆସିବେ । ରୁଷ ସରକାରଙ୍କ ବରିଷ୍ଠ ଅଧିକାରୀ ୟୁରି ଉଶାକୋଭ ଏହା ନିଶ୍ଚିତ କରିଛନ୍ତି । ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ପୂର୍ବରୁ ସୂଚୀତ କରିଥିଲେ ଯେ ପୁଟିନ ଖୁବ୍ ଶୀଘ୍ର ଭାରତ ଗସ୍ତ କରିବେ ।

ନୂଆଦିଲ୍ଲୀ: ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଡିସେମ୍ବରରେ ଭାରତ ଗସ୍ତରେ ଆସିବେ । କ୍ରେମଲିନର ବରିଷ୍ଠ ଅଧିକାରୀ ୟୁରି ଉଶାକୋଭ ଏହା ନିଶ୍ଚିତ କରିଛନ୍ତି । ସେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ପୁଟିନ ସୋମବାର ଚୀନରେ ଅନୁଷ୍ଠିତ ହେବାକୁ ଥିବା ସାଂଘାଇ ସହଯୋଗ ସଂଗଠନ (ଏସସିଓ) ଶିଖର ସମ୍ମିଳନୀରେ ସାକ୍ଷାତ କରିବେ, ଯେଉଁଠାରେ ତାଙ୍କ ଡିସେମ୍ବର ଗସ୍ତର ପ୍ରସ୍ତୁତି ବିଷୟରେ ଆଲୋଚନା ରାଯିବ । ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ପୂର୍ବରୁ ସୂଚୀତ କରିଥିଲେ ଯେ ପୁଟିନ ଖୁବ୍ ଶୀଘ୍ର ଭାରତ ଗସ୍ତ କରିବେ । ତଥାପି, ସେତେବେଳେ ତାରିଖ ସ୍ଥିର ହୋଇ ନଥିଲା । ଡୋଭାଲ କହିଥିଲେ ଯେ ଭାରତ-ରୁଷ ମଧ୍ୟରେ ଏକ ବିଶେଷ ଏବଂ ଦୀର୍ଘସ୍ଥାୟୀ ସମ୍ପର୍କ ରହିଛି, ଯାହାକୁ ଉଭୟ ଦେଶ ମୂଲ୍ୟ ଦିଅନ୍ତି ।

# ଯୁଦ୍ଧ ବିରତି ପ୍ରସଙ୍ଗ: ଟ୍ରମ୍ପ ରାଗିବାର କାରଣ

ନୂଆଦିଲ୍ଲୀ:ଭାରତ ଉପରେ ୫୦ ପ୍ରତିଶତ ଶୁଳ୍କ ବସାଇଛି ଆମେରିକା । ରୁଷରୁ ତେଲ କିଣିବା କାରଣରୁ ଏପରି ପଦକ୍ଷେପ ନିଆଯାଇଛି ବୋଲି ଆମେରିକା ପକ୍ଷରୁ କୁହାଯାଇଛି । କିନ୍ତୁ ପ୍ରକୃତରେ ଏହି କାରଣ ପାଇଁ ଟାରିଫ ଲଗାଯାଛି କି ?

ଆଦିଲ୍ଲୀ : ଭାରତ ଉପରେ ୫ ପ୍ରତିଶତ ଶୁଳ୍କ ବସାଇଛି ଆମେରିକା । ରୁଷରୁ ତେଲ କିଣିବା କାରଣରୁ ଏପରି ପଦକ୍ଷେପ ନିଆଯାଇଛି ବୋଲି ଆମେରିକା ପକ୍ଷରୁ କୁହାଯାଇଛି । କିନ୍ତୁ ପ୍ରକୃତରେ ଏହି କାରଣ ପାଇଁ ଟାରିଫ ଲଗାଯାଇଛି କି ?

ଏହାର ପ୍ରକୃତ କାରଣ ଅଲଗା ବୋଲି ଆମେରିକୀୟ ବ୍ରୋଜରେଜ୍ ସଂସ୍ଥା ଜେଫ୍ରିଜ୍ ଏକ ରିପୋର୍ଟ ଜାରି କରି କହିଛି । ରିପୋର୍ଟରେ କୁହାଯାଇଛି ଯେ ବ୍ୟକ୍ତିଗତ ରାଗ ପାଇଁ ଟ୍ରମ୍ପ ଭାରତ ଉପରେ ଏପରି ପଦକ୍ଷେପ ନେଇଛନ୍ତି । ଏହାର କାରଣ ହେଉଛି ତାଙ୍କୁ ଯୁଦ୍ଧବିରତିର କ୍ରେଡିଟ ନଦେବା । ଭାରତ ଓ ପାକିସ୍ତାନ ମଧ୍ୟରେ ଗତ ମେ ମାସରେ ହୋଇଥିବା ସଂଘର୍ଷକୁ ସେ ଅଟକାଇଥିଲେ ବୋଲି ଟ୍ରମ୍ପ ବାରମ୍ବାର କହୁଥିବା ବେଳେ ଭାରତ ପକ୍ଷରୁ ତାହାକୁ ଅସ୍ୱୀକାର କରାଯାଇଛି । ଏପରିକି ଖୋଦ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଲୋକସଭାରେ ଏହାକୁ ଅସ୍ୱୀକାର କରାଯାଇଛି । ଏହା ଦ୍ୱାରା ଟ୍ରମ୍ପ ଅପମାନିତ ମନେକରୁଛନ୍ତି ଓ ରାଗରେ ଭାରତ ଉପରେ ଦାଉ ସାଜୁଛନ୍ତି ।

ଟ୍ରମ୍ପ ଭାବିଥିଲେ ଯେ ଯୁଦ୍ଧବିରତିର କ୍ରେଡିଟ ନେଇ ସେ ନୋବେଲ ପୁରସ୍କାର ପାଇପାରିବେ । କିନ୍ତୁ ଭାରତର ବୟାନ ପରେ ତାଙ୍କର ଆଶା ନିରାଶାରେ ପରିଣତ ହୋଇଥିଲା । ଭାରତ ତେବେ ମଧ୍ୟ କଶ୍ମୀର ପ୍ରସଙ୍ଗକୁ ନେଇ କୌଣସି ତୃତୀୟ ଦେଶର ମଧ୍ୟସ୍ଥତାକୁ ସ୍ୱୀକାର କରିନାହିଁ । କିନ୍ତୁ ଟ୍ରମ୍ପ ଭାବିଥିଲେ ଯେ ଭାରତ ତାଙ୍କ ବୟାନକୁ ବିରୋଧ କରିବ ନାହିଁ ।

ରିପୋର୍ଟରେ ଆହୁରି ମଧ୍ୟ କୁହାଯାଇଛି ଯେ ଟ୍ରମ୍ପ ଭାବିଥିଲେ ଯେ ଯୁଦ୍ଧବିରତିର କ୍ରେଡିଟ ନେଇ ସେ ନୋବେଲ ପୁରସ୍କାର ପାଇପାରିବେ । କିନ୍ତୁ ଭାରତର ବୟାନ ପରେ ତାଙ୍କର ଆଶା ନିରାଶାରେ ପରିଣତ ହୋଇଥିଲା । ଭାରତ ତେବେ ମଧ୍ୟ କଶ୍ମୀର ପ୍ରସଙ୍ଗକୁ ନେଇ କୌଣସି ତୃତୀୟ ଦେଶର ମଧ୍ୟସ୍ଥତାକୁ ସ୍ୱୀକାର କରିନାହିଁ । କିନ୍ତୁ ଟ୍ରମ୍ପ ଭାବିଥିଲେ ଯେ ଭାରତ ତାଙ୍କ ବୟାନକୁ ବିରୋଧ କରିବ ନାହିଁ ।

# ଜଳିଗଲା ବିମାନ, ପାଇଲଟ ମୃତ



ୱାର୍ସ : ଏୟାର ସୋ' ପାଇଁ ଅଭ୍ୟାସ କରୁଥିବା ବେଳେ ଚାଲିଯାଇଛି ପାଇଲଟଙ୍କ ଜୀବନ । ଗୁରୁବାର ଅଗଷ୍ଟ ୨୮ ତାରିଖରେ ଏହି ଘଟଣା ଘଟିଥିଲା ବୋଲି ଜଣାଯାଇଛି । ଏକ ଏୟାର ସୋ' ପାଇଁ ଅଭ୍ୟାସ ଚାଲିଥିବା ସମୟରେ ପୋଲାଣ୍ଡ ବାୟୁସେନାର ଏକ ଏଫ୍-୧୬ ଲଢୁଆ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଲଢୁଆ ବିମାନଟି ଦୁର୍ଘଟଣାଗ୍ରସ୍ତ ହୋଇ ଅଗ୍ନି ପିଣ୍ଡୁଳାରେ ପରିଣତ ହେବା ଫଳରେ ପୋଲାଣ୍ଡ ସେନା ପାଇଲଟଙ୍କ ମୃତ୍ୟୁ ହୋଇଛି । ପୋଲାଣ୍ଡର ଉପ-ପ୍ରଧାନମନ୍ତ୍ରୀ ଭ୍ଲାଡିସ୍ଲାଭ କୋସିନିଆକ-କାମିଜ ଏହି ଖବରକୁ ନିଶ୍ଚିତ କରିଛନ୍ତି ଏବଂ ବାୟୁସେନା ପାଇଁ ଏକ ବଡ଼ କ୍ଷତି ବୋଲି କହି ଦୁଃଖ ପ୍ରକାଶ କରିଛନ୍ତି ।

ଏହି ଘଟଣା ମଧ୍ୟ ପୋଲାଣ୍ଡର ରାଡୋମ ସହରରେ ଘଟିଛି । ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସ (ପୂର୍ବରୁ ଟ୍ୱିଟର)ରେ କରାଯାଇଥିବା ଏକ ପୋଷ୍ଟରେ ଭ୍ଲାଡିସ୍ଲାଭ କୋସିନିଆକ-କାମିଜ କହିଛନ୍ତି ଯେ, ମୁଁ ଘଟଣାସ୍ଥଳରେ ଅଛି । ଏକ ଏଫ୍-୧୬ ବିମାନ ଦୁର୍ଘଟଣାରେ ପୋଲାଣ୍ଡ ସେନାର ଜଣେ ପାଇଲଟଙ୍କ ମୃତ୍ୟୁ ହୋଇଛି । ସେ ଜଣେ ଅଧିକାରୀ ଥିଲେ ଯିଏ ସର୍ବଦା ନିଷ୍ଠା ଏବଂ ସାହସର ସହିତ ଜନ୍ମଭୂମିର ସେବା କରିଥିଲେ । ମୁଁ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଉଛି । ପରିବାର ଏବଂ ପ୍ରିୟଜନଙ୍କ ପ୍ରତି, ମୁଁ ମୋର ଗଭୀର ସମବେଦନା ଜଣାଉଛି ବୋଲି ସେ ଲେଖିଛନ୍ତି ।

# ଭାରତରେ ତିଆରି ୨୪ ରାଉଣ୍ଡ ପିସ୍ତଲ ବିଶ୍ୱରେ ପ୍ରଥମ



କାନପୁର: କାନପୁର ସହର ଅସ୍ତ୍ରଶସ୍ତ୍ର ନିର୍ମାଣ କ୍ଷେତ୍ରରେ ଏକ ପ୍ରମୁଖ ସଫଳତା ହାସଲ କରିଛି । ଏଠାରେ ପ୍ରଥମ ଘରୋଇ କ୍ଷେତ୍ରର ପିସ୍ତଲ "ମ୍ୟାକ୍ସ' ଲଞ୍ଚ କରାଯାଇଛି । ଏହି ସ୍ୱତନ୍ତ୍ର ପିସ୍ତଲର ମାଗାଜିନରେ ଏକ ସମୟରେ ୨୪ଟି ଗୁଳି ରହିପାରିବ । ଏପର୍ଯ୍ୟନ୍ତ ସମଗ୍ର ବିଶ୍ୱରେ କିମ୍ବା ଦେଶରେ ଏପରି କ୍ଷମତା ଥିବା କୌଣସି ପିସ୍ତଲ ନଥିଲା । ଏହାକୁ କାନପୁର ସ୍ଥିତ କମ୍ପାନୀ କ୍ୟାମ୍ ଷ୍ଟାର ଡିଫେନ୍ସ ପ୍ରସ୍ତୁତ କରିଛି ।

କମ୍ପାନୀ ଦାବି କରିଛି ଯେ ଏହି ପିସ୍ତଲଟି ବିଶ୍ୱର ପ୍ରଥମ ଏପରି .୩୨ ବୋର ସେମି ଅଟୋମେଟିକ୍ ପିସ୍ତଲ ଯେଉଁଥିରେ ଏକକାଳୀନ ୨୪ଟି ଗୁଳି ଲୋଡ୍ କରାଯାଇ ପାରିବ । ଏହି ପିସ୍ତଲକୁ ଏକ ସ୍ୱତନ୍ତ୍ର ଡିଜାଇନ୍ ସହିତ ମ୍ୟାକ୍ସ ମଡେଲ୍ ନାମ ଦିଆଯାଇଛି । ଏହାର ମୂଲ୍ୟ ୧ ଲକ୍ଷ ୯୫ ହଜାର ଟଙ୍କା ରଖାଯାଇଛି ।

ଏକ ସାଧାରଣ ପିସ୍ତଲରେ ୮ରୁ ୧୦ଟି ଗୁଳି ଥାଏ, କିନ୍ତୁ ଏହି 'ମ୍ୟାକ୍ସ ମଡେଲ୍'ରେ ୨୪ଟି କାର୍ଟ୍ରିଜ୍ ବା ଗୁଳି ଲୋଡ୍ କରାଯାଇପାରିବ । ଏହାର ଓଜନ ପ୍ରାୟ ୬୯୦ ଗ୍ରାମ ଏବଂ ଲମ୍ବ ୩.୭ ଇଞ୍ଚ ବୋଲି କୁହାଯାଉଛି । ଏହା ସମ୍ପୂର୍ଣ୍ଣ ଭାବରେ ଷ୍ଟେନଲେସ୍ ଷ୍ଟିଲରେ ତିଆରି, ଯାହା ଏହାକୁ ଅଧିକ ମଜବୁତ ଏବଂ ସ୍ଥାୟୀ କରିଥାଏଛ ବିଶେଷ କଥା ହେଉଛି ଏହି ପିସ୍ତଲ ସମ୍ପୂର୍ଣ୍ଣ ସ୍ୱଦେଶୀ ପ୍ରଯୁକ୍ତିବିଦ୍ୟାରେ ତିଆରି ଏବଂ ଆଇଆଇଟି କାନପୁର ଏଥିରେ ପରାମର୍ଶ ଭୂମିକା ଗ୍ରହଣ କରୁଛି ।






ଜାତୀୟ କ୍ରୀଡ଼ା ଦିବସ ଅବସରରେ ରାଜ୍ୟପାଳ ହରିବାବୁ କମ୍ଭମପାଟିଙ୍କ ସହ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ତଥା ବିଜୁ ପଟ୍ଟନାୟକ ପୁରସ୍କାରପ୍ରାପ୍ତ କ୍ରୀଡ଼ାବିତ୍, କୋଚ୍ ଓ ସାମ୍ବାଦିକ । ଫଟୋ : ଅତୁଲ୍ୟ

## ଏସିଆ କପ୍ ହକି | ହରମନପ୍ରୀତଙ୍କ ହ୍ୟାଟ୍ରିକରୁ ଅଭିଯାନ ଆରମ୍ଭ




ନୂଆଦିଲ୍ଲୀ: ବିହାରର ରାଜଗିରରେ ଏସିଆ କପ୍ ହକି ଆରମ୍ଭ ହୋଇଛି । ଏଥିସହ ବିଜୟରୁ ଭାରତର ଅଭିଯାନ ଆରମ୍ଭ ହୋଇଛି । ଅଧିନାୟକ ହରମନପ୍ରୀତ ସିଂଙ୍କ ଦମଦାର ହ୍ୟାଟ୍ରିକ୍ ଗୋଲ୍ (୨୦, ୩୩ ଓ ୪୭) ବଳରେ ଚୀନ ବିପକ୍ଷରେ ଭାରତ ବିଜୟ ହାସଲ କରିଛି । ଚୀନ ବିପକ୍ଷ ରୋମାଞ୍ଚକର ମ୍ୟାଚରେ ଭାରତ ୪-୩ଗୋଲ୍ ରେ ବିଜୟ ହାସଲ କରିଛି ।

ମ୍ୟାଚ୍ର ପ୍ରଥମ କ୍ୱାର୍ଟରରେ ଚୀନ୍ ଗୋଟିଏ ଗୋଲ(୧୨) ସ୍କୋର କରିଥିଲା। ପ୍ରଥମ କ୍ୱାର୍ଟର ପରେ ଭାରତ ୦-୧ ଗୋଲରେ ପଛୁଆ ଥିଲା। ଏହା ପରେ, ଭାରତ ଦ୍ୱିତୀୟ କ୍ୱାର୍ଟରରେ ସାନଦାର ପ୍ରଦର୍ଶନ କରି ଦୁଇଟି ଗୋଲ କରିଥିଲା । ଜୁଗରାଜ ସିଂ (୧୮)ପେନାଲ୍ଟି କର୍ଣ୍ଣରରେ ଭାରତ ପାଇଁ ପ୍ରଥମ ଗୋଲ କରିଥିଲେ ଏବଂ ଗୋଟିଏ ମିନିଟ୍ ପରେ ହରମନପ୍ରୀତ ସିଂହ (୨୦) ଆଉ ଏକ ଗୋଲ ଦେଇ ଭାରତକୁ ଅଗ୍ରଣୀ କରାଇଥିଲେ। ଭାରତ ହାଫ୍ ଟାଇମ୍ ପର୍ଯ୍ୟନ୍ତ ଆଗୁଆ ଥିଲା। ତୃତୀୟ କ୍ୱାର୍ଟରରେ ଭାରତ ଅଧିନାୟକ ହରମନପ୍ରୀତ ସିଂହ ଆଉ ଏକ ଗୋଲ ଦେଇ ଚୀନ୍ ବିପକ୍ଷରେ ଅଗ୍ରଣୀକୁ ୩-୧କୁ ବୃଦ୍ଧି କରିଥିଲେ। ଏହା ପରେ, ଚୀନ୍ ଖେଳାଳିମାନେ ଚମତ୍କାର ଖେଳିଥିଲେ ଏବଂ ଗୋଟିଏ ପରେ ଗୋଟିଏ ଦୁଇଟି ଗୋଲ (୩୫,୪୧) ଦେଇ ସ୍କୋର ବରାବର କରିଥିଲେ।

## ବିଶ୍ୱ ବ୍ୟାଡମିଣ୍ଟନ ଚାମ୍ପିଅନସିପ: କ୍ୱାର୍ଟରରୁ ସିନ୍ଧୁଙ୍କ ଅଭିଯାନ ଶେଷ

ନୂଆଦିଲ୍ଲୀ: ବିଶ୍ୱ ବ୍ୟାଡମିଂଟନ ଚାମ୍ପିୟନଶିପରେ ଷଷ୍ଠ ପଦକ ହାସଲ ଲକ୍ଷ୍ୟରେ ଥିବା ଭାରତର ଷ୍ଟାର ଖେଳାଳି ପିଭି ସିନ୍ଧୁ ନିରାଶ ହୋଇଛନ୍ତି । ମହିଳା ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରେ ସିନ୍ଧୁ ଇଣ୍ଡୋନେସିଆର ପୁତ୍ରୀ କୁସୁମା ୱାର୍ଦ୍ଧାନୀଙ୍କ ନିକଟରୁ ୨୧-୧୪, ୧୩-୨୧ ଓ ୨୧-୧୬ରେ ହାରି ଯାଇଥିଲେ । ପ୍ରଥମ ଗେମ ହାରିବା ପରେ ସିନ୍ଧୁ ଦ୍ୱିତୀୟ ଗେମ ଜିତି ମ୍ୟାଚରେ ରୋମାଂଚ ଭରିଥିଲେ । ତେବେ ନିର୍ଣ୍ଣାୟକ ଗେମରେ ପୁତ୍ରୀ ବାଜି ମାରିଥିଲେ । ମିକ୍ସଡ ଡବଲ୍ସରେ ଭାରତୀୟ ଯୋଡି ଧ୍ରୁବ କପିଳ ଓ ଟାନୀଶ କ୍ରାଷ୍ଟୋ ଚୀନ ଯୋଡି ଚେନ ଟାଙ୍ଗ ଜିଏ ଓ ଟୋ ଇ ୱେଇଙ୍କ ନିକଟରୁ ୧୫-୨୧, ୧୩-୨୧ ଗେମ୍ସରେ ପରାଜିତ ହୋଇଥିଲେ । ଚଳିତ ସଂସ୍କରଣରେ ସିନ୍ଧୁ ପ୍ରଭାବୀ ପ୍ରଦର୍ଶନ କରିଥିଲେ ମଧ୍ୟ ପୁତ୍ରୀଙ୍କ ବିପକ୍ଷରେ ପ୍ରଥମ ଗେମରେ ଆକ୍ରମଣାତ୍ମକ ନ ହେବା ତାଙ୍କ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଥିଲା । ସିନ୍ଧୁ ପ୍ରି-କ୍ୱାର୍ଟରରେ ୱାଙ୍ଗ ଝି ୟିଙ୍କୁ ହରାଇ ପ୍ରଭାବିତ କରିଥିଲେ । ଏବେ ପୁରୁଷ ଡବଲ୍ସରେ ଭାରତୀୟ ଯୋଡି ସାତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟୀଙ୍କ ନିକଟରେ ପଦକ ଜିତିବା ସୁଯୋଗ ରହିଛି । ସେମାନେ କ୍ୱାର୍ଟର ଫାଇନାଲରେ ପ୍ରବେଶ କରି ପଦକଠାରୁ ଗୋଟିଏ ପାଦ ଦୂରରେ ରହିଛନ୍ତି ।

### ବିଜୁ ପଟ୍ଟନାୟକ କ୍ରୀଡା ଓ ସାହସିକତା ପୁରସ୍କାର

## ଅନିମେଶ ଶ୍ରେଷ୍ଠ କ୍ରୀଡାବିତ, ବିମଳ ଶ୍ରେଷ୍ଠ କ୍ରୀଡା ସାମ୍ବାଦିକ

ଭୁବନେଶ୍ୱର, ୨୯।୮ (ସବ୍ୟୁ): ଜାତୀୟ କ୍ରୀଡାଦିବସ ଅବସରରେ ୮ ଜଣ କୃତୀ କ୍ରୀଡାବିତଙ୍କୁ ବିଜୁପଟ୍ଟନାୟକ କ୍ରୀଡ଼ା ପୁରସ୍କାର ପ୍ରଦାନ କରାଯାଇଥିବା ବେଳେ, ଅସାଧାରଣ ସାହସିକତା ପ୍ରଦର୍ଶନ ପାଇଁ ଦୁଇ ଜଣଙ୍କୁ ବିଜୁପଟ୍ଟନାୟକ ସାହସିକତା ପୁରସ୍କାର ପ୍ରଦାନ କରାଯାଇଛି ।

କ୍ରୀଡା କ୍ଷେତ୍ରରେ ଜୀବନବ୍ୟାପି ସାଧନା ପାଇଁ ବିଜୟ କୁମାର ଶତପଥୀଙ୍କୁ ଲାଇଫ ଟାଇମ୍ ଆଚିଭମେଣ୍ଟ ପୁରସ୍କାର, ଅନିମେଶ କୁଜୁରଙ୍କୁ ଶ୍ରେଷ୍ଠ କ୍ରୀଡାବିତ, ଭଲିବଲ କୋଚ୍ ସୁଶମା ନନ୍ଦଙ୍କୁ ଶ୍ରେଷ୍ଠ କୋଚ, ପ୍ରଦ୍ୟୁମ୍ନ ମିଶ୍ରଙ୍କୁ କ୍ରୀଡା ବିକାଶ ପାଇଁ ଯୋଗଦାନ ନିମନ୍ତେ ପୁରସ୍କାର, ବିମଳ କୁମାର ରାଉଳଙ୍କୁ ଶ୍ରେଷ୍ଠ କ୍ରୀଡା ସାମ୍ବାଦିକ ପୁରସ୍କାର, ରାଖାଲ କୁମାର ସେଠୀଙ୍କୁ ଶ୍ରେଷ୍ଠ ପାରାକ୍ରୀଡାବିତ, ଚେସ୍ ଖେଳାଳି ମାଷ୍ଟର ସ୍ୱସ୍ତିକ ସ୍ୱାଇଁଙ୍କୁ ଅପକମିଂ ଆଥଲେଟ୍, ସୁଦୀପ ଶତପଥୀଙ୍କୁ ଶ୍ରେଷ୍ଠ କ୍ରୀଡା ଟେକନିକାଲ ଅଫିସିଆଲ ପୁରସ୍କାର ପ୍ରଦାନ କରିଛନ୍ତି ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି । ଶୁକ୍ରବାର ସ୍ଥାନୀୟ ଜୟଦେବ ଭବନ ଠାରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ରାଜ୍ୟର ଏହି ଶ୍ରେଷ୍ଠ ପୁରସ୍କାର ପ୍ରଦାନ କରାଯାଇଛି ।




୨୨ ବର୍ଷୀୟ ଛତିଶଗଡ଼ର ଧାବକ ଅନିମେଶଙ୍କୁ ବିଜୁ ପଟ୍ଟନାୟକ ଶ୍ରେଷ୍ଠ କ୍ରୀଡ଼ାବିତ୍ ସମ୍ମାନ ବାବଦକୁ ଟ୍ରଫି, ଫଳକ ଏବଂ ୩ଲକ୍ଷ ଟଙ୍କାର ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଛି। ସେହିଭଳି ୱେଟ୍‌ଲିଫ୍ଟର ଅର୍ଜୁନ ଆୱାର୍ଡି ବିଜୟ କୁମାର ଶତପଥୀଙ୍କୁ କ୍ରୀଡ଼ା କ୍ଷେତ୍ରରେ ଜୀବନ ବ୍ୟାପୀ ସାଧନା ପାଇଁ ଲାଇଫ୍ ଟାଇମ୍ ଆଚିଭ୍‌ମେଣ୍ଟ ବାବଦକୁ ଟ୍ରଫି, ଫଳକ ଓ ୪ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ତାଙ୍କ ପୁଅ ଏହି ପୁରସ୍କାର ରାଜ୍ୟପାଳଙ୍କ ଠାରୁ ଗ୍ରହଣ କରିଥିଲେ। ପାରା ଆଥ୍‌ଲେଟ୍ ରାଖାଲ କୁମାର ସେଠୀଙ୍କୁ ବର୍ଷର ଶ୍ରେଷ୍ଠ ପାରା କ୍ରୀଡ଼ାବିତ୍ ସମ୍ମାନ ପ୍ରଦାନ କରାଯାଇଛି। ତାଙ୍କୁ ମଧ୍ୟ ଟ୍ରଫି, ଫଳକ ଓ ଦୁଇଲକ୍ଷ ଟଙ୍କା ମିଳିଛି। ଚେସ୍ ଖେଳାଳି ସ୍ୱସ୍ତିକ ସ୍ୱାଇଁ, ଭଲିବଲ୍ କୋଚ୍ ସୁଷମା ନନ୍ଦ, ଖୋଖୋ ଆସୋସିଏସନ ଓଡ଼ିଶା ମୁଖ୍ୟ ପ୍ରଦ୍ୟୁମ୍ନ ମିଶ୍ର ଶ୍ରେଷ୍ଠ କ୍ରୀଡ଼ା ସାମ୍ବାଦିକ ବିମଳ କୁମାର ରାଉଳ ଏବଂ ଶ୍ରେଷ୍ଠ ଟେକ୍‌ନିକାଲ ଅଫିସିଆଲ ସୁଦୀପ୍ ଶତପଥୀଙ୍କୁ ଟ୍ରଫି, ଫଳକ ଓ ୨ଲକ୍ଷ ଟଙ୍କା ପୁରସ୍କାର ରାଶି ମିଳିଛି। ଏତଦ୍ ବ୍ୟତୀତ ଚିତ୍ତରଞ୍ଜନ ଓ ଜୀବନ କୁମାର ବେହେରାଙ୍କୁ ବିଜୁ ପଟ୍ଟନାୟକ ସାହସିକତା ପୁରସ୍କାର ବାବଦକୁ ଟ୍ରଫି, ଫଳକ ଓ ୨ଲକ୍ଷ ଟଙ୍କା ପୁରସ୍କାର ମିଳିଛି ।

ହକି ଯାଦୁକର ମେଜର ଧ୍ୟାନଚାନ୍ଦଙ୍କର କୀର୍ତ୍ତି ଓ କୃତି ଦ୍ୱାରା ଅନୁପ୍ରାଣିତ ହୋଇ ଶୃଙ୍ଖଳା, ଦଳଗତ ଉଦ୍ୟମ, ସାହସ ଓ ନମ୍ରତାର ମୂଲ୍ୟବୋଧକୁ ପାଥେୟ କରି ଓଡ଼ିଶା ଏବଂ ଭାରତକୁ ବିଶ୍ୱପାଇଁ କ୍ରୀଡା ଉତ୍କର୍ଷତାର ଉଜ୍ଜ୍ୱଳ ବତୀଘର କରିବା ନିମନ୍ତେ ପ୍ରୟାସ କରିବାକୁ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଆହ୍ୱାନ ଜଣାଇଛନ୍ତି । ଚଳିତ ଅଗଷ୍ଟ ୨୯ ତାରିଖ ଓଡ଼ିଶା ସରକାରଙ୍କ କ୍ରୀଡା ଓ ଯୁବ ସେବା ବିଭାଗ ଆନୁକୁଲ୍ୟରେ ଜୟଦେବ ଭବନଠାରେ ଆୟୋଜିତ ରାଜ୍ୟସ୍ତରୀୟ ଜାତୀୟ କ୍ରୀଡା ଦିବସ ପାଳନ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ଏହି ଆହ୍ୱାନ ଜଣାଇଛନ୍ତି । ଏହି ସମାରୋହରେ ବିଜୁ ପଟ୍ଟନାୟକ କ୍ରୀଡା ଓ ସାହସିକତା ପୁରସ୍କାର ପ୍ରଦାନ କରି ନିଜ ଉଦବୋଧନରେ ରାଜ୍ୟପାଳ କହିଥିଲେ ଯେ ଯେଉଁ ପିଲାମାନେ କ୍ରୀଡା କ୍ଷେତ୍ର କୁ ଆସୁଛନ୍ତି ସେମାନଙ୍କ ଠାରେ ଥିବା ଅନ୍ତର୍ନିହିତ ପ୍ରତିଭା ଓ ସମ୍ଭାବନାକୁ ପୋଷଣ କରି ସେମାନଙ୍କୁ ଉତ୍କର୍ଷତା ପ୍ରତିପାଦନ ଦିଗରେ ଉତ୍ସାହିତ କରିବା ଆମର କର୍ତ୍ତବ୍ୟ ହେବା ଉଚିତ ।

ବିଜୁ ପଟ୍ଟନାୟକ କ୍ରୀଡା ସମ୍ମାନରେ ସମ୍ମାନିତ କୃତୀ କ୍ରୀଡାବିତଙ୍କୁ ଅଭିନନ୍ଦନ ଜଣାଇ ରାଜ୍ୟପାଳ କହିଥିଲେ ଯେ ସେମାନଙ୍କ ସଫଳତା କେବଳ ଏକ ବ୍ୟକ୍ତିଗତ ବିଜୟ ନୁହେଁ ବରଂ ଆମ ରାଜ୍ୟ ଓ ଦେଶ ପାଇଁ ଏକ ସାମୁହିକ ଗର୍ବ । ସେମାନେ ଓଡ଼ିଶାର କ୍ରୀଡା ମନୋଭାବର ମଶାଲ ବାହକ ଏବଂ ଆଗାମୀ ପିଢ଼ି ପାଇଁ ଆଦର୍ଶ । ସେହିପରି ବିଜୁ ପଟ୍ଟନାୟକ ସାହସିକତା ପୁରସ୍କାର ବିଜେତାଙ୍କୁ ଅଭିନନ୍ଦନ ଜଣାଇ ସେମାନଙ୍କର ସାହସ ଏବଂ ନିଃସ୍ୱାର୍ଥପର କାର୍ଯ୍ୟ ଓଡ଼ିଶାର ପ୍ରକୃତ ଆତ୍ମାକୁ ପ୍ରତିଫଳିତ କରେ ଏବଂ ନିର୍ଭୀକତା ଏବଂ ମାନବତାର ସହିତ ସେବା କରିବା ପାଇଁ ଅଗଣିତ ଯୁବ ହୃଦୟକୁ ପ୍ରେରଣା ଦେଇ ଚାଲିବ ବୋଲି ରାଜ୍ୟପାଳ କହିଥିଲେ । ଏହି ସମାରୋହରେ କ୍ରୀଡା ଓ ଯୁବସେବା, ଉଚ୍ଚ ଶିକ୍ଷା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଏବଂ ଏକାମ୍ର - ଭୁବନେଶ୍ୱର ବିଧାୟକ ବାବୁ ସିଂହ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନକରି ଓଡ଼ିଶାରେ କ୍ରୀଡା ଓ କ୍ରୀଡାବିତଙ୍କ ବିକାଶ ପାଇଁ ସରକାରଙ୍କ ତରଫରୁ ନିଆ ଯାଉଥିବା ବହୁବିଧ ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିବା ସହ କ୍ରୀଡା କ୍ଷେତ୍ରରେ ଓଡ଼ିଶାର ସମ୍ଭାବନାକୁ ସଫଳତାରେ ପରିଣତ କରିବା ପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ ।

ଏତଦ୍ ବ୍ୟତୀତ ଓଡ଼ିଶା କିପରି ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର କ୍ରୀଡା ଇଭେଣ୍ଟ ଆୟୋଜନ କରି ସୁନାମ ଅର୍ଜନ କରିଛି ସେ ସମ୍ପର୍କରେ ଆଲୋକପାତ କରିଥିଲେ । କ୍ରୀଡା ଓ ଯୁବ ସେବା ବିଭାଗର କମିଶନର ତଥା ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ ପ୍ରାରମ୍ଭରେ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ନିର୍ଦ୍ଦେଶକ ଏଦୁଲା ବିଜୟ ଧନ୍ୟବାଦ୍ ଅର୍ପଣ କରିଥିଲେ ।

## ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଜାତୀୟ କ୍ରୀଡ଼ା ଦିବସ

ବାଲେଶ୍ୱର, ୨୯।୮ (ସବ୍ୟୁ) : ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଜାତୀୟ କ୍ରୀଡା ଦିବସ-୨୦୨୫ ଅବସରରେ କ୍ରୀଡାପ୍ରବୃତ୍ତି, ଶିଷ୍ଟାଚାର ଏବଂ ଅଲିମ୍ପିକର ଆତ୍ମାର ମୂଲ୍ୟବୋଧକୁ ପ୍ରତିବିମ୍ବିତ କରିବା ପାଇଁ ତିନି ଦିନର ବ୍ୟାପକ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି । ଏହି କାର୍ଯ୍ୟକ୍ରମକୁ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଉଦଘାଟନ କରିଥିଲେ । ଏହି ଅବସରରେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ( ଇନଚାର୍ଜ) ପ୍ରଫେସର ସନ୍ତୋଷ କୁମାର ଅଗ୍ରୱାଲଙ୍କ ଉପସ୍ଥିତି ସହ କାର୍ଯ୍ୟକ୍ରମର ସଂଯୋଜକ ଅରୁଣ କୁମାର ନାୟକଙ୍କ ଓ ପିଇଓ ସଂଗ୍ରାମ କେଶରୀ ବିଶୋଇଙ୍କ ସକ୍ରିୟ ସହଯୋଗ ରହିଥିଲା । ଏକ ସାମୂହିକ ଶପଥପାଠ ସଭାରେ ଉଦଘାଟନୀ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା, ଯେଉଁଠାରେ ଅଂଶଗ୍ରାହୀମାନେ କ୍ରୀଡାରେ ସଦାଚାର, ନ୍ୟାୟ, ଏବଂ ଉତ୍ତମତା ପ୍ରତି ସଙ୍କଳ୍ପ ପୁନଃନିର୍ଦ୍ଧାରଣ କରିଥିଲେ । ଏହା ପରେ ଶିକ୍ଷାର୍ଥୀ ଓ କର୍ମଚାରୀମାନଙ୍କର ସାର୍ବଙ୍ଗୀନ ବିକାଶ, ଶାରୀରିକ ସୁସ୍ଥତା, ଏବଂ ସହଯୋଗୀ ଅଂଶଗ୍ରହଣକୁ ଉତ୍ସାହିତ କରିବାକୁ 'ଏକ ଘଣ୍ଟା ଖେଲ୍ କେ ମଇଦାନ୍ ମେ' କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ତିନି ଦିନରେ ଆୟୋଜିତ ମୁଖ୍ୟ କାର୍ଯ୍ୟକ୍ରମଗୁଡ଼ିକ (ଓପନ୍ କ୍ୟାଟେଗରୀ) ହେଲା: ଗ୍ରୁପ୍ ଇଭେଣ୍ଟ, ୫୦ମି ଦୌଡ଼ (ବ୍ୟକ୍ତିଗତ), ରିଲେ ରନ୍ (ଗ୍ରୁପ୍ - ୧ ଟିମ୍, ୪ ସଦସ୍ୟ), ଯୋଗ (ବ୍ୟକ୍ତିଗତ), କ୍ରିକେଟ୍ (ଗ୍ରୁପ୍), ସାଇକ୍ଲିଂ (ବ୍ୟକ୍ତିଗତ), ପିଠୁ ଭଳି ସ୍ୱଦେଶୀ କ୍ରୀଡା (ଗ୍ରୁପ୍), ଭଲିବଲ୍ (ଗ୍ରୁପ୍), ରୋପ୍-ସ୍କିପିଂ (ବ୍ୟକ୍ତିଗତ), ଅଲିମ୍ପିକ୍ସ ଏବଂ ପ୍ୟାରାଲିମ୍ପିକ୍ସ ସହ ମୂଲ୍ୟ-ଶିକ୍ଷା କାର୍ଯ୍ୟକ୍ରମ ।




## ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳ ପକ୍ଷରୁ ଜାତୀୟ କ୍ରୀଡା ଦିବସ

ଜଟଣୀ,୨୯।୮ (ସବ୍ୟୁ): ପୂର୍ବତଟ ରେଳପଥ କ୍ରୀଡା ସଂଗଠନ (ଇକୋର୍ସା) ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳ ପକ୍ଷରୁ ଜାତୀୟ କ୍ରୀଡା ଦିବସ ପାଳନ କରାଯାଇ ରେଳ କର୍ମଚାରୀ ଏବଂ ସମୁଦାୟ ମଧ୍ୟରେ କ୍ରୀଡାପ୍ରେମ, ଫିଟନେସ୍ ଏବଂ ସୌହାର୍ଦ୍ଦ୍ୟକୁ ପ୍ରୋତ୍ସାହିତ କରିବା ଉପରେ ଏକ ଆକର୍ଷଣୀୟ ଏବଂ ଉତ୍ସାହୀ ଉତ୍ସବ ଆୟୋଜନ ହୋଇଯାଇଅଛି ।

ଏହି ଅବସରରେ ଯୋଗ ଦେଇ ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳର ଅତିରିକ୍ତ ମଣ୍ଡଳ ରେଳବାଇ ପ୍ରବନ୍ଧକ (ଭିତ୍ତିଭୂମି) ସୁଭ୍ରଜ୍ୟୋତି ମଣ୍ଡଳ କହିଛନ୍ତି ଯେ କ୍ରୀଡା କେବଳ ଶାରୀରିକ ସୁସ୍ଥତାକୁ ପ୍ରୋତ୍ସାହିତ କରେ ନାହିଁ ବରଂ ବ୍ୟକ୍ତିବିଶେଷଙ୍କ ମଧ୍ୟରେ ଶୃଙ୍ଖଳା, ଏକତା ଏବଂ ସ୍ଥିରତା ମଧ୍ୟ ସୃଷ୍ଟି କରେ । ଏହି ଭଳି କାର୍ଯ୍ୟକ୍ରମ ଆମର ଦଳଗୁଡ଼ିକୁ ସେମାନଙ୍କର ବୃତ୍ତିଗତ ଏବଂ ବ୍ୟକ୍ତିଗତ ଜୀବନରେ ଏହି ମୂଲ୍ୟବୋଧଗୁଡ଼ିକୁ ଆଗକୁ ବଢ଼ାଇବାକୁ ପ୍ରେରଣା ଦିଏ । ଆସନ୍ତୁ ଆମେ ସମସ୍ତେ ସକ୍ରିୟ, ସଂଯୁକ୍ତ ଏବଂ ପ୍ରେରିତ ରହିବା ପାଇଁ ପ୍ରତିବଦ୍ଧ ହେବା ବୋଲି ଶ୍ରୀ ତ୍ରିପାଠୀ କହିଛନ୍ତି । ଏକ ରୋମାଞ୍ଚକର ଭଲିବଲ୍ ମ୍ୟାଚ୍ ଆୟୋଜିତ ହୋଇଥିଲା । ଯାହା ଦଳଗତ କାର୍ଯ୍ୟ ଏବଂ ପ୍ରତିଯୋଗିତାମୂଳକ ମନୋଭାବ ପ୍ରଦର୍ଶନ କରିବ । ପାଇଁ ଉଦ୍ଦିଷ୍ଟ ଥିବାବେଳେ ଇକୋର୍ସା ଖୋର୍ଦ୍ଧା ରୋଡ଼ ଏବଂ ନାଇଜର ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଆୟୋଜନ କରାଯାଇଥିଲା ।

ଏହି ଅବସରରେ ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳର ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀ ଏବଂ ଇକୋର୍ସାର ସଦସ୍ୟମାନେ ଯୋଗ ଦେଇଥିବାବେଳେ ସେମାନଙ୍କର ଉତ୍ସାହଜନକ ଉପସ୍ଥିତି ଏହି ଉତ୍ସବକୁ ଗୁରୁତ୍ୱ ଦେଇଥିଲା ।

## ଓଡ଼ିଶା ପୋଲିସର ୪୧ଜଣ କ୍ରୀଡାବିତ୍ ସମ୍ବର୍ଦ୍ଧିତ

ଭୁବନେଶ୍ୱର,୨୯।୮ (ସବ୍ୟୁ): କିମ୍ବଦନ୍ତୀ ହକି ଖେଳାଳି ମେଜର ଧ୍ୟାନଚାନ୍ଦଙ୍କ ଜନ୍ମ ଦିନ ତଥା ଜାତୀୟ କ୍ରୀଡା ଦିବସ ଅବସରରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ଓଡିଶା ପୋଲିସର ୪୧ଜଣ ଶ୍ରେଷ୍ଠ କ୍ରୀଡ଼ାବିତଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି । କଟକ ଆଇପିଏସ ମେସସ୍ଥିତ ଆରକେ ପାଢ଼ୀ ମେମୋରିଆଲ ହଲ ଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ସମାରୋହରେ ଡିଜିପି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଓଡିଶା ପୋଲିସର କ୍ରୀଡ଼ାବିତଙ୍କ ଉଚ୍ଚ ପ୍ରଶଂସା କରିବା ସହ ସେମାନଙ୍କ ଅସାଧାରଣ ପ୍ରତିଭା ଏବଂ କ୍ରୀଡ଼ା ଉତ୍କର୍ଷତାର ଭୂୟସୀ ପ୍ରଶଂସା କରିଥିଲେ । ଏଥି ନିମନ୍ତେ ବିଗତ ଦିନରେ ସାରା ଦେଶରେ ଓଡିଶା ପୋଲିସର ସୁନାମ ବୃଦ୍ଧି ପାଇଥିବାରୁ ସେ ଖୁସିବ୍ୟକ୍ତ କରିଥିଲେ ।

ଏହି ସମ୍ବର୍ଦ୍ଧନା ସମାରୋହ ଓଡ଼ିଶାର ଯୁବ ପ୍ରତିଭାମାନଙ୍କୁ କ୍ରୀଡ଼ା ପ୍ରତି ଆକୃଷ୍ଟ କରିବା ସହ ଭବିଷ୍ୟତରେ ନୂଆ ମାଇଲଖୁଣ୍ଟ ହାସଲ କରିବା ପାଇଁ ନିଶ୍ଚିତ ଭାବେ ପ୍ରେରଣା ଯୋଗାଇବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି ।



ଏହି ଅବସରରେ ଆମେରିକାର ବର୍ମିଂହାମ ଠାରେ ଅନୁଷ୍ଠିତ ହେଇଥିବା ବିଶ୍ୱପୋଲିସ ଏବଂ ଅଗ୍ନିଶମ କ୍ରୀଡା ଭଳି ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଓଡ଼ିଶା ପୋଲିସର ୭ ଜଣ କ୍ରୀଡାବିତଙ୍କ ଉଲ୍ଲେଖନୀୟ ସଫଳତା ସମ୍ପର୍କରେ ମଧ୍ୟ ଡିଜିପି ଉଲ୍ଲେଖ କରିଥିଲେ । ଏହି କ୍ରୀଡ଼ାବିତମାନେ ନିଜର ଦକ୍ଷତା ପ୍ରତିପାଦନ କରି ୧୩ ଗୋଟି ସ୍ୱର୍ଣ, ୩ ଗୋଟି ରୌପ୍ୟ ଏବଂ ୪ ଗୋଟି କାଂସ୍ୟ ପଦକ ବିଜୟ ହୋଇ ଖେଳ ଜଗତରେ ନୂଆ ଇତିହାସ ସୃଷ୍ଟି କରିବା ସହିତ ଓଡ଼ିଶା ପୋଲିସକୁ ଗୌରବମଣ୍ଡିତ କରିଛନ୍ତି ବୋଲି ସେ କହିଥିଲେ ।

ଏହି ଅବସରରେ ଡିଜିପି ୪୧ ଜଣ କ୍ରୀଡ଼ାବିତଙ୍କୁ ଉତ୍ତରୀୟ, ନଗଦ ଅର୍ଥ ରାଶି ପ୍ରଦାନ କରିବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଆରକ୍ଷୀ ମହାନିର୍ଦ୍ଦେଶକ (କ୍ରାଇମବ୍ରାଞ୍ଚ) ବିନୟତୋଷ ମିଶ୍ର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ( ନକ୍ସଲ ବିରୋଧୀ ଅପରେସନ) ସଂଜୀବ ପଣ୍ଡା, ନିର୍ଦ୍ଦେଶକ (ଏସଏଫଏସଏଲ) ଡ଼ ସନ୍ତୋଷ , ପରିବହନ କମିଶନର ଅମିତାଭ ଠାକୁର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ସଶସ୍ତ୍ର) ରାଜେଶ କୁମାର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ମୁଖ୍ୟାଳୟ) ପ୍ରତୀକ ମହାନ୍ତି, ଆଇଜିପି, ସତୀଶ ଗଜଭିୟେ, ଆଇଜିପି ପ୍ରବୀଣ କୁମାର, ଡିଆଇଜିପି ( କେନ୍ଦ୍ରାଞ୍ଚଳ) ଡ଼ଃ ସତ୍ୟଜିତ ନାଏକ, ଡିଆଇଜିପି (ପ୍ରୋଭିଜନିଙ୍ଗ) ଚରଣ ସିଂ ମିନା, ଡିଆଇଜିପି, (କାର୍ମିକ) ଯୁଗଳ କିଶୋର କୁମାର ବନଥ, ଡିଆଇଜିପି (କ୍ରାଇମବ୍ରାଞ୍ଚ) ବି.ଗଙ୍ଗାଧରଙ୍କ ସମେତ ବରିଷ୍ଠ ପୋଲିସ ଅଧିକାରୀଗଣ ଉପସ୍ଥିତ ଥିଲେ ।

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୬୪ / ଇମେଲ:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୬୪ରେ ଯୋଗାଯୋଗ କରନ୍ତୁ ।

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି